ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ନଭେମ୍ବର ୨୦୨୧ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

‘ଆହ୍ୱାନ’ ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସମସ୍ତଙ୍କ ସୁସ୍ୱାସ୍ଥ୍ୟର କାମନା ସହ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୮** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୧୩ | ଅଶୋକ ବିଶ୍ୱାଳ | ୧୯ |
| କୁସୁମ | ବିଜୟ କୁମାର ପଣ୍ଡା | ୨୯ |
| ଆଲୋକର ପର୍ବ ଦୀପାବଳୀ | ସାଇପ୍ରସାଦ ସାହୁ | ୩୨ |
| ଦେବୀ ବିସର୍ଜନ | ନିତ୍ୟ ରଞ୍ଜନ ନନ୍ଦ | ୩୪ |
| ସୁଖିଲୋ ତତେ ଆୟୁଷ ନାହିଁ | ଝରଣା ବାରିକ | ୩୮ |
| ନିର୍ବାସିତ | ସୁନିତା ବେହେରା | ୪୧ |
| ଘାଣ୍ଟ ତରକାରୀ | ଜନ୍ମଜୟ ନାୟକ | ୫୧ |
| ପ୍ରଥମ ଦେଖା | ଦୁଷ୍ମନ୍ତ ବେହେରା | ୫୫ |
| ମୋ ବାପା ମୋ ହିରୋ | ଇତୁସ୍ମିତା ବେହେରା | ୬୦ |
| ତଫାତ | ଆଶୁତୋଷ ମେହେର | ୬୭ |
| ଅନ୍ନ ସଂସ୍ଥାନ | ବିନୟ କୁମାର ଦାସ | ୬୯ |
| ମୋଡ଼ | ସିପ୍ରା ନାମତା | ୭୧ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସମୟର ଚକ ଯାଏ ଘୁରିଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୮୨ |
| **କବିତା ବିଭାଗ** | | **୮୯** |
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୯୦ |
| ସେଇ ଲୋକଟି | ଶିବ ନାରାୟଣ ଦାଶ | ୯୨ |
| ଅରୂପର ସ୍ୱରୂପ | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୯୫ |
| ପ୍ରେମର ପ୍ରତିମା | ପୂର୍ଣ୍ଣିମା ପୃଷ୍ଟି | ୯୭ |
| ଆସିଛି ଏକା | ଦୁଷ୍ମନ୍ତ ବେହେରା | ୯୮ |
| ଦୁର୍ଗା ମା' | ଅମରନାଥ ବାରିକ | ୧୦୦ |
| ମହାମାୟୀ ସ୍ତୁତି | ପ୍ରକାଶ ଚନ୍ଦ୍ର ପ୍ରଧାନ | ୧୦୨ |
| ମା' ଆସିବେ | ଗଗନ ବିହାରୀ ନାୟକ | ୧୦୪ |
| ମା' ତୁଷ୍ଟିରୂପେଣ ସଂସ୍ଥିତା | ଦଣ୍ଡାସି ପ୍ରଧାନ | ୧୦୫ |
| ଛାଇ ଲେଉଟାଣି ବେଳ | ବୀରକିଶୋର ନାୟକ | ୧୦୯ |
| ହଜିଲା ଅତୀତ | ନିରଞ୍ଜନ ସାହୁ | ୧୧୦ |
| ରାବଣ | ରାମଚନ୍ଦ୍ର ପ୍ରଧାନ | ୧୧୧ |
| ସର୍ବପଲ୍ଲୀ ରାଧାକ୍ରିଷ୍ଣନ | ହରେରାମ ପଣ୍ଡା | ୧୧୨ |
| ନୀତିବାଣୀ | ଦେବଦତ୍ତ ପଣ୍ଡା | ୧୧୩ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଅଭିଶପ୍ତା କଳିକା | ପ୍ରହଲ୍ଲାଦ ବେହେରା | ୧୧୪ |
| ଶର୍କରା | ଅଲେଖ ମେହେର | ୧୧୬ |
| ମଧୁପର୍ବ | ପ୍ରଶାନ୍ତ କୁମାର ବେହେରା | ୧୧୮ |
| କେତେ ଆଉ ରଙ୍ଗ ଦେଖୁଥିବି ନିତି | ସରୋଜ କୁମାର ଜେନା | ୧୧୯ |
| ଲୁହ | ସିଦ୍ଧେଶ୍ୱର ତ୍ରିପାଠୀ | ୧୨୦ |
| ଜଳୁଛି ଦିପାଳୀ | ମନୋରଞ୍ଜନ ସୁରୁଜାଳ | ୧୨୨ |
| ମୋକ୍ଷ | ସୁବ୍ରତ କୁମାର ଜେନା | ୧୨୩ |
| ଯଶସ୍ୱିନୀ | ଗୁପ୍ତେଶ୍ୱର ଚାନ୍ଦ | ୧୨୫ |
| ଆସିଅଛି ଦୀପାବଳି | ମନୋଜ କୁମାର ବାଟିକ | ୧୨୭ |
| ଜହ୍ନରେ ଲେଖିଛି ତୁମରି ନାଁ | ବାଲାଜୀ ସେଠୀ | ୧୨୮ |
| ସମୟ ଚକ୍ର | ସୁରେଶ ଚନ୍ଦ୍ର ପାଢ଼ୀ | ୧୨୯ |
| ପିତା | ରବି ନାରାୟଣ ସାହୁ | ୧୩୧ |
| ଶୂନ୍ୟ ମୁଁ | ପୁଷ୍ପାଞ୍ଜଳୀ ପଣ୍ଡା | ୧୩୩ |
| ନାରୀ | ରାକେଶ ମୁଦୁଲି | ୧୩୪ |
| ଛୋଟ ମୋର ଗାଆଁଟି | ଅମୂଲ୍ୟ କୁମାର ପଣ୍ଡା | ୧୩୭ |
| ଦୀପାବଳୀ ପରେ | ବିନୟ ମହାପାତ୍ର | ୧୩୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଜୟ ମାଁ ଭୈରବୀ | ଦେବାର୍ଚ୍ଚନ ମେହେର | ୧୩୯ |
| କାର୍ତ୍ତିକ ମାସରେ ଭାଇ | ଦିନେଶ୍ ମେହେର | ୧୪୧ |
| ଜହ୍ନରେ ହଜିଛି ମନ | ଡଃ ମାଙ୍ଗଳିକା ମହାପାତ୍ର | ୧୪୩ |
| ପ୍ରଦୋଷ | ଡା ମହେନ୍ଦ୍ର ପ୍ରସାଦ ଦାସ | ୧୪୪ |
| ଭାବୁଛି ଖାଲି ତୋ କଥା | ବୀଣା ସାହୁ | ୧୪୬ |
| ତୁମେ ମୋ ସ୍ୱପ୍ନ | ନାରାୟଣ ଚନ୍ଦ୍ର ସେନାପତି | ୧୫୦ |
| ପାପୁଲିଏ ଜହ୍ନରାତି | ଦେବାଶିଷ ଚକ୍ରବର୍ତ୍ତୀ | ୧୫୨ |
| କେମିତି ନବିନା ବଞ୍ଚିବି ତୋ ବିନା | ମାନସୀ ବେହୁରା | ୧୫୩ |
| ଗୁଣ୍ଡୁଚି ମୂଷା | ବିଦ୍ୟୁତପ୍ରଭା ମିଶ୍ର | ୧୫୫ |
| ହେଲା ମତେ କି ଜ୍ୱର | ସଂଘମିତ୍ରା କବି | ୧୫୬ |
| ଫୁଲ କଢ଼ଟିଏ | ଭାଗିରଥୀ ଯାନୀ | ୧୫୮ |
| ହୋଇଥାଆନ୍ତି କି ମୁଁ ତୁଳସୀଟିଏ | ତୃପ୍ତିରାଣୀ ପାତ୍ର | ୧୬୦ |
| ଦୀପାବଳୀର ଦୀପ | ରୋହିତ ପଟ୍ଟନାୟକ | ୧୬୧ |
| କବିତା | ବେଣୁଧର ସୁତାର | ୧୬୨ |
| ମଲା ଜହ୍ନ | ଆଦରମଣି ପ୍ରଧାନ | ୧୬୪ |
| ସହଭାଗିତା | ବାସନ୍ତୀଲତା ଜେନା | ୧୬୫ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ମଶାଣି | ପୂଜା ବାରିକ | ୧୬୭ |
| ଅଭାବ | ଦୀନବଂଧୁ ବେଜ | ୧୬୯ |
| ସୁବର୍ଣ୍ଣର ସଙ୍ଗମରେ ଭୋଗରାଇର ସ୍ୱର୍ଗ | ପଙ୍କଜ କୁମାର ମଙ୍ଗଳ | ୧୭୦ |
| ସ୍ମୃତିନଦୀ ତୀରେ | ପ୍ରଣତି ପଣ୍ଡା | ୧୭୨ |
| ମାଆ ମାଜୁଅଛି ବାସନ | ଶିଶିର କୁମାର ପଣ୍ଡା | ୧୭୪ |
| ଚାଷୀ ତ ହେଲେଣି ଖୁସି | ଜୟନ୍ତ ମଲ୍ଲିକ | ୧୭୫ |
| ଅନୁରାଗୀ ପ୍ରିୟାମୋର | ଲିଟନ କୁମାର ବେହେରା | ୧୭୬ |
| ହଜିଯାଇଥିବା ପାଦଚିହ୍ନ | ଶୁଭମ୍ କୁମାର ସାହୁ | ୧୭୭ |
| ଯଦି କେବେ ଦେଖା ହୁଏ | ମଞ୍ଜୁରାଣୀ ମିଶ୍ର | ୧୭୮ |
| ଶିଳ କହେ ଆଜି ପୁଆକୁ | ରାଧାମୋହନ ପୂଜାହାରୀ | ୧୮୦ |
| କୁଆଁର ପୂନେଇ ଜହ୍ନ ଗୋ | ପ୍ରହ୍ଲାଦ ସାହୁ | ୧୮୨ |
| ଝଡ଼ କିଛି ମୁହୂର୍ତ୍ତର | ସୁଧର୍ମା ଡାଙ୍ଗୁଆ | ୧୮୬ |
| ସ୍ୱାନୁଭୂତି | ଅନସୂୟା ପଣ୍ଡା | ୧୮୮ |
| ଭଗବାନଙ୍କୁ ଖୋଜୁଛି | ଦୀପଙ୍କର ଦାସ | ୧୯୦ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


## ସଂବଲପୁରୀ ବିଭାଗ ୧୯୨

| | | |
|---|---|---|
| ନାମ୍ ଯଜ୍ଞ | ବିଶ୍ୱନାଥ ଭୁଏ | ୧୯୩ |
| ମାହା ସମୁଦର | ମନୋରଞ୍ଜନ ସୁରୁଜାଳ | ୧୯୪ |

## ପ୍ରବନ୍ଧ ବିଭାଗ ୧୯୫

| | | |
|---|---|---|
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୧୯୬ |
| ଦେବପ୍ରତିମ ଗୋକୁଳବିହାରୀ | ମୀନକେତନ ପଟ୍ଟନାୟକ | ୨୩୮ |
| ବିଜୟା ଦଶମୀ | ଅକ୍ଷୟ କୁମାର ରାଉତ | ୨୪୪ |
| କାର୍ତ୍ତିକ ମାସର ମହାତ୍ମ୍ୟ | ସାଇ ପ୍ରସାଦ ସାହୁ | ୨୪୯ |
| ଇତିହାସ, ସାହିତ୍ୟ ଏବଂ ସଂସ୍କୃତି ଉପରେ ଆକ୍ରମଣ | ଅସିତ ମହାନ୍ତି | ୨୫୪ |
| ମୁଁ ଓଡ଼ିଆ | ଗୌରାଙ୍ଗ ଚନ୍ଦ୍ର ନାୟକ | ୨୫୭ |
| ବିପର୍ଯ୍ୟସ୍ତ ଗ୍ରାମ୍ୟଜୀବନ | ଡଃ ମନୋରଞ୍ଜନ ବିଷୋୟୀ | ୨୬୧ |
| ଆତ୍ମା, ପ୍ରେତାତ୍ମା ପରମାତ୍ମା | ପଙ୍କଜ କୁମାର ପାଣିଗ୍ରାହୀ | ୨୬୪ |

ବିଶେଷ ସୂଚନା ୨୬୯


ଭବିଷ୍ୟତରେ ଆହ୍ୱାନ୍ ଇ-ପତ୍ରିକାରେ କେବଳ ସ୍ୱଳ୍ପ ଏବଂ ନିର୍ବାଚିତ କବିତା ହିଁ ସ୍ଥାନ ପାଇବ, ଯେଉଁ ସବୁ ବନ୍ଧୁ କବିତା ପ୍ରେରଣ କରୁଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କାରଣ କେବଳ କବିତା ନିମନ୍ତେ ଆହ୍ୱାନର ଏକ ବିଶେଷ ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେବ । ଏବଂ ଏହି କବିତା ସବୁ ସିଧା ଆମ ୱେବ୍‌ସାଇଟରେ ପ୍ରକାଶିତ ହେବ । ଯାହା ଆପଣ ଅତି ସହଜରେ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରି ପାରିବେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନେକ ଥର ଅନୁରୋଧ କରିବା ସତ୍ତ୍ୱେ କିଛି ବନ୍ଧୁ ମାସରେ ଅନ୍ୟୁନ ଦଶ କିମ୍ବା ଅଧିକ କବିତା ମୋ ଇମେଲରେ ପଠାଉଛନ୍ତି । କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପଠାନ୍ତୁ । ଯାହା ପ୍ରକାଶନ ଯୋଗ୍ୟ ବୋଲି ନିଜେ ଭାବୁଛନ୍ତି ସେହିଭଳି ଲେଖା ହିଁ ପଠାନ୍ତୁ । ଅଧିକ ଇମେଲ୍ ପଠାଇଲେ, ଗୁଗୁଲ୍ ଇମେଲ୍ ଆପଣଙ୍କ ଇମେଲ୍ ଠିକଣାକୁ ବନ୍ଦ କରିଦେଇ ପାରେ, ଏହାକୁ ସ୍ପାମ୍ ବୋଲି ନିଜେ ନିଜେ ଧରିନେଇ ଆପଣଙ୍କ ଇମେଲ୍ ସବୁକୁ ସ୍ପାମ୍ ଫୋଲ୍ଡରରେ ପକେଇ ଦେଇ ପାରେ । ତାପରେ ଆପଣଙ୍କ ଲେଖା ଆଉ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ ଦୟାକରି ଉପରୋକ୍ତ ତଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

ପ୍ରତ୍ୟେକ ମାସର ସଂସ୍କରଣ ପ୍ରକାଶନ ପରେ ହିଁ ନୂଆ ସଂସ୍କରଣ ପାଇଁ ଲେଖା ପଠାନ୍ତୁ । କେବଳ ଲେଖା ପଠାଇଲେ ଚଳିବ ନାହିଁ, ପତ୍ରିକାକୁ ନିଜ ବନ୍ଧୁଙ୍କୁ, ପରିଜନଙ୍କୁ ଦିଅନ୍ତୁ, ସେମାନଙ୍କୁ ଓଡ଼ିଆରେ ଲେଖିବା ଏବଂ ପଢ଼ିବା ପାଇଁ ଉତ୍ସାହିତ କରନ୍ତୁ । ଆସନ୍ତୁ ଆମେ ଆହ୍ୱାନ ପତ୍ରିକା ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର କରିବା । ଆମ ଭାଷା ସାହିତ୍ୟର ଉନ୍ନତିକୁ ଆମେ ସାକାର କରିବା ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ନଭେମ୍ବର ୨୦୨୧ ସଂସ୍କରଣ ସହ ମୁଁ ଉପସ୍ଥିତ । ଆଶା କରୁଛି ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟ ସକୁଶଳ ଅଛନ୍ତି । କରୋନା ଜନିତ ଯନ୍ତ୍ରଣା ଉପଶମ ହେବାର ନାଁ ନେଉନଥିବା ବେଳେ, ଗଣମାଧ୍ୟମ ତୃତୀୟ ଲହରୀ କଥା କହି ହିଆ ଦୋହଲାଇ ଦେଉଛନ୍ତି । ଯଦିଓ ସମଗ୍ର ଦେଶରେ କରୋନା ସଂକ୍ରମଣ ହାର କମ ହେବାରେ ଲାଗିଛି, ତଥାପି ଯେ ଏହା କେତେବେଳେ ପୁଣିଥରେ ବୃଦ୍ଧି ପାଇବ ନାହିଁ, ତାହା କୁହାଯାଇ ପାରିବ ନାହିଁ, ତେଣୁ ସାବଧାନତା ହିଁ ସୁରକ୍ଷା ବୋଲି ଜାଣିନିଅନ୍ତୁ । ସବୁବେଳେ ତିନୋଟି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ, ମୁହଁରେ ମାସ୍କ ନିଶ୍ଚୟ ରଖିବେ, ସନ୍ଦେହ ହେଉଥିବା ବ୍ୟକ୍ତି କିମ୍ବା ଜନଗହଳିଠାରୁ ଅନ୍ୟୁନ ଛଅ ଫୁଟ ଦୂରତା ବଜାୟ ରଖିବେ ଆଉ ନିଜ ହାତ ଓ ମୁହଁର ସୁରକ୍ଷା ପ୍ରତି ସଚେତନ ରହିବେ । ଆବଶ୍ୟକ ହେଲେ, ହାତ ବାରମ୍ବାର ସାବୁନ ଦ୍ୱାରା ଧୋଇବା ସର୍ବୋତ୍ତମ ଉପାୟ ବୋଲି ଜାଣିଥାଆନ୍ତୁ ।

ଭାରତ ଘଟଣାବହୁଳ ଦେଶ । ଏଠି ପ୍ରତିଦିନ ଏବଂ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟୁଛି ଏବଂ ସାଂପ୍ରତିକ ସମୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ କରି ସାମାଜିକ ଗଣମାଧ୍ୟମର ପ୍ରସାର ଫଳରେ ଘଟଣା ଆଦି ବିଷୟରେ ତ୍ୱରିତ ସୂଚନା ସମସ୍ତଙ୍କୁ ମିଳି ପାରୁଛି । ଦିନଥିଲା ଦେଶର କୌଣସି ଅଞ୍ଚଳରେ ଘଟୁଥିବା ଘଟଣା ଜାଣିବା ପାଇଁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଥିଲା । ଚିଠିଟିଏ ଦ୍ୱାରା ଭାବର ଆଦାନ ପ୍ରଦାନ ହେଉଥିଲା, ଯାହା ସମୟସାପେକ୍ଷ ମାଧ୍ୟମ ଥିଲା । ବେଳେ ବେଳେ ସପ୍ତାହ କିମ୍ବା ମାସ ମାସ ଲାଗିଯାଉଥିଲା କୌଣସି ଖବର ବିଷୟରେ ଜାଣିବା ପାଇଁ । ସୂଚନା ସରବରାହ ପାଇଁ ସର୍ବୋତ୍ତମ ମାଧ୍ୟମ ଥିଲା, ଟେଲିଫୋନ୍ ଏବଂ ଟେଲିଗ୍ରାଫ୍ । ସେ ସବୁ ମଧ୍ୟ ଅତି ବିରଳ ଥିଲା । ଏବେ ମଧ୍ୟ ମନେ ପଡ଼େ, ଗାଁ ବାହାରେ ରହୁଥିବା ଲୋକମାନେ ଯେତେବେଳେ ଗାଁକୁ ଫୋନ କରୁଥିଲେ । ସେତେବେଳେ ଟ୍ରଙ୍କ୍ କଲ୍ କରିବାକୁ ପଡୁଥିଲା । ପ୍ରଥମେ ଟେଲିଫୋନ୍ ଏକ୍ସଚେଞ୍ଜ୍ କୁ ଫୋନ୍ କରି ଯେଉଁ ନମ୍ବରରେ କଥା ହେବାକୁ ହେଉଥିଲା ତାହାକୁ ଲଗାଇବା ପାଇଁ କୁହାଯାଉଥିଲା । ତାପରେ ବେଳେ ବେଳେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିଲା । ଆଉ ଅଳ୍ପ ସମୟ କଥା ହେବାପାଇଁ ବହୁତ ଶୁଳ୍କ ଦେବାକୁ ପଡୁଥିଲା ।

ଏବେ ସମୟ ବହୁତ ବଦଳି ଯାଇଛି । ଏବେ ସମସ୍ତଙ୍କ ହାତରେ ଗୋଟିଏ ଗୋଟିଏ ଭ୍ରାମ୍ୟଭାଷୀ ଯନ୍ତ୍ର । କେବଳ କଥାବାର୍ତ୍ତା ହିଁ ନୁହଁ, ଏଥିରେ ପରସ୍ପରକୁ ଦେଖି ହେଉଛି, ସମ୍ବାଦ ସହ ଛବି, ଚଳଚ୍ଚିତ୍ର ଇତ୍ୟାଦି ମଧ୍ୟ ପଠାଇ ହେଉଛି । ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ଆପଣ ଅନ୍ୟମାନଙ୍କ ସହ ଯୋଗାଯୋଗ କରି ପାରୁଛନ୍ତି । ସୂଚନା ପ୍ରଦ୍ୟୋଗିକୀ ବ୍ୟବସ୍ଥାର ଦୃତ ନବୀକରଣ ଏବଂ ଉନ୍ନତି ଏ ଦିଗରେ ଅନେକ ସହାୟକ ହେଉଛି ।

ବର୍ଷ ୨୦୦୭ରେ ଯେତେବେଳେ ଆହ୍ୱାନ ଇ-ପତ୍ରିକାର ପ୍ରଥମ ସଂସ୍କରଣ ଉନ୍ମୋଚିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇଥିଲା ସେତେବେଳେ ସମୁଦାୟ ପଚିଶି ଜଣଙ୍କୁ ଏହା ଇମେଲ୍ ଦ୍ୱାରା ପ୍ରେରଣ କରାଯାଇଥିଲା । ଆଜି ପତ୍ରିକା ପ୍ରକାଶନର ଖବର ମିଳିବାର କେଇ କ୍ଷଣ ମଧ୍ୟରେ ହ୍ୱାଟ୍ସଆପ୍ ଏବଂ ଅନ୍ୟ ସାମାଜିକ ସାଇଟ୍ ଦ୍ୱାରା ହଜାର ହଜାର ଲୋକଙ୍କ ପାଖରେ ପହଞ୍ଚି ଯାଉଛି । ବିଶ୍ୱ ଏହି ପ୍ରକ୍ରିୟାଦ୍ୱାରା ସଙ୍କୁଚିତ ହୋଇଯାଉଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ସୁଦୂର ଆମେରିକା ଏବଂ ଅନ୍ୟ ଦେଶରେ ବସବାସ କରୁଥିବା ଅଗଣିତ ବ୍ୟକ୍ତିଙ୍କ ସହ ଆମେ କଥା ହେଉଛୁ, ଦେଖି ପାରୁଛୁ ଏହା କଣ କୌଣସି ଆଶ୍ଚର୍ଯ୍ୟଠାରୁ କମ କି ?

ଅବଶ୍ୟ ଏହି ଯୁଗର ସନ୍ତାନମାନେ ଏହି ବିଷୟରେ ଏତେ ମାତ୍ରାରେ ଆଶ୍ଚର୍ଯ୍ୟାନ୍ୱିତ ନ ହୋଇ ପାରନ୍ତି, କିନ୍ତୁ ଦୁଇ ଦଶନ୍ଧି ତଳେ ଆମେ ଯେଉଁ ଅବସ୍ଥା ଦେଇ ଆସିଛୁ, ଆମ ପାଇଁ ଏ ସବୁ ଏକ ବିଶାଳ ଆଶ୍ଚର୍ଯ୍ୟ । ବିଗତ ଶତାବ୍ଦୀର ଅଶୀ ଦଶକରେ ଟେଲିଫୋନ୍ ଦେଖିବା ଯେମିତି ବିରଳ ଥିଲା, ସେମିତି ଟିଭି ଦେଖିବା ଆହୁରି ବିରଳ ଥିଲା । ଏବେ ଆମ ହାତମୁଠାରେ ମୋବାଇଲ୍ ଯନ୍ତ୍ର ରହିଛି, ଯେଉଁଥିରେ ଆମେ ଫୋନରେ କଥା ବି ହେଉଛେ, ଟିଭି, ସିନେମା, ଯାତ୍ରା, ନାଟକ ସବୁ ଦେଖି ପାରୁଛେ । ଯେଉଁ ଭାବରେ ବୈଜ୍ଞାନିକ ପ୍ରଗତି ହେଉଛି, ଆଗକୁ ଯେ ଆହୁରି କେତେ ପରିବର୍ତ୍ତନ ଦେଖିବାକୁ ମିଳିବ ତାହା ଭଗବାନ ହିଁ ଜାଣନ୍ତି ।

କେଇ ବର୍ଷ ତଳେ ଭାରତ ସରକାର ଭାରତରେ ମୁଦ୍ରାବିହୀନ ଆର୍ଥିକ ନେଣଦେଣକୁ ପ୍ରୋତ୍ସାହନ ଦେବାକଥା ଯେତେବେଳେ କହିଥିଲେ, ସେତେବେଳେ ବିରୋଧୀ ଦଳ ଏହି ପ୍ରସ୍ତାବକୁ ହସରେ ଉଡ଼େଇ ଦେଇଥିଲେ । ତତ୍କାଳୀନ ବିରୋଧୀଦଳ ନେତା ତଥା ୟୁପିଏର ଅର୍ଥମନ୍ତ୍ରୀ ରହିଥିବା ପି ଚିଦାମ୍ବରମ ଏହି ବ୍ୟବସ୍ଥାକୁ ଭିତ୍ତିହୀନ, କପୋଳକଳ୍ପିତ ଏବଂ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସମ୍ଭବ ବୋଲି ବିବେଚନା କରିଥିଲେ । ଆଶ୍ଚର୍ଯ୍ୟର ବିଷୟ, ବର୍ତ୍ତମାନ ଭାରତ ବିଶ୍ୱରେ ମୁଦ୍ରାରହିତ ଆର୍ଥିକ ଦେଣନେଣ କାରବାରରେ ସର୍ବୋଚ୍ଚ ସ୍ଥାନ ପାଇଛି । ଅବିଶ୍ୱାସ ହେଉଥିବା ପରିବର୍ତ୍ତନ ବର୍ତ୍ତମାନ ସମ୍ଭବ ହୋଇ ପାରିଛି । ଆଗରୁ କେବଳ ଏଟିଏମ୍ କାର୍ଡ଼ ଦ୍ୱାରା ଟଙ୍କା ଉଠାଣକୁ ଆମେ ଏକ ଉପଲବ୍ଧି ବୋଲି ବିବେଚନା କରୁଥିବା ବେଳେ ଏବେ କିନ୍ତୁ ଆଉ କାର୍ଡର ବି ଆବଶ୍ୟକତା ରହୁନାହିଁ । କୌଣସି ପ୍ରକାର ବେପାର ବଣିଜ ହେଉ ବା କ୍ରୟବିକ୍ରୟ ହେଉ, ସବୁଠି ଏବେ କେବଳ ମୋବାଇଲ୍ ଦ୍ୱାରା ଦେଣନେଣ ହୋଇପାରୁଛି ।

ଆମେ ଭାବୁଥିଲୁ, କେବଳ ଅଧିକ ଆର୍ଥିକ ଦେଣନେଣ ପାଇଁ ହିଁ ଆମେ ଏହି ସବୁ ବ୍ୟବସ୍ଥାକୁ ଆପଣେଇବୁ, କିନ୍ତୁ ଏବେ ଆମେ ଦେଖୁଛୁ, ଲୋକମାନେ ଜଳଖିଆ ଖାଇବା ବେଳେ ଦଶଟଙ୍କା ଦେବା ହେଉ ବା ରାସ୍ତା କଡ଼ରୁ କୌଣସି ପରିବା ଦୋକାନରୁ ପରିବା କିଣିବା ହେଉ, ହୋଟେଲ୍ ରେସ୍ତୋରାଁ ହେଉ ବା ସିନେମା, ପାର୍କ ବା ବଜାର ସଉଦା, ସବୁଠି ଏହି ମାଧ୍ୟମରେ ହିଁ ଅର୍ଥ ଦେଣନେଣ କରୁଛନ୍ତି । ଏହା ଭାରତୀୟ ଅର୍ଥନୀତିକୁ ଗତି ଦେବା ସହ ଦେଶର ଆର୍ଥିକ ପ୍ରଗତିରେ ସହାୟକ ହୋଇଛି । ବିଶ୍ୱ ଅର୍ଥନୀତିରେ ଭାରତ ଦ୍ରୁତଗତିରେ ଉନ୍ନତିର ସୋପାନ ପାର କରି ଚାଲିଛି । କୁହାଯାଉଛି, ଖୁବ୍ ଶୀଘ୍ର ଭାରତର ଅର୍ଥନୀତି ବିଶ୍ୱର କିଛି ଉନ୍ନତ ଦେଶର ଅର୍ଥନୀତିକୁ ବି ପଛରେ ପକାଇଦେବ । ଏବଂ ସରକାରଙ୍କ ବୈଶ୍ୱିକ ପରିଚାଳନା, ଏବଂ ଆର୍ଥିକ ନୀତିକୁ ଅବଲୋକନ କଲେ ଏ ସ୍ୱର୍ଦ୍ଧା କୌଣସି ପ୍ରକାର ଅସମ୍ଭବ ଲାଗୁନାହିଁ ।

ପବିତ୍ର କାର୍ତ୍ତିକ ମାସ ଚାଲିଛି । ଏହି ମାସରେ ଅନେକ ପର୍ବପର୍ବାଣୀ ପାଳନ ହୁଏ, ଏବଂ ସେ ମଧ୍ୟରେ ଉତ୍ତର ଭାରତରେ ପାଳିତ ହେଉଥିବା ଛଟ୍ ପୂଜା ଅନ୍ୟତମ । ଏହା ଏକ ଭାବପ୍ରବଣ ପରମ୍ପରା । ଏହାକୁ ଉତ୍ତର ପ୍ରଦେଶ, ବିହାର ଆଦି ରାଜ୍ୟରେ ଲୋକମାନେ ଅତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆନନ୍ଦ ଉଲ୍ଲାସର ସହ ପାଳନ କରନ୍ତି । କରୋନା କଟକଣା ହେତୁ ଏହି ପର୍ବକୁ ବିଗତ ବର୍ଷ ପାଳନ କରିବାପାଇଁ ଅନୁମତି ମିଳିନଥିଲା, କିନ୍ତୁ ଚଳିତ ବର୍ଷ ଏହାକୁ ନେଇ ଜନମତକୁ ସମ୍ମାନ ଦେଇ ସରକାର ଏହି ପୂଜାକୁ ପାଳନ କରିବାକୁ ଅନୁମତି ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଦିଲ୍ଲୀ ସରକାର ଛଟ୍ ପୂଜାକୁ ଅନୁମତି ଦେବାକୁ ମନା କରିଦେଇଥିଲେ, କିନ୍ତୁ ପରେ ଏହାକୁ ପାଳନ କରିବାପାଇଁ ଅନୁମତି ମିଳିଥିଲା । ଏହି ପୂଜା ସମୟରେ ପରିବାରର ସଦସ୍ୟାମାନେ ପ୍ରାତଃ କାଳରୁ ଯାଇ ନଦୀ ଓ ଜଳସ୍ରୋତରେ ସ୍ନାନ କରି ସୂର୍ଯ୍ୟ ପୂଜା କରିବାର ପ୍ରଥା ରହିଛି, ଦିଲ୍ଲୀରେ ଯେଉଁ ସବୁ ପରିବାର ଏହି ପୂଜା କରିବାପାଇଁ ଯମୁନା ନଦୀ କୂଳରେ ପହଞ୍ଚିଥିଲେ ସେମାନଙ୍କ ପାଇଁ ଅପେକ୍ଷା କରିଥିଲା ନଦୀରେ ପ୍ରବାହିତ ହେଉଥିବା ବିଷାକ୍ତ ଫେଣ । ପରମ୍ପରାକୁ ସମ୍ମାନ ଦେଖାଇ ଅନେକ ପରିବାର ଏହି ବିଷାକ୍ତ ଜଳରେ ସ୍ନାନ କରିବାକୁ ବାଧ୍ୟ ହୋଇଥିଲେ । ଏହାର ଛବି ସମସ୍ତ ଗଣମାଧ୍ୟମରେ ପ୍ରସାରିତ ହେବାପରେ ଦିଲ୍ଲୀ ସରକାରଙ୍କ ମିଥ୍ୟା ପ୍ରଲୋଭନର ମୁଖା ଖୋଲି ଯାଇଥିଲା । ବିଗତ ବର୍ଷମାନଙ୍କରେ ଯମୁନା ନଦୀକୁ ସଫା କରିବାପାଇଁ କେନ୍ଦ୍ର ସରକାରଙ୍କ ଠାରୁ କୋଟି କୋଟି ଟଙ୍କା ଆଦାୟ କରୁଥିବା ଦିଲ୍ଲୀ ସରକାର, ଯମୁନା ନଦୀରେ କୌଣସି କାର୍ଯ୍ୟ କରିନଥିବା ସ୍ପଷ୍ଟ ହୋଇଯାଇଥିଲା ।

କରୋନା ମହାମାରୀର ପ୍ରତିଷେଧକ ଟୀକାକରଣ କ୍ଷେତ୍ରରେ ଭାରତ ପ୍ରତିଦିନ ନୂଆ ନୂଆ କୀର୍ତ୍ତିମାନ ସ୍ଥାପନ କରିବାରେ ଲାଗିଛି । ଆଜି ସନ୍ଧ୍ୟା ସୁଦ୍ଧା ଦେଶର ପ୍ରାୟ ଶହେ ଏଗାର କୋଟିରୁ ଅଧିକ ଡୋଜ୍ ଟୀକା ପ୍ରଦାନ ସରିଛି, ଏକ ଆକଳନରୁ ଜଣାପଡ଼ିଛି, ଯେ ଦେଶର ପ୍ରାୟ ଅଶୀ ପ୍ରତିଶତ ନାଗରିକ ବର୍ତ୍ତମାନ ସୁଦ୍ଧା ଅନ୍ତତଃ ପକ୍ଷେ ଗୋଟିଏ ଡୋଜ୍ ଟୀକା ନେଇ ସାରିଲେଣି । ଏବଂ ୩୮ % ନାଗରିକ ଉଭୟ ଡୋଜ୍ ଟୀକା ଗ୍ରହଣ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାରିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁସାରେ ଏହି ବର୍ଷ ନଭେମ୍ବର ୩୦ ତାରିଖ ସୁଦ୍ଧା ଦେଶର ନବେ ପ୍ରତିଶତ ନାଗରିକଙ୍କୁ ପ୍ରଥମ ଡୋଜ୍ ଟୀକା ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ, ପଦ୍ମ ସମ୍ମାନ, ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ସମୁଦାୟ ୧୧୯ ଜଣଙ୍କୁ ସମ୍ମାନିତ କରାଯାଇଥିଲା । ଏଥିମଧ୍ୟରେ ୭ଜଣ ପଦ୍ମ ବିଭୂଷଣ, ୧୦ ଜଣ ପଦ୍ମ ଭୂଷଣ ଏବଂ ୧୦୨ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସମ୍ମାନ ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ମରଣୋତ୍ତର ଏହି ସମ୍ମାନ ଦିଆଯାଇଥିଲା । ସୋମବାର ଏବଂ ମଙ୍ଗଳବାର (୮ ଏବଂ ୯ ନଭେମ୍ବର) ଦିନ ଆୟୋଜିତ ସମାରୋହରେ ମହାମହିମ ରାଷ୍ଟ୍ରପତି ଏହି ସବୁ ସମ୍ମାନ ପ୍ରଦାନ କରିଥିଲେ । ସମ୍ମାନ ପ୍ରାପ୍ତ ହୋଇଥିବା ଅନେକ ବ୍ୟକ୍ତି ଅତି ସାଧାରଣ ବର୍ଗରୁ ଆସିଥିବା ଦେଖିବାକୁ ମିଳିଥିଲା । କିଛି ବ୍ୟକ୍ତି ବିନା ଜୋତାରେ ସମ୍ମାନ ଗ୍ରହଣ କରିବାକୁ ଆସିଥିବା ବେଳେ କେହି କେହି ରାଷ୍ଟ୍ରପତିଙ୍କୁ ଆଶୀର୍ବାଦ ଦେବାର ଦୃଶ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଥିଲା । ସମ୍ମାନିତ କରିବାପାଇଁ ରାଷ୍ଟ୍ରପତି ନିଜ ଆସନରୁ ତଳକୁ ଓହ୍ଲାଇ ଆସିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା । ଏହି ସମ୍ମାନ ସମାରୋହ ଦେଖିବା ପରେ ଲାଗିଥିଲା ସତରେ ଆମ ଦେଶର ପ୍ରଭାବଶାଳୀ ଓ ରାଜନେତା ତଥା ଅଭିନେତାଙ୍କ ବ୍ୟତୀତ ବି ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବ୍ୟକ୍ତିତ୍ୱଙ୍କ ସମ୍ମାନ ସରକାର କରିଛନ୍ତି ।

ଆଶା କରୁଛି, ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ଆପଣଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୧୫



ଅଶୋକ ବିଶ୍ୱାଳ

ସୁନ୍ଦରବନ ବିଷୟରେ ଏତେକଥା ଜାଣିଲାପରେ ପାଓଲି ନିଜର ରିସର୍ଚ୍ଚର ଏକ କୂଳରେ ଲାଗିପାରୁ ନଥିଲେ । ଅନେକ ସୂତାର ଖିଅ । କେଉଁ ଖିଅ ଧରି ସେ ରାସ୍ତା ଖୋଜିବେ । ସୁନ୍ଦରବନରେ ବାଘର ଭୟ, ମଣିଷର ସଂଘର୍ଷ, ସ୍ଥବିର ମନର ବିଶ୍ୱାସ । କେଉଁଟା ସତ, କେଉଁଟା କଳ୍ପନା । ସେ ଭିତରକୁ ଯାଇପାରୁ ନଥିଲେ ।

ସେଦିନ ସପନବାବୁ ଆଉ ପାଓଲି ନଦୀର ଧାରରେ ଏକ ଘରେ ବସିଥିଲେ । ଅନ୍ୟବନ୍ଧୁମାନେ ଆଉ ଏତେ ସୁନ୍ଦରବନକୁ ଆସିପାରୁ ନାହାନ୍ତି । ଜୁଆରିଆ ମାତଲା ନଦୀରେ ପାଣି ଜଲଦି ବଢି ଯାଉଥିଲା । ପବନ ସହ ଜୁଆର ମାଡି ଆସୁଥିଲା । ନଦୀ ଏଇ କୂଳ ଛୁଇଁବ ଛୁଇଁବ ହେଉଥିଲା । ସପନବାବୁ ଜୁଆରିଆ କାଦୁଆ ପାଣିକୁ ଅନାଇଲେ । ସବୁଦିନଠାରୁ ଆଜି ନଦୀରେ ଅଧିକ ଢେଉ । ପବନ ହେଉଛି । ଆଖି ପତାଟା ଢେଉର ଉଚ୍ଚତା ମାପି ମାପି ଭାରି ହୋଇଗଲା ଭଳି ଲାଗୁଥିଲା । ଏ ଦେଶରେ ବହୁତ ଦିନ ବିତାଇଲେଣି । ତାଙ୍କୁ ହାଲିଆ ଲାଗୁଥିଲା । ଆରାମ ଚେୟାରରେ ସେ ନିଜକୁ ଲୋଟାଇ ଦେଲେ । ତାଙ୍କ ଆଖିର ଆଗରେ ନଦୀ ହୁ ହୁ ହୋଇ ବଢି ଯାଉଥିଲା । ସେପଟେ ପାଓଲି ବସିଥିଲେ । ଦୁହେଁ ନଦୀ ପାଣିକୁ ଚାହୁଁଥିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ବନବିବି ଏ ସ୍ଥାନର ଠାକୁରାଣୀ ନୁହଁନ୍ତି । ପ୍ରଥମରୁ ତାଙ୍କ ବିଷୟରେ କେହି ଜାଣି ନଥିଲେ ।"– ସେ ନିଜର ବିଚାର ଅଭିଜ୍ଞତା ତଥା ଗବେଷଣାର ଆଧାର ଉପରେ କହୁଥିଲେ । ଖଣ୍ଡି ଖଣ୍ଡି ହୋଇ ଶବ୍ଦ ତାଙ୍କ ମୁହଁରୁ ବାହାରୁଥିଲା ।

"ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଭିନ୍ନ । କାକଦ୍ୱୀପ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ବାଂଶୁଳୀ ଠାକୁରାଣୀ । କିନ୍ତୁ ଧୀରେଧୀରେ ବାଂଶୁଳୀଙ୍କ ପୂଜା କମିଗଲା ଆଉ ଲୋକେ ବନବିବିଙ୍କ ପୂଜା କରିବା ଆରମ୍ଭ କଲେ । ସୁନ୍ଦରବନରେ ଆଜି ଏମିତି ଯାଗା ନାହିଁ ଯେଉଁଠି ଲୋକେ ବନବିବିଙ୍କ ଉପରେ ବିଶ୍ୱାସ କରୁ ନାହାନ୍ତି । ସବୁଠାରେ ବନବିବିଙ୍କର ମୂର୍ତ୍ତି ଅଛି ।"- ଏତିକି କହି ସେ ଅଟକି ଗଲେ । ନିଜ ଚେୟାରରୁ ଆଗକୁ ଟିକେ ଉହୁଙ୍କି ଗଲେ । ଚେକ ବକ୍ସ ଭଳି ଛକି ଛକି ହୋଇଥିବା ବାଉଁଶର ଏକ ଚାଟି କାନ୍ଥରେ ଲାଗିଥିଲା । ସେଥିରେ ଭଲ ଭାବେ ବାର୍ନିଶ ଦିଆଯାଇଥିଲା । ତାଙ୍କର ଛାଇ ସେହି ଚାଟି ଉପରେ ଏପଟ ସେପଟ ହେଉଥିଲା । ଦେଖିଲେ ଲାଗିବ ଯେମିତି କିଏ ପିତୁଳା ନାଚ କରୁଛି ଆଉ ସେ ସେହି ପିତୁଳା ନାଚର ନିର୍ଦ୍ଦେଶନା ଦେଉଛନ୍ତି ଆଉ ସଂଳାପ କହୁଛନ୍ତି । ସୁନ୍ଦରବନ ଅଞ୍ଚଳରେ ପିତୁଳା ନାଚ, ଡ୍ରାମା ଇତ୍ୟାଦି ଦେଖିବାକୁ ଲୋକେ ବହୁତ ପସନ୍ଦ କରନ୍ତି ।

"ପ୍ରଥମେ ପ୍ରଥମେ ପଶ୍ଚିମର ଅଞ୍ଚଳରେ ବନବିବି ପୂଜା ଆରମ୍ଭ ହେଲା । ସେଇଠୁ ଧୀରେଧୀରେ ପୂର୍ବକୁ ଗୋଆସାବା, ମାତଲା ନଦୀ ଅଞ୍ଚଳ ଦେଇ କାଳନ୍ଦୀ ନଦୀ ପର୍ଯ୍ୟନ୍ତ ପହଞ୍ଚିଗଲା ।" – ସେ ବନବିବି ପୂଜାର ବ୍ୟାପ୍ତିକରଣ ବିଷୟରେ ବୁଝାଉଥିଲେ । ତାଙ୍କର ଆଖି ପାଣି ପର୍ଯ୍ୟନ୍ତ ଲମ୍ବି ଯାଇଥିଲା ।

ସେମାନେ ଏ ଭିତରେ ବନବିବି ପୂଜା ଉପରେ ଗବେଷଣା କରୁଥିଲେ । ସାରା ସୁନ୍ଦରବନରେ ଲୋକଙ୍କର ବନବିବିଙ୍କ ଉପରେ ଗଭୀର ବିଶ୍ୱାସ । ଜଙ୍ଗଲରେ ପଶିବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗରୁ ଯିଏ ବି କିଏ ହେଲେ ବନବିବିଙ୍କୁ ପ୍ରାର୍ଥନା କରି ଭିତରେ ପଶିଥାଆନ୍ତି । ବେଙ୍ଗଲରେ ବେଶୀ କାଳୀ ପୂଜା ଚାଲେ । ଅଧିକାଂଶ ଯାଗାରେ ମା କାଳୀଙ୍କର ମନ୍ଦିର ବା ଫଟୋ ଦେଖିବାକୁ ମିଳେ । ମା କାଳୀ ହେଉଛନ୍ତି ସଂହାରର ରୂପ । ତାଙ୍କର ସୁଦୟା ହେଲେ ଅକାଳ ମୃତ୍ୟୁରୁ ରକ୍ଷା ମିଳିବ । ହଠାତ୍ ଜଣେ ନ ଜାଣିଥିଲେ ଭାବିବ ଯେ ବନବିବି ହେଉଛନ୍ତି କାଳୀ ବା ଭବାନୀଙ୍କର ଏକ ରୂପ । କିନ୍ତୁ ବନବିବିଙ୍କୁ ମା କାଳୀ ଭାବରେ ସାଧାରଣତଃ କେହି ଦେଖନ୍ତି ନାହିଁ । ଜାତି ଧର୍ମ ନିଃର୍ବିଶେଷରେ ସମସ୍ତେ ତାଙ୍କୁ ମାନନ୍ତି ।

"ତା'ପରେ ସମୟକ୍ରମେ ସୁନ୍ଦରବନ ସାରା ବନବିବିଙ୍କ ପୂଜା ବ୍ୟାପିଗଲା ।"– ସେ ଏକ ଲମ୍ବା ନିଃଶ୍ୱାସ ନେଲେ । ସେପଟେ ନଦୀର ପାଣି ସେମିତି ବଢି ଚାଲିଥିଲା । କୁମ୍ଭାଟୁଆ ପକ୍ଷୀ କେଉଁଠୁ ଲୁଚି ମୋଟା ସ୍ୱରରେ କହୁ କରୁଥିଲା ।

ତାଙ୍କ ବସିବା ଯାଗାରୁ କାଦୁଆ ନଇଚଡା ଭଲ ଭାବରେ ଦେଖା ଯାଉଥିଲା । ତଳ ଆଡକୁ ପାଣିରେ ବୁଡି ଗଲାଣି ଉପର ଆଡେ କେଇଫୁଟ ପାଣିରେ ବୁଡିବା ବାକି ଅଛି । ଏପର ଆଡେ ଛୋଟ ନାଲି କଙ୍କଡା ସବୁ ଜୋରରେ ଚାଲୁଥିଲେ । ଏ ନାଲି କଙ୍କଡା ଗୁଡିକ ଖୁବ ଜୋରରେ ଚାଲନ୍ତି । ପଚାସଢା ଖାଇ ବଞ୍ଚନ୍ତି । ସେ ସେହି କଙ୍କଡାମାନଙ୍କୁ ଦେଖୁଥିଲେ ।

ଏହି କଙ୍କଡା ଗୁଡିକ ଟିକିଏ ବିପଦ ଦେଖିଲେ ଦୌଡିଯାଇ ଛୋଟ ଛୋଟ ଗାତ ଭିତରେ ପଶି ଯାଆନ୍ତି ଆଉ ସେଇଠୁ ମୁଣ୍ଡରୁ ବଡବଡ ଆଖି ବାହାରକୁ କାଢି କରି ଅନାନ୍ତି । ସେ ଗାତରୁ ପାଣି ପଶିଲେ ବୁଦ୍ ବୁଦ୍ ହୋଇ ପାଣି ବାହାରି ଆସେ । କଙ୍କଡାମାନଙ୍କର ଶରୀର ଅଦ୍ଭୁତ । ଛୋଟ ଶରୀରରେ ପବ ହୋଇ ମୋଟା ଗୋଡ ଲାଗିଛି । ସେ ଗୋଡରେ ଶକ୍ତି ବହୁତ ଅଧିକ । ନିଜର ବୁଢା ଗୋଡରେ କଙ୍କଡା ଶିକାର ଧରେ ଆଉ ଖାଏ । ଅନ୍ୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଡଗୁଡାକ ତା'କୁ କଡୁଆ ଚାଲିବାରେ ସାହାଯ୍ୟ କରନ୍ତି । ଏହି କଙ୍କଡାଗୁଡିକ ସବୁବେଳେ ପତଳିଆ କାଦୁଅରେ ଚାଲି ଖାଇବା ଖୋଜୁଥାନ୍ତି ।

ବେଳେ ବେଳେ ଏହି କଙ୍କଡାମାନେ ମାନଗ୍ରୁଭ ବା ଲୁଣା ଜଙ୍ଗଲର ଗଛ ଚଢନ୍ତି, ଚେର ଧାରରେ ଲାଗିଥିବା କିଛି ଖାଇବା ଜିନିଷ ଖୋଜନ୍ତି । ଲୁଣା ଜଙ୍ଗଲରେ ଚେର ଅନ୍ୟ ପ୍ରକାର । ବହୁତ ଗଛର ଚେର ମାଟି ଉପରେ ଥାଏ । ଏହି ଚେରମାନଙ୍କ ମଧ୍ୟରେ ବହୁତ ଖାଇବା ଜିନିଷ ରହିଯାଇଥାଏ । ସେମିତିଆ ଖାଇବା ଜିନିଷକୁ ଛୋଟ ଛୋଟ ପ୍ରାଣୀ ଖୋଜନ୍ତି । ବଡ଼ କଙ୍କଡାମାନେ ସାହାସ କରି ବାହାରକୁ ଆସିଯାଆନ୍ତି କିନ୍ତୁ ଅପେକ୍ଷାକୃତ ସାନ କଙ୍କଡାମାନେ ଲୁଣା ଜଙ୍ଗଲର ଚେର ଅଞ୍ଚଳରେ ରହିଥାନ୍ତି ।

ଏମିତି କଙ୍କଡାମାନଙ୍କୁ ଦେଖୁ ଦେଖୁ ସପନବାବୁ ନିଜର ଆରାମ ଚେୟାରରେ ଢୁଳେଇ ପଡିଲେ । ଚଢୁଥିବା ଜୁଆରର ଶବ୍ଦ ଏକ ମଧୁର ଧ୍ୱନୀ ଭଳି ଲାଗୁଥିଲା । ତାଙ୍କୁ ନଦୀର ଶବ୍ଦ, ପାଣିରେ ଛଳ ଛଳ ଧ୍ୱନୀ ଭଲ ଲାଗେ । ତନ୍ଦ୍ରା ମନକୁ ମନ ଆସିଯାଏ । ବାହର ଦୁନିଆରେ କିଛି ଶବ୍ଦ ନଥିଲା । ପକ୍ଷୀମାନେ କେଳେବେଳେ କିଚିରି ମିଚିରି ହେଉଥିଲେ । ପାଓଲି ବି କିଛି କହୁ ନଥିଲେ । ସେ ସପନବାବୁଙ୍କୁ ଅନାଇଲେ । ତାଙ୍କୁ ବି ତନ୍ଦ୍ରା ଆସୁଥିଲା । ସେମାନେ ଏମିତି କିଛି ସମୟ ଢୁଳେଇ ପଡିଲେ ।

ବାହାରେ ପାଣି ଧୀରେଧୀରେ ବଢୁଥିଲା । ଏକ କାଉ ଝରକା ପାଖରେ ବସି ଜୋରରେ କା କା କରି ଉଠିଲା । ସପନବାବୁଙ୍କ ନିଦ ଭାଙ୍ଗିଗଲା । ସେ ବାହାରକୁ ଅନାଇଲେ । ପାଓଲି ବି ଉଠିଲେଣି । ସେମାନେ ନିଜ ବିଷୟ ପୁଣି ଆରମ୍ଭ କଲେ ।

"ପୁରୁଣା ଦିନରେ ଏପଟେ କେଉଁଠି ବି ବନବିବି ପୂଜା ପାଉ ନଥିଲେ । କାକଦ୍ୱୀପ, ସାଗର ଦ୍ୱୀପ ସାମସେର ନଗର ପର୍ଯ୍ୟନ୍ତ ସବୁ ଅଞ୍ଚଳରେ କେଉଁଠି ବି ବନବିବିଙ୍କର ନାମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନଥିଲା । କିନ୍ତୁ ଧିରେ କଥାଟା ବଦଳି ଗଲା ।"– ସେ ବନବିବି ପୂଜା ଉପରେ ଅନେକ ଗବେଷଣା କରିଥିଲେ । ଦିନ କେତେ ଜଳଦି ବଦଳି ଯାଉଛି ।

ସେ ନଦୀର ପଟକୁ ଅନାଇଲେ । ଦୁଇଟା ବଡ଼ ଗଛ ଘରର ଝରକାକୁ ଛୁଉଁଥିଲା । ଝରକା ତଳେ ଗଛ କେନା ହୋଇ ଯାଇଥିଲା । ସେହି ପ୍ରାକୃତିକ ଚିତ୍ରପଟ୍ଟ ଉପରେ ନଦୀର ମାଟିଆ ଧାର ସୁନ୍ଦର ଲାଗୁଥିଲା । ସେପଟ ଧାରରେ ଲମ୍ବା ଦେଶୀ ଡାଙ୍ଗାଟିଏ କାଦୁଅ ଉପରେ ଭାସୁଥିଲା । ଏତେ ପତଳା କାଦୁଅରେ ଲାଗୁଥିଲା ଯେମିତି ଡଙ୍ଗାଟାକୁ କିଏ ସ୍ପଂଜ ଉପରେ ରଖି ଦେଇଛି । କାଦୁଅରେ ପ୍ରତିବିମ୍ବ ପଡିଥିଲା । କାଦୁଅ ଅତି ପତଳା ଆଉ ପାଣିଆ ହୋଇଗଲେ ଏକ ଦର୍ପଣ ଭଳିଆ ଲାଗେ । ପାଣି ଏଇ ଡଙ୍ଗାକୁ ଛୁଇଁ ଦେଲା । ପ୍ରତିଟି ଛୋଟ ଢେଉରେ ଡଙ୍ଗା ନାଚୁଥିଲା । ସପନବାବୁ ଅନେକ ସମୟ ଧରି ସେହି ନାଚୁଥିବା ଡଙ୍ଗାକୁ ଅନାଇ ରହିଲେ । ତାଙ୍କ ଶିରାରେ ନଦୀର ଢେଉ ଖେଳିଯାଉଥିଲା । ଏହି ଡଙ୍ଗା, ମୌଲି ଆଉ କେଉଟମାନେ ବନବିବିଙ୍କର ଗାଥାକୁ ସୁନ୍ଦରବନର ପ୍ରତି କୋଣେ କୋଣେ ପହୁଞ୍ଚାଇଦେଲେ ।

"କାକଦ୍ୱୀପରେ ତା'ପରେ ବାଂଶୁଳୀ ପୂଜା କମିଗଲା । ଲୋକେ ବନବିବିଙ୍କର ପୁଜା ଆରମ୍ଭକଲେ ।"- ଆଖିପତା ଉଠିଗଲେ ଯେମିତି ଲମ୍ବା ଦେଖାଯାଏ, ତାଙ୍କର ସ୍ୱର ସେମିତ ସେତିକି ଶବ୍ଦ ସହ ଲମ୍ବା ହୋଇ ଯାଉଥିଲା । ତାଙ୍କ ମୁଣ୍ଡରେ ଗଭୀର ରେଖାମାନ ଫୁଟି ଉଠିଥିଲା ।

"କାହାଣୀର ପ୍ରଚାର ଏମିତି ଆରମ୍ଭ ହୋଇଥିଲା । ଲୋକମାନେ ଏପର୍ଯ୍ୟନ୍ତ ଏହି ବିଶ୍ୱାସ କରି ଆସୁଛନ୍ତି ।"- ସପନବାବୁକଥାଟା ଆରମ୍ଭ କଲେ ।

ପାଓଲି ପାଖରେ ବସିଥିଲେ । ଦୁହେଁ କିଛି ନା କିଛି ବିଷୟ ଆରମ୍ଭ କରି ସେଥିରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନ୍ତର୍ନିହିତ ତଥ୍ୟ ବାହର କରିବାକୁ ଚେଷ୍ଟା କରନ୍ତି । ଏ କଥା କିନ୍ତୁ ଲୋକ ବିଶ୍ବାସରୁ ଆରମ୍ଭ ହୋଇଥିଲା । ବେଙ୍ଗଲରେ ସବୁ ଘଟଣାର ଲିଖିତ ପୋଥି ନାହିଁ । ଅନେକ ଘଟଣାର ଉତ୍ସ ଲୋକଗୀତି, ଲୋକକଥା ଆଉ ପ୍ରାର୍ଥନା ବା ପୁରାଣ ଇତ୍ୟାଦିରୁ ମିଳିଥାଏ । ଲୋକ ଅଭିନୟ, ପୁତୁଳି ଅଭିନୟ ମଧ୍ୟ ଏମିତି ଘଟଣାମାନ ଉପରେ କିଛି ଆଲୋକପାତ କରିଥାଏ ।

ମହମ୍ମଦ କାଦେର ସାହେବଙ୍କ ଲିଖିତ "ବନବିବି ଜହୁରାନବାମା" ନାମକ ପାଲାରୁ ବନବିବିଙ୍କ ଜନ୍ମ, ମହାତ୍ମ୍ୟ ଇତ୍ୟାଦି ଜାଣିହୁଏ । ଏହା ଦୁଇଭାଗରେ ବିଭକ୍ତ । ଏକ ଭାଗ ହେଉଛି ନାରାୟଣୀ ଜଙ୍ଗ ଆଉ ଅନ୍ୟଭାଗ ହେଉଛି ଦୁଃଖେର ପାଲା ।

ଅନେକ ଦିନ ତଳର କଥା । ମୁସଲିମ ନୌଯାତ୍ରୀମାନେ ସେତେବେଳେ ନୌବାଣିଜ୍ୟ ପାଇଁ ଏସିଆ, ଆଫ୍ରିକା ଆଦି ଦେଶକୁ ଯାତ୍ରା କରୁଥାନ୍ତି । ନୌବାଣିଜ୍ୟ ପାଇଁ ପାରସ୍ୟର ଦେଶସବୁ ବଡ଼ ପ୍ରସିଦ୍ଧ ଥିଲା । ସେହି ଦେଶରୁ ନୌବଣିକମାନେ ଅନେକ ଦେଶକୁ ଆସୁଥିଲେ । ଅନେକ ଦେଶରେ ମୁସଲିମ ଅଧିପତ୍ୟ ମଧ୍ୟ ଜାହିର ହୋଇଥିଲା । ମୁସଲମାନ ସୁଫି ଧର୍ମ ପ୍ରଚାରକମାନେ ଭିନ୍ନ ଭିନ୍ନ ଦେଶରେ ଧର୍ମ ପ୍ରଚାର ପାଇଁ ଅତି ପ୍ରଯତ୍ନ ଥାଆନ୍ତି । ଏମିତି ସମୟରେ ଏକ ସୁନ୍ଦରୀ ଝିଅ ଆରବ ଦେଶର ମକ୍କାରୁ ନିଜ ଭାଇ ସହ ଭାରତ ଯାତ୍ରା କଲେ । ଅନେକ ଦୂର ଯାତ୍ରାପରେ ଭାଇ ଶାହା ଜଙ୍ଗଲୀ ସହ ସେ ସୁନ୍ଦରବନ (ଅଠରଭଟ୍ଟାର ଦେଶ) ଅଞ୍ଚଳରେ ବାସ କରିବାକୁ ଲାଗିଲେ । ସୁନ୍ଦରବନ ସେ ସମୟରେ ଅନେକ ଘଞ୍ଚଥିଲା । ସବୁଆଡେ ଅଭେଦ୍ୟ ଜଙ୍ଗଲ । ସେ ରାଜ୍ୟର ରାଜା ଥିଲେ ଦକ୍ଷିଣ ରାୟ ନାମକ ଏକ ବ୍ରହ୍ମଣ ରାଜା । ଘୋର ଅତ୍ୟାଚାରୀ । ସେ ନିଜର ପ୍ରଜାମାନଙ୍କୁ ବାଘ ରୂପରେ ବଧ କରୁଥିଲେ ।

"ଏଇଠି ଗୋଟିଏ କଥା ଦେଖ । ଦେଶର ରାଜା ହେଉଛନ୍ତି ଏକ ବ୍ୟାଘ୍ର ରୂପଧାରୀ ଏକ ବାହ୍ମଣ ।"– ସପନବାବୁ ଟିକିଏ ରହିଗଲେ ।

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଓଲି ତାଙ୍କୁ ଏକଲୟରେ ଅନାଇଥିଲେ । ସେ ମଧ୍ୟ ସୁନ୍ଦରବନ ବିଷୟରେ ଅନେକ କଥା ଜାଣିଛନ୍ତି । ସପନବାବୁ ଏ ବିଷୟରେ ଅନେକ ତଥ୍ୟ ସଂଗ୍ରହ କରି ଚାଲିଛନ୍ତି । ତେଣୁ ତାଙ୍କୁ ଏ ବିଷୟରେ ଜାଣିବା ଆମୋଦକର ଲାଗୁଥିଲା । କିଛି ଜଣା ବିଷୟରେ ଆଲୋଚନା କରିବା ସବୁବେଳେ ଭଲଲାଗେ । ସୁନ୍ଦରବନରେ ଅନେକ ବିଶ୍ୱାସ ଅଛି । ଏ ଭିତରେ ସବୁଠାରୁ ବଡ଼ ବିଶ୍ୱାସ ହେଉଛି ବନବିବି । ଆଜି ସୁନ୍ଦରବନ ଆଉ ବନବିବି ଏଇ ଦୁଇଶବ୍ଦ ପରସ୍ପରର ପରିପୂରକ । ସେଥିରେ କିଛି ବିଶ୍ୱାସ ବା ଅବିଶ୍ୱାସର ଶବ୍ଦ ନଥିଲା ।

ସପନବାବୁ ନଦୀଆଡେ ଅନାଇଲେ । ତାଙ୍କ ବସିବା ଯାଗାରୁ ନଦୀ ପାଣି କେଇ ଫୁଟ ଦୂର ଥିଲା । କଙ୍କଡା ଗାତମାନ ପାଣିରେ ଭରି ଯାଉଥିଲା । ଝରକା ପଟୁ କାଦୁଆ ଚଡା ଭଲ ଭାବେ ଦେଖାଯାଉଥିଲା । ସେ ସେମିତି କିଛି ସମୟ ପାଣିରେ ଉଠୁଥିବା ବୁଦ୍ ବୁଦ୍‌କୁ ଅନାଇ ରହିଲେ । ପାଣି ଉପରକୁ କିଛି ଲୁଣା ଜଙ୍ଗଲର ଗଛର ଚେର ବର୍ଚ୍ଛା ଭଳି ମୁଣ୍ଡ ଟେକିଥିଲା । ମଡସ୍କିପର ମାଛମାନେ ଖୁବ ଡେଉଁଥିଲେ । ଏହି ମାଛଗୁଡାକ କାଦୁଅରେ ଖସି ଡିଅନ୍ତି । ସେମାନଙ୍କୁ ବେଶୀ ପାଣି ଦରକାର ନାହିଁ । କେତେକ କଙ୍କଡା ନିଜ ଗୋଡରେ ଜୋରରେ ଚେରସବୁକୁ ଧରିଥିଲେ । ସେମାନେ ବସିଥିବା ସ୍ଥାନର ଚାରିଆଡେ ଜଙ୍ଗଲ । ସବୁଠି ଗଛ । ଏହି ଗଛଗୁଡିକ କେବେ ରଙ୍ଗ ବଦଳାଅନ୍ତିନି । ଯେତେବେଳେ ଆସିଲେବି ଜଙ୍ଗଲର ରଙ୍ଗ ସବୁଜ ଥାଏ । ସପନବାବୁ ପାଓଲିଙ୍କୁ ଅନାଇଲେ । ପାଓଲିଙ୍କୁ ଏହି ଚିରହରିତ ଗଛମାନ ଖୁବ ଭଲ ଲାଗେ ।

କିଛି ନଜାଣି ସେହି ଜଙ୍ଗଲ ରାଜ୍ୟରେ ଭାଇ ଭଉଣୀ ବାସ କରିବାକୁ ଲାଗିଲେ । ଦିନେ ଶାହା ଜଙ୍ଗଲୀ ଆଜାନ (ମୁସଲିମମାନଙ୍କ ଆଲ୍ଲା ହୋ ଆକବର – ଡାକିବା) ଆରମ୍ଭ କଲେ । ଏହି ଅସ୍ୱାଭାବିକ ଶବ୍ଦ ଦକ୍ଷିଣ ରାୟଙ୍କ କାନରେ ପଡିଲା । ତାଙ୍କ ରାଜ୍ୟରେ ଏମିତି କିଏ ଶବ୍ଦ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରୁଛି ବୋଲି ସେ ବହୁତ କ୍ରୋଧିତ ହୋଇ ପଡିଲେ । ସେ ଯୁଦ୍ଧ ପାଇଁ ବାହାରୁଥିଲେ । କିନ୍ତୁ ତାଙ୍କ ମା ନାରାୟଣୀ ମନାକଲେ । ସବୁକଥାରେ ରାଜା ନିଜେ ଯୁଦ୍ଧକୁ ଯିବା ଉଚିତ ନୁହେଁ । ନାରାୟଣୀ ନିଜେ ଯିବେ ଆଉ ଅନାଧିକାରରେ ପ୍ରବେଶ କରିଥିବା ଦୁଷ୍ଟମାନଙ୍କୁ ଦମନ କରିବେ ବା ରାଜ୍ୟରୁ ତଡିଦେବେ । ବନବିବି ଯେ ନାରୀ । ଏକ ନାରୀସହ ରାଜାଙ୍କର ଯୁଦ୍ଧ ଶୋଭନୀୟ ନୁହେଁ ।

ନାରାୟଣୀ ଆଜାନ ହେଉଥିବା ସ୍ଥାନରେ ପହଞ୍ଚିଗଲେ । ନିଜ ରାଜ୍ୟରେ ଏମିତିଆ ନୂତନ ଆଗନ୍ତୁକଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ତାପରେ ବନବିବି ଆଉ ନାରାୟଣୀଙ୍କ ମଧ୍ୟରେ ବିରାଟ ଯୁଦ୍ଧ ଆରମ୍ଭ ହେଲା ଆଉ ନାରାୟଣୀ ପରାଜିତ ହୋଇଯାଉଥିଲେ । ସେ ବନବିବିଙ୍କ ସହ ସଇ (ସଖୀବା ବନ୍ଧୁ- ଦୁଇ କୁମାରୀ ଝିଅ ବା ନାରୀଙ୍କ ମଧ୍ୟରେ ଏକ ପ୍ରକାରର ବନ୍ଧୁତା) ବସିବାର ଆହ୍ୱାନ କଲେ । ନାରୟଣୀଙ୍କ ବୀରତା ଆଉ ସାହାସ ଦେଖି ବନବିବି ମୁଗ୍ଧ ହୋଇ ଯାଇଥିଲେ । ସେ ନାରାୟଣୀଙ୍କ ସଙ୍ଗେ ସଇ ବସିଲେ । ରାଜ୍ୟ ପାଳନରେ ଅନେକ ନୀତି ନିୟମ ମାନିବାକୁ ପଡେ । ଏକ ଅଭେଦ୍ୟ ଅରଣ୍ୟରେ କେହି ବନ୍ଧୁ କାମରେ ଆସିବେ । ତେଣୁ ସେ ନାରାୟଣୀଙ୍କର ବଧ ଚାହିଁଲେ ନାହିଁ ।

ଏକ ସର୍ତ୍ତ ଥିଲା । ଜଙ୍ଗଲରେ କେହି ଆସି ବନବିବିଙ୍କୁ ଡାକିଲେ ଦକ୍ଷିଣ ରାୟ ସେ ଲୋକର କ୍ଷତି କରିବନି ।

ସମୟକ୍ରମେ ମୁସଲମାନ ପୀର ବରଖା ଗାଜି, ଦୁଃଖେ (ଏକ ବିଧବାର ନିରାଶ୍ରୟ ପୁଅ) ଇତ୍ୟାଦି ବନବିବିଙ୍କର ଶିଷ୍ୟ ହେଲେ । ସେମାନେ ବନବିବିଙ୍କର ମହାତ୍ମ୍ୟର ପ୍ରଚାର କଲେ । ବନବିବି ସୁନ୍ଦରବନରେ ଜମି ଆବାଦ କରି ଲୋକମାନଙ୍କୁ ଚାଷ ବାସ କରି ରହିବା ପାଇଁ ଦେଲେ । ସବୁଠାରୁ ବଡ଼ କଥା ହେଲା ସେ ନରଭକ୍ଷୀ ବାଘଠାରୁ ସୁରକ୍ଷା ପ୍ରଦାନ କଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏଣୁ ସେ ସୁନ୍ଦରବନରେ ରହୁଥିବା ଲୋକମାନଙ୍କ ରକ୍ଷାକର୍ତ୍ତ୍ରୀ ଦେବୀ ଭାବରେ ପରିଗଣିତ ହେଲେ ।

ଏଠି କେତେ କଥା ଅଛି ।

ବରଖା ଗାଜିଙ୍କ ଆଗରେ ହୋଇଥିବା ସର୍ତ୍ତ ହିସାବରେ ଲୋକେ ଦୁଃଖେଭଳି ବନବିବିଙ୍କ ଉପରେ ସଂମ୍ପୂର୍ଣ ବିଶ୍ୱାସ ରଖିବେ । ସେମାନେ ଦୁଃଖେ ଚରିତ୍ରର ସବୁ ଗୁଣ ଅର୍ଥାତ ଖାଲି ହାତ ଆଉ ପବିତ୍ରମନ ସହ ଜଙ୍ଗଲରେ ପ୍ରବେଶ କରିବେ । ବନବିବି ଏକ ନିରାଶ୍ରୟକୁ ରକ୍ଷା କରିଥିଲେ । ଜଙ୍ଗଲରୁ ଦୁଃଖେ ଭଳି ଦୀନଦରିଦ୍ର କିଛି ନିଜର ବଞ୍ଚିବାପାଇଁ ନେବ । ତାଠାରୁ ଅଧିକ କିଛି ନେବ ନାହିଁ ।

"ଏହି କାରଣ ବା ବିଶ୍ୱାସରୁ ବନବିବିଙ୍କୁ ଜଙ୍ଗଲର ରକ୍ଷାକର୍ତ୍ତ୍ରୀ ବୋଲି ଅନେକ ଭାବନ୍ତି । କିନ୍ତୁ ଏମିତିଆ ଲୋକଙ୍କର ବିଶ୍ୱାସ ଆଉ ଯୁକ୍ତିରେ କିଛି ଦ୍ୱିମତ ଅଛି । ଯଦି ସେ ଜଙ୍ଗଲର ଅଧିଷ୍ଠାତ୍ରୀ ଦେବୀ ହୋଇଥାନ୍ତେ ତାହେଲେ କଥାଟା ଅନେକ ଭିନ୍ନ ହୋଇଥାନ୍ତା । ନାରାୟଣୀଙ୍କୁ ପରାଜିତ କଲାପରେ ବନବିବି ସଂମ୍ପୂର୍ଣ ଅଞ୍ଚଳ ଉପରେ ଅଧିକାର ଜାହିର କଲେ ନାହିଁ । ସେ ସୁନ୍ଦରବନକୁ ଶାହା ଜଙ୍ଗଲୀ ଆଉ ଦକ୍ଷିଣ ରାୟଙ୍କ ମଧ୍ୟରେ ଭାଗ କରିଦେଲେ । ଏକ ବିଶାଳ ଅଞ୍ଚଳକୁ ସଫା କରି ଚାଷ ଯୋଗ୍ୟ କରିଲେ । କେହି କାହା ଅଞ୍ଚଳରେ ଅନଧିକାର ପ୍ରବେଶ ନକରିବା ପାଇଁ ଆଦେଶ ଜାହିର କଲେ ।"– ସପନବାବୁଙ୍କ ସ୍ୱର କ୍ରମେ ଧିମା ହୋଇ ଯାଉଥିଲା । ନଦୀ ଆଉ ଜଙ୍ଗଲର କେତେ ଇତିହାସ ପାଣିରେ ବୋହିଯାଉଛି । ଗଛ ଚେରରେ ଅଟକି ଯାଉଛି ଆଉ ବୃକ୍ଷରେ ପରିଣତ ହେଉଛି । ମଣିଷମନରେ ଏକ ବୃକ୍ଷଭଳି ଚରହରିତ ହୋଇ ସମୟସହ ରହିଯାଉଛି ।

"ତାପରେ କଣ ଘଟିଲା ?"- ପାଓଲିଙ୍କ ପ୍ରଶ୍ନ । ପାଓଲି ବହୁତ ସମୟ ସପନବାବୁଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା ଶୁଣୁଥିଲେ । ସପନବାବୁଙ୍କ କହିବା ଶୈଳୀରେ ସେ ଏକଦମ ସମ୍ମୋହିତ ହୋଇ ଯାଇଥିଲେ । କଥାଟା ଅଟକିଗଲେ ତାଙ୍କ ଉତ୍କଣ୍ଠା ବହୁତ ବଢି ଯାଉଥିଲା ।

"ବନବିବି ନିଜ ଭାଇଙ୍କ ସାହାଯ୍ୟରେ ଏକ ବିରାଟ ଘଞ୍ଚ ଜଙ୍ଗଲକୁ ସଫା କଲେ ।"– ସପନବାବୁ କହି ଟିକିଏ ରହିଗଲେ । ସେହି ପୁରୁଣା କଥାକୁ ଆଉଥରେ ଦୋହରାଇଲେ । ତାଙ୍କ ମନରେ କିଛି ସନ୍ଦେହ ତଥାପି ବି ଥିଲା । କିନ୍ତୁ ସେ ଲୋକ ବିଶ୍ୱାସରୁ ଯେତେଦୂର ସମ୍ଭବ ଏକ ଯୁକ୍ତିକର ତଥ୍ୟ ବାହାରକୁ ଆଣୁଥିଲେ । ବହୁତ ସ୍ଥାନରେ ଲୋକବିଶ୍ୱାସ ସମୟକ୍ରମେ ପ୍ରକୃତ ଘଟଣାଠାରୁ ଦୂରକୁ ଚାଲିଯାଏ । ସେ ଭିତରୁ ପ୍ରକୃତ ତଥ୍ୟକୁ ବାହରକୁ ଆଣିବାର ଖିଅ ଖୋଜିବା କଷ୍ଟ ।

"ସେ ପ୍ରକୃତରେ କଣ କଲେ ? ଏକ ସୁନ୍ଦର ଜଙ୍ଗଲକୁ ଚାଷ ଜମିରେ ପରିବର୍ତ୍ତନ କଲେ ଆଉ ସୁନ୍ଦରବନର ଏକ ଅଞ୍ଚଳରେ ରହିବାକୁ ଲାଗିଲେ । ଏହା କେମିତି ସମ୍ଭବ ହୋଇପାରେ ? ଏକ ରକ୍ଷାକର୍ତ୍ତ୍ରୀ ଏମିତି କେମିତି କରି ପାରନ୍ତି ?"– ତାଙ୍କର ପ୍ରଶ୍ନ ନିଜକୁ ଥିଲା ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କୁସୁମ



ବିଜୟ କୁମାର ପଣ୍ଡା

"କୁସୁମ" -ତୃତୀୟ ଭାଗ

ପୂର୍ବ ଭାଗରେ ପଢ଼ିଥିଲେ..

କୁସୁମର ତା ଡାଏରିରେ ତାର ମନର କଥା ଲେଖେ । ଆଜି ଡାଏରି ଲେଖିବାକୁ ବସିବା ବେଳେ ମାଲିକିଆଣିଙ୍କ ନଜର ପଡ଼ିଗଲା । ମାଲିକିଆଣି ତାକୁ ଗାଳିଦେଇ ଶୋଇ ପଡ଼ିବାକୁ କହିଲେ ।

ଆଜି ମାଲିକିଆଣିଙ୍କ ଗାଳି ତା ମନରେ ଏକ ଆନ୍ଦୋଳନ ସୃଷ୍ଟି କରିଛି । ମୋର ଏ ପୋଡ଼ା ମୁହଁକୁ ଦେଖି ଏ ଦୁନିଆରେ ସବୁ ଲୋକ ମୁହଁ ଫେରାଇ ନିଅନ୍ତି । ବାହାରକୁ ଯିବା ମୋ ପାଇଁ କାଠିକର । ଏସବୁ ଭିତରେ ସେ ପୁଣି ଆଇ.ଏ ଏସ୍ , ଓ.ଏ.ଏସ୍ ପରୀକ୍ଷା କେମିତି ଦେବ !! ତା' ଛଡ଼ା ସବୁ ସାର୍ଟିଫିକେଟ ତ ପୋଡ଼ିଗଲା । ଏବେ କଣ ପ୍ରମାଣ ଅଛି ଯେ ସେ ଗ୍ରାଜୁଏଟ ବୋଲି ? ମନ ଉଣା କରୁଥିଲା କୁସୁମ । ଭାବିଲା ବାବୁ ତ ଭଲ ଲୋକ ଭଳି ଜଣା ପଡ଼ନ୍ତି, ତାଙ୍କୁ ପଚାରି ଦେଖିବ । ରାତି ଅନେକ ହୋଇଯାଇଥିଲା । ଏହା ଭିତରେ ତାକୁ ନିଦ ହୋଇଗଲା ସ୍ୱପ୍ନରେ ତା ମା ଆସି କାନ୍ଦି କାନ୍ଦି କଣ ସବୁ କହୁଥିଲା । ତାପରେ ପଢ଼ନ୍ତୁ କାହାଣୀର ପରବର୍ତ୍ତୀ ଅଂଶ ଏହି ତୃତୀୟ ଭାଗରେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ୱପ୍ନରେ ସେ ଦେଖିଲା ମା' ତାକୁ କଣ କହିବାକୁ ଚେଷ୍ଟା କରୁଛି । ସାବି ବୁଝିବାକୁ ଅନେକ ଚେଷ୍ଟାକଲା କିନ୍ତୁ ସବୁ ଝାପ୍ସା ଝାପ୍ସା ଲାଗୁଥିଲା, ଏଇ ଯେମିତି ମା' ଯେଉଁ ବିଷୟରେ କହୁଛି ସେକଥା ସବୁ ତାକୁ କିଛି କିଛି ଜାଣିଲା ଭଳି ଲାଗୁଛି ହେଲେ ସଠିକ୍ ବୁଝି ପାରୁନାହିଁ ।

ମାଲିକିଆଣିଙ୍କ ଡାକରେ ନିଦ ଭାଙ୍ଗିଗଲା ।

"ହଇଲୋ ଲାଟ ସାହେବ ଭଳି ଶୋଇଛୁ କଣ ଯେ ? ତୋତେ ରାତିରୁ କହି ରଖିଥିଲି ଯେ ଜଲ୍‌ଦି ଉଠିବୁ । ଘର କାମ ସାରି, କୁନିକୁ ସ୍କୁଲ୍ ପାଇଁ ରେଡ଼ି କରିବୁ । ତାର ଟିଫିନ୍ ବକ୍ସ ରେଡ଼ି କରିବୁ । ହେଲେ ତୁ କଣ ଗଧ ଭଳି ଶୋଇଛୁ । ରାତି ବାରଟା ଯାଏଁ ଆଁ କରି ଅନେଇଲେ, ଏମିତି ସକାଳୁ ଡେରିରେ ଉଠିବୁ । ତୁ ଏତେ ରାତି ଯାଏଁ କଣ କରୁ ଯେ ? ସେ ଡାଏରି ଗୋଟେ କଣ ଧରିଛୁ ଆଜିକାଲି ମୁଁ ଦେଖୁଛି । କଣ କାହା ପ୍ରେମରେ ପଡ଼ିଚୁ ନା କଣ ଯେ ? ତୋ ଭଳି ପୋଡ଼ା ମୁହିଁକୁ ପୁଣି ପାଇଁ କାହାର ପ୍ରେମ ଏମିତି ଉଚ୍ଛୁଳି ପଡୁଛି ଯେ ? କଣ ସେ ମାଳି ଟୋକାଟା କି ? ସେଇଟା ତ ଗଜ ମୂର୍ଖଟା... ତୋ ଚିଠି କଣ ପଢ଼ିପାରିବ ? ସେ ପ୍ରେମ ଫ୍ରେମ ଛାଡ଼... ଜଳଦି କାମରେ ଲାଗିଯା, ବୁଝିଲୁ । ଏମିତି ହେଲେ କିଛି ଭଲ ହେବନି କହି ଦେଉଛି.." ବହେ ଗାଳିଦେଇ ଚାଲିଗଲେ ମାଲିକିଆଣି ।

ଆଜି ଦିନଟା ଭଲନାହିଁ ବୋଧେ..

ସକାଳୁ ସକାଳୁ ଏତେ ଗାଳି ! ! ହଁ ମୋର ଏ ଅଧା ପୋଡ଼ା ମୁହଁକୁ ଆଉ ଭଲ କଣ ଯେ ? ମୋର ଏ ପୋଡ଼ା ମୁହଁକୁ ଚାହିଁଦେଲା ବେଳକୁ ଏମାନଙ୍କୁ ବୋଧେ ଘୃଣା ଲାଗୁଛି । ଏ ଦୁନିଆ ସାରା ଲୋକ ମୋତେ କେବଳ ଘୃଣା ଚକ୍ଷୁରେ ହିଁ ଦେଖନ୍ତି । ବିଶ୍ୱନିଅନ୍ତାଙ୍କ ଏ ଦୁନିଆରେ ମୋର କଣ ବଞ୍ଚିବାର କିଛି ଅଧିକାର ନାହିଁ ?

ମୁଁ ତ ପୋଡ଼ା ମୁହଁ ନେଇ ଜନ୍ମ ହୋଇନଥିଲି ! ! ଏଇ ଦୁନିଆର ଲୋକମାନେ ମୋ ସହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି କଲେ । ଭଗବାନ କଣ ନାହାନ୍ତି !! ନ୍ୟାୟ ବୋଲି କଣ କିଛି ନାହିଁ ଏ ଦୁନିଆରେ ? ହଁ ଭଗବାନଙ୍କ ପାଖରେ ମୋ ଲକ୍ଷେ ଦୁଃଖୀ ପ୍ରାର୍ଥନା କରୁଥିବେ । ମୋ ପାଳି ଡେରିରେ ଆସିପାରେ । ହଁ... ମୁଁ ସେମିତିରେ କେଉଁ ବଡ଼ ପୁଣ୍ୟ କରି ପକେଇଛି ଯେ, ମୋ କଥା ଲୀଳାମୟ ହରି ଶୁଣିବେ ?" ବାସନ ମାଜୁ ମାଜୁ ନିଜ ସହ ନିଜେ କଥା ହେଉଥିଲା କୁସୁମ ।

ଝିଅ ସହ ହୋଇଥିବା ଅନ୍ୟାୟ ପାଇଁ ଲଢୁ ଲଢୁ ମା ଏ ସଂସାର ଛାଡ଼ିଲା । ଏକ ବିଶାଳ ସମ୍ଭାବନା ଆଉ ଉଜ୍ଜ୍ୱଳ ଭବିଷ୍ୟତ ତା ପାଇଁ ଅପେକ୍ଷା କରିଥିବା ବେଳେ ଅନେକ କିଛି ଅଘଟଣ ଘଟିଗଲା ।

ନିଜର ବୋଲି କିଏ ଅଛି ଯେ ତା ଅସହାୟ ଜୀବନକୁ ସହାରା ଦେବ ? ଏମିତି ବାବୁଙ୍କ ଘରେ ଜୀବନଟା କଟିଯାଉ ଯେତିକି ଦିନ.. । ।

କଲେଜ ପଢ଼ା ସାରିବା ଯାଏଁ ନିଜ ଘରେ ବାସନ ଖଣ୍ଡେ ମାଜିବା ଜାଣିନଥିବା କୁସୁମ ଆଜି ପରଘରେ ଅଇଁଠା ବାସନ ମାଜିବାକୁ ବାଧ୍ୟ ହେଉଛି ।

ସମୟ ଖରାପ ଚାଲିଥିଲେ, ପ୍ରଭୂଙ୍କୁ ବି ଗଧପାଦ ଧରିବାକୁ ପଡ଼େ ।

(କ୍ରମଶଃ..)

ବିଜୟ କୁମାର ପଣ୍ଡା
ସମ୍ପାଦକ -କନକପ୍ରଭା, ସବଙ୍ଗ, ସିମୁଳିଆ, ବାଲେଶ୍ୱର
୯୭୩୯୫୯୧୮୧୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆଲୋକର ପର୍ବ ଦୀପାବଳି



ସାଇପ୍ରସାଦ ସାହୁ

ରଞ୍ଜନ ମାମୁଁ ସ୍ମୃତିକୁ ଡ଼ାକି ଡ଼ାକି ଘର ଭିତରକୁ ପ୍ରବେଶ କରୁଥାଆନ୍ତି । ସ୍ମୃତି ମାମୁଁଙ୍କ ହାତରେ ବିଡ଼ାଏ କାଉଁରିଆ କାଠି ଓ ଦୀପ ଧରିବାର ଦେଖିଲା । ସ୍ମୃତି ହାତକୁ ମାମୁଁ ବ୍ୟାଗ୍‌ଟି ବଢାଇ ଦେଲେ । ସ୍ମୃତି ପଚାରିଲା ମାମୁଁ ଏ ସବୁ କାହିଁକି ଆଣିଛନ୍ତି ? ମାମୁଁ କହିଲେ ଆରେ ମାମା; ତୁମେ କ'ଣ ଜାଣିବ, ଆଜି ପରା "ଆଲୋକର ପର୍ବ ଦୀପାବଳି" । ସ୍ମୃତି ମାମୁଁଙ୍କର କଥା ଶୁଣି ମନରେ ଆଗ୍ରହ ବଢାଇଲା । ସ୍ମୃତିର ଏପରି ଆଗ୍ରହ ଦେଖି ମାମୁଁ କହିଲେ, ଶୁଣ ମୁଁ ଦୀପାବଳି ବିଷୟରେ କିଛି କହୁଛି । ଏହି ଦୀପାବଳିକୁ ସାରା ଭାରତ ବର୍ଷରେ ପାଳନ କରାଯାଉଛି । କିନ୍ତୁ ଏହାକୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାରରେ ପାଳନ କରାଯାଏ । ପ୍ରତ୍ୟେକ ବ୍ୟବସାୟୀ ଗୃହରେ ଧନଲକ୍ଷ୍ମୀଙ୍କୁ ଆରାଧନା କରାଯାଏ । ଦକ୍ଷିଣ ଭାରତରେ ଦୀପାବଳି ଦିନ ସନ୍ଧ୍ୟାରେ ଦେବୀ ସରସ୍ୱତୀଙ୍କୁ ପୂଜା କରାଯାଏ । ପଶ୍ଚିମ ଭାରତରେ ଦେବୀ କାଳୀଙ୍କୁ ଉପାସନା କରାଯାଏ । କିନ୍ତୁ ଆମ ଓଡ଼ିଶାରେ ଏହାର ପ୍ରଭାବ ଅଧିକ ଜଣାପଡ଼େ । ଉତ୍କଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଧେଶ୍ୟରେ ଦୀପଦାନ କରାଯାଇଥାଏ ।

ଓଡ଼ିଆମାନେ ପିତୃପୁରୁଷଙ୍କ ପାଇଁ ଫିମ୍ପେଇ ଦିଅନ୍ତି ଓ ମହାଳୟାର ଶେଷ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି । ତେଣୁ ଏହାକୁ ଫିମ୍ପେଇ ଅମାବାସ୍ୟା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟ କୁହାଯାଏ । ଏହି ଅବସରରେ ଶ୍ରୀମନ୍ଦିରର ବାଇଶି ପାହାଚରେ ବହୁ ଲୋକ ପିତୃଶ୍ରାଦ୍ଧ କରିଥାନ୍ତି । ହିନ୍ଦୁ ମାନଙ୍କର ବିଶ୍ୱାସ ଅଛି ଯେ, ବାଇଶି ପାହାଚରେ ପିଣ୍ଡ ଦେଇ ବଡ଼ଦାଣ୍ଡରେ କାଉଁରିଆ ଜଳାଇ ଆଲୋକ ଦେଖାଇ ପିତୃପୁରୁଷଙ୍କୁ ସ୍ୱର୍ଗକୁ ଯିବା ପାଇଁ ବିଦାୟ ଦିଆଯାଏ । ପିତୃଶ୍ରାଦ୍ଧ ଆଶ୍ୱିନ ମାସରେ ପିତୃପକ୍ଷ ପନ୍ଦର ଦିନ ଧରି ପାଳନ କରାଯାଏ, ଯାହା ମହାଳୟା ତିଥିରେ ସମାପନ ହୋଇଥାଏ । ତା'ପରେ ପଡେ ଦେବୀପକ୍ଷ । କାର୍ତ୍ତିକ ମାସର ଅମାବାସ୍ୟା ସମୟରେ ବିଦାୟ ଦେଲାବେଳେ କୁହାଯାଏ,

"ଆହେ ବଡ଼ ବଡୁଆ, ଅନ୍ଧାରରେ ଆସି ଆଲୋକରେ ଯାଆ,

ବାଇଶି ପାହାଚେ ଗଡ଼ଗଡୁ ଥାଆ ।"

ଏହି ଦୀପାବଳି ଉତ୍ସବକୁ ଲୋକେ ସବୁ ରାଜ୍ୟର ସଂସ୍କୃତି ଓ ପରମ୍ପରାକୁ ମିଶାଇ ମହା ଆନନ୍ଦରେ ପାଳନ କରୁଛନ୍ତି । ଘରେ ଘରେ ପିଠାପଣାର ସମ୍ଭାର । ବନ୍ଧୁବାନ୍ଧବଙ୍କୁ ନେଇ ଘରେ ପାଳନ କରୁଛନ୍ତି ଦୀପାବଳି । ବାଣ ଫୁଟାଇ ପରିବେଶ ଓ ଶବ୍ଦ ପ୍ରଦୂଷଣ କରିବା ଠିକ୍ ନୁହେଁ । ଘରର ଚତୁର୍ଦ୍ଦିଗରେ ଦୀପ ଲଗାଇ, ଦୀପ ସଜାଇବାରେ ଯେଉଁ ଆନନ୍ଦ ମିଳେ; ଆତସବାଜି ଓ ବାଣଫୁଟାଇ କ୍ଷୟକ୍ଷତି କରିବା ଠିକ୍ ନୁହେଁ । ଘର ଠାରୁ ଯଥେଷ୍ଟ ଦୂରରେ ଆତସବାଜି ଓ ବାଣଫୁଟାଇବା ଉଚିତ୍ । ଛୋଟ ପିଲାମାନେ କେବଳ ଝିରିଝିରି ଲଗାଇ ଆନନ୍ଦ ଉପଭୋଗ କଲେ ଭଲ ହେବ ।

ବୁଝିଲୁ ତ ସ୍ମୃତି ;

"ହଁ ମାମୁଁ ଧନ୍ୟବାଦ । ଏହି ଗପରୁ କେତେ କଥା ଜାଣି ପାରିଲି । ଦୀପାବଳି ଦିନ ଘର ଚାରିପାଖେ ଦୀପ ଲଗାଇ ଆଲୋକର ପର୍ବକୁ ଆନନ୍ଦରେ ଉପଭୋଗ କରିବା ଉଚିତ୍ ।"

ସିନ୍ଧେକେଲା, ବଲାଙ୍ଗୀର, ଭ୍ରାମ୍ୟ ଭାଷ – ୯୯୩୭୦୩୪୭୪୨

ଇ-ମେଲ୍ : saiprasadsahu867@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦେବୀ ବିସର୍ଜନ



ନିତ୍ୟ ରଞ୍ଜନ ନନ୍ଦ

ସକାଳୁ ସକାଳୁ ପହଞ୍ଚିଥିଲି ଦେବୀଘାଟରେ । ଦୂରରୁ ଦେଖିଲି ହାତରେ ଗୋଟେ ମୋଟା ବାଡି ଧରି ବୁଢ଼ୀଟିଏ ଦେବୀଘାଟ ନଈ କୂଳରେ କିଛି କାମରେ ବ୍ୟସ୍ତ । ପାଣି କାଦୁଅରେ ପଶି କିଛି ଗୋଟାଉ ଥିଲା ।

- କଣ କରୁଥିବ ସେ ବୁଢ଼ୀ? ପାଖରେ ଥିବା ବନ୍ଧୁ ମନୋଜକୁ ପଚାରିଲି ।

- ଖୁଚୁରା ପଇସା ଗୋଟାଉଥିବ ପାଣିରୁ କିମ୍ବା ବିସର୍ଜନ ବେଳେ ଫୋପଡା ଯାଇଥିବା ପୂଜା ସାମଗ୍ରୀ ଗୋଟାଇ ଆଣି ଶୁଖାଇ ପୁଣି ବିକିବ । ଆହୁରି ଏମିତି ଅନେକ ଅଛନ୍ତି । ମୂର୍ତ୍ତିର ଚିକିଟା ମାଟିବି ସଂଗ୍ରହ କରି ରଖନ୍ତି ଆସନ୍ତା ବର୍ଷ ମୂର୍ତ୍ତି ପାଇଁ ।"

ହସିଦେଇ ପଚାରିଲି, ଆଚ୍ଛା ! ତା ମାନେ ଦେବୀ ବିସର୍ଜନ ନହୋଇ ପୁଣି ଭକ୍ତଙ୍କ ଘରକୁ ଫେରିଯାଆନ୍ତି ?

ଅନ୍ୟ କିଛି ଯୁବକ ଯୁବତୀଙ୍କୁ ବି ସେଇ କାମ କରୁଥିବାର ଦେଖି କୌତୁହଳ ସମ୍ବରଣ ନକରି ପାରି ନଇ ବନ୍ଧରୁ ତଳକୁ ଓହ୍ଲାଇ ପ୍ରଥମେ ସେଇ ବୁଢ଼ୀ ପାଖକୁ ଆସିଲି । ହାତରେ ଧରିଥିବା ଠେଙ୍ଗାରେ ନିଜର ସମସ୍ତ ଶକ୍ତି ଖର୍ଚ୍ଚ କରି ବୁଢ଼ୀ କିଛି ଜିନିଷକୁ ପାଣିକୁ ଠେଲୁଥିଲା ।

ଓଃ କି ଅଭାବନୀୟ ଦୃଶ୍ୟ !!! ଇୟେ କି ବିସର୍ଜନ ! ଦେବୀଙ୍କ ଖଣ୍ଡ ବିଖଣ୍ଡିତ ମୂର୍ତ୍ତି ସବୁ ଗଦା ହୋଇଛି ନଈ କୂଳରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଣିରେ ସମ୍ପୂର୍ଣ୍ଣରୂପେ ବିସର୍ଜନ ନକରି, ଭକ୍ତମଣ୍ଡଳୀ ଫେରିଯାଇଛନ୍ତି ଯାହିତାହି କରି ପାଣିରେ ଫୋପାଡ଼ି । ଘୁଣଖିଆ କାଠ ଭଳି ଆମ ସମାଜ ଓ ସଂସ୍କୃତି । ପୂଜା ନାଁ ରେ ଚାଲିଛି ପ୍ରହସନ ।

- ମାଉସୀ କଣ କରୁଛ ?

- ଅଧାମରା ଠାକୁରାଣୀଙ୍କୁ ପାଣିରେ ବୁଡାଉଛିରେ ବାପା । ମୂର୍ତ୍ତି ଦିହରୁ ଗହଣା, ଲୁଗାପଟା କାଢି, ଭାଙ୍ଗି ରୁଜି ପାଣିରେ ପକାଇଦେଲେ କାମ ଶେଷ । ଟଙ୍କା ଓ ମଦ ନିଶାରେ ମାତାଲ ପିଲା କଣ ଜାଣୁଛନ୍ତି କି ଅବସ୍ଥାରେ ଛାଡ଼ିକି ଯାଉଛନ୍ତି ମା'ଙ୍କୁ ? ଦେବୀ ମା'ର ବି କେଉଁ ପାଟି ଫିଟୁଛି ଯେ କହିବ କାହାକୁ ? ପାଟି ଫିଟୁ ଥିଲେବି କିଏ ଶୁଣିବ ଏଠି ? ସମୟ ସରିଲା, ତ ମୁହଁକୁ କେହି ଅନାଇବେନି । ଦିହ ସହୁନି ବୋଲି ବେପାର ଛାଡି ଚାଲି ଆସିଲି ।

ଆଶ୍ଚର୍ଯ୍ୟ ହେଲି ମୁଁ । ସତରେ କି ସ୍ତରକୁ ଖସି ଯାଇଛେ ଆମେ ! କେତେ ଜାକଜମକରେ ପୂଜା କରି ଦେବୀଙ୍କୁ ସ୍ଥାପନା କରୁଛେ । ହେଲେ ଶେଷରେ ଅମାନବୀୟତାର ସୀମା ଲଙ୍ଘୁଛେ ।

- କି ବେପାର କରୁଛ ମାଉସୀ ?

- କୁଲା, ବାଉଁଶିଆ, ପାଛିଆ ଆଦି ବାଉଁଶପାତିରେ ତିଆରି ଜିନିଷବୁଣି, ନଡ଼ିଆ ପିଛୁ ପହଁରା ଝାଡୁ, ଫୁଲ ଝାଡୁ, ତାଳ ପତର ଚଟ, ବିଞ୍ଚଣା ଆଦି ଘରକରଣା ଜିନିଷ ଓ ସଞ୍ଜ ବଳିତା ଇତ୍ୟାଦି ବଳି ବେପାର କରେ ।

ଏଇ ସମୟରେ ପାଖରେ ଯାଉଥିବା କିଛି ପିଲା ଆସି ବୁଢ଼ୀଙ୍କୁ କହିଲେ, ମାଉସୀ, ଆପଣ ଯାଆନ୍ତୁ, ଆରାମ କରିବେ । ଆମେ ସବୁ ଦେଖିନେବୁ ।

ହାତରେ ବାଡି ଧରି ବୁଢ଼ୀ ଜଣଙ୍କ ନଇ ବନ୍ଧ ଉପରକୁ ଚାଲିଯାଉଥିଲେ ।

- ତମେ ପିଲାମାନେ ଏଠି ? ପ୍ରଶ୍ନ କଲି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କ ଭିତରୁ ଜଣେ କହିଲା, ଆମେ ସବୁ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ । ନଦୀ ଜଳକୁ ପ୍ରଦୂଷଣରୁ ରକ୍ଷା କରିବାକୁ ଏଇ ଅର୍ଦ୍ଧବିସର୍ଜିତ ମୂର୍ତ୍ତି ସବୁ ସଂଗ୍ରହ କରୁଛୁ । ଦେବୀ ମାଉସୀଙ୍କୁ କିଛି ବର୍ଷ ତଳେ ଏ କାମ କରିବାର ଦେଖି ଆମେ ଠିକ କରିଥିଲୁ ଏଇ ପ୍ରୋଜେକ୍ଟ ହାତକୁ ନେବାପାଇଁ । ଦେବୀ ମାଉସୀ ହିଁ ଆମ ପ୍ରେରଣା ।

ଖୁସି ଲାଗିଲା, ଯାହାହେଉ କିଏ ତ ହେଲେ ଭାବୁଛି ପରିବେଶ କଥା ।

ପୁଣିଥରେ ଆଶ୍ଚର୍ଯ୍ୟ ହେବାର ବେଳଥିଲା ବୋଧେ । ବନ୍ଧୁ ମନୋଜ ନଈ ବନ୍ଧରେ ଠିଆ ହୋଇ ମୋତେ ଫୋନ କରି ଜଳଖିଆ ଖାଇବାକୁ ଡାକୁଥିଲା ।

ନଈ ବନ୍ଧକୁ ଉଠିଆସି ଖୋଜିଲି ଦେବୀ ମାଉସୀଙ୍କୁ । ଦେବୀଘାଟ'ର ସେଇ ବରଗଛ ମୂଳେ ଛାଇରେ ସେ ବସିଥିଲେ ।

- ମାଉସୀ, ଆପଣ କେବେଠୁ ଏଇ ଭସାଣିକୁ ଆସୁଛନ୍ତି ବେପାର ପାଇଁ ?

ନଈପଠାକୁ ଅନେଇ ଦୀର୍ଘନିଶ୍ୱାସ ଛାଡି ସେ କହିଲେ, ଯେବେଠୁ ଘରଲୋକେ ମୋତେ ବିସର୍ଜନ କରିଦେଇ ଚାଲିଯାଇଛନ୍ତି ।

ଆଶ୍ଚର୍ଯ୍ୟ ହୋଇ ଅନାଇଲି ମୁଁ ।

ମୋତେ ଏଥର ସିଧା କରି ଅନେଇଲେ ମାଉସୀ । ତାଙ୍କ କାନ ଓ ନାକକୁ ଦେଖି ଚମକି ପଡିଲି ।

- ଏଇ ଭସାଣି ଦେଖିବାକୁ ଫିବରଷ ଆସୁଥିଲୁ ଦେବୀଘାଟକୁ । ସେବର୍ଷ ବହୁତ ବେମାର ପଡ଼ିଥିଲି ଏଇ ପୂଜାବେଳେ । ବାତ୍ୟା ଆସିଥିଲା । ଭାବିଲେ ମୁଁ ଆଉ ବଞ୍ଚିବିନି । ଜରରେ ବେହୋସ ଥିଲା ବେଳେ ହସ୍ପିଟାଲରେ ଛାଡି ମୋତେ ପଳାଇଥିଲେ ।

- କିଏ ? ମୋ ପାଟିରୁ ବାହାରି ପଡ଼ିଲା ।

- ଆଉ କିଏ ହେବ ? ମୋ ନିଜ ଲୋକ । ବେମାରିଆ ବୁଢ଼ୀ କି କାମରେ ଆସିବ ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଞ୍ଚିଲେ ସେବା କରିବାକୁ ପଡିବ କିମ୍ବା ମରିଗଲେ ଦାହ ସଂସ୍କାର କରିବାକୁ ହେବ । ଉଭୟ ପାଇଁ ଖର୍ଚ୍ଚାନ୍ତ ତ ହେବାକୁ ପଡିବ । ହସ୍ପିଟାଲରେ ଲାବାରିସ ଲାସ୍‌ର ସଂସ୍କାର ସରକାର କରିବେ ବୋଲି ଛାଡ଼ିଦେଇଥିଲେ ବୋଧେ

ମାଉସୀଙ୍କ ଆଖି ଓ କଣ୍ଠ ସ୍ୱର ଓଦା ହୋଇଯାଇଥିଲା । କୋହକୁ ଚାପିବାର ଭରପୁର ପ୍ରୟାସ କରି ଚାପା ଗଳାରେ କହିଲେ, ଏଇ ଛିଣ୍ଡା କାନ, ନାକକୁ ଦେଖୁଛ ବାପା ? ଛାଡ଼ିଦେଇ ଚାଲିଯିବା ଆଗରୁ, ମୁଁ ପିନ୍ଧିଥିବା ଛୋଟ ଛୋଟ ସୁନା କାନଫୁଲ, ନାକ ଫୁଲକୁ ମୋ ଦେହରୁ ଛିଣ୍ଡାଇ ନେବାକୁ ଭୁଲି ନଥିଲେ ସେ ଅମଣିଷ ଗୁଡାକ ।

ମୁହଁ ବୁଲାଇ ଆଖି ପୋଛୁଥିଲେ ଦେବୀ ମାଉସୀ । ମୋ ମନଟା ବି ବ୍ୟସ୍ତ ଲାଗୁଥିଲା । ସତରେ ଦେବୀ ଦୁର୍ଗା ହୁଅନ୍ତୁ କି ଦେବୀ ମାଉସୀ, କେତେ ଅସହାୟ ! !

ମୋ ଛାତି ଭିତରଟା କଣ ହୋଇଯାଉଥିଲା । ଲାଉଡ୍ ସ୍ପିକରରେ ଦୂରରୁ ଭାସି ଆସୁଥିଲା ଦୁର୍ଗା ସ୍ତୋତ୍ର ଓ ବାଜା । ହୁଏତ ଆଉ କେଉଁ ଦେବୀଙ୍କ ମୂର୍ତ୍ତି ବିସର୍ଜନ ପାଇଁ ଭସାଣିରେ ଆସୁଥିଲା ।

- ଘରକୁ ଆଉ ଗଲନି ମାଉସୀ ?

- କେଉଁ ଘର ? ଅଳଙ୍କାର କଢ଼ା ଏଇ ଖଣ୍ଡ ବିଖଣ୍ଡିତ ମୂର୍ତ୍ତି ଆଉ ମୋ ଭଳି ଅଲୋଡା ମଣିଷଙ୍କ ଭିତରେ ପାର୍ଥକ୍ୟ କିଛି ନାହିଁ ବାପା । ମଣିଷ ହେଉକି ଦେବୀ ମା, ଭସାଣିରେ ବିସର୍ଜନ ପରେ କିଏ କଣ ଆଉ ଘରକୁ ଫେରିବାକୁ ସାହାସ କରେ ! ଏଇ ଦେବୀଘାଟରେ ହିଁ ରହିଯାଉ ଆମେ ।

ଡି.ଏଲ୍.ଏ-୧୨
ଭି.ଏସ.ଏସ. ନଗର
ଭୁବନେଶ୍ୱର-୭୫୧୦୧୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁଖୀଲୋ ତତେ ଆୟୁଷ ନାହିଁ



ଝରଣା ବାରିକ

କଳା ହାଣ୍ଡିଆ ବାଦଲଟା ଆକାଶଟାକୁ ସମ୍ପୂର୍ଣ୍ଣ ଭାବେ ଢାଙ୍କି ଦେଇଛି । ଦଲକାଏ ପବନ ଝରକା ଦେଇ ଘର ଭିତରକୁ ପଶି ଆସିଲା । କୋଉ ଚିନ୍ତାରେ ହଜି ଯାଇଥିଲା କେଜାଣି । ଚମକି ପଡ଼ିଲା ଗଉରୀ । ଥଣ୍ଡା ପବନରେ ତା ଦେହ ଯେମିତି ଶୀତେଇ ଉଠିଲା । ବଞ୍ଚିବାର ରାହା ଖୋଜୁ ଖୋଜୁ ସିଏ ନିଜେ କାହାର ରାହା ପାଲଟି ଯାଇଛି । ବାହାଘର ବୟସ ହୋଇଗଲାଣି ତାର । ସେ କଥା ଭାବିବାକୁ ବେଳ କାହିଁ ତା ପାଖରେ । ବାପା ମାଆଙ୍କର ସାନ ଝିଅ ସେ । କେତେ ଅଲିଅଳରେ ପିଲା ବେଳଟା କଟି ଯାଇଛି ତାର । ବଡ଼ ଭାଇ, ଭଉଣୀ ବାପାମାଆ ସମସ୍ତଙ୍କର ଭଲ ପାଇବା ମିଳୁଥିଲା ତାକୁ । ବଡ଼ ନାନୀ ବାହାଘରର କିଛି ଦିନ ପରେ ଭାଇର ବାହାଘର ହୋଇଗଲା । ନାନୀର ଜାଗା ପୂରଣ କରିଦେଲେ ଭାଉଜ । ଯୋଉ ଦିନ ସେ ନୂଆ କରି ଏ ଘରେ ପାଦ ଦେଲେ । କେତେ ଖୁସି ହୋଇଥିଲା ସିଏ ।

ହେଲେ କିଛି ଦିନ ପରେ ସବୁ ଓଲଟ ପାଲଟ ହୋଇଗଲା ।

ଲକ୍ଷ୍ମୀ ସାଜି ଘରେ ପାଦ ଦେଇଥିବା ଭାଉଜ ଦୁର୍ଗା ସାଜି ଘରଟାକୁ ଖିନଭିନ କରିଦେଲେ । ବାପାମାଆ ସହିତ ଗଉରୀକୁ ଅଲଗା କରିଦେଲେ । ପାଠଶାଠ ଦି ଅକ୍ଷର ପଢିନଥିବା ଅପାଠୁଇ ଝିଅ ଗଉରୀ କେମିତି ଦୁଇ ପଇସା ରୋଜଗାର କରିବ ସେଇ କଥା ଦିନ ରାତି ଭାବି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାବି ତାକୁ ନିଦ ହେଉ ନଥାଏ । ବାପାଙ୍କର ବୟସ ବଢିବା ସହିତ ଗୋଡ଼ ହାତ ମଧ୍ୟ ଅଚଳ ହୋଇ ଗଲାଣି । ମାଆ କଥା ନ କହିବା ଭଲ, କାନକୁ ଭଲ ଭାବରେ ଶୁଭୁ ନାହିଁ । ଭାଇଙ୍କ ବାହାଘର ପରେ ସେ ଏକ ପ୍ରକାର ମୁକ ପାଲଟି ଯାଇଛି । ଲୁହ ଢାଳିବା ସାର ଯାହା । ଗଉରୀ ହିଁ ଏକମାତ୍ର ସାହାରା ଯାହା । ଆଖିର ଲୁହକୁ ଆଖିରେ ମାରି ଅଣ୍ଟାରେ ଲୁଗା ଭିଡିଲା ଗଉରୀ । ଯା ତା ଘରେ କାମ କରିବା ପାଇଁ କେତେ ନେହୁରା ହୋଇ ଘର ଘର ବୁଲିଲା କିନ୍ତୁ କାମଟିଏ ଯୋଗାଡ଼ କରି ପାରିଲା ନାହିଁ । ଯେମିତି ହେଲେ ତାକୁ କାମ ଯୋଗାଡ଼ କରିବାକୁ ପଡ଼ିବ । ନହେଲେ ବୁଢ଼ା ବାପାମାଆଙ୍କ ପାଇଁ ଦାନା ମୁଠାଏ ଯୋଗାଡ଼ କରି ପାରିବ ନାହିଁ । ଏତେ ଶୀଘ୍ର ହାର ମାନିଗଲେ ଜୀବନରେ ବଞ୍ଚିବାଟା ଅସମ୍ଭବ ହୋଇ ପଡ଼ିବ ତା ପାଇଁ । ମାଛ ମାଂସ ଭଲ ମନ୍ଦ ସିନା ଦେଇ ପାରିବନି ପଖାଳ ମୁଠାଏ କଣ ଯୋଗାଇ ପାରିବନି ସେ । କିଛି ଦିନ ବିତିଗଲା ମାଗି ଯାଚି କଣ ଦିଟା ଆଣିଲେ ତିନି ଜଣ ବାଣ୍ଟି କି ଖାଇ ଦିଅନ୍ତି । ଓଳିଏ ଖାଇଲେ ଓଳିଏ ଉପାସ ରହିବାକୁ ପଡେ । ଭୋକର ଦାଉ ସମ୍ଭାଳିବା ଭାରି କଷ୍ଟ ।

ଘରେ ସିନା କେହି କାମ ଦେଲେ ନାହିଁ ଯଦି ମୁଁ ବାହାରେ କିଛି କାମ କରେ କଣ ମତେ ମନା କରିବେ । ଏଇ କଥା ଭାବି ସକାଳୁ ସକାଳୁ ଉଠି ସମସ୍ତଙ୍କ ଘରେ ପଚାରିଲା ତମର ଗାଇ ଅଛି ଯଦି ତମେ କହିବ ତମ ଗାଇ ସବୁ ନେଇ ମୁଁ ଜଙ୍ଗଲରେ ଚରେଇ ବୁଲେଇ ଆଣିବି । ଏଥିରେ କେହି ଅରାଜି ହେଲେ ନାହିଁ ।

ନୂଆ କାମ ପାଇ ଗଉରୀ ବି ଭାରି ଖୁସି । ତହିଁ ଆରଦିନ ସକାଳୁ ଗାଧେଇ ପାଧେଇ ଗାଇ ନେଇ ଜଙ୍ଗଲ ଆଡେ ଚାଲିଗଲା । ଫେରିଲା ବେଳକୁ ସଞ୍ଜ । ଫେରିଲା ବେଳକୁ ସମସ୍ତେ ଖୁସିରେ ଯାହା ଘରେ ଯାହା ଅଛି ତାକୁ ଦିଅନ୍ତି । କିଏ ଚୁଡ଼ା ତ କିଏ ମୁଢ଼ି କିଏ ପନିପରିବା ତ କିଏ ଚାଉଳ ଦିଅନ୍ତି ଗଉରୀକୁ ଏ ସବୁ ନେଇ ଖୁସିରେ ଘରକୁ ଫେରେ ଗଉରୀ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଫେଡ଼ିକ୍ସ

 Magazine Downloaded from www.aahwaan.com

ମାସ ଶେଷରେ ଟଙ୍କା ମଧ୍ୟ ଦିଅନ୍ତି । ବେଶ୍ ସୁରୁଖୁରୁରେ ଚଳି ଯାଆନ୍ତି ଗଉରୀ ଆଉ ତାର ବାପା ମାଆ । ଏ ସବୁ କିନ୍ତୁ ବଡ଼ ଭାଇଙ୍କ ଦେହରେ ଯାଏନି । ବଡ଼ ଭାଇ ଥାଉ ଥାଉ ମୋ ସାନ ଭଉଣୀ କେତେ କଷ୍ଟ କରୁଛି । ବାପା ମାଆ ଦୁଇ ଜଣକୁ ଆପଣେଇ ନେଇ କେତେ କଷ୍ଟ ପାଉଛି ସେ । ଭାଉଜ ଡରରେ ବି କିଛି କରି ପାରନ୍ତି ନାହିଁ । କିଛି ଦିନ ପରେ ଭାଇ ଆଖି ବୁଜିଲେ । ଭାଉଜର ଅତ୍ୟାଚାର ସହି ନପାରି ମୃତ୍ୟୁକୁ ଆପଣେଇ ନେଲେ ଭାଇ । ପୁଅକୁ ହରେଇବା ଦୁଃଖରେ ବାପା ବି ଆରପାରିକୁ ଚାଲିଗଲେ । ଦୁଃଖର ଭାର ଦିନକୁ ଦିନ ବଢିବାରେ ଲାଗିଲା । ଖରା ବର୍ଷା କାକର ଖାଇ ଗଉରୀ ଧିରେ ଧିରେ ଅସୁସ୍ଥ ହେବାରେ ଲାଗିଲା ।


ସେଦିନ କଳା ହାଣ୍ଡିଆ ମେଘଟା କୋଉଠି ଥିଲା କେଜାଣି । ହଠାତ୍ ମାଡ଼ି ଆସିଲା । ବିଜୁଳି ଘଡଘଡି ସହିତ ବର୍ଷା ପବନ ପ୍ରବଳ ଜଙ୍ଗଲଟା ସାରା ଅନ୍ଧକାରମୟ ହୋଇ ଉଠିଲା । ସବୁ ଗାଇକୁ ଏକାଠି କରି ଘରକୁ ଫେରିବାକୁ ଚେଷ୍ଟା କଲା ଗଉରୀ କିନ୍ତୁ ପାରିଲା ନାହିଁ । ଗୋଟିଏ ଗଛ ମୂଳରେ ଠିଆ ହୋଇ ରହିଲା । ବର୍ଷା କମିଲା ପରେ ଗାଇମାନଙ୍କୁ ନେଇ ଫେରିଲା ଗଉରୀ । ସମସ୍ତଙ୍କ ଘରେ ନିଜ ନିଜ ଗାଇକୁ ଜିମା ଦେବା ପରେ ନିଜ ଘରେ ପହଞ୍ଚିଲା । ସେତେବେଳକୁ ରାତି ଠିକ ସାଢ଼େ ଦଶଟା ହେବ ଗାଁ ରାସ୍ତାରେ ଟୁପୁରୁ ଟାପୁରୁ କଥା ଶୁଭିଲା । ବାହାରକୁ ଆସି ଶୁଣିଲା ବେଳକୁ ଗଉରୀ ଆଉ ନାହିଁ ବୋଲି ସମସ୍ତେ କଥା ହେଉଛନ୍ତି । ଏ କଥା ବିଶ୍ୱାସ ହେଲାନି । ତଥାପି କଥାଟା ସତ । ଏତେ ଥଣ୍ଡାରେ ରହି ଘରକୁ ଫେରିଲା ପରେ ତାକୁ ସନ୍ନିପାତ ହେଇଗଲା । ବୁଢ଼ୀ ମାଆଟା କଣ ବା କରିଥାନ୍ତା ପାଖରେ ବସି ନିଆଁ ଜାଳି ମଲା ଦେହଟାକୁ ସେକୁ ଥାଏ । ବାହୁନି ବାହୁନି କାନ୍ଦୁଥାଏ ମୋ ଗଉରୀର କିଛି ହେଇନି । ଏଇନେ ଉଠିବ । ସକାଳୁ କିଛି ଖାଇନି ଉଠିଲେ ଆମେ ସାଙ୍ଗ ହୋଇ ଖାଇବୁ ।

ସମଲ, ତାଳଚେର, ଅନୁଗୋଳ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନିର୍ବାସିତ



ସୁନିତା ବେହେରା

ଖରା ଛୁଟିରେ ସହରରେ ରହୁଥିବା ପିଲା ଅଳ୍ପ ବହୁତ ଗାଁକୁ ଯାଉଥିବେ । ମୁଁ ବି ଯାଏ ।

କେଉଁ ବର୍ଷ କେବେ କେମିତି !

କିନ୍ତୁ ପ୍ରତି ବର୍ଷ ଯିବାଟା ମୋ ଭାଗ୍ୟରେ ଜୁଟୁ ନଥିଲା । କେବେ ବାବା ରାଜି ହେଉ ନଥିଲେ ତ, ଆଉ କେବେ ସମର କୋର୍ସ ପାଇଁ ଅଟକି ଯିବାକୁ ପଡୁଥିଲା ।

ସହରର ଧରାବନ୍ଧା ଜୀବନଠାରୁ ଗାଁର ଖୋଲା ଖୋଲା ପରିବେଶ ଖୁବ ଆପଣାର ଲାଗେ । ନିଜର କରିପାରିବାର ଏକ ଅଦ୍ଭୁତ କଳା ଅଛି ଗାଁର । ସେଥିରେ ପୁଣି ଆପଣାର କରିପାରେ ଦ୍ୱିପ୍ରହର ଖରା ବେଳ, ଶୂନଶାନ ରାସ୍ତା, ବୁଢ଼ା ବରଗଛ ଓହଳ, ନଦୀ ପଠା, ବାଉଁଶ ବଣ, ଆମ୍ବ ତୋଟା ଆହୁରି କେତେ କ'ଣ !

କି କିମିଆ କରେ କେଜାଣି କିଛି ଦିନ ଆଉଟିକେ ତା କୋଳରେ ବିତେଇବାକୁ କିନ୍ତୁ ଭାରି ଇଚ୍ଛା ହୁଏ ।

ମୁଣ୍ଡିଆ ପାହାଡ଼କୁ ଦେଖି ମନ ଯେତିକି ଲୋଭାଏ, ସେତିକି ଭୟ ବି ଲାଗେ ଗାଁ ମଶାଣି, ଜୁଳୁଜୁଳିଆ ପୋକ, ସନ୍ଧ୍ୟାରେ ବିଲୁଆର ଡାକ, ଝିଙ୍କାରୀର ଝିଙ୍ଗ ଝିଙ୍ଗ ଶବ୍ଦ । ସେଥିରେ ପୁଣି ମଝି ରାତିରେ ଯେବେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୋଉଠି ପେଚାଟେ ବୋବେଇ ଦିଏ ।

ଗାଁରେ ରହୁଥିବା ପିଲାମାନଙ୍କୁ ସତରେ କେତେ କ'ଣ ଜଣାଥାଏ ! ଯେମିତି କି ପାହାଡ଼ ଚଢ଼ା, ନଦୀ ନାଳ ପହଁରା, ଟେକା ମାରି ଆମ୍ବ, ପିଜୁଳି ଝଡ଼େଇବା, ବାଉଁଶ ପାତିରେ ଧନୁ ତୀର , କିଆ ପତ୍ରରେ ପେଇଁକାଳୀ ! ଓଃ କି ମଜା ସତେ ସବୁ !

ସେଠି ବୋଉର ଅଯଥା ଆକଟ ନଥାଏ, କି ନାଲି ଆଖି ଦେଖେଇ ପାରେନା ବରଂ ସେ ତ ଆଗ ଅପେକ୍ଷା ଆହୁରି ବେଶୀ ଗପୁଡି ହେଇଯାଏ, ଆଉ ମୁଁ ତାର ସୁଯୋଗ ନିଏ ବୁଲିବାକୁ ।

ଗାଁରେ ମିଳେ ବଇଁଚ କୋଳି, ନଡ଼ିଆ ମଲେଇ, ଛୋଟ ଖଜୁରୀ, ତାଳ ସଜ ଆହୁରି କେତେ କ'ଣ ! ସବୁ ସୁଆଦିଆ ଦରବ !

ଯୋଉଟା ସହରରେ ଦେଖିବା ମୋ ପାଇଁ ସ୍ୱପ୍ନ ହୋଇପଡେ !

କିନ୍ତୁ ସ୍ୱଳ୍ପ ଯିବା ଆସିବା ଥିଲେ ବି ଗାଁ ସହ ମୋର ଅନେକ ସ୍ମୃତି ଯୋଡ଼ି ହେଇ ରହିଛି । କିଛି କିଛି ସମୟର ଢେଉରେ ଧୋଇ ହୋଇ ଗଲେଣି ତ ଆଉ କିଛି ମନର ବେଳାଭୂମିରେ ପଡି ନିଜ ନାଁ ଲେଖୁଛନ୍ତି ।

ସେ ନାଁ ଭିତରୁ କିନ୍ତୁ ଗୋଟେ ନାଁ ଏକଦମ ସ୍ପଷ୍ଟ ଦିଶୁଛି ଏବେବି ।

ବୋଧେ ତାର ଅସ୍ତିତ୍ୱ ଖୋଜୁଛି, ଆଉ ମୁଁ ଯେମିତି ଅନେକ ବର୍ଷ ତଳୁ ନାଚାରଙ୍କ ଭଳି ତାକୁ ଅନେଇ ରହିଛି !

X X X X

ସେ ବର୍ଷ ମୋର ସପ୍ତମ ବାର୍ଷିକ ପରୀକ୍ଷା ସରିଥାଏ । ପରିବାରର ସମସ୍ତେ ଗାଁକୁ ଯିବା କଥା ସ୍ଥିର ହେଲା । ସେ ଦିନ ୨୧୦ କିଲୋମିଟର ଯାତ୍ରା କରି ସମସ୍ତେ ହାଲିଆ । ଦ୍ୱିପ୍ରହର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଖାଇବା ସରିଲା ପରେ ନିଦ ଆସିବାଟା ତ ସ୍ୱାଭାବିକ ଥିଲା । ମନ ତ ଛଟପଟ ହେଉଥିଲା ସମସ୍ତଙ୍କ ସହ ଦେଖା କରିବାକୁ କିନ୍ତୁ ଶରୀର ସହଯୋଗ କରୁନଥିଲା । ତେଣୁ ଶୋଇ ପଡ଼ିବାକୁ ବାଧ୍ୟ ହେଲି ।

ସେ ଦିନ ସନ୍ଧ୍ୟାରେ ବସିଲା ଆମ ସନ୍ଧ୍ୟାର ଆସର । ବୟସରେ ସାନ ବଡ଼ ହେଲେ ବି ଗାଁରେ ସବୁ ସାଙ୍ଗ । ସାଙ୍ଗମାନେ ସବୁ ମତେ ଘେରି କରି ବସିଥାନ୍ତି । ମନ ଭରି ଖୋଲା ହସ, ଭାବ ଦିଆନିଆ, ଭୂତ ଡାହାଣୀ, ରାଜାରାଣୀ ଗପ ସହ ମଝିରେ ମଝିରେ ହିରୋ ହିରୋଇନଙ୍କ କଥା ଆଉ ଫିଲ୍ମ ଗୀତ ବି ଚାଲିଥାଏ ।

ଏ ସମସ୍ତଙ୍କ ଭିତରେ ଥାଇ ମଧ୍ୟ ମୁଁ କାହାକୁ ଯେମିତି ଖୋଜୁଥାଏ । କଥାବାର୍ତ୍ତା ମଝିରେ ତା ଘର ଆଡେ ଅଳ୍ପ ଅଳ୍ପ ଚାହୁଁଥାଏ, କାଳେ କୋଉଠି ଲୁଚି ଛପି ଆମ କଥା ଶୁଣୁଥିବ ଆଉ ତା ନୂଆ ମାଆ ଭୟରେ ଆମ ପାଖକୁ ଆସୁନଥିବ ।

ନା.....

ସେଦିନ ସନ୍ଧ୍ୟାରେ ଆଉ ତା ସହ ଦେଖା ହେଇପାରିଲାନି ।

ତା ଭିତରେ ଦୁଇ ତିନି ଦିନ ବିତି ସାରିଥାଏ । ମୁଁ ଭାବିନେଲି ସେ ବୋଧେ ତା ମାମୁଁ ଘରକୁ ଚାଲିଯାଇଥିବ ।

ଦିନେ ସନ୍ଧ୍ୟାରେ ଅଳ୍ପ ଅଳ୍ପ ବର୍ଷା ହେଉଥିଲା । କେହି ଜଣେ କାହ୍ନୁକୁ ଆଉଜି ତାଙ୍କ ଦୁଆର ପାଖରେ ଠିଆ ହୋଇଥିବାର ଦେଖିଲି । ଅଳ୍ପ ଆଲୁଅରେ ଦେଖି ପାରିଥିଲି ସେ ଆଉ କିଏ ନୁହେଁ - "କୋଇଲି "

"ହଁ"........ ଭିଡ଼ ଭିତରେ ଥାଇ ବି ଯାହାକୁ ମୋ ମନ ଗତ ଦୁଇ ତିନି ଦିନ ହେଲା ଖୋଜି ହେଉଥିଲା ଇଯେ ସେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖିବାକୁ କୋଉ ସ୍ୱର୍ଗର ଅପ୍ସରୀ ପରି ବିଲକୁଲ ନୁହେଁ । ମୁଣ୍ଡରେ ଗୋଛାଏ ବାଳ, ଦେହର ରଙ୍ଗ ଗୋରା, ଆଖି ଦୁଇଟି କୋରଡାଗତ, କ୍ଷୀଣ ଶରୀର ବିଶିଷ୍ଟ ଥିଲେ ବି ନୂଆ ନୂଆ କିଶୋରୀ ବୟସରେ ପାଦ ଦେଇଥିବା ପାଖାପାଖି ପନ୍ଦର କି ଷୋହଳ ବର୍ଷର ଝିଅଟିଏ ଥିଲା କୋଇଲି ।

ପିଲା ବେଳୁ ତାର ମାଆ ମରିଯାଇଥିଲା ବାପା ଦ୍ୱିତୀୟ ବିବାହ କରି ନୂଆ ମାଆ ଘରକୁ ଆଣିଥିଲେ । ମାଆ ମଲା ପରେ ଘରର ସବୁ ଦାୟିତ୍ୱ ଯେମିତି କୋଇଲି ମୁଣ୍ଡରେ । ଆଉ ଏଥିରେ ପାଠ କ'ଣ ପଢିଥିବ ସେ !

ମୋର ତା ସହ ବନ୍ଧୁତା ହେବାର କାରଣ ତା ବାଡ଼ିର ଆମ୍ବ ଥିଲା । ବାହାରକୁ କଞ୍ଚା ଦେଖା ଯାଉଥିଲେ ବି ଭିତର ଭାରି ମିଠା ଆଉ ସୁଆଦିଆ । ତା ସହ ତାଙ୍କ ଆମ୍ବ ଗଛରେ ବସୁଥିବା କୋଇଲି ସହ ମୁଁ ବି ବେଳେବେଳେ ଗାଇ ଦେଉଥିଲି କୁ... ହୂ କୁ..... ହୂ ।

ଧୀରେ ଧୀରେ ମୁଁ ଗଲି ତା ପାଖକୁ ! ପଚାରିଲି, "ମୁଁ ଏତେ ଦିନ ହେଲା ଆସିଲିଣି କାହିଁକି ତୁ ମତେ ଦେଖା କରିନଥିଲୁ ? ମାମୁଁ ଘରକୁ ଯାଇଥିଲୁ ନା କ'ଣ ?"

ଅଳ୍ପ ଆଲୁଅରେ ମୁଁ ଦେଖି ପାରିଥିଲି, ତା ମୁହଁ ଆଗ ଅପେକ୍ଷା ଆହୁରି ଶୁଖିଲା ଦେଖା ଯାଉଥିଲା । ସତେକି ଏଇ ସାଙ୍ଗେ ସାଙ୍ଗେ ସେ କୌଣସି ବଡ଼ ବ୍ୟାଧିରୁ ଉଠିଛି !

ତାକୁ ଚାହିଁ ପଚାରିଲି, "ଏମିତି କଣ ଦେଖାଯାଉଛୁ, ତୋର ଗାଲ ଆଉ ହାତରେ ମାଡ଼ର ଚିହ୍ନ, କହ କିଏ ବାଡେଇଛି ତତେ ?"

ତାର ଉତ୍ତରକୁ ଅପେକ୍ଷା ନ କରି ପୁଣି କହି ପକେଇଲି, "ତୋ ନୂଆ ମାଆ ଏତେ ବାଡ଼ଉଛି ତତେ ?"

ମୋର କଥା ଶୁଣି ଚମକି ପଡିଥିଲା ସେ, କିଛି ଗୋଟେ ଗହୀର୍ତ୍ତ ପ୍ରଶ୍ନ ପଚାରି ଦେଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରି ?

ମୁଁ ଏତେ କଥା ପଚାରିଲା ପରେ ବି କୋଇଲି ଚୁପ ଥିଲା । ଖାଲି ଡବଡବ କରି ଚାହିଁଲା କିଛି କ୍ଷଣ !

ସେତେବେଳେକୁ ବର୍ଷାର ବେଗ ଟିକେ ବଢିଯାଇଥାଏ ! ଟିକେ ଟିକେ ବର୍ଷାଛିଟା ଦେହରେ ବାଜୁଥିଲା । ମୁଁ ଦେଖୁଥାଏ, ବର୍ଷା ପାଣିରେ ଭାସି ଯାଉଥିବା ବତୁରା କାଗଜ ଡ଼ଙ୍ଗାକୁ ସେ ଏକ ଲୟରେ ଚାହିଁ ରହି କଣ ବୋଧେ ଭାବୁଥାଏ !

ବୋଧେ ହୁଏ ସେ ମୋ ପ୍ରଶ୍ନର ଉତ୍ତର ଖୋଜୁଥିଲା ।

ଏପଟେ କୋଇଲିର ଦେହ ଓ ମୁହଁରେ ମାଡ଼ର ଚି଼ହ୍ନ ଦେଖି ମୋର ଅସ୍ଥିରତା ବଢ଼ି ଚାଲିଥାଏ ।

ତା ହାତକୁ ହଲେଇ ଦେଇ ପଚାରିଲି କ'ଣ ହେଲା, କ'ଣ ଭାବୁଛୁ ତୁ ? କହୁନୁ କିଏ ମାରିଛି ତତେ ? କିଛି କହିପାରୁ ନଥାଏ ସତ, କିନ୍ତୁ ତାର ଘନଘନ ଦୀର୍ଘଶ୍ୱାସରୁ ମୁଁ ଜାଣିପାରୁଥିଲି ତା କଷ୍ଟର ମାତ୍ର କେତେ ଅଧିକ ହୋଇଥିବ ।

ମୁଁ ଦେଖୁଥିଲି, ଗୋଟେ ନିରୀହ ଝିଅର ଦେହ ଓ ମନରେ କେତେ ଅତ୍ୟାଚାରର ସ୍ୱାକ୍ଷର ।

ମୁଁ ଆଉ ଚୁପ ରହିପାରିଲିନି, ଭରସା ଦେଇ କହିଲି, "କହ କୋଇଲି କ'ଣ ହେଇଛି ତୋର ?"

ତୁ ଚୁପ ରହିଲେ, "ମୁଁ କେମିତି ଜାଣିବି ?"

କୋହକୁ ଚାପି ରଖି ଥରିଲା କଣ୍ଠରେ କହିଥିଲା, "ନାଇଁ ଲୋ ମୋର କିଛି ହେଇନି, ମୋତେ କିଏ କାହିଁକି ମାରିବ । ସବୁ ଦୋଷ ମୋର ! ଆଜି ଯାହାବି ଭୋଗୁଛି ସବୁ ମୋର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଗ୍ୟର ଫଳ ! ମୁଁ ପୋଡା କପାଳିନୀ ଟା ଲୋ, ଭାରି ହୀନିମାନିଟା ?"

ମୁଁ ମନେମନେ ତା ନୂଆ ମାଆକୁ ଗାଳି ଦେଉଥାଏ, କୋଇଲିକୁ ଏତେ କଷ୍ଟ ଦେଉଥିବାରୁ ।

କ'ଣ ବା ଦୋଷ ଏଇ ଝିଅଟିର, କେତେ ବା ବୟସ ? ଦୁନିଆ ସାରା ଦୁଃଖ ଯେମିତି ବେତାଳ ପରି ଓହଳି ରହିଛି ତା ପିଠିରେ । ବଞ୍ଚିବା ମାରିବା ତ ଇଶ୍ୱରଙ୍କ ହାତରେ, ତେବେ ଏଥିରେ କୋଇଲିର କି ଦୋଷ ଯଦି ତା ମାଆ ମରିଗଲା ?

ତା କଥା ଶୁଣି ମୁଁ କେତେ ବେଳେ କାନ୍ଦି ପକେଇ ଥିଲି, କିନ୍ତୁ ଅତି ସନ୍ତର୍ପଣ ସେ ଲୁହକୁ ପୋଛି ଦେଇଥିଲି କୋଇଲି ଦେଖିବା ଆଗରୁ ।

ପୁଣି... ସେ କଥା ଆରମ୍ଭ କରିଥିଲା, ଛୁଆଟି ବେଳୁ ମାଆକୁ ଖାଇଲି ବାପା ନୂଆ ମାଆ ଆଣିଲାନି ଯେ ଘର ପାଇଁ ସାଆନ୍ତାଣି ଟେ ଆଣିଲା ।

ଅନେକ ସମୟ ଧରି ଚାପି ରଖିଥିବା କୋହକୁ ଆଉ ସମ୍ଭାଳି ପାରି ନଥିଲା କୋଇଲି, କଇଁ କଇଁ ହେଇ କାନ୍ଦି ପକେଇଥିଲା ସେ ।

ତାକୁ ସାନ୍ତ୍ୱନା ଦେବାକୁ ଯାଇ ମୋର କଣ୍ଠ ବାଷ୍ପରୁଦ୍ଧ ହେଉଥାଏ । ତେବେ କ'ଣ କହି ତାକୁ ସାନ୍ତ୍ୱନା ଦେବି ? କହିବି କି ଚିନ୍ତା କରନା କୋଇଲି, ତୋର ସବୁ ଦୁଃଖ ଜଗନ୍ନାଥ ଦେଖୁଛନ୍ତି, ସେ ସବୁ ଠିକ କରିଦେବେ ! କିନ୍ତୁ ନା ଭରସା ଦେଇପାରିନଥିଲି ତାକୁ ।

ସେ ପରିସ୍ଥିତିରେ ବୋଧେ ମୁଁ ବି କୋଉଠି ସନ୍ଧିହାନ ଥିଲି, ସତରେ କ'ଣ ଜଗନ୍ନାଥ ସବୁ ଦେଖି ପାରନ୍ତି, ସବୁ ଜାଣନ୍ତି, ଆଉ ଯଦି ଦେଖୁଛନ୍ତି, ତେବେ ଏତେ ଦୁଃଖ ଏତେ କଷ୍ଟ କ'ଣ ପାଇଁ ବିଚାରୀଟା ଉପରେ !

ବରଂ ମୋ ସାନ୍ତ୍ୱନାଠାରୁ ମୋ ଚୁପ ରହିବା ବେଶୀ ଶ୍ରେୟସ୍କର ଥିଲା ସେ ସମୟରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେବି କଣ ମୋ ବିଦ୍ରୋହୀ ମନଭାବ କଟୁଥିଲା, ରାଗ ତା ନୂଆ ମାଆ ଉପରେ କମ୍, ବେଶୀ ଭଗବାନଙ୍କ ଉପରେ ଆସୁଥିଲା ।

ଇଚ୍ଛା ହେଉଥିଲା ଦେଖାହେଲେ ପଚାରନ୍ତି ଈଶ୍ୱରଙ୍କୁ, "କ'ଣ ମିଳୁଛି ତୁମକୁ, କୋଇଲି କି କଷ୍ଟ ଦେଇ ?"

ବୋଉ କହୁଥିଲା, "ତୁମେ କୁଆଡେ କିଛି ନ କହିଲେ ବି ମନ କଥା ଜାଣିପାର, ତେବେ କୁହ କଳା ଠାକୁର କୋଇଲିର ମନ କଥା କ'ଣ ଜାଣିପାରୁନ ?

ମୁଁ ତାକୁ କହିଥିଲି ତୁ କିଛି କହୁନୁ କାହିଁକି ତୋ ନୂଆ ମାଆକୁ ! ସବୁ କଣ ପାଇଁ ସହିବୁ, ତୋର ବି କହିବାକୁ ଅଧିକାର ଅଛି ! ତୁ ବି ତ ମଣିଷ ନା !

ମୋ ଆଖି ଆଗରେ ତା ମୁହଁର ରେଖା ଗୁଡା ସବୁ ସ୍ପଷ୍ଟ ହେଉଥାଏ, ସେ ଚେହେରାର ପ୍ରତ୍ୟେକଟି ରେଖାରେ ଯେମିତି ଘୃଣା ଭାବ ପୁରି ଉଠୁଥିଲା ।

ତୁ ଜାଣିନୁ ଲୋ, "ଆମ ଝିଅ ମାନଙ୍କୁ କିଛି କହିବାକୁ ଅଧିକାର ଦିଆ ଯାଇନଥାଏ । ଭାତ ଡାଲି ପରି ମାଡ ଗାଳି ବି ଆମର ଖାଦ୍ୟ ହେଇଯାଏ । ଜୀବନଯାକ ଖାଲି ଲୁହ ଗଡେଇବା ଛଡା ଆଉ କିଛି ନଥାଏ । ସମସ୍ତଙ୍କ ଭୂଲର ପ୍ରତିଶୋଧ ଆମ ପିଠି ସୁଝାଏ । ମୃତ୍ୟୁ ଠାରୁ ବଳି ମତେ ଜୀବନ ଡରାଏ ।"

ମୁଁ ଅବାକ ହେଇ ଶୁଣୁଥିଲି ତା କଥା । ବିଲକୁଲ୍ ସ୍କୁଲ ମାଟି ମାଡି ନଥିବା ଝିଅଟା ତା ଜୀବନ ଦର୍ଶନର କଥା ବଖାଣି ଚାଲିଛି ।

ସେ ଅସ୍ପଷ୍ଟ ସ୍ୱରରେ କହିଲା, ତୁ ଆର ବର୍ଷ ଗାଁକୁ ଆସିଲେ ମୋତେ ଆଉ ଦେଖି ପାରିବୁନି ? ମୁଁ ଗାଁ ଛାଡି ଖୁବ ଦୂରକୁ ଚାଲିଯାଇ ଥିବି ?

ତୁ ଗାଁ ଛାଡି କୁଆଡେ ଯିବୁ ଆଉ କୋଉଠି କି କାହା ସହ ଯିବୁ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା କଥା ଶୁଣି ମୋର ଆଶ୍ଚର୍ଯ୍ୟର ସୀମା ନଥାଏ !

ପୁଣି ପଚାରିଲି ତୁ କ'ଣ କହୁଛୁ ତୁ ନିଜେ ଜାଣିଛୁ ତ ?

କ'ଣ ସବୁ ଗପୁଛୁ ଇୟାଡୁ ସିଆଡୁ ! ତୁ କୁଆଡେ ଯିବୁ କହୁଛୁ, ଏଇ ସବୁ କଥା ତୋ ନୂଆ ମାଆ ଜାଣିଛି ? "

'ହଁ' ଜାଣିଛନ୍ତି ସମସ୍ତେ !

ମୋର ଏବେବି ଠିକ ମନେ ଅଛି ସେ କହିଥିବା ହଁ ପଦ ଟିକକ । ବଡ ବେଦନାଶକ୍ତ ଥିଲା, ମୃତ୍ୟୁ ମୁଖରେ ପଡ଼ିଥିବା ଗର୍ଭବତୀ ହରିଣୀର ଶେଷ ଆର୍ତ୍ତନାଦ ପରି ।

କ'ଣ ବା ତାକୁ କହି ପାରିଥାନ୍ତି, କେମିତି ବା ବୁଝେଇ ପାରିଥାନ୍ତି ମୋ ପିଲା ମନରେ । ମୋର ବୟସ ସେତେବେଳେ କେତେ ଆଉ କେତେ ଟିକେ ଜାଣିଥିଲି ଦୁନିଆକୁ । ଯୋଉଠି ମୋ ପରିବାର ଓ ମୋ ଘରର ଚାରି କାନ୍ଥ ହିଁ ଥିଲା ମୋ ଦୁନିଆ, ମୋର ସର୍ବଶ୍ରେଷ୍ଠ ଠିକଣା । ତା ବଦଳରେ ଆଉ ଗୋଟେ ଦୁନିଆ ଅଛି, ସେଠି ପୁଣି ଏତେ ଦୁଃଖ ଏତେ ଯନ୍ତ୍ରଣା ଭରି ରହିଛି ! ମୋ ଭଳି ଦେଖାଯାଉ ଥିବା ଝିଅ ଗୁଡା ଏତେ ଦୁଃଖ ପାଆନ୍ତି !

ୟା ଭିତରେ ଅଳ୍ପ ସମୟ ବିତିଗଲା । ଦଲକାଏ ଥଣ୍ଡା ପବନ ସହ ବିଜୁଳିଟା ମାରି ଚେତେଇ ଦେଉଥାଏ ବୋଧେ କୋଇଲିକୁ ତା ଜୀବନର ଆଉ ଏକ ଅନ୍ଧକାରମୟ ଭବିଷ୍ୟତ ବିଷୟରେ !

କିଛି ନ କହି ଚୁପଚାପ ଚାଲି ଯାଇଥିଲା । ତା ଚାଲିଯିବାରେ ସେଦିନ କୌଣସି ଚପଳତା ନଥିଲା । ପୂର୍ବ ପରି ସେ ମତେ କହିଲାନି ବି, ତୁ ଘରକୁ ଯା ବୋଲି ? ସେଇ ଯେ ମୋର ତା ସହ ଶେଷ ଦେଖା ଥିଲା ଏକଥା ଜାଣିବାକୁ ସେ ଟିକେ ସୁଯୋଗ ବି ଦେଲାନି !

ମୁଁ ତାକୁ ପଛରୁ ଡାକିବାକୁ ଚାହୁଁଥିଲି, କିନ୍ତୁ ଡାକି ପାରିନଥିଲି, ଏକ ଅବ୍ୟକ୍ତ ଯନ୍ତ୍ରଣାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୃଦୟଟା ଛଟପଟ ହେଲାପରି ଲାଗୁଥାଏ, କଣ୍ଠ ବାଷ୍ପରୁଦ୍ଧ ହେଉଥାଏ ! ମୋ ଅଜାଣତରେ କେତେବେଳେ ଲୁହ ଗୁଡା ବି ବୋହିବାକୁ ଆରମ୍ଭ କରିଦେଇଥିଲେ ! ମୋ ଆଖି ସାମ୍ନାରେ କୋଇଲି ବି ଅସ୍ପଷ୍ଟ ଛାୟା ମୂର୍ତ୍ତି ପରି ଉଭେଇ ଗଲା ।

ଫେରିଆସିଲି ମୁଁ ଘରକୁ ଗୋଟେ ଅନିଶ୍ଚିତ ସକାଳ ଅପେକ୍ଷାରେ । ରାତିରେ ଅନେକ ଡେରି ହେଇଥିଲା ନିଦ ହେବାକୁ ! ମୋର ସମଗ୍ର କାୟା ସତେ ଯେପରି କୋଇଲି ହିଁ ଥିଲା !

ହୃଦୟରେ କେଉଁଠି ଗୋଟେ ଆଘାତ ଲାଗିଥିଲା । ଏଇ ଆଘାତର ପ୍ରକୃତ ଅର୍ଥ ମୁଁ ସେତେବେଳେ ବୁଝି ନ ଥିଲି । କିନ୍ତୁ ବର୍ତ୍ତମାନ ତାହା ଦିବାଲୋକ ପରି ସ୍ୱଷ୍ଟ । ମୋ ଅନ୍ତରାତ୍ମାର ଗୋଟିଏ କଥାରେ ମୁଁ ଏବେବି କ୍ଷତାକ୍ତ, "ତୁ କିଛି କରିପାରିଲୁନି ତା ପାଇଁ !

ରାତିରେ ବର୍ଷା ଯୋଗୁଁ ସୂର୍ଯ୍ୟ ଯେମିତି ଡେରିରେ ଉଇଁଥିଲେ । ଡେରିରେ ଉଇଁଥିଲେ ନା ସତ୍ୟଠାରୁ ମୁହଁ ଲୁଚେଇବାକୁ ବ୍ୟର୍ଥ ପ୍ରୟାସ ବୋଧେ କରିଥିଲେ କି କ'ଣ ?

ରାତିର ସବୁ ଘଟଣାଠାରୁ ସକାଳର ଖବରଟା ଆହୁରି ଆଶ୍ଚର୍ଯ୍ୟ ଥିଲା, ଯେପରି ମୋ ପାଇଁ ।

ପୂର୍ବ ରାତିର ଘଟଣା ବିଷୟରେ ମୁଁ କାହାକୁ କିଛି କହିବା ଆଗରୁ ବୋଉଠାରୁ ଶୁଣିବାକୁ ପାଇଲି, କୋଇଲିକୁ ତା ନୂଆ ମାଆ ମାରୁଥିବାରୁ ସକାଳୁ ସକାଳୁ ତା ବାପା ତାକୁ ନେଇ ମାମୁଁ ଘରେ ଛାଡି ଦେଇଛି ।

କଥାଟି ସତ କି ମିଛ ଜାଣିବାର ଅଭିପ୍ରାୟ ନଥିଲା, ବୋଧେ ମୁଁ ବି ଭାବୁଥିଲି ସେମିତି ହିଁ କିଛି ହେଇଥାଉ । ବିଚାରୀ ଅନ୍ତତଃ ଦୁରେଇ ରହିବ ତ ଟିକେ ଖୁସିରେ ରହିବ ।

X X X X

ତା ପରେ ମୁଁ ଅନେକଥର ଗାଁକୁ ଯାଇଛି । କିନ୍ତୁ କେବେ କୋଇଲି କି ଦେଖିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇନି !

କିନ୍ତୁ ପ୍ରକୃତ ସତ୍ୟ ଆଉ କିଛି ଥିଲା ସେ ରାତିର ! ଯାହା ମୁଁ କୋଇଲି ଯିବାର ଅନେକ ବର୍ଷ ପରେ ଜାଣିବାକୁ ପାଇଥିଲି ।

କୋଇଲିକୁ କୋଉ ମାମୁଁ ଘରକୁ ନୁହେଁ ବରଂ ସବୁଦିନ ପାଇଁ ନିର୍ବାସିତ ଦଣ୍ଡରେ ଦଣ୍ଡିତ କରାଯାଇଥିଲା । ନିର୍ବାସିତ ହେବାର କାରଣ ଥିଲା, ଚାରିମାସ ଆଗରୁ କୋଇଲି ବଳାତ୍କାରର ଶିକାର ହୋଇଥିଲା, କେଉଁ ଗୋଟେ ଧନୀଘର ପୁଅ ଦ୍ୱାରା ।

୨୫ ହଜାର ଟଙ୍କା ବଦଳରେ ତା ନୂଆ ମାଆ ତାକୁ କୌଣସି ଏକ ବିହାରୀ ଦଲାଲ ହାତରେ ବିକ୍ରି କରିଦେଇଥିଲା ସେ ଅନ୍ଧାର ରାତିରେ । ଏଥିରେ ତା ବାପାର ବି ସମ୍ମତି ଥିଲା ।

ବୋଧେ ସେ ନିଜେ ବି ଜାଣିଥିଲା ତାର ବିକ୍ରି ବିଷୟରେ । ସେ ଘନ ଅନ୍ଧକାର ଭିତରେ ଯେମିତି କୋଇଲି କୋଉ ଅନ୍ଧାରରେ ମିଳେଇ ଗଲା । ଅଭିମାନ କରି ଚାଲିଗଲା କି ନ ଫେରିବାକୁ ପ୍ରତିଶ୍ରୁତି ଦେଇ !

ଏବେ କୋଇଲି କୋଉଠି ଅଛି, ଭଲ ଅଛି କି ଦୁଃଖରେ ଅଛି, ସେ ବିଷୟରେ ଜାଣିବାର ଇଚ୍ଛା ବୋଧେ କାହାର ନାହିଁ । ବଞ୍ଚିଛି କି ମରିଛି ସେ ଖୋଜ ଖବର ବା କିଏ ରଖୁଛି !

ସୁନିତା ବେହେରା
୯୮୬୧୯୬୧୫୭୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଘାଣ୍ଟ ତରକାରୀ



ଜନ୍ମଜୟ ନାୟକ

(୧)

ଆମ କଲୋନୀର ସବୁଠାରୁ ପ୍ରିୟ ନାମ ଶାନ୍ତି ମାଉସୀ । ପିଲା ଠୁଁ ବୁଢା ସବୁରି ମୁହଁରେ ତାରି ପ୍ରଶଂସା । ପାକୁଆ ପାଟିରେ ଲହଡି ଭାଙ୍ଗୁଥାଏ ଖିଲିଖିଲି ହସ । ସେନେହ ସିକୁଳିରେ ସମସ୍ତଙ୍କ ମନକୁ ବାନ୍ଧି ରଖିଥାଏ ସେ । ମହମହ ବାସନା ଛୁଟି ଆସୁଥିଲା ଶାନ୍ତି ମାଉସୀ ଘରୁ । ସେ ବାସନାରୁ କେଉଁ ଗୋଟିଏ ଆପଣାପଣର ଅନୁଭବ ଭାସିଆସୁଥିଲା । ସହରୀ ସଭ୍ୟତାର ଚାକଚକ୍ୟ ଭିତରେ ସେ ବାସନା ପୂର୍ଣ୍ଣଚ୍ଛେଦ ଟାଣି ଗାଁ କଥା ମନେପକାଇ ଦେଉଥିଲା । ଖବରକାଗଜ ପଢିବାରେ ନିଜକୁ ବ୍ୟସ୍ତ ରଖିବାକୁ ଯେତେ ଚେଷ୍ଟାକଲେ ବି କେଉଁ ଅଜଣାକୋହରେ ଅଣନିଃଶ୍ୱାସୀ ହୋଇଉଠୁଥିଲି ମୁଁ । ମୋ ଭାବନାର ପରିଧିକୁ ବଳପୂର୍ବକ ଅକ୍ତିଆର କରିଚାଲିଥାନ୍ତି ଅତୀତର ସ୍ମୃତିସବୁ । ସହରରେ ରହିବା ଇତିମଧ୍ୟରେ ୨୦ବର୍ଷ ହେଇଗଲାଣି । ମାଆ ଚାଲିଯିବା ପରେ ଆଉ କେବେ ଗାଁକୁ ଫେରିନି ମୁଁ । ହଠାତ୍ ଉଠିପଡି କପବୋର୍ଡ ଖୋଲି ପୁରୁଣା ଡାଏରୀଟାକୁ ଖୋଲି ମାଆର ସେ କଳାଧଳା ଫଟୋଟିକୁ ଜାବୁଡି ଧରିଲି । ଆଖିଆଗରେ ନାଚି ଉଠୁଥିଲା ସବୁକଥା । ମାଆର ହାତତିଆରି ଘାଣ୍ଟତରକାରୀର ବାସନା ସତେ ଯେମିତି ମୋର ଚତୁଃପାର୍ଶ୍ୱରେ ଭାସି ବୁଲୁଥିଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କ୍ଷଣଭଙ୍ଗୁର ମୁହୂର୍ତ୍ତସବୁ ମାୟାମରୀଚିକା ସମ ଦୃଶ୍ୟପଟରୁ ଉଭେଇଯାଉଥିଲେ । ସେସବୁକୁ ଜାବୁଡି ଧରିବାର ବୃଥା ପ୍ରୟାସକରି ହାରି ଚାଲିଥିଲି ବାରମ୍ବାର । ମନର ଅବ୍ୟକ୍ତ ବେଦନା ସବୁ ବିଗଳିତ ବରଫାଶ୍ରୁର ରୂପ ନେଇସାରିଥାନ୍ତି । ଉଷ୍ମ ବରଫାଶ୍ରୁ ମାଆର କଳାଧଳା ଫଟୋଟିକୁ ଧୌତ କରି ଚାଲିଥାନ୍ତି । ମୁଁ ଭାବନା ରାଇଜରୁ ବାହାରି ପ୍ରକୃତିସ୍ଥ ହେଲି ଶାନ୍ତିମାଉସୀର ସ୍ନେହାସିକ୍ତ ପରଶରେ । ମୋ ମୁଣ୍ଡକୁ ଆଉଁସି ଦେଇ ଘାଣ୍ଟତରକାରୀ ବେଲାଟାକୁ ବଢେଇଦେଲେ । ନିଜ ରେଶମୀ ରୁମାଲରେ ଲୁହ ପୋଛୁପୋଛୁ ଶାନ୍ତିମାଉସୀ ନିଜ ହାତରେ ଘାଣ୍ଟ ତରକାରୀ ଖୁଆଇ ଦେଉଥାନ୍ତି । କାହିଁକି କେଜାଣି ସେ ତରକାରୀରୁ ମାଆର ଆତ୍ମୀୟତା ସ୍ୱଷ୍ଟ ବାରି ହୋଇପଡୁଥାଏ ।

(୨)

ଦୁଃଖ ଲହଡିରେ ସୁଖଦିନର ସ୍ମୃତିର ଦୀପାଳି ନିର୍ବାପିତ ହୋଇଚାଲିଥାଏ । ନୀରବତା ଭିତରେ ମନର ଅକୁହା ବେଦନାକୁ ନିଶ୍ଚିହ୍ନ କରିବାର ବୃଥାପ୍ରୟାସ କରିଚାଲିଥାଏ ଜାଡିଦେଇ । ପୁରୁଣା ଗମ୍ଭିରି ଘର କାନ୍ଥରେ ମିଞ୍ଜି ମିଞ୍ଜି ଆଲୁଅଦେଇ ଜଳୁଥିବା କଳଙ୍କିଲଗା ଲଣ୍ଠନକୁ ଏକଲୟରେ ଚାହିଁ ରହିଥାଏ ସେ । ତା ଜୀବନର ସବୁ ସୁଖଦୁଃଖର ମୂକସାକ୍ଷୀ ତ ସେହି ଲଣ୍ଠନ । ଏତେ କମ୍ ବୟସରୁ ବାଲ୍ୟବିଧବା ହେବାର ଦାରୁଣ ଦୁଃଖକୁ ପାଶୋରି ଦେଇଥିଲା ଏକୋଇରବଳା ବିଶିକେଶନ ରାମୁର ମୁହଁକୁ ଚାହିଁ । ଦୂତୀବାହନଙ୍କ ପାଖେ ଦ୍ୱିତୀୟା ତିଥିରେ ପୁଅର ଆୟୁଷ ମାଗୁଣି କରି ଶୁଭମନାସି ପୁଅଜୀଉନ୍ତିଆ କରୁଥିଲା । ପୁଅର ଅତିପ୍ରିୟ ଘାଣ୍ଟତରକାରୀ ଥିଲାବୋଲି ଓଷା ପରଦିନ କେତେ ସରାଗରେ ବାଡିବଗିଚାରୁ ପନିପରିବା ତୋଳି ଆଣୁଥିଲା । ନିଜ ହାତରେ ପେଟପୁରା ଖୁଆଇ ନଦେଲେ ତାକୁ ଶାନ୍ତି ମିଳୁ ନଥିଲା । ତାପରେ ତା ହାତତିଆରି ଘାଣ୍ଟତରକାରୀ ସାଇପଡିଶାରେ ବାଣ୍ଟୁଥିଲା । ହେଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ରାମୁ ଚାଲିଯିବା ପରଠୁଁ ଜାଡିଦେଇ ପୂରା ଏକା ହୋଇଯାଇଛି, ଏତେବଡ ଦୁନିଆରେ । ଲୋଚାକୋଚା ଚର୍ମର ଆବରଣରେ କଙ୍କାଳସାର ଦେହଟିକୁ ଘୋଡେଇ ସାତସିଆଁ ଲୁଗାଟି ପିନ୍ଧି ଲେଞ୍ଜରାଭର୍ତ୍ତି କୋଟରାଗତ ଆଖିଯୋଡିକରେ ମୃତ୍ୟୁର ବାଟକୁ ଚାହିଁରହିଛି ।

ଆଜି ଦ୍ୱିତୀୟା ତିଥି । କାଲି ଘାଣ୍ଟ ତରକାରୀ । ଗାଁ ମାଇପେ ପୋଖରୀ ତୁଠରେ କୁହାକୁହି ହେଉଥାନ୍ତି, ଆମେ ଏତେ ମାଲିମସଲା ଦେଲେ ବି ଜାଡିଦେଇର ଘାଣ୍ଟ ତରକାରୀର ସୁଆଦ ଆଉ କେଉଁଠି ନାହିଁ । ଏତିକି ବେଳେ ଦୂରରୁ କାନ୍ଦଣା ଶୁଭିଲା । ରାମ ନାମ ସତ୍ୟ ହେ, ହରିନାମ ସତ୍ୟ ହେ, ଜାଡିଦେଇ ଚାଲିଗଲା ବୋଧେ....

(୩)

ରାଜୁବୋଉ ଗରଗର ହୋଇ ହାତରେ ପରିବା ଓ ସଉଦାର ଲମ୍ବା ତାଲିକା ଧରି ରୋଷେଇଘରୁ ବାହାରି ଆସିଲେ ।

"ହେଇଟି ଶୁଣୁଛ ! ଆଜି ମୋର ଦୂତୀବାହନ ଓଷା । ରାତିପାହିଲେ ଘାଣ୍ଟ ତରକାରୀ ହେବ । ଏତେଦିନ ପରେ ଛୁଆ ଦୁଇଟା ହଷ୍ଟେଲ୍ ରୁ ଆସିଛନ୍ତି । ଘାଣ୍ଟ ତରକାରୀ ଖାଇବାରେ ତାଙ୍କର ଭାରି ମନ । ଯାହା ସଉଦା, ପରିବା ଲେଖିଛି ସବୁ ଆଣିବ । "

ପର୍ଶୁରାମଙ୍କ ହଲକ ଶୁଖିଗଲା ଏତେ ଲମ୍ବା ତାଲିକା ଦେଖି । ମାସ ଶେଷ । ପାଖରେ ତ କାଣିକଉଡିଟେ ନାହିଁ । କଣ କରିବେ ଭାବୁଥାନ୍ତି ।

ଏତିକିବେଳେ ରାଜୁବୋଉ ଲୁଗାକାନିର ଗଣ୍ଠି ଫିଟେଇ ୨୦୦ ଟଙ୍କା ହାତକୁ ବଢେଇଦେଲେ । ଏଥର ସ୍ମିତହାସ୍ୟ ବଦନରେ ପର୍ଶୁରାମ ବଜାରକୁ ଯାଇ ଚିଠା ମୁତାବକ ସବୁ ଜିନିଷ ଆଣିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘାଣ୍ଟ ତରକାରୀ ବାସନାରେ ଆଜି ଘର ମହକୁଛି । ଛୁଆଦୁଇଟାଙ୍କ ସହ ଖାଇ ବସିଥାନ୍ତି । ପର୍ଶୁରାମ ନରମ ଗଳାରେ ପଚାରୁଥାନ୍ତି, "କିହୋ ରାଜୁବୋଉ ! ମୁଁ ତ ତୁମକୁ ଦେଇନଥିଲି । ୨୦୦ ଟଙ୍କା କେଉଁଠୁ ଆଣିଲ ? "

ରାଜୁବୋଉ ହସିହସି କହୁଥାନ୍ତି, "ଗଲାମାସ ଯେଉଁ କାଶପାଇଁ ଔଷଧ କିଣିବାକୁ ଦେଇଥିଲ, ମୁଁ ଲୁଚେଇ ରଖିଥିଲି । ନାଲି କାଢା ଚାହାରେ ତ କାଶ ହଜିଗଲା । ଯାହା ହଉ ଟଙ୍କାଟା କାମରେ ଲାଗିଲା । "

ନିରୁତ୍ତର ରହି ଆଖିକୋଣରେ ଜକେଇ ଆସୁଥିବା ଲୁହକୁ ଲୁଚେଇ ପର୍ଶୁରାମ ଖାଲି ଘାଣ୍ଟତରକାରୀର ସୁଆଦ ବଖାଣୁଥାନ୍ତି ।

ଜନ୍ମେଜୟ ନାୟକ

ଗଣିତ ଶିକ୍ଷକ

ଚିଲିକା ନୋଡାଲ ହାଇସ୍କୁଲ

ପୁରୀ

୯୩୩୭୮୦୦୫୭୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରଥମ ଦେଖା



ଦୁଷ୍ମନ୍ତ ବେହେରା

କଲେଜ କ୍ୟାମ୍ପସରେ ଛିଡା ହୋଇ ପେନା ମନିପର୍ସ୍ ରୁ ଶହେ ଟଙ୍କା କାଢି ସାଙ୍ଗ ହାତକୁ ବଢେଇ ଦଉ ଦଉ ଶହେ ଟଙ୍କା ଉଡିଯାଇ କଲେଜ ଗେଟ୍ ପାଖରେ ପଡିଲା । ପ୍ରଥମ ଦିନ କଲେଜ ଆସିବା ଓ କଲେଜ ଗେଟ୍ ପାଖରେ ପହଞ୍ଚି ପାଦତଳେ ପଡିଥିବା ଶହେ ଟଙ୍କା ଦେଖି ଚାରିଆଡ଼େ ଚାହିଁ ପେନା ଉପରେ ଆଖି ପଡିଲା ...

ସେମା: ହେଲୋ ମିଷ୍ଟର୍ ତୁମର ପଡିଥିବା ଶହେ ଟଙ୍କା

ପେନା: ହଁ ଶହେ ଟଙ୍କା ମୋର ମୋ ସାଙ୍ଗକୁ ଦଉ ଦଉ ଉଡି ଯାଇଥିଲା । ହେଲେ ତୁମେ ଆମ କଲେଜକୁ ପ୍ରଥମ କରି ଆସିଛ, ତୁମେ ବହୁତ୍ ସୁନ୍ଦର.....

ପ୍ରଥମ ଦେଖାରେ ଚିରିଲୁ ହୃଦୟ
ସାଇତି ରଖିବି ଛବି
ମନଲାଖି ଗଲା ଚେହେରା ଯୌବନେ
ଭୁଲି ପାରିବି କେମିତି....

ସେମା: ହେଲୋ ମିଷ୍ଟର୍, କ'ଣ ଭାବୁଛ ?

ପେନା: ନାଇଁ କିଛି ନାହିଁ ମୁଁ କଣ ଭାବୁଥିଲି କି ତୁମେ ବହୁତ୍ ସୁନ୍ଦର । ହେଲେ ତୁମ ନାମ କ'ଣ ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମା: ମୋ ନାଁ ସେମା ହେଲେ ତୁମ ନାମ କ'ଣ ?

ପେନା: ମୋ ନାଁ ପେନା

ପ୍ରଥମ ଦେଖା ଦୁହେଁ ଦୁହିଁଙ୍କୁ ହାତ ବଢ଼ାଇ ହ୍ୟାଣ୍ଡସେକ୍ କରି ନିଜ ବାଟେ ଚାଲିଗଲେ । ପେନା କିଛି ବାଟ ଗଲାପରେ ସେମାକୁ ଅନାଇ ....

ହୃଦୟ ରୂପସୀ ଗୋ କି ଯୌବନ

ତୁମକୁ ଚାହିଁଲେ ହେଉଛି ପ୍ରେମ

ମନ ଭିତରୁ ଭୁଲିବା ଆଗରୁ

ହୃଦୟ କରୁଛି ପ୍ରେମ......

ସୁନ୍ଦର ଆର୍ଟିଷ୍ଟ ଭାବରେ ଜଣାଶୁଣା ପେନା । ନିଜର ଚିତ୍ର ପାଇଁ ସମସ୍ତଙ୍କ ହୃଦୟରେ ଘର କରିଛନ୍ତି ।

କଲେଜରେ ବାର୍ଷିକ ଉତ୍ସବ ହେବ ବୋଲି ତାରିଖ ଘୋଷଣା ହେଲା । କଲେଜର ଛାତ୍ରଛାତ୍ରୀ କିଛି କିଛି ପ୍ରତିଭା ଦେଖାଇବା ପାଇଁ କଲେଜ ଉତ୍ସବରେ ଭାଗ ନିଅନ୍ତି ଓ ପେନା ନିଜର ଚିତ୍ର ପାଇଁ ଭାଗ ନିଅନ୍ତି ।

ତାରିଖ ଅନୁସାରେ ବାର୍ଷିକ ଉତ୍ସବ ଆରମ୍ଭ ହେଲା । ଅତିଥି ମାନେ ନିଜ ନିଜର ଭାଷଣ ଦେଇସାରିବା ପରେ ନାଚ ଗୀତ ଆରମ୍ଭ ହେଲା । ନାଚ ଗୀତ ସରିବା ପରେ ପେନାକୁ ଷ୍ଟେଜ ଉପରକୁ ନାମ ଘୋଷଣା କରି ଡକାଗଲା । ପେନା ନିଜର ପେଣ୍ଟିଙ୍ଗ କରିଥିବା ଫୋଟଫର୍ମକୁ କାଢି ସମସ୍ତଙ୍କୁ ଦେଖାଇଲେ ଷ୍ଟେଜ ଉପରେ ଥିବା ଷ୍ଟେଜ କର ପଚାରିଲେ ତୁମେ ତମ ଚିତ୍ର ପାଇଁ ସାରା ଜଗତରେ ପରିଚିତ । ହେଲେ ଏ ବର୍ଷ ନିଆରା ଚିତ୍ର ଟିଏ କରିଛ । ଫୋଟଫର୍ମରେ ଥିବା ଝିଅଟି ଟଙ୍କା ବଢାଇଥିବା ଚିତ୍ର କରିଛ । ପେନା କହିଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏ ହେଉଛି ମୋର ପ୍ରଥମ ଦେଖା ପ୍ରଥମ ଭଲ ପାଇବା ଏ ଝିଅ ସହିତ ପ୍ରଥମ ଭେଟ ଓ ମୋର ଉଡି ଯାଇଥିବା ଶହେ ଟଙ୍କା ଆଣି ଦେଇଥିଲେ । ଏଇ ଝିଅ କୁ ମୁଁ ଭଲ ପାଏ ।

ଷ୍ଟେଜ ତଳେ ଠିଆ ହୋଇଥିବା ସେମା ଦେଖି ନିଜ ମନ ଅପେକ୍ଷା ନିଜ ହୃଦୟକୁ ପଚାରି କହିଲା ଏ କଣ ପ୍ରଥମ ଭଲ ପାଇବା ।

କିଛି ବର୍ଷ ଗଲାପରେ ସେମାର ବାହାଘର ଘରଲୋକ ଠିକ୍ କରିଛନ୍ତି । ସୁଦୀପଙ୍କ ସହିତ । ସୁଦୀପ ବାହାଘର ପାଇଁ ସାଙ୍ଗମାନଙ୍କୁ ନିମନ୍ତ୍ରଣ କାର୍ଡ଼ ଓ ପ୍ରିୟ ସାଙ୍ଗ ପେନାକୁ ଦେଲେ କହିଲେ ବାହାଘରକୁ ଆସିବୁ ।

ବାହାଘର ପାଖେଇ ଆସୁଛି । ସେମାର ପ୍ରଥମ ଦେଖା କଥା ମନେ ପଡିଲା । ପ୍ରଥମ ଭଲ ପାଇବା ମନ ଭିତରେ ଉଙ୍କି ମାରୁଥାଏ । କ'ଣ କରିବ ପରିବାରର ବାପା "ମା" ବାହାଘର ଠିକ୍ କରିଛନ୍ତି । କେମିତି ବା ମନା କରି ପାରିବ....

କେମିତି ଉତ୍ତର ଦେବି ମୁଁ ତୁମକୁ
ପରିସ୍ଥିତି ରେ ବନ୍ଧା ଏ ଜୀବନ
ମନ ଖୋଲି କହିବା ଆଗରୁ
ମୁଁ ଆଉ କାହାର ଅତିଥି.....

ସୁଦୀପ ସହିତ ସେମାର ବାହାଘର ହୋଇଗଲା । ସୁଦୀପର ବାହାଘରରେ ପେନାର କିଛି କାମ ଥିବାରୁ ଯୋଗ ଦେଇ ପାରିଲା ନାହିଁ । କିନ୍ତୁ ନିଶ୍ଚିନ୍ତ ସୁଦୀପର ଘରକୁ ଯିବ ବୋଲି ସ୍ଥିର କଲା ।

ବାହାଘରର ଛଅ ଦିନପରେ ସୁଦୀପର ଘରକୁ ଯିବା ପାଇଁ ବାହାରିଲେ ପେନା ହାତରେ ଗିଫ୍ଟ ଧରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ଘଣ୍ଟା ପରେ ସୁଦୀପର ଘର ପାଖରେ ପହଞ୍ଚି କଲିଙ୍ଗ ବେଲ୍ ସ୍ୱିଚ ଚିପି ଅପେକ୍ଷା କରିଥାଏ କେତେବେଳେ କବାଟ ଖୋଲିବ । କିଛି ସମୟ ପରେ ସେମା କବାଟ ଖୋଲି ଦେଖିଲେ କବାଟ ବାହାରେ ପେନା କିଛି ନ କହି ନୀରବରେ ଚାହିଁ ଆଖି ର ଛଳ ଛଳ ଲୁହ ଧାର କହୁଥିଲା......

ଲୁହ ତ ପ୍ରେମରେ ଥାଏ
ମୋ ମନରେ ଅଛି, କହିବା
ଆଗରୁ ଭଲପାଇବାକୁ
ପାଦରେ ଦଳି ଦେଇଛି...

ହୃଦୟ ଭିତରେ ସାଇତି ରଖିଛି
ତୁମ ପ୍ରଥମ ଦେଖାର ସ୍ମୃତି
ଦେହ ଜଳିବା ଆଗରୁ ମନ ଜଳୁଛି
କେମିତି ଜାଳିପାରିବି ତୁମ ଛବି.....

ସୁଦୀପ ପଚାରିଲେ କିଏ ଆସିଛି । ସେମା କହିଲେ ତୁମ ସାଙ୍ଗ । ଆରେ ଘର ଭିତରକୁ ଆସ ବାହାରେ କ'ଣ ଛିଡା ହୋଇଛୁ । ଚୌକିରେ ଆସି ବସ । ନା'ରେ ସୁଦୀପ ମୋର ବହୁତ ଡେରି ହୋଇଗଲା ତୋ ବାହାଘରକୁ ଆସିପାରିଲି ନାହିଁ । ଜୀବନର ଭାଗ୍ୟ ଗୁଡିକ ଯେଉଁଠି ଭୋଗିବାକୁ ପଡିବ ସେଇଠି ଭୋଗିବାକୁ ପଡେ । ତୁ ତ ଭାଗ୍ୟବାନ ତୁ ଆଜି ବହୁତ ଖୁସି ।

ସୁଦୀପ: ସେମା ସର୍ବତ ନେଇ ଆସ ମୋ ପ୍ରିୟ ସାଙ୍ଗ ଆସିଛି । ସର୍ବତ ଗ୍ଲାସ୍ କୁ ପେନା ଆଡକୁ ବଢେଇ ଦେବା ସମୟରେ ଆଖିରୁ ଲୁହ ଠୋପେ ସର୍ବତ ଗ୍ଲାସ୍ ରେ ପଡି ମିଶିଗଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପେନା: ମଣିଷ ଯାହା ଚାହେଁ ତାହା ତାକୁ ମିଳେ ନାହିଁ । ଆଶା ତ ଏମିତି ଅନେକ କରିଥାଏ । କିନ୍ତୁ ସେ ସବୁ ମରିଚିକା ପରି ମିଳେଇଯିଏ.....

ଜଣା ନଥିଲା ତୁମ ସିନ୍ଦୁର

ମୋ ପାଇଁ ଅତିଥି

ମୋ ସହର ତ ଏମିତି ତୁମ

ପ୍ରଥମ ଦେଖାର ବାଟୋଇ.........

ମୋତେ ବା ପ୍ରଥମ ଦେଖାରେ କେମିତି ମିଳିଥାନ୍ତା । ମୁଁ ପରା ଏଇ ପ୍ରଥମ ଦେଖା ରାସ୍ତାର ବଟୋଇ । ଯେଉଁଠାରେ ମୋ ଅତିତ ମୋ ଲକ୍ଷ୍ୟ ପାଦଚଲା ସାଥି ।

ହଉ ସୁଦୀପ ମୁଁ ଏବେ ଆସୁଛି । ପୁଣି ଦେଖା ହେବ ପ୍ରଥମ ଦେଖା ରେ ।

ଦୁଷ୍ମନ୍ତ ବେହେରା

ରାସୋଳ-ମୁଣ୍ଡିଆପଷି

ଢେଙ୍କାନାଳ

ପିନ୍-୭୫୯୦୨୧


ମୋ ନଂ-୯୯୩୭୬୫୭୫୦୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ବାପା ମୋ ହିରୋ !



ଇତୁସ୍ମିତା ବେହେରା

ବୀର ଯବାନଙ୍କ ସ୍ମୃତିକୁ ମନେ ପକେଇ ଏକ ବିଦ୍ୟାଳୟରେ ପିତୃତ୍ୱ ଦିବସରେ ଅନୁଷ୍ଠିତ ହେଲା ଯବାନଙ୍କ ଉଦେଶ୍ୟରେ we are one ସଭା । ଏଠାକୁ ଅନେକ ସୈନିକ, ସାଧାରଣ ନାଗରିକ, ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ତାଙ୍କ ପିତାମାତାଙ୍କ ସହ ଯୋଗ ଦେଇଥିଲେ | ବହୂ ପ୍ରତୀକ୍ଷା ର ଅନ୍ତ ପରେ ଆରମ୍ଭ ହେଲା ସଭାକାର୍ଯ୍ୟ |

ଶୁଭ ସନ୍ଧ୍ୟା । ଆଜିର ଏଇ ସଂଧ୍ୟାକୁ ମୋର ସମସ୍ତଙ୍କୁ ସ୍ୱାଗତ । ଏଠି ଉପସ୍ଥିତ ଥିବା ସମସ୍ତ ଯବାନଙ୍କୁ ମୁଁ ସାଲୁଟ କରୁଛି । ଅତୀତର ସେଇ ରକ୍ତିମ ଅଧ୍ୟାୟକୁ ଆଜି ଅନେକ ବର୍ଷ ପୁରିଯାଇଛି କିନ୍ତୁ ତଥାପି ମା ତା ପୁଅକୁ ଝୁରିବା ବନ୍ଦ କରିନି କି ସ୍ତ୍ରୀ ଆଖିର ଲୁହ ଶୁଖିନି । ଆମେ ବହୁତ ସରଳ । ଶତ୍ରୁଟିଏ ବିପଦରେ ପଡିଥିଲେ ମଧ୍ୟ ଆମେ ଆଗ ସେମାନଙ୍କୁ ସାହାଯ୍ୟ କରୁ କାରଣ ଆମେ ଭାରତୀୟ । ଭାରତ ମାଟିରେ ଜନ୍ମ ଏବଂ ଭାରତ ମା'ର ରକ୍ତ ଯାହା ଆମ ଶିରାପ୍ରଶିରାରେ ବହୁଛି ତାହା ବିଶ୍ୱାସଘାତକର ନୁହଁ ବରଂ ତାହା ହୋଉଛି ବନ୍ଧୁତ୍ୱର ଅନ୍ୟନାମ । ଶତ୍ରୁ ଦେଶ ଆମ ଏକତାକୁ ଦେଖିଛି, ଆମ ବନ୍ଧୁତ୍ୱ ଏବଂ ଭାତୃତ୍ୱକୁ ଦେଖିଛି କିନ୍ତୁ ଯେତେବେଳେ ଆମ ପାଖକୁ କିଏ ବିଶ୍ୱାସ ଘାତକର ହାତ ଲମ୍ବେଇଛି ସେତେବେଳେ ଭାରତୀୟ ଯବାନଙ୍କ ଜୋଶ ମଧ୍ୟ ଦେଖିଛି । ଯିଏ ଦୁଃଖ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟରେ ଛାତିରେ ଲଗେଇ ପାରେ ଦରକାର ପଡିଲେ ନିଜ ମାଟି ମାର ସ୍ୱାଭିମାନ ଆଉ ସମ୍ମାନ ପାଇଁ ଜୀବନର ଲାଳସାକୁ ପଛରେ ପକେଇ ବୀରଦର୍ପରେ ଲଢ଼ିବାକୁ ଆଗେଇ ଚାଲିଥାଏ । ଆଜି ସେଇଭଳି ଜଣେ ବୀର ଯବାନଙ୍କ ଝିଅ ମୁହଁରୁ ଶୁଣିବା ତାଙ୍କ ବୀରତ୍ୱର କାହାଣୀ । ସ୍ୱାଗତ କରିବା ଆମ ଅନୁଷ୍ଠାନର ଦଶମ ଶ୍ରେଣୀର ଛାତ୍ରୀ କୁହୁ ମହାପାତ୍ରଙ୍କୁ......

ଜୟ ହିନ୍ଦ ! ଜୟ ଭାରତ ମାତା । ଶୁଭ ସନ୍ଧ୍ୟା । ଉପସ୍ଥିତ ସମସ୍ତ ବୀର ଯବାନଙ୍କୁ ମୋର ସଲାମ । ଏବଂ ଅନ୍ୟାନ୍ୟ ଭାଇ ଭଉଣୀ ଏବଂ ଗୁରୁଜନ ମାନଙ୍କୁ ଶୁଭେଚ୍ଛା ଏବଂ ଏଇ we are one ଶୋଭାକୁ ସ୍ୱାଗତ । ମୁଁ କୁହୁ ମହାପାତ୍ର । ଷ୍ଟାଣ୍ଡାର୍ଡ ଟେନ୍‌ରେ ପଢୁଛି । ମୁଁ ଜଣେ ବୀର ସହିଦ ଯବାନଙ୍କ ଝିଅ କହୁଛି । ଏତିକି କହିବା ବେଳକୁ ସଭାସ୍ଥଳ କରତାଳିରେ କମ୍ପି ଗଲା । କିଛି ସମୟର କରତାଳି ପରେ ଦଶମ ଶ୍ରେଣୀର ଝିଅଟି ଆରମ୍ଭ କଲା – ଆଜି ପିତୃତ୍ୱ ଦିବସ । ଏଠି ଉପସ୍ଥିତ ହେଇଥିବା ପ୍ରତ୍ୟକ କୁନି କୁନି ପିଲା ତାଙ୍କ ବାପାଙ୍କ ହାତ ଧରି ଛିଡା ହେଇଥିବେ ଆଉ କିଛି ତାଙ୍କ ମାଙ୍କର । ମୁଁ ସେଇ ମା ହାତ ଧରି ଏଠିକୁ ଆସିଥିବା ଝିଅ । ମୁଁ ବୋଧହୁଏ ଏଇ ଚାରି ପାଞ୍ଚ ବର୍ଷର ହେଇଥିଲି ଯେବେ ମୋ ବାପାଙ୍କୁ ପ୍ରଥମ ଥର ପାଇଁ ଦେଖିଥିଲି, ତାଙ୍କ କୋଳରେ ଗେହ୍ଲା ହେଇଥିଲି । ଯଉ କିଛି ଦିନ ମୁଁ ବାବାଙ୍କ ସହ ଖେଳୁଥିଲି । ସେ ମୋତେ କୋଳରେ ଧରି ବଜାର ଯାଉଥିଲେ । ବାପା ଖାଇଲେ ମୁଁ ଖାଉଥିଲି । ମୋ ପାଇଁ ବହୁତ ଖେଳଣା ଆଣି ଦେଉଥିଲେ । ବର୍ଷକୁ ଦୁଇଥର ନହେଲେ ଥରେ ଘରକୁ ଆସୁଥିଲେ ବାପା । ଆମେ ମା, ଝିଅ ତାଙ୍କ ରାସ୍ତାକୁ ଚାହିଁ ବସିଥାଉ । ମୁଁ ସବୁବେଳେ ଭାବୁଥାଏ କେବେ ମାଟି ମା ତାଙ୍କ ପୁଅକୁ ମୋ ପାଖକୁ ପଠେଇବେ । ବୋଧହୁଏ ମୋ ମାମା ବି ସେଇଆ ଭାବୁଥିବ । ଅଝଟ ମନ ନ ବୁଝିଲେ ମୁଁ ବାପାଙ୍କୁ ଫୋନ୍ କରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହୁଥିଲି ଏଥର ଆସିଲେ ମୁଁ ତାଙ୍କୁ ଛାଡିବିନି । ବାପା କୁହନ୍ତି ମା'ରେ ମୁଁ ପରା ଦେଶ ସେବା କରୁଛି । ତମ ଭଳି ଏଇ ଦେଶର ପ୍ରତ୍ୟକ ମଣିଷ ମୋ ଝିଅ, ପୁଅ । ମୋତେ ସମସ୍ତଙ୍କୁ ରକ୍ଷା କରିବାର ଅଛି ନା । ତା'ହେଲେ ତ ଆମେ ସମସ୍ତେ ହସ ଖୁସିରେ ବଞ୍ଚି ପାରିବା । ମୁଁ ଯିବି ନିଶ୍ଚିତ ଖୁବ ଶୀଘ୍ର । ମୋ ମନ ବୁଝୁନଥାଏ ବାପାଙ୍କୁ କହେ ବାପା କଣ ମିଳିବ ସେବାରୁ......

ବାପା କୁହନ୍ତି ଆତ୍ମସନ୍ତୋଷ, ସ୍ୱାଭିମାନରେ ମା । ବାହାର ଲୋକ ଆମ ଜାଗା ନେଇଯିବେ ସେତେବେଳେ କଣ ଆମେ ମୁଣ୍ଡ ଉଠେଇ ଏଇ ଦୁନିଆ ସହ ବଞ୍ଚି ପାରିବା । ସବୁବେଳେ ସ୍ୱାଭିମାନର ସହ ବଂଚିବା । ତେଣିକି ଯେତେ ବଡ଼ ମୂଲ୍ୟ ଦେବାକୁ ପଡୁ । ମୁଁ ଅଳ୍ପ କିଛି କିଛି ବୁଝି କହେ ବାପା ମୁଁ ବି ତମ ଭଳି ଦେଶ ସେବା କରିବି । ବାପା କୁହନ୍ତି ସବାସ ବେଟା । ମୁଁ ତତେ ନେଇ ଗର୍ବ କରିବି । ମୁଁ ପଚାରିଲି ବାପା ଏଇ କାମ କରୁଥିବା ଲୋକଙ୍କୁ ନେଇ ଗର୍ବ କରାଯାଏ ? ? ? ବାପା କୁହନ୍ତି ହଁରେ ମା ଗର୍ବ କରନ୍ତି । ସାଲ୍ୟୁଟ କରନ୍ତି । ଆଜି ତୋ ଭିତରେ ସେଇଭଳି ଆଗ୍ରହ ଦେଖି ମୁଁ ବି ଏଇଠି ତତେ ସାଲ୍ୟୁଟ କରୁଛି । ମୁଁ ବହୁତ ଖୁସି ହେଇଯାଉଥିଲି । ବାପା କୁହନ୍ତି ତୁ ଦେଶ ସେବା କରିଲେ ମୁଁ ବୀରତ୍ୱ ଭାବେ କହିବି ଏଇ ଦେଖ ମୋ ଝିଅ ମୋ ମାଟି ମା'ର ସେବା କରୁଛି ।

ଯୋଉ ବୟସରେ ଅନାବନା କଥା କହି ବାପାଙ୍କ ସହ ଆମେମାନେ କେତେ ମଜା କରୁ କେତେ ଖେଳୁ ସେଇ ବୟସରେ ମୁଁ ବାପାଙ୍କ ସହ କେବଳ ଦଶରୁ ପନ୍ଦର ମିନିଟ କଥା ହୁଏ । ସେଦିନ ବାପା ଫୋନ ରଖିଦେଲା ପରେ ମୋ ମନକୁ ପୁଣି ପ୍ରଶ୍ନଟିଏ ଆସିଲା ମୁଁ ପୁଣି ଫୋନ ଲଗେଇ ପଚାରିଲି ବାପା ତାହାଲେ କଣ ମୁଁ ବି ତମ ପାଇଁ ଗର୍ବ କରିବି ? ? ? ? ?

ବାପା କିଛି ସମୟର ନୀରବତା ପରେ କୁହନ୍ତି ହଁରେ ମା ନିଶ୍ଚୟ କରିବୁ । ଗର୍ବର ସହ ବିଦାୟ ଦବୁ । ଦେଖିବୁ ମୋତେ ବିଦାୟ ଦେବା ବେଳେ ତ ଛାତି କୁଣ୍ଢେ ମୋଟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଇଯାଉଥିବ । ସେତିକି ବେଳେ ତୁ ଭାଙ୍ଗି ପଡିବୁନି ବୁଝିଲୁ ।

ସେଦିନ ମୋ ବାପାଙ୍କ କଥା ମୁଁ ଠିକ ସେ ବୁଝି ପାରିନଥିଲି । ଏଇଭଳି କିଛି ବର୍ଷ ଯାଏ ମୁଁ ମୋ ବାପା ଆଉ ମା ଆମ ପରିବାରରେ ବେଶ ଖୁସିରେ ରହୁଥିଲୁ କିନ୍ତୁ ମୋର ଷ୍ଟାଣ୍ଡାର୍ଡ ସେଭେନ୍‌ରେ ବାପା ମୋ ଜନ୍ମ ଦିନକୁ ଆସିଥିଲେ । ମୋ ପାଇଁ ଗିଫ୍ଟ ଆଉ କେକ ନେଇ । ଆମେ ବହୁତ ମଜା କରିଥିଲୁ ସେଦିନ । ତା ପରେ ଆଠ ଦିନ ପରେ ବାପା ଯାଇଥିଲେ । ସେ ଯିବା ପରେ ମା ସବୁଦିନ ଦୀପ ଲଗାଉଥିଲା ଠାକୁର ଘରେ । ବାପା ସବୁବେଳେ ମୋତେ ସାହାସୀ କରିବାକୁ ଚାହିଁଥିଲେ । ସେ ଆସିବାର କିଛି ଦିନ ପରେ ଫୋନ କରି କହିଲେ ମା ଏଥର ମୁଁ ବହୁତ ଦିନ ଛୁଟିରେ ଯିବି । ତତେ ବହୁତ ସାରା କାମ ଶିଖେଇଦେବି । ବାପାଙ୍କ ପାଖରୁ ଏସବୁ ଶୁଣି ମୁଁ ଖୁସି ହେଇଗଲି । ସମସ୍ତଙ୍କୁ କହୁଥାଏ ଏଇ ଜାଣିଛୁ ମୋ ବାପା ଆସିଲେ ନା ଆମେ ଏଥର କୋଣାର୍କ, ଧଉଳି, ଖଣ୍ଡଗିରି ବୁଲିବାକୁ ଯିବୁ । ଯାହା କାମ ଥାଏ ମୁଁ ଅଧା କରି ଛାଡିଦିଏ ଥାଉ ବାପା ଆସିଲେ କରିବି । ସେଦିନ ଚିତ୍ରଟିଏ ଆଙ୍କୁ ଥିଲି । ମୋ ବାପାଙ୍କ ହାତ ଧରି ଚାଲିବାର । ସବୁ କରିବା ପରେ ମୁଁ କହିଲି ନାଇଁ ଏଇଟା ଥାଉ ବାପା ଆସିଲେ ଆଗ ତାଙ୍କ ହାତ ଧରି ମାର୍କେଟ ଯିବି ତା ପରେ ମୋ ଚିତ୍ର ସମ୍ପୂର୍ଣ୍ଣ କରିବି । ସେଠି ଲେଖିଲି best hero papa of the world । କାହିଁକି ନା ଯେତେବେଳେ ମୁଁ କହେ ଜାଣିଛୁ ମାମା ମୋତେ hero ଭିତରେ କାହାକୁ ଭଲ ଲାଗେ ? ମୋ ମାମା କୁହେ ତୋ ବାପା ଜଣେ hero । ତୁ ତୋ ବାପାଙ୍କ ନାମ କହିବୁ । ସେଇଥି ପାଇଁ ମୁଁ ସେଠି ଲେଖିଥିଲି best hero papa of the world.

କିଛିଦିନ ପରେ ଆମେ ବହୁତ ଖୁସିର ସହ ଅପେକ୍ଷା କରିଥାଉ ତାଙ୍କ ଆସିବା ବାଟକୁ । ସେଦିନ ସମାଚାରରେ ମାମା ଜାଣିବାକୁ ପାଇଲା କିଛି ପାକ-ସେନା ଆମ ସୀମାରେ ପ୍ରବେଶ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଛନ୍ତି । ମାମାର ଆଉ ମୋର ହୃଦୟ ଥରି ଉଠିଲା । ମୋ ମାମା ଦୌଡ଼ିଯାଇ ଠାକୁର ଘରେ ଦୀପଟିଏ ଜାଳିଦେଲା । ଦୀପ ଜାଳିବା ବେଳେ ଆଖି ତାର ଲୁହରେ ଛଳଛଳ ହେଇ ଯାଇଥିଲା । ସେ ବାପାଙ୍କୁ ଫୋନ କରିବାରୁ ବାପାଙ୍କ ଫୋନ out of network coverage area କହିଲା । ମା ମୋତେ ଟାଣି ନେଇ କାନ୍ଦୁଥିଲା । ସେତେବେଳେ ମୁଁ କିଛି ବୁଝି ପାରୁନଥିଲି । ମା'କୁ କହିଲି ଛାଡ ତ ମୁଁ ବାପାଙ୍କ ସହ ଆଣିଥିବା ପୋଷାକ ପିନ୍ଧେ । ମା ମୋ ହାତ ଧରି କହେ ବସ ଏଠି ଆଉ ତ hero ବାପାଙ୍କ ଲାଗି ପ୍ରାର୍ଥନା କର । ଯଦିଓ ମୁଁ ମଧ୍ୟ ଡ଼ରିଥିଲି ମା କଥା ଶୁଣି ବସିଲି ।

ହଠାତ ଝିଅର ସ୍ୱର ଆସ୍ତେ ଆସ୍ତେ ଧୀର ହେଇଯାଇଛି । ସେ ମୁହଁକୁ ତଳକୁ କରି ଦେଇଛି । ଆଖିରୁ ତାର ଧାର ଧାର ଲୁହ । ସାମ୍ନାରେ ବସିଥିବା ବୀର ଯବାନମାନେ ନିଜେ ନିଜ ମସ୍ତିଷ୍କରେ କିଛି କିଛି ଅନୁମାନ କରି ବହୁତ ଉତ୍ସାହର ସହ ବସିଥାନ୍ତି । କେହି କେହି ଆଖିରୁ ଚଷମା ଖୋଲି ଲୁହ ପୋଛନ୍ତି ତ କିଏ କିଏ ଆଖିରେ ରୁମାଲ ଦେଇଥାନ୍ତି । ଅନ୍ୟ କିଛି ଚେୟାରରେ ବସି ଅପଲକ ନୟନରେ କୁହୁର ମୁହଁକୁ ଚାହିଁଥାନ୍ତି । କିଛି ସମୟ ପରେ କୁହୁ ମୁଣ୍ଡ ଉଠେଇ କହିବା ଆରମ୍ଭ କଲା.......

ତା ପର ଦିନ ସକାଳେ ବାପା ଆସିଲେ । ଗୋଟେ ବାକ୍ସ ଭିତରେ ଆମ ତ୍ରିରଙ୍ଗା ଗୁଡ଼େଇ ହେଇ । କେବଳ ତାଙ୍କ ମୁହଁ ଦେଖା ଯାଉଥିଲା । ସେ ମୋତେ ମା'ରେ କହି ଡାକୁ ନଥିଲେ । ମୋ ମାମା ନିଶ୍ଚଳ ପାଷାଣଟିଏ ଭଳି ଛିଡା ହେଇଥାଏ । ମୁଁ ବାପା କହି ଉଠିବାକୁ ଡାକୁଥାଏ । ମୋ ଚିତ୍ର ଅଧା ରହିଯାଇଛି ଆଉ ମୋ ଦେଶ ସେବା ଆରମ୍ଭ ହେଇନି ତମେ ମୋତେ ନେଇ ଗର୍ବ କରିନ । ଚୁପ କାହିଁକି ବାପା !!!!

ମା ପାଖକୁ ଯାଇ ଜଣେ କହିଲେ ସୀମାରେ ପାକସେନାଙ୍କ କବଳିତ ହେଇଥିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପରେ ଅତି ନିର୍ମମ ଭାବେ ସେମାନେ ତାଙ୍କୁ ମାରିଛନ୍ତି । ମାମା ପଥର ଭଳି ଛିଡା ହେଇଥିଲା । ମୁଁ କହିଲି ଦେଖ ନା ବାପା ଥରେ । ଜାଣିନି କୋଉଠୁ ମୋ ମାମା ଏତେ ଶକ୍ତି ପାଇଲା ମୋତେ ଆସି କହେ କୁହୁ ଉଠ ଆଉ ଆଖିରୁ ଲୁହ ପୋଛ । ସେ ସ୍ୱଭାରେ ବି କୁହୁ ଲୁହ ପୋଛିଚି । ପୁଣି କହିଛି – ମାମା ସେଦିନ ମୋତେ ବାପା କହିଥିବା କଥା ମନେ ପକେଇଦେଲା – କୁହୁ ତୁ ମୋତେ ନେଇ ଗର୍ବ କରିବୁ ସେତେବେଳେ ଲୁହ ଗଡେଇ ନୁହଁ ବରଂ ସାହସର ସହ ବିଦାୟ ଦବୁ । ଭାଙ୍ଗି ପଡିବୁନି । ସେଦିନ ମୋ ବାପାଙ୍କ ପାଇଁ ବହୁତ ଗହଳି ଲାଗିଥିଲା । ସତେ ଯେମିତି ଭଗବାନ ଆସିଛନ୍ତି ଆମ ଘରକୁ । ମୋ ମାମା ଆଉ ମୁଁ ଲୁହ ପୋଛିଲୁ । ମାମା ଜୋରରେ ଚିଲେଇ ଉଠିଲା - ଭାରତ ମାତା କି... ମୋ କଣ୍ଠରୁ ସେତିକି ଜୋରରେ ବାହାରିଲା ଜୟ!!!! ସେଠିଥିବା ସମସ୍ତେ ଆମକୁ ବାଃ ବାଃ କହୁଥିଲେ । ଜଣେ ଅଙ୍କଲ ମୋ ପିଠି ଥାପୁଡ଼େଇ କହିଲେ ବହାଦୁର ବାପାର ବହାଦୁର ଝିଅ । ଗର୍ବର ସହ ମୁଁ ଆଉ ମୋ ମା ଶବଦାହ କଲୁ । ଆମେ ଦୁହେଁ ତାଙ୍କ ମୁଖାଗ୍ନି ଦେଲୁ । ଗୋଟେ ଆଖିରେ ମୋ ବାପାଙ୍କ ବୀରତ୍ୱର ଗାଥା କହି ଅଗ୍ନିସମ ତେଜରେ ଚାହିଁଥିଲୁ ତାଙ୍କ ଚିତାକୁ । ଆଉ ଗୋଟେ ପଟେ ମୋ ବାପା ଆଉ ମା ତା ସ୍ୱାମୀଙ୍କୁ ହରେଇବାର ଦୁଃଖରେ ଅମାନିଆ ଅଶ୍ରୁ ବହି ଚାଲିଥିଲା । ସବୁ ଶାନ୍ତ ହେଇଗଲା କିନ୍ତୁ ମୋ ମା ସବୁଦିନ ପାଇଁ ତା heroକୁ ହରେଇଦେଲେ ଆଉ ମୁଁ ମୋ hero ପାପାକୁ । କୁହୁ ତା ଛବିକୁ ସେଦିନ ପରଦାରେ ଥିବା ତା ବାପାଙ୍କ ଫଟୋକୁ ଦେଖେଇ କହିଛି – ତମ ହାତ ଧରି ଚାଲିବାର ସ୍ୱପ୍ନ ସହ ଏ ଚିତ୍ର ବି ଅଧା ରହିଗଲା ବାପା |you are my hero papa. ଆଜି ମୁଁ ସମ୍ପୂର୍ଣ୍ଣ ଏକା ।

କୁହୁ ଆଉ ଅଧିକ କିଛି କହିବାର ସାମର୍ଥ୍ୟରେ ନ ଥାଏ । ସେତିକି ବେଳେ ସାମ୍ନାରେ ବସିଥିବା ଯବାନମାନେ ଛିଡା ହେଇ କୁହୁକୁ ସାଲୁଟ କରୁଥିଲେ । ସେତିକିବେଳେ ଜଣେ ଉଠି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିଛନ୍ତି । ବହାଦୁର ବାପାର ଝିଅ ବହାଦୁର ହେଇଥାଏ ନା । ଜଣେ ଯବାନର ଝିଅ ଏକା ନୁହଁ । ଆମେ ସମସ୍ତେ ତମ ସହ ଅଛୁ । ଆଜି ତମେ ତମ ବାପା ଭାବି ମୋତେ ଜାବୁଡି ଧରି ତମ ବାପାଙ୍କ ପାଇଁ ଚାପି ରଖିଥିବା ସବୁ କୋହକୁ ମୋ କାନ୍ଧରେ ଢାଳି ଦିଅ । ଏବେ ଏଠୁ ତଳକୁ ମୋ ହାତଧରି ଚାଲ । ଆଉ ସେ ଚିତ୍ର ସମ୍ପୂର୍ଣ୍ଣ କର । ଏତିକି କହି ସେ ଆଣ୍ଠେଇ ପଡିଛନ୍ତି କୁହୁ ସାମ୍ନାରେ । କୁହୁ ଦୌଡ଼ିଯାଇ ବାପା କହି ଭୋ ଭୋ କାନ୍ଦିଛି । ସମ୍ପୂର୍ଣ୍ଣ ସଭା ସ୍ତବ୍ଧ । ସମସ୍ତଙ୍କ ଆଖିରେ ଲୁହ ଆଉ ମାନିନି । ଝରି ଚାଲିଛି ଲୁହ । କୁହୁ ତାଙ୍କ ହାତ ଧରି ତଳକୁ ଆସିଛି । ବୁଲିପଡ଼ି ତା ବାପାଙ୍କୁ ଚାହିଁ କହିଛି love you papa. ବହୁତ ପଛରେ ଥିବା ତା ମା ପାଖକୁ ଯାଇ ବସିଛି । ସେଦିନ ଦୁହିଁଙ୍କ ଛାତି ତା ବାପାଙ୍କ ପାଇଁ ଗର୍ବରେ ଉତଫୁଲ୍ଲିତ ହେଉଥିଲା ।

କ୍ରମଶଃ ସଭା କାର୍ଯ୍ୟ ଆଗେଇ ଶେଷରେ ପରିସମାପ୍ତି ହେଇଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତଫାତ୍



ଆଶୁତୋଷ
ମେହେର

**୧୯୭୦ ଦଶକରେ ମୋ ବାପା**

ରବିବାର ସକାଳ... ଛଅଟା ପାଖାପାଖି, ମୋ ବାପାଙ୍କ କଣ୍ଠସ୍ୱର;

ରାମୁଁ... ଜଲଦି ଉଠିଯା... ବିଛଣା ଛାଡ । ହେଇ ଦେଖ ତୋ ମାଁ ସକାଳୁ ତା କାମ ସାରି ତୁଳସୀ ଚଉଁରାରେ ପାଣି ଢାଳି ସାରିଲାଣି ।

ଦାନ୍ତକାଠି ଘସି ପକା ଶୀଘ୍ର । ସେ ଖଜୁରୀ ପଟିଟା ଅଗଣାରେ ତଳେ ପକାଇ, ପ୍ରଥମେ ପଣାକିଆ ୨ ରୁ ୨୦ ଯାଏଁ ଲେଖିବୁ । ତା'ପରେ ସାହିତ୍ୟ ବହିର ପନ୍ଦର ପୃଷ୍ଠାକୁ ପୁରା... ଗୋଲ ଗୋଲ ଅକ୍ଷରରେ ସଫା ସଫା ଛାଡି ଛାଡି ଉତାରି ଲେଖି ରଖିବୁ । ହଁ ମୁଁ ଯାଉଛି ପାଖ ହାଟରୁ ଶାଗ ପନିପରିବା ଆଣିବାକୁ । ଫେରିଲା ବେଳକୁ ହରିଗୁଡିଆ ଦୋକାନରୁ ବରା ଆଉ ଗୁଲୁଗୁଲା ଆଣିଦେବି ତୋ ପାଇଁ । ଯଦି ମୋର ଟିକିଏ ଡେରି ହୁଏ ଓ ତୋ ପାଠକାମ ସରିଯିବ ତେବେ ସାମଜିକ ବହିର ଏସିଆ ମହାଦେଶ ବିଷୟ ପଢୁଥିବୁ । ହାଟରୁ ଫେରିଲେ ମିଶିକିନା ଜଳଖିଆ କରିବା । ଜାଣିଲୁ...

ହଁ କହି ମୁଣ୍ଡ ଟୁଙ୍ଗାରୁ ଥିଲି ମୁଁ

X X X X

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୨000 ଦଶକରେ ମୁଁ ବାପା...

ରବିବାର ସକାଳ.... ସମୟ ୮-୩0 ପାଖାପାଖି

ଓ ମାଇଁ ସୁଇଟ୍ ଚାଇଲଡ୍ ଜନ୍ନି ବେଟା.... ନିଦ ଭାଙ୍ଗିଲାଣି ତ ? ଏଇ ଦେଖ ମୁଁ ଆଉ ମମ୍ମି ଏବେ ଉଠିଗଲୁଣି... ଆଉ ମୁଁ ଆମ ଦୁହିଁଙ୍କ ପାଇଁ ବେଡ୍ ଟି କରିସାରିଲିଣି । ତୁ ଉଠିଲେ ପ୍ରଥମେ ବ୍ରସ୍ କରିବୁନା ? ?.. ହଉ ମୁଁ ଜାଣିଛି... ତେଣୁ ତ ରାତିସାରା ଚାର୍ଜରେ ବସାଇଛି ମୋବାଇଲ୍ ଟା... ଗୋଟାଏ ରାଉଣ୍ଡ ଫାୟାର୍ ଗେମ୍ ଖେଳିବୁ... ଜଲଦି ଉଠ୍ । ଗେମ୍ ଖେଳିକି ବ୍ରସ୍ ସାରିଲା ବେଳକୁ ମମ୍ମି ବି ବେଡ୍ ଟି ପିଇ ବାଥ୍ ରୁମ୍ ରୁ ଫେରି ତୋ ପାଇଁ ଗରମା ଗରମ କମପ୍ଲାନ୍ କ୍ଷୀର ରେଡି ରଖିଦେବେ ବେଟା । ମୁଁ ଅନ୍ ଲାଇନ୍ ପିଜ୍ଜା ଅର୍ଡର୍ କରିଦେଲିଣି ବାବା ତୁମ ବ୍ରେକଫାଷ୍ଟ ପାଇଁ । ଉଠ ଜଲଦି ରେଡି ହେଇଯାଅ... ମାଇଁ ସୁଇଟ୍ ବୟ୍... ଦଶଟା ବେଳକୁ ଟିଉସନ୍ ସାର୍ ଆସିଯିବେ.... ଟାବଲେଟ ଟା ବି ଚାର୍ଜ ଅଛି... ଆଜି ପରା ବାଇଜୁ ଅନ୍ ଲାଇନର ସ୍ପେଶିଆଲ୍ ମେଥ୍ କ୍ଲାସ୍... ତୁମ ସାଥିରେ ମୁଁ ବି ପଢିବି ଯେ... ଦରକାର ବେଳେ ତୁମକୁ ସାହାଯ୍ୟ କରିବାକୁ... ! !

ହେଇ ମମ୍ମି ବାଥ୍ ରୁମ୍ ରୁ ବାହାରିଲେଣି... ମୁଁ ଚାଲିଲି ରେଡ୍ଡି ହେବା ପାଇଁ । ତୁମେ ଭି ଆର୍ ବାଥ୍ ରୁମ ରେ କାମ ସାର....ହଁ ଜଲଦି ସାର.... ଆଉ ଲେଟ୍ କରନି

୫୪ ଆର୍ଯ୍ୟପଲ୍ଲୀ

କିଟଛକ ପଟିଆ

ଭୂବନେଶ୍ୱର : ୭୫୧0୨୪

ଦୂରଭାଷ ୯୪୩୭0୮୫୩୯୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନ୍ନ ସଂସ୍ଥାନ


ବିନୟ କୁମାର ଦାସ

ମୂଳହିନ୍ଦୀ- ରାକେଶ ଶର୍ମ୍ମା

ଅନୁସୃଜନ- ବିନୟ କୁମାର ଦାସ

ଦାରିଦ୍ର୍ୟ ଓ ବେକାରୀଜୀବନ ସହିତ ଲଢୁଲଢୁ ଜଗତରାମ ଷାଠିଏ ବର୍ଷ ଟପିବା ପରେ ଏବେ ବାରମ୍ବାର ବିଭିନ୍ନ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଆହୁରି ଦୁର୍ବଳ ହୋଇ ଚାଲିଛି । ପୁଣି ଅତିକ୍ରାନ୍ତ ବୟସରେ ଯେଉଁ ପୁଅ ଜନ୍ମ ହେଲା ତାର ବୟସ ଏବେ ସତର । ସ୍ତ୍ରୀ ବି ନିରୋଗ ବୋଲି କହି ହେବନାହିଁ । ଯେତେବେଳେ ଯେଉଁ କାମ ମିଳିଲା, ସେଇ କାମ କରି ଦୈନିକ ଯେତିକି ମଜୁରୀ ଆଣେ ସେତିକିରେ ସେହି ଦିନଟି କଷ୍ଟେମଷ୍ଟେ ଚଳିଯାଏ ସିନା, ହେଲେ ତା ପରଦିନ ପାଇଁ ପେଟ ଚିନ୍ତା ହିଁ ରାତିରେ ଆଖିକୁ ନିଦ ଆସିବାକୁ ଦିଏ ନାହିଁ । ଶରୀର କ୍ଷୀଣରୁ କ୍ଷୀଣତର ହେବାରେ ଲାଗିଛି । ଦୁର୍ବଳତର ହୋଇଚାଲିଛି ସ୍ୱାସ୍ଥ୍ୟ । ଆଜି ଆଖି ବୁଜି ଦେଲେ, କାଲି ସେମାନେ କେମିତି ଚଳିବେ ସେଇ ଚିନ୍ତା ଜଗତରାମକୁ ଆହୁରି ହତୋତ୍ସାହ କରି ଦେଉଛି ।

ସେଦିନ ସେ କିଛି କାମ ପାଇବା ଆଶାରେ ରେଳବାଇ ପାର୍କ ନିକଟରେ ବୁଲୁଥିବା ବେଳେ ଦେଖିଲା ଟିକେ ଦୂରରେ ଥିବା ପୋଲ୍ ଉପରେ ରେଳଗାଡି ଆସୁଛି । ଏ ପାଖରୁ ଠିକ୍ ସେତିକି ବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଲଗାଡିଟିଏ ଯାଉଛି ଦ୍ରୁତଗତିରେ । ଚାହୁଁଚାହୁଁ ପୋଲ ଉପରେ ଦୁଇଟି ଗାଡି ସାମ୍ନାସାମ୍ନି ଧକ୍କା ଲାଗିଗଲା । ବାପ୍ ରେ ବାପ୍ ! କି ପ୍ରଚଣ୍ଡ ଶବ୍ଦ ! ! ତାପରେ ପୋଲ ତଳକୁ ଓଲଟି ପଡିଲା ଦୁଇଟିଯାକ ଗାଡି । ଯାତ୍ରୀମାନଙ୍କ କରୁଣ ଚିତ୍କାର ଭାସିଆସିଲା । ଆଉ ବିଳମ୍ବ କଲା ନାହିଁ ଜଗତରାମ । ଭଗବାନଙ୍କୁ ଅଶେଷ ଧନ୍ୟବାଦ ଦେଲା । ଏ ସୁଯୋଗ ଆଉ ମିଳିବ ନାହିଁ । ବଡମାନେ କହିଛନ୍ତି, ଜୀବନରେ ସୁଯୋଗ ବାରମ୍ବାର ଆସେ ନାହିଁ । ଯିଏ ସୁଯୋଗର ସଦ୍ ବ୍ୟବହାର କରି ପାରେନା, ସେ ସାରା ଜୀବନ ପସ୍ତାଏ । ଏତିକି ଭାବୁଭାବୁ ସେ ପୋଲ ପାଖରେ ପହଂଚି ସାରିଥିଲା । ବିଳମ୍ବ ନ କରି ପୋଲ ଉପରୁ ତଳକୁ ମାରିଦେଲା ଡିଆଁ । ବାସ୍, ମୃତାହତଙ୍କ ଭିତରେ ତା ନାମ ବି ସାମିଲ ହୋଇଗଲା ।

କହିବା ବାହୁଲ୍ୟ ଯେ ରେଳବାଇ ଇନକ୍ୱାରୀ ପରେ ତାର ମୃତଦେହ ସେହି ଦୁର୍ଘଟଣାସ୍ଥଳରୁ ହିଁ ପ୍ରାପ୍ତ ହୋଇଥିଲା । ବିଧିବଦ୍ଧ ଭାବରେ ଚିହ୍ନଟ ହେଲା । ଆଉ ତାର ପରିବାର ବର୍ଗ ମୃତଯାତ୍ରୀଙ୍କ ଅନୁକମ୍ପା ରାଶି ପ୍ରାପ୍ତ ହେଲେ ।

ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
ମୋ-୭୯୭୮୭୦୩୭୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋଡ଼



ସିପ୍ରା ନାମତା

ମାସକୁ ଥରେ କୌଣସି ଅନାଥାଳୟ, ବୃଦ୍ଧାଶ୍ରମ କିମ୍ବା ମେଣ୍ଟାଲ ହସ୍ପିଟାଲ ପରି ଅନୁଷ୍ଠାନକୁ ମୋର ଯିବାର ଅଭ୍ୟାସ ଥାଏ । ଏଥର ମେଣ୍ଟାଲ ହସ୍ପିଟାଲ ସିଡୁଲରେ ଥିଲା । ସେଦିନ ଯାଇ ଫେରି ଆସିବା ପରେ ମନ ଖୁବ ଚଞ୍ଚଳ ଆଉ ଅସ୍ତବ୍ୟସ୍ତ ଲାଗୁଥାଏ । ପାଗଳ ଗାରଦର ଅନ୍ତେବାସୀଙ୍କ ପାଇଁ କିଛି କମ୍ବଳର ବ୍ୟବସ୍ଥା କରିଥିଲି । କମ୍ବଳ ଦେବା ବେଳେ ସେ ମହିଳା ଜଣକ କାହିଁକି କେଜାଣି ବହୁତ ପରିଚିତ ପରି ମନେ ହେଲା । ଏହା ମଧ୍ୟରେ ମୁଁ କିଛି କିଛି କଥା କେତେବେଳେ କେମିତି ଭୁଲି ଯାଉଛି । ସ୍ମୃତି ଜଗତର ଦୃଶ୍ୟ ଗୁଡିକର କ୍ରମ ସବୁ ଏପଟ ସେପଟ ହୋଇ ଯାଉଥାନ୍ତି । ଆଜିକୁ ତିନିଦିନ ହୋଇଗଲାଣି ତାଙ୍କ ସହ ମୋର ସାକ୍ଷାତ । ଆଉ ଥରେ ପାଗଳ ଗାରଦ ଯିବି ବୋଲି ମନସ୍ଥ କରିଥାଏ । ତାଙ୍କ ଇତିହାସଟା ସେଇଠାରୁ ହିଁ ମିଳିପାରିବ । ମନର ଚଞ୍ଚଳତାକୁ ବଶ କରି ନ ପାରି ତା' ପରଦିନ ସେଠି ଯାଇ ପହଞ୍ଚିଗଲି । ଠିକ ମେନଗେଟ ପାଖରେ ଅପ୍ରତ୍ୟାଶିତ ଭାବେ ଦେଖା ହୋଇଗଲା ନର୍ସ ଚାରୁମତିଙ୍କ ସହ । ଅନେକ ଦିନ ପୂର୍ବରୁ ମୁଁ ତାଙ୍କ ଘରେ ଭଡାରେ ଥିଲି । ସେ ମୋତେ ଦେଖି ଆଦୌ ଆଶ୍ଚର୍ଯ୍ୟ ହେଲେ ନାହିଁ । ଏତେ ଦିନପରେ ଦେଖା ହୋଇଥିବାରୁ ସେ ଖୁସି ହେଲେ ଏବଂ ମୋ ଭଲ ମନ୍ଦ କଥା ପଚାରି ବୁଝିଲେ । ମୋ ଆସିବାର କାରଣ ସମ୍ବନ୍ଧରେ ଅବଗତ ହେବା ପରେ ସେଠାକାର ପ୍ରଧାନ ସେବିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖକୁ ନେଇଯାଇ  ସମସ୍ତ ତଥ୍ୟ ପାଇବାରେ ମୋତେ ସାହାଯ୍ୟ ମଧ୍ୟ କଲେ  ।

ମୋର ଆଶଙ୍କା ସତ୍ୟ ହେଲା । ସେ ଥିଲେ ଅପର୍ଣ୍ଣା ଦେବୀ । ତାଙ୍କ ଝିଅକୁ ମୁଁ ସେତେବେଳେ ଟ୍ୟୁସନ କରୁଥିଲି । ଭଦ୍ରମହିଳା ଥିଲେ ଖୁବ ସୁଶୀଳା, ସୁଗୁଣବତୀ ତଥା ଜଣେ ଶିକ୍ଷୟିତ୍ରୀ । ତାଙ୍କ ସ୍ୱାମୀ ଥିଲେ ଠିକ ବିପରୀତ କଳହ ପ୍ରିୟ, କର୍କଶ ଆଉ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ତାଙ୍କର ଯେମିତି ପ୍ରିୟ ଥିଲା । କଥା କଥାକେ ଅକାରଣରେ ଦୋଷ ଖୋଜିବା, ଯୁକ୍ତି କରିବା ତାଙ୍କର ଯେମିତି ଆନନ୍ଦଦାୟକ ଅଭ୍ୟାସ ଥିଲା । ଅନେକ ଥର ତାଙ୍କର ଉଚ୍ଚ କଠିନ ସ୍ୱର ମୋ କାନରେ ପଡିଛି । ଅପର୍ଣ୍ଣା ଦେବୀ ଖୁବ ସ୍ନେହୀ ଥିଲେ । ଅଳ୍ପ ଦିନର ପରିଚୟରେ ଆପଣାର କରିନେବାର କଳା ତାଙ୍କର ଥିଲା । ସେଇ ଦୃଷ୍ଟିରୁ ମୁଁ ଥରେ ଥରେ ତାଙ୍କୁ ପଚାରି ଦିଏ, ଏମିତି ବ୍ୟବହାର ସେ କାହିଁକି କରନ୍ତି ?

ଅପର୍ଣ୍ଣା ଦେବୀ ଯେଉଁ ଉତ୍ତର ଦେଇଥିଲେ ମୁଁ ଦୁଃଖିତ ହେବା ସହିତ ଖୁବ ଆଶ୍ଚର୍ଯ୍ୟ ମଧ୍ୟ ହୋଇଥିଲି ।

ମୋର ଗୋଟିଏ ଭଉଣୀ ଶାଶୁ ଘରେ ଯୌତୁକ ନିର୍ଯ୍ୟାତନାର ଶୀକାର ହେବାରୁ ସେ ତା' ସ୍ୱାମୀକୁ ବାଧ୍ୟ ହୋଇ ଛାଡପତ୍ର ଦେଇଦେବା କଥା ତାଙ୍କୁ କହିଥିଲି । ଅପର୍ଣ୍ଣା ଦେବୀଙ୍କର ଉତ୍ତର ମୋତେ ଆହୁରି ବ୍ୟଥିତ କରିଥିଲା  ।

- ଅରୁଣ ବାବୁ, ମୋ ବାପାଙ୍କର ମୁଁ ଏକମାତ୍ର କନ୍ୟା ।

ମୋର ତାଙ୍କୁ ଡିଭର୍ସ ଦେବାଟା ମୋତେ ଯେତିକି ସମସ୍ୟା ନ ଦେବ ମୋ ବାପାଙ୍କୁ ସେତିକି ସମସ୍ୟା ଦେବ । ମୋର ମା ଅନେକ ଦିନରୁ ସଂସାର ଛାଡି ଚାଲିଯାଇଛନ୍ତି । ଆମେ ଏଠି ବାପାଙ୍କ ଘରେ ରହିଛୁ ନା । ସେ ତ ଏମିତିରେ ଶ୍ୱଶୁରଙ୍କୁ ବି ଯଥେଷ୍ଟ ସମ୍ମାନ ଦିଅନ୍ତି ନାହିଁ । ଶାଶୁଘର ଲୋକେ ବହୁତ କଥା କହିବେ ଯେଉଁଥିରେ ସତ ଏକ ଭାଗ ଥିଲେ ମିଛ ଥିବ ଅନେଶତ ଭାଗ । ସେ ସବୁ କଥା ବାପା ସହି ପାରିବେନି ମରିଯିବେ । ଭାଗ୍ୟରେ ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁଃଖ ଅଛି କହିବି କାହାକୁ ? ଆମ ସମାଜରେ ଲିଙ୍ଗଗତ ସମାନତା ଉପରେ ଯେତେ ଯାହା କହିଲେ କଣ ହେବ ? ଯେତେ କହିବ ଯେ ପୁଅ ଝିଅ ସମାନ ସେ କଥା କେବଳ କଥାରେ ହିଁ ଶୋଭା ପାଏ । ଏ ସମସ୍ୟାର ସମାଧାନ କେବେ ମଧ୍ୟ ହୋଇପାରିବ ନାହିଁ । ସେଥିପାଇଁ ତ ପୁଅ ହେଲା ନାହିଁ ବୋଲି ତାଙ୍କର ରାଗ ! ବଂଶ ନିର୍ବଂଶ ହୋଇଗଲା, ଉତ୍ତରାଧିକାରୀ କେହି ରହିଲେନି ବୋଲି ମୋତେ ଓ ମୋ ବାପାଙ୍କୁ ଯେତେ ଅପମାନ ଦିଅନ୍ତି ସେ କଥା ନ କହିବା ଭଲ । କଟୁକ୍ତି ସହି ନପାରି ପୁଅ ଆଶାରେ ଆଉ ଏକ ସନ୍ତାନ ଚାହିଁଲି ଯେ ସେ ବି ହେଲା ଝିଅ, ତା ଉପରେ ରୋଗା । ଗୋଟିଏ ସନ୍ତାନକୁ ନେଇ ରହିବାର ନିଷ୍ପତ୍ତିକୁ ପରିବର୍ତ୍ତିତ କରିବାର ଦଣ୍ଡ ଏତେ ବଡ ମିଳିଲା ଯେ, ବଞ୍ଚିବା କଷ୍ଟକର ହୋଇପଡୁଛି । ଦ୍ୱିତୀୟ ସନ୍ତାନର ନିଷ୍ପତ୍ତି ମୋ ପାଇଁ ସମ୍ପୂର୍ଣ୍ଣ ଭୁଲ ଥିଲା । ଦୁଇଟି ଅସ୍ତ୍ରୋପଚାର ପରେ ଆଉ ତୃତୀୟ ପାଇଁ ସମସ୍ତ ସମ୍ଭାବନା ବନ୍ଦ ହୋଇ ଯାଇଥିଲା । ସେଥିରେ ସ୍ୱାମୀଙ୍କର ସହଯୋଗ ନାହିଁ ଆଉ କରିବି କଣ ? ଯାଙ୍କ ସହିତ ପଶୁ ବି ରହିବାକୁ ନାପସନ୍ଦ କରିବ । କେବଳ ଏଇ ଛୁଆ ଦୁଇଟିଙ୍କ ପାଇଁ ସବୁ କିଛି ନୀରବରେ ସହି ନୀରବ ରହିବାକୁ ପଡୁଛି । ଭାଗ୍ୟରେ ସୁଖ ଥିଲେ କଣ ମିଳି ନ ଥାନ୍ତା ? ?"

ମୋର ଆଉ କିଛି କହିବାର ନ ଥିଲା । ମୋତେ ତାଙ୍କ ସ୍ଥିତି ବହୁତ ବ୍ୟଥିତ କରୁଥିଲା । ଅନ୍ୟ କେତେଟା ଟ୍ୟୁସନ କରି ତାଙ୍କ ଘରେ ଶେଷ ଟ୍ୟୁସନ କରୁଥାଏ ମୁଁ । ପ୍ରାୟ ରାତି ଖାଇବା ତାଙ୍କ ଘରେ ଖାଇ ମେସକୁ ଫେରୁଥିଲି । ପ୍ରତ୍ୟାଶା ବହୁତ ବେଶୀ ମେଧାବୀ ନ ଥିଲେ ବି ସେମିତି ମୂର୍ଖ ମଧ୍ୟ ନ ଥିଲା । ପାଠ ବୁଝିପାରୁ ଥିଲା ଓ ଭଲ ମାର୍କ ଆଣୁଥିଲା । ଷ୍ଟାଣ୍ଡର୍ଡ ସେଭେନ ପଢାଉଥିବା ସମୟରେ ମୋର ଅଧ୍ୟାପକ ଚାକିରୀ ହୋଇଗଲା ଓ ମୁଁ ବାଲେଶ୍ୱରରୁ ରାଉରକେଲା ଚାଲିଗଲି । ବୋଧହୁଏ ପ୍ରତ୍ୟାଶାକୁ ମୁଁ ଚାରି ପାଞ୍ଚବର୍ଷ ପଢାଇଥିଲି । ଅପର୍ଣ୍ଣା ଦେବୀ ମୋତେ ସାନଭାଇ ଭଳି ଦେଖିବାକୁ ଲାଗିଥିଲେ ଓ ମୋ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହାତରେ ରାକ୍ଷୀ ମଧ୍ୟ ବାନ୍ଧିବା ଆରମ୍ଭ କରିଦେଇଥିଲେ ।

ପ୍ରତ୍ୟାଶା କଥା ମନକୁ ଆସିବା କ୍ଷଣି ମୁଁ ବହୁତ ବିବ୍ରତ ହେଲି । କୋଉଠି ଅଛି, କଣ କରୁଛି ? ଆଉ ସେ ଜଘନ୍ୟ ଲୋକ ଟା .... ! ତା'ର ଅସ୍ତିତ୍ୱ ଅଛି କି ନାହିଁ ??

ଅପର୍ଣ୍ଣା ଦେବୀ ଯେମିତି ନୀରବତା ଭିତରେ ହଜିଯାଇଛନ୍ତି । ଶୂନ୍ୟତା ଆଉ ତାଙ୍କ ଭିତରେ ଯେମିତି କୌଣସି ଅନ୍ତରାଳ ନାହିଁ । ପୃଥିବୀ ପୃଷ୍ଠର ଅନେକ କୋଳାହଳ ଠାରୁ ସେ ବହୁତ ଦୂରରେ ।

ମୋର ଚାକିରୀ ଆଉ ଦୁଇବର୍ଷ । ରିଟାର୍ଡ କରିବା ପୂର୍ବରୁ କିଛି ଅନାଥ ଓ ବେସାହାରା ପିଲା, କିଛି ବିଧବା ଓ ସମାଜ ଦ୍ୱାରା ପ୍ରତ୍ୟାଖିତ ମହିଳାଙ୍କ ସହାରା ପାଇଁ ଗୋଟିଏ ଆଶ୍ରମ ସ୍ଥାପନ କରିଥାଏ । ଅପର୍ଣ୍ଣା ଦେବୀଙ୍କୁ ତାଙ୍କର ମାନସିକତାରୁ ବାହାର କରିବାକୁ ହେବ । ପୁଣି ଚାରୁମତିଙ୍କ ସାହାଯ୍ୟରେ ଅପର୍ଣ୍ଣା ଦେବୀଙ୍କୁ ମୋ ଆଶ୍ରମରେ ରଖାଇଦେଲି । ବିଧିବଦ୍ଧ ଚିକିତ୍ସା ଓ ଆଶ୍ରମରେ ଥିବା ପିଲାଙ୍କ ସଂସ୍ପର୍ଶରେ ଆସି ତାଙ୍କ ନୀରବତା କିଛି ମାତ୍ରାରେ ଦୂର ହେଉଥିଲା । ବିଭିନ୍ନ ଚିତ୍ରକଳା, ବଗିଚା କାମ, ଅନ୍ୟାନ୍ୟ ହସ୍ତଶିଳ୍ପ ଆଦିରେ ମଜ୍ଜି ରହି ମାନସିକ ଅବସାଦରୁ ଦୁରେଇ ରହୁଥିବାର ଦେଖି ମୋ ମନରେ କିଛି ମାତ୍ରାରେ ଶାନ୍ତି ଆସୁଥାଏ ।

ଆଶ୍ରମର ସଂଚାଳକଙ୍କ ପ୍ରଶ୍ନ ମୋତେ ଦିନେ ଖୁବ ଅପ୍ରସ୍ତୁତ କରିଦେଲା । ମୋ ଭିତରେ ଗୋଟେ ଭୟଙ୍କର ଜୁଆରଟେ ମାଡି ଆସିଲା ପରି ମୋତେ ଲାଗିଲା ।

- ସାର, ଅପର୍ଣ୍ଣା ଦେବୀ ଆପଣଙ୍କର ସମ୍ପର୍କୀୟା କି ?

- ଆପଣ ତାଙ୍କ ପ୍ରତି ବହୁତ ସମ୍ବେଦନଶୀଳ । ଆପଣ ଆସିଲେ ପ୍ରଥମେ ତାଙ୍କରି କଥା ହିଁ ବୁଝନ୍ତି ତାଙ୍କ ପାଖକୁ ଯାଆନ୍ତି ନା ସେଥିପାଇଁ । ଆପଣଙ୍କୁ ଦେଖିଲେ ସେ ଯେମିତି ଖୁସି ହୁଅନ୍ତି ଲାଗେ ଆପଣ ଯେମିତିକି ତାଙ୍କର କେହି .... ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ତାଙ୍କୁ ଆଉ କଥା ଲମ୍ବାଇବାର ସୁଯୋଗ ନ ଦେଇ କହିଲି, “ହଁ ସେ ମୋର ଜଣେ ଦୂର ସମ୍ପର୍କୀୟ ।”

ମୁଁ ଅବିବାହିତ ବୋଲି ସଂଚାଳକ ଜାଣିଥିଲେ । ଭଉଣୀର ଦୁଃଖଦ ସ୍ଥିତି ପରେ ଘରର ବିଭିନ୍ନ ସମସ୍ୟା ବାପା, ବୋଉଙ୍କର ମାନସିକ ଦୁଶ୍ଚିନ୍ତା ତା ଉପରେ ବଡ ଭାଇଙ୍କର ଅନ୍ୟତ୍ର ଅବସ୍ଥିତି, ଘର ବିଷୟରେ ଭଲମନ୍ଦ ବୁଝିବାର ଅନାଶକ୍ତି ଇତ୍ୟାଦିଙ୍କୁ ନେଇ ନିଜ ସଂସାର କରିବାର ସ୍ପୃହା ଆଉ ନଥିଲା । ଆଉ ସେଇଥିପାଇଁ ଭୀଷଣ ଅପରାଧ ବୋଧରେ ବନାନୀକୁ ଦେଇଥିବା କଥାକୁ ଭାଙ୍ଗି ଦେଇଥିଲି । ଅନେକ ବୁଝାଇଥିଲି, ମୋ ଅପାରଗ ପଣିଆକୁ ଦର୍ଶାଇ କ୍ଷମାଯାଚନା କରିଥିଲି ତାକୁ । ମଉଳି ଯାଇଥିଲା ବନାନୀର ଚେହେରା । ମୋ ଛାତିକୁ ଭିଜାଇ ଦେଇଥିଲା ତା ଆଖି ଲୁହରେ, ଆଉ ଫେରିଯାଇଥିଲା କାନ୍ଦୁ କାନ୍ଦୁ । ନିଜ ଅସହାୟତାରେ ନିଜେ ଭାଙ୍ଗିପଡିଥିଲେ ବି ବାପା ବୋଉଙ୍କର ଅସହାୟତାକୁ ଭାଙ୍ଗିବାକୁ ଦେଇ ନ ଥିଲି ମୁଁ ।

- ଅରୁଣ, ତୁମେ ଦୁଇ ଦିନ ହେବ ଆସିନାହଁ । ଦେହ ଠିକ ଅଛି ତ ?

ଅପର୍ଣ୍ଣା ଦେବୀଙ୍କ ପ୍ରଶ୍ନରେ ଚମକି ପଡିଲି ମୁଁ । ଏ ତ ସୁସ୍ଥ ମାନସିକତାର ଲକ୍ଷଣ । ଯାହା ହେଉ କିଛି ଅଗ୍ରଗତି ଘଟିଛି ।

-ହଁ, ଦେହ ଠିକ ଅଛି ମାଡମ । ଅନ୍ୟ କାମରେ ବ୍ୟସ୍ତ ଥିଲି ।

ତାଙ୍କ ସ୍ମରଣ ଶକ୍ତିର ପରୀକ୍ଷା କରିବା ପାଇଁ ମୁଁ ପ୍ରତ୍ୟାଶା କଥା ପଚାରିଲି ।

- ଆଚ୍ଛା, ପ୍ରତ୍ୟାଶା ଏବେ କଣ କରୁଛି ?

ମୋ ପ୍ରଶ୍ନରେ ସେ ସାମାନ୍ୟ ଚମକି ପଡିଲେ । ସଙ୍ଗେ ସଙ୍ଗେ ପୁଣି ସହଜ ହେବାର ଚେଷ୍ଟା କରୁ କରୁ ଚକ୍ଷୁ ଯୁଗଳ ଆର୍ଦ୍ର ହୋଇଯିବାର ଅନୁଭବ କରୁଥିଲି ମୁଁ ।

- ସେତେବେଳେ ସେ ପୋଷ୍ଟ ଗ୍ରାଜୁଏସନ କରୁଥିଲା । ତା'ପରେ ମୁଁ ଆଉ କିଛି ଜାଣିନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ମସ୍ତିଷ୍କରେ ଚାପ ପ୍ରୟୋଗ କରି ଏତିକି ମାତ୍ର କହିପାରିଲେ ସେ ।

X X X X

ଯେତିକି ଜାଣିଥାଏ, ମେଣ୍ଟାଲ ହସ୍ପିଟାଲରେ ରହିଥିବା ସମୟରେ ପ୍ରଥମେ ପ୍ରଥମେ ପ୍ରତ୍ୟାଶା ଅପର୍ଣ୍ଣାଦେବୀଙ୍କ ଚିକିତ୍ସାର କିଛି ଖର୍ଚ୍ଚ ପଠାଉଥିଲା । ତା ପରେ ଧୀରେ ଧୀରେ ବନ୍ଦ ହୋଇଗଲା । ବହୁତ ଅନୁସନ୍ଧାନ ପରେ ଅନେକ ଦୁଃଖଦ ତଥ୍ୟ ଆସିଲା ।

ପ୍ରତ୍ୟାଶା ପୋଷ୍ଟ ଗ୍ରାଜୁଏସନ କରିବା ପରେ ପରେ ଗୋଟେ ପ୍ରାଇଭେଟ କଲେଜରେ ରହିଥିଲା । କ୍ରମେ ତା'ର ସହକର୍ମୀ ବ୍ରାହ୍ମଣ ଯୁବକ ରାଜୀବକୁ ଭଲପାଇ କୋର୍ଟ ମ୍ୟାରେଜ କରିଥିଲା ରାଜୀବ ପରିବାରର ଅଗୋଚରରେ । ବିବାହର ଦେଢବର୍ଷ ପରେ ପ୍ରତ୍ୟାଶା ଏକ ମୃତ କନ୍ୟା ସନ୍ତାନର ଜନନୀ ହୋଇଥିଲା, ଯାହା ଉଭୟଙ୍କୁ ଗଭୀର ମାନସିକ ଆଘାତ ଦେଇଥିଲା । ରାଜୀବ ପରିବାରର ଚାପ ଆଗରେ ମୁଣ୍ଡ ନୁଆଁଇ ସେ ପ୍ରତ୍ୟାଶାକୁ ଡିଭୋର୍ସ ଦେଲା । ପରେ ପରେ ପ୍ରତ୍ୟାଶା ଜାଣିଲା ସେ ଦ୍ୱିତୀୟ ଥର ପାଇଁ ମାଆ ହେବାକୁ ଯାଉଛି । ପ୍ରସବ ମୁହୂର୍ତ୍ତ ନିକଟତର ହେବାରୁ ସେ ସରକାରୀ ହସ୍ପିଟାଲରେ ନିଜକୁ ଭର୍ତ୍ତି କରାଇ ନେଇଥିଲା । ଶିଶୁର ପିତାଙ୍କୁ ଖୋଜିବା ସମୟରେ ଡାକ୍ତରଙ୍କୁ ରାଜୀବର ଫୋନ ନମ୍ବର ଦେବା ସମୟରେ ଜାଣିବାକୁ ପାଇଲା ଯେ ଅସ୍ତ୍ରୋପଚାର ହେବାର ଅଛି ବୋଲି ଡାକ୍ତର ରାଜୀବଙ୍କୁ ଖୋଜୁଛନ୍ତି । ଗର୍ଭଯନ୍ତ୍ରଣା ସହି ନପାରି ସେ ଫର୍ମରେ ଦସ୍ତଖତ କରିଦେଇ ଡାକ୍ତରଙ୍କୁ କାକୁତି ହୋଇ କହିଲା, "ଡାକ୍ତର ବାବୁ ମୁଁ ଆଉ ପାରୁନି, ଦୟାକରି ଅପେକ୍ଷା ନ କରି ମୋତେ ଏ ଯନ୍ତ୍ରଣାରୁ ମୁକ୍ତି ଦିଅନ୍ତୁ । ମୋର ଯଦି କିଛି ହୋଇଯାଏ ତେବେ ଶିଶୁଟିକୁ ରାଜୀବଙ୍କୁ ଯେମିତି ହେଲେ ହସ୍ତାନ୍ତର କରିବେ । ମୋତେ କଥା ଦିଅନ୍ତୁ ।"

ପ୍ରତ୍ୟାଶାର କଣ୍ଠ ଧୀରେ ଧୀରେ ଅସ୍ପଷ୍ଟ ହେଉଥିଲା, "ମା ତୁ କୋଉଠି ଅଛୁ ତୋତେ ଦେଖି ପା ..ରି...ଲି...ନି"

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଚେତନା ହରାଇବା ପୂର୍ବରୁ ତାକୁ ଖୁବ ଶୀଘ୍ର ସର୍ଜରୀ କରି କନ୍ୟା ସନ୍ତାନଟିକୁ ମୃତ୍ୟୁ ମୁଖରୁ ଉଦ୍ଧାର କରିଥିଲେ ଡାକ୍ତର । କିନ୍ତୁ ପ୍ରତ୍ୟାଶା ଆଉ ଆଖି ଖୋଲି ନ ଥିଲା ।

ବିଚାରୀ ମାଆଟି ତ ଆଉ ଦେଖି ପାରିଲାନି ନିଜ ଜନ୍ମିତ ସନ୍ତାନକୁ ମଧ୍ୟ ଦେଖିପାରିଲା ନାହିଁ କିମ୍ବା ଯାହାକୁ ହୃଦୟ ଦେଇ ଭଲ ପାଇଥିଲା ତା'ର ଉପସ୍ଥିତି ବି ନଥିଲା ସେଠି । ହାୟ, କି କପାଳ ନେଇ ଆସିଥିଲା ସତରେ ! !

ଦୁଇ ଘଣ୍ଟା ପରେ ରାଜୀବ ପହଞ୍ଚିଥିଲା କିନ୍ତୁ ତା'ର ଦୁର୍ଭାଗ୍ୟ ପ୍ରତ୍ୟାଶାକୁ ଜୀବନ୍ତ ଦେଖିବାର ସୁଯୋଗ ତା ପାଖରେ ନଥିଲା । ସେ ଡାକ୍ତରଙ୍କ ପାଖରୁ ସବୁକିଛି ଅବଗତ ହେବା ପରେ କିଛି ସମୟ ପାଇଁ ଦ୍ୱନ୍ଦରେ ରହି ପୁଣି ଦୃଢମନା ହୋଇ ଶିଶୁକୁ ଗ୍ରହଣ କଲା ପରେ ସେଇ ହସ୍ପିଟାଲର ଲୋକଙ୍କର ସହାୟତାରେ ପ୍ରତ୍ୟାଶାର ଅନ୍ତିମସଂସ୍କାର କରି ଫେରି ଯାଇଥିଲା ନିଜ ଘରକୁ । ଘର ଲୋକଙ୍କ ଯୁକ୍ତିତର୍କ ଓ ଉତ୍ତେଜନାକୁ ଶାନ୍ତ କରି ରାଜୀବର ସ୍ତ୍ରୀ ମାଳା ଶିଶୁ କନ୍ୟା କୁ ଗ୍ରହଣ କରିଥିଲା ।

ଗୋଟେ ହାତ ଲେଖା ଡାଏରୀ ମିଳିଥିଲା ପ୍ରତ୍ୟାଶାର ଜିନିଷପତ୍ର ଭିତରୁ । ତା ଜୀବନର ଘଟଣା ଚକ୍ର ଭିତରୁ କେଇଟା କଥା ଭୀଷଣ ବ୍ୟଥିତ କରୁଥିଲା ମୋତେ ।

-"ମାଆ, ତୁ ପାଗଳୀ ହୋଇଯିବା ପରେ ବାପା ଆମକୁ ଛାଡି ଚାଲିଗଲେ । ତାଙ୍କ କର୍ତ୍ତବ୍ୟ ସେ ଭୁଲିଗଲେ । କିଛି ମାସ ପରେ ଆଜାଙ୍କର ହାର୍ଟ ଫେଲରେ ମୃତ୍ୟୁ ହୋଇ ଗଲା । ଆମର ଆଉ କେହି ସାହା ଭରସା ରହିଲେନି ।

( ଅକ୍ଷର ଗୁଡାକ କେମିତି ଲୁହ ଛିଟା ରେ ଝାପ୍ସା ଦେଖାଯାଉଥିଲା )

ଆମେ ଅନାଥ ହୋଇଗଲୁ । ଟ୍ୟୁସନ କରି ମୁଁ ପଢୁଥିଲି ଓ ମେଘାକୁ ପଢାଉଥିଲି । ଯୋଗକୁ ଜଣେ ପ୍ରୋଫେସର ଆମ ଘର ଭଡା ନେଇ ରହିଲେ । ସେ ରହିବାରୁ ଆମ ଖର୍ଚ୍ଚ ସୁବିଧାରେ ହେଲା । ତା ପରେ ମୁଁ ଚାକିରୀ କଲି । ମେଘା ମେଧା ବୃତ୍ତି ପାଇଲା । ସେ ମୋଠୁ ବି ଭଲ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଛାତ୍ରୀ ମାଆ । ସାନ ବେଳେ ଅଲଗା ଦେଖାଯାଉଥିଲା । ଏବେ କିନ୍ତୁ ତୋ ପରି ଦେଖାଯାଉଛି । କିନ୍ତୁ ଦୁଃଖର କଥା ସେ ତୋ କଥା କିଛି ଜାଣେନି । ତା ପଢ଼ାରେ ଡିଷ୍ଟର୍ବ ହବ ବୋଲି ମୁଁ ତାକୁ ତୋ ବିଷୟରେ କିଛି କହେନାହିଁ । ତା ଗୋଡରେ ଠିଆ ହୋଇଯାଉ ତା ପରେ ବଳେ ଜାଣିବନି କି ! ! ତୁ କେବେ ଭଲ ହେବୁ ମାଆ ....

ଅକ୍ଷର ଗୁଡା ଲିଭି ଲିଭି ଯାଇଛି । ପ୍ରତ୍ୟାଶା କାନ୍ଦୁଥିଲା ଲେଖିବା ବେଳେ ନିଶ୍ଚୟ । ହଁ, କେମିତି ବା ନ କାନ୍ଦିବ ?

ସେଦିନ ଯାଇ ପହଞ୍ଚିଲି ମେଘା ପାଖରେ । ସେ ମୋତେ ଚିହ୍ନି ପାରିଲା ନାହିଁ । ମୁଁ ଅରୁଣ ସାର ପ୍ରତ୍ୟାଶାର ଟ୍ୟୁଟର ବୋଲି ପରିଚୟ ଦେବାରୁ, ସେ ମୋତେ ନମସ୍କାର କଲା ଓ ଝର ଝର ହୋଇ କାନ୍ଦି ପକେଇଲା । ମୁଁ ତାକୁ କଣ ବା ଶାନ୍ତ୍ୱନା ଦେବି କିଛି ବୁଝି ପାରୁ ନ ଥିଲି । ତଥାପି ତାକୁ ବୋଧ ଦେଇ ଚୁପ କରାଇଲି । ପ୍ରତ୍ୟାଶାର ମୃତ୍ୟୁ ଖବର ବହୁତ ପରେ ଜାଣିଲା ବୋଲି ସେ କହିଲା ।

ରାଜୀବ ଛାଡି ଚାଲିଗଲା ପରେ ପ୍ରତ୍ୟାଶା ଅନ୍ତସତ୍ତ୍ୱା ଥିବା ସମୟରେ କଲେଜ ପାଖରେ ଏକ ଛୋଟ ଘର ଭଡା ନେଇ ରହୁଥିଲା । ହସ୍ପିଟାଲକୁ ଯିବା ପୂର୍ବରୁ ସେ ମେଘା ପାଖକୁ ଫୋନ କରିଥିଲା । କିନ୍ତୁ ପରେ ସେ ଯେତେ ଫୋନ କଲେ ମଧ୍ୟ କେହି ତା ଫୋନ ଉଠାଉ ନ ଥିଲେ । ରାଜୀବ ଝିଅକୁ ନେଇ ଆସିଥିଲେ । ସବୁ କଥା କହି ସେ ଝିଅକୁ ନେଇ ଚାଲିଗଲେ । ଯେତେବେଳେ ଯାହା ସମସ୍ୟା ଆସିଲେ ତାଙ୍କୁ କହିବାରେ ସଙ୍କୋଚ ନ କରିବାକୁ କହି ଯାଇଛନ୍ତି ।

କହିବା ସମୟରେ ଧଙ୍କି ଧଙ୍କି କାନ୍ଦୁଥାଏ ମେଘା ।

- ତୁମ ମାଆ ଏବେ କୋଉଠି ? ଆଉ ବାପା ? ?

ଆଖିରୁ ଲୁହ ପୋଛି ପୋଛି କହିଲା ମେଘା, ମାଆ... ପାଗଳୀ... କୋଉ ପାଗଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାନାରେ ଅଛି ମୁଁ ଜାଣେନି । ମାଆ ଗଲା ପରେ ବାପା ଆମକୁ ଛାଡି ଚାଲିଗଲେ । "ଯେମିତି ମାଆକୁ ସେମିତି ଝିଅ... ମର ସବୁ ଏଥର" କହି ଦେଇଗଲେ । ଅଜା ଥିଲେ ସେ ବି ଚାଲି ଗଲେ । ଆଈକୁ ତ ମୁଁ ଦେଖିନି । ନାନୀ ଥିଲା ସେ ବି ଗଲା । ଏବେ ତ ମୁଁ ସମ୍ପୂର୍ଣ୍ଣ ଏକା । କେମିତି ବଞ୍ଚିବି ସାର ? ? ଭେଁ ଭେଁ ହୋଇ ପୁଣି କାନ୍ଦି ପକେଇଲା ସେ ।

- ମା'ଙ୍କ ପାଖକୁ ଯିବ ?

ସେ ଏକଦମ ଚୁପ ହୋଇଗଲା ଓ ଆଶ୍ଚର୍ଯ୍ୟ ହୋଇ ମୋତେ ଚାହିଁଲା ।

ମେଘାକୁ ନେଇ ମୁଁ ଅପର୍ଣ୍ଣା ଦେବୀଙ୍କ ପାଖକୁ ଗଲି । ନୀରବରେ ଅପଲକ ନେତ୍ରରେ ତାକୁ କିଛି ସମୟ ପାଇଁ ଏକ ଲୟରେ ଚାହିଁ ରହିଲେ ସେ । ପୁଣି ଗଛରେ ପାଣି ଦେବାକୁ ଚାଲିଯାଇ ମନକୁ ମନ ବିଡ଼ ବିଡ଼ ହୋଇ କଣ କହିବାକୁ ଲାଗିଲେ । ଶେଷ ଦୁଇପଦ ମୋ କାନରେ ପଡିଲା, "ଏତିକି ବଡ ହୋଇଥାନ୍ତା ।" ମୁଁ ଜାଣିପାରୁଥାଏ ସେ ମେଘା କଥା ହିଁ ମନେ ପକାଉଛନ୍ତି ।

ମେଘା କିଛି କହିବାକୁ ଉଦ୍ୟତ ହେଉଥିଲା ମୁଁ ତାକୁ ନୀରବ ରହିବାକୁ ଈଶାରା ଦେଲି । ମେଘା ଏବେ ପ୍ରାୟ ସବୁଦିନ ଆସେ । ଅପର୍ଣ୍ଣା ଦେବୀଙ୍କ କୋଳରେ ମୁଣ୍ଡ ରଖି ଶୋଇଯାଏ । ତାଙ୍କୁ ତା'ର ପତଳା ବାହୁରେ ଜଡାଇ ଧରେ ।

- ତୁ ଠିକ ମୋ ଝିଅ ପରି ଲାଗୁଛୁ । ମୋର ବି ଗୋଟେ ତୋ ପରି ଝିଅ ଥିଲା । କିନ୍ତୁ ଜାଣେନି ସେ ଏବେ କୋଉଠି ? କାହାର କିଛି ଖବର ମୋ ପାଖରେ ନାହିଁ ।

- ତା'ହେଲେ ମୁଁ ତୁମକୁ ଆଜିଠାରୁ ମାଆ ବୋଲି ଡାକିବି । ଡାକିବି ତ.... ! ! ତୁମର କିଛି ଆପତ୍ତି ନାହିଁ ତ...

ଅପର୍ଣ୍ଣା ଦେବୀଙ୍କ ସ୍ନେହ ବୋଳା ହାତ ମେଘା ମଥାରେ ବୁଲୁଥାଏ ।

ରବିବାର ଥାଏ । ମୁଁ ମୋର ଆଶ୍ରମରେ ଥାଏ । ମେଘା ଜଣେ ବ୍ୟକ୍ତି ଓ ଛୋଟ ଝିଅ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହିତ ଆସି ପହଁଚିଲା । ସେ ଦୁହେଁ ଆସି ମୋତେ ନମସ୍କାର କଲେ । ସେ ରାଜୀବ ବୋଲି ମେଘା ମୋ ସହିତ ପରିଚୟ କରାଇ ଦେଲା । ଛୋଟ ଝିଅଟି ପ୍ରତ୍ୟାଶାର ଝିଅ ଜାଣିବା ପରେ ମୋ ହୃଦୟରେ ଏକ ଶୀତଳ ଲାଭା ବୋହିଗଲା ।

ଡାକ୍ତରଙ୍କ କହିବା ଅନୁସାରେ ଅତୀତ ସ୍ମୃତିକୁ ଫେରିବା ପାଇଁ ବଳପୂର୍ବକ ଚେଷ୍ଟା କଲେ ଅପର୍ଣ୍ଣା ଦେବୀ ପୁଣି ଥରେ ସେଇ ନୀରବତା ଭିତରକୁ ଚାଲିଯିବେ । ଆଉ ଦ୍ୱିତୀୟ ଥର ପାଇଁ ତାଙ୍କୁ ସୁସ୍ଥ କରିବା ଖୁବ କଠିନ ହୋଇଯିବ । ଏକଥା ଶୁଣି ମେଘା ଓ ରାଜୀବ ସମ୍ପୂର୍ଣ୍ଣ ହତବାକ ହୋଇଗଲେ ।

- ସମ୍ମୁଖରେ ଜନ୍ମଦାତ୍ରୀ ମାଆକୁ ପାଇବା ପରେ ବି ସେ ଜାଣିପାରିବନି ମୁଁ ତା ଝିଅ ଆଉ ପରୀ ତା ନାତୁଣୀ । କେବେ ବି ଗେଲ କରିପାରିବନି ନିଜ ରକ୍ତର ଖେଳନାଟିକୁ ।

ବାଷ୍ପରୁଦ୍ଧ କଣ୍ଠ ଓ ଅଶ୍ରୁସିକ୍ତ ନୟନରେ ଗଛରେ ପାଣି ଦେଉ ଦେଉ ଦୂରକୁ ଚାଲି ଯାଉଥିବା ଅପର୍ଣ୍ଣା ଦେବୀଙ୍କୁ ଦେଖୁ ଦେଖୁ କହି ହେଉଥାଏ ମେଘା ।

- ସେ କେବେ ବି ଜାଣି ପାରିବନି ସାର, ଆମେ ସବୁ ତା ନିଜ ଲୋକ ବୋଲି ?

ପରୀର ମୁଣ୍ଡ ସାଉଁଳାଉ ସାଉଁଳାଉ ମୋତେ ପ୍ରଶ୍ନ କରୁଥାଏ ମେଘା ।

ମୁଁ ରାଜୀବକୁ ଧନ୍ୟବାଦ ଦେଇ କହିଲି, "ଏମିତି ସମୟ ପାଇଲେ ପରୀକୁ ତା ଆଈ ପାଖକୁ ଆଣୁଥିବ । କିଏ ଜାଣେ ଭଗବାନ କେତେବେଳେ କେଉଁ କବାଟ ଖୋଲିଦେବେ ।"

ସେତେବେଳେ ସନ୍ଧ୍ୟାର ଉପକ୍ରମ ହେଉଥାଏ, ହଲ ଭିତରୁ ଭାସି ଆସୁଥିଲା

"ତୁମ ଚରଣ ରେ ମୋର ଭକତି

ଦିଅ ବିପଦେ ସାହସ ଶକତି " ।

ଅପର୍ଣ୍ଣା ଦେବୀ ଆମ ପଟକୁ ଆସୁଥିଲେ । ପରୀକୁ ଘଡିଏ ଚାହିଁ ରହିଲେ । ସତେ ଯେମିତି ସେ ଚିହ୍ନିବାକୁ ଚେଷ୍ଟା କରୁଥିଲେ । ହଠାତ ନଇଁପଡ଼ି ପରୀକୁ କୋଳକୁ ଟେକି ନେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଛାତିରେ ଜଡାଇ ଧରିଲେ ।

ରାଜୀବ ଆଶ୍ଚର୍ଯ୍ୟ ହୋଇ ଚାହିଁଥାଏ । ଯେଉଁ ଛୁଆ ଅଜଣା ଲୋକଙ୍କୁ ଦେଖିଲେ କାନ୍ଦି ଉଚ୍ଛନ୍ନ ହୋଇଯାଏ, ସେ ଆଜି ନିର୍ବିକାର ଭାବେ ଅପର୍ଣ୍ଣା ଦେବୀଙ୍କ ଛାତିରେ ଆଉଜି ରହିଛି । ସେ କହୁଥିଲେ,

- ତୁ କିଏ ଲୋ ମା, ତୋ ପରି ଛୁଆଙ୍କର ମୁଁ ଆଇ ହେବି ।

ମେଘା ଆଖିରୁ ଅବିରାମ ଗତିରେ ଝରା ଶ୍ରାବଣର ଧାରା ଛୁଟୁଥିଲା ।

ସେ ମାକୁ ଯେତେ ମାଆ ବୋଲି ଡାକିଲେ ବି ସେ କେବେ ଜାଣିପାରିବନି ମେଘା ତା ନିଜ ଝିଅ ବୋଲି, ନିଜ ନାତୁଣୀକୁ ଆଇ ବୋଲି ପରିଚୟ ଦେଉଛି କେବେ ବି ଜାଣିପାରିବନି ପରୀ ତା ନିଜ ଝିଅର ଝିଅ । ଡିଭୋର୍ସ ହୋଇଥିଲେ ବି ରାଜୀବ ଯେ ତା ନିଜ ଜ୍ୱାଇଁଥିଲା ସେ କଥା ବି ସେ ଜାଣିପାରିବନି । ଆଉ ଜାଣିପାରିବନି ତାକୁ ଏତେ ଭଲପାଉଥିବା ତା ବଡ ଝିଅ ଏ ଦୁନିଆରେ ନାହିଁ ବୋଲି ।

ବାରିପଦା

ଭ୍ରାମ୍ୟଭାଷ : ୮୨୪୯୮୪୦୧୬୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରିଘୁରିକା



ସୁଧାଂଶୁ ଶେଖର ଦ୍ୱିବେଦୀ

ନାଟକ:- (୪ର୍ଥ ଭାଗ)

।।୧୨ ଶ ଦୃଶ୍ୟ ।।

(ଦେବ କୁମାର ଟହଲ ମାରୁଥିବା ଅବସ୍ଥାରେ ମୋବାଇଲ ଦ୍ୱାରା ଅପର ପକ୍ଷ ଲୋକ ସହିତ ଆଲୋଚନା କରୁଥାଏ)

ଦେବ : ଇଏସ, ଆପଣ ମାଲ ପଠେଇ ଦେଇଛନ୍ତିତ ? ଓଃ ରିଏଲି ! ତାହେଲେ ଭିକୁ ସିଂହ ମାଲ ନେଇ ଆସୁଛି । ଓ କେ ଆଇ ଏମ ୱେଟିଙ୍ଗ ଫର ହିମ । (କଲ କାଟିସାରି ହାତ ଘଡିକୁ ଦେଖେ)

ଶ୍ରାବଣୀ- (ଭିକୁ ସିଂହର ପଞ୍ଜାବୀ ଛଦ୍ମ ବେଶ, ହାତରେ ଏକ ବ୍ରିଫକେଶ ଧରି ପ୍ରବେଶ କରେ) ହାଲୋ ଦେବ କୁମାର ! (ହାତ ମିଳାଏ)

ଦେବ- ହାଲୋ ଭିକୁ ସିଂହ । କୈସେ ହେଁ ଆପ ?

ଶ୍ରାବଣୀ- ବିଲକୁଲ ବଢିଆ ସାର । ଆପ ବତାଇଏ ?

ଦେବ- ମାଲ ଠିକ ହେ ତୋ... ?

ଶ୍ରାବଣୀ- ଏକଦମ ଫ୍ରେସ ମାଲ ହେି ସାର । ବ୍ରିଫକେଶ ଲେକର ଦେଖିଏ ।

(ଦେବ କୁମାର ହାତରେ ବ୍ରିଫକେଶ ଧରାଇ ଦିଏ)

ଦେବ- (ବ୍ରିଫକେଶ ଖୋଲି ଚମକି ଉଠେ) ଏ କଣ ଏଇଟା କାହାର ଫୋଟ ? ଚରସ କାହିଁ ?

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରାବଣୀ- ଚରସ ଚୋରି ହୋଇଯାଇଛି ।

ଦେବ- ହ୍ୱାଟ ନନସେନ୍ସ ?

ଶ୍ରାବଣୀ-ରିଲାକ୍ସ ଦେବ କୁମାର ବି ରିଲାକ୍ସ । ବ୍ରିଫକେଶ ଭିତରେ ଥିବା ଫୋଟ କାହାର କହିଲ ନାହିଁ ତ ?

ଦେବ- ତାମାନେ ତୁ ପଞ୍ଜାବୀ ନୁହେଁ ?

ଶ୍ରାବଣୀ- ମୋ ପ୍ରଶ୍ନର ଉତ୍ତର ଜାତି କି ଗୋତ୍ର ଦ୍ୱାରା ସମାଧାନ ହୋଇପାରିବନି । କୁହ ସେ ଫୋଟ କାହାର ?

ଦେବ- ଚିହ୍ନେନି କି ଜଣେନି ।

ଶ୍ରାବଣୀ- ମିଛର ନାଟକ ଖେଳନାହିଁ ଦେବ କୁମାର । ତୁମେ ଭଲଭାବେ ଜାଣିଛ ସେ ଫୋଟ କାହାର ? ଜାଣି ଶୁଣି ମୋତେ ଭୁଆଁ ବୁଲାଉଛ ।

ଦେବ-ମୁଁ ତୋତେ ପଚାରୁଛି କୋଟିଏ ଟଙ୍କାର ଚରସ କୋଉଠି ଲୁଚେଇ ରଖିଛୁ କହ ନହେଲେ....(ପିସ୍ତଲ ବାହାର କରିବା ବେଳେ)

ଶ୍ରାବଣୀ-(ଦେବ କୁମାର ହାତକୁ ଫାୟାର କରି)ଖବରଦାର ଦେବ କୁମାର ! ଚାଲାକି କରିବାକୁ ଚେଷ୍ଟା କଲେ ମୋତେ ବି ଚାଲାକି ଖଳିଆସେ । ଏବେ କହ ସେ ଫୋଟ କାହାର ?

ଦେବ-(ହାତର କଷ୍ଟ ସ୍ଥାନକୁ ଚାପିଧରି)ଆଃ- କିଏ ? କିଏ ତୁ ?

ଶ୍ରାବଣୀ- ମୋ ପରିଚୟ ଏତେ ନେସେସରୀ ନୁହେଁ । ପ୍ରଥମେ ତୁ କହ ଏଇ ଫୋଟରେ ଥିବା ବ୍ୟକ୍ତିଙ୍କର ପରିଚୟ କଣ ?

ଦେବ- ମୁଁ ପରା କହିଲି ଚିହ୍ନିନି କି ଜାଣେନି ।

ଶ୍ରାବଣୀ- ଭଲଭାବେ ମନେ ପକା-- ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବ- ନା କିଛି ବି ମନେ ପଡୁନାହିଁ ।

ଶ୍ରାବଣୀ- ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ରଙ୍କୁ ଚିହ୍ନି ପାରୁନାହୁଁ ?

ଦେବ- ସୁରେନ୍ଦ୍ର ମହାପାତ୍ର ?

ଶ୍ରାବଣୀ- ଯାହାଙ୍କୁ ତୋହରି ପରି ଆଉ ତିନିଜଣ ସାଇତାନ ମିଶି ମୋହରି ସମ୍ନାରେ ନୃଶଂସ ଭାବେ ମର୍ଡର କରିଥିଲ । ମୋହରି ସାମ୍ନାରେ ଏସ ପି ଅମରେନ୍ଦ୍ର ଚୌଧୁରୀଙ୍କ ହାତ ଦୁଇଟିକୁ କାଟି ଦେଇ ସାରା ଜୀବନ ଅପଙ୍ଗ କରି ଦେଇଥିଲ । ଏଥର ମନେ ପଡ଼ିଲା ?

ଦେବ- ସେସବୁ ବହୁ ଦିନର ପଛ କଥା । କିନ୍ତୁ ତୁ କିଏ ? ଏତେ ଦିନର ଇତିହାସକୁ ପୁଣି କାହିଁକି ଖୋଳି ତାଡି ବାହାର କରୁଛୁ ?

ସମ୍ବିତ- (ଛଦ୍ମ ବେଶରେ)କାରଣ ତାହାରି ଭିତରେ ଅଛି ତୋ ମୃତ୍ୟୁର ଠିକଣା । ତୋତେ ମରିବାକୁ ହେବ.. ।

ଦେବ- ତୁ ? ତୁ ପୁଣି କିଏ ?

ସମ୍ବିତ- ତୋ ଯମ ।

(ଦେବ କୁମାର ଅନ୍ୟ ହାତ ପକେଟରେ ପୁରାଇବା ବେଳେ ସମ୍ବିତ ସେ ହାତକୁ ମଧ୍ୟ ଫାୟାର କରେ)

ଦେବ- ଆଃ- (ଯନ୍ତ୍ରଣାରେ ଛଟପଟ)

ସମ୍ବିତ- ପ୍ରବଳ ଯେଉଁଠି ନ୍ୟାୟର ସ୍ରୋତ ଛୁଟାଇ ଚାଲିଛି, ସେଠି ଦୁର୍ବଳର ଶକ୍ତି କାହିଁ ପ୍ରତିରୋଧ କରିବ ? ତୋର ଦୁଇଟି ସାରା ହାତ ଏବେ ଅକାମୀ ଅପଙ୍ଗ । ତା'ପରେ ଆମେ ଦୁହେଁ ତୋ ଗଳାରେ ଫାଶୀ ଦଉଡି ପୁରେଇ ସିଲିଂରେ ଝୁଲେଇ ଦେବୁ । ସକାଳେ ବଡ଼ ବଡ଼ ଅକ୍ଷରରେ ନିଉଜ ବାହାରିବ ମାଫିଆ ଗେଙ୍ଗର ନମ୍ବର ୱାନ ସାଇତାନ ଦେବ କୁମାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୁଇସାଇଡ଼ କରି ମରିଛି ।

ଦେବ- କେଶରୀ.. ! କେଶରୀ ! ଆଃ-(ଯନ୍ତ୍ରଣା) ଆବେ କୋଉଠି ଅଛୁ ଶୀଘ୍ର ଆସି ଏ ଦୁହିଁଙ୍କ ହାଲ ଚାଲ ବୁଝ ।

ସମ୍ବିତ- ତୋ ଦରଜ୍ଞାନ ସଚେତ ହେବା ପୂର୍ବରୁ ଆମେ ତୋତେ ଏ ଦୁନିଆରୁ ବିଦାୟ ଦେଇ ସାରିଥିବୁ ।

ଦେବ- ମାନେ... ?

ସମ୍ବିତ- ତାକୁ ଏମିତି ମେଡ଼ିସିନ ଶୁଙ୍ଘେଇଛି ଯେ ଉଠିବାକୁ ଆହୁରି ପାଞ୍ଚ ଘଣ୍ଟା ଲାଗିବ ।

ଦେବ- ଇଉ ବ୍ଲଡି ରାସକେଲ...

ସମ୍ବିତ- ବାସ ! ବହୁତ ହେଇଗଲା ଦେବ କୁମାର ତୋ ଖେଳ ଏବେ ଖତମ ।(ଶ୍ରାବଣୀ ଓ ସମ୍ବିତ ଦେବ କୁମାର ଗଳାରେ ଫାଶୀ ଦଉଡି ପୁରାଇବା ବେଳେ)

ଦେବ - ପ୍ଲିଜ ମୋତେ ଏଇ ଥର ଛାଡିଦିଅ । ସତ କହୁଛି ମୁଁ ଆଉ ମାଫିଆ ଗେଙ୍ଗରେ ମିଶିବି ନାହିଁ । ମାଫିଆ ଗେଙ୍ଗର ସବୁ କଳା ବଜାର ପୋଲିସକୁ ଜଣେଇଦେବି ।

ସମ୍ବିତ- ଶେଷବେଳେ ହନୁ ସତ କହିବ ବୋଲି ମିନତୀ କରୁଛି ।

ଶ୍ରାବଣୀ- କିନ୍ତୁ ତୋ ସତ କହିବାରେ ଆମେ ଦୁହେଁ ପୂର୍ଣ୍ଣଚ୍ଛେଦ ଲଗାଇ ସାରିଛୁ ।

ଦେବ- ପ୍ଲିଜ ମୋ ପ୍ରତି ଦୟା କର । ପ୍ଲିଜ-(ଶ୍ରାବଣୀ ଓ ସମ୍ବିତ ଦେବ କୁମାର ଗଳାରେ ଲାଗିଥିବା ଫାଶୀ ଦଉଡିକୁ ସିଲିଂରେ ବାନ୍ଧି ଦିଅନ୍ତି । ଦେବ କୁମାର ଫାଶୀରେ ଝୁଲିପଡ଼େ)

(ମଞ୍ଚ ଅନ୍ଧକାର)

।।୧୩ଶ ଦୃଶ୍ୟ ।।

(ମାଫିଆ ଆଡା । ନାଥୁରାମ ରାଗରେ ଗାର୍ଜୁଥାଏ । ଦୁଇ ସାଇଡ଼ରେ ବିଶ୍ୱନାଥ ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନଦାୟଲ । ସମ୍ମୁଖରେ କେଶରୀ । ସମସ୍ତଙ୍କ ମୁହଁକୁ ଥରେ ଥରେ ସନ୍ଦେହ ଦୃଷ୍ଟିରେ ଚାହିଁରହେ ।)

ନାଥୁ- ଇଉ ରାସକେଲ (କେଶରୀ ଗାଲରେ ଠାଏ କରି ଚାପୁଡ଼ା ମାରେ)ନମକ ହାରାମ- ଗେଟ ଆଉଟ, ଗେଟ ଆଉଟ ଫ୍ରମ ହିୟର ।

କେଶରୀ- ବସ ! ମୋତେ ଜଣାନଥିଲା ସେ ଦୁହେଁ ଏତେ ହୁସିଆର ରହିବେ । ପୁରା ୬ ଘଣ୍ଟା ମୋତେ ନିସ୍ତେଜ କରି ପକାଇଦେଲେ । ସେଇ ୬ ଘଣ୍ଟାରେ ସବୁକିଛି ଓଲଟ ପାଲଟ ହୋଇଗଲା । ଦେବ ବସ ଆମକୁ ଛାଡି ଚାଲିଗଲେ...

ନାଥୁ- ଷ୍ଟପ ଇଟ, ଷ୍ଟପ ଇଟ । ଆମକୁ ଆର୍ଗୁମେଣ୍ଟ ଦଡ଼କାଡ଼ ନାହିଁ । ଆମକୁ ଦେବ କୁମାର ଦଡ଼କାର । ତୋଡ଼ ଏକ ଗଲତି ମୋଡ଼ ପାର୍ଟନାରକୁ ଡିଲିଟ କଡ଼ିଦେଲା । ଆଇ ଉଇଲ କିଲ ଇଉ । (କେଶରୀର ଗଳା ଚିପିଧରେ,କେଶରୀ ଯନ୍ତ୍ରଣାରେ ଗଁ ଗଁ ହୁଏ)

ବିଶ୍ୱ- ଛାଡ଼ିଦେ ଛାଡ଼ିଦେ ପାର୍ଟନାର ବିଚରା ମରିଯିବି ।

ନାଥୁ- ମଡିଯାଉ, ଦେବ କୁମାର ଡିଲିଟ ହେଇଛି ଏଇ ବି ଡିଲିଟ ହେବ । ଆମ ଲାଇଫଡେ କେତେ ଡିଲିଟ କଡିଛୁ ଇଏ ବି ଯାଉ ।

ବିଶ୍ୱ- ପ୍ଲିଜ ନାଥୁରାମ ! ତାକୁ ଛାଡ଼ିଦେ-

ନାଥୁ- ନୋ ନେଭର–ଛାଡିବିନି । ହାଡାମଜାଦାଡ଼ ନେକରେ ହୋଲ କରି ଟଟାଲ ବ୍ଲଡ଼ ବାହାଡ଼ କଡ଼ିଦେବି । ଟାପରେ ଫିନିସ କଡ଼ିବି ।(ଗଳା ଚିପିଧରେ)

(ବିଶ୍ୱନାଥ ଓ ଦିନଦାୟଲ ନାଥୁରାମକୁ କାବୁ କରି ଧରି ନିଅନ୍ତି)

ଦିନ- ପେସେନ୍‌ସ ରଖୋ ପାର୍ଟନାର, କ୍ରୋଧ ମେ ଆଗବବୁଲା ହୋକର କେଶରୀ ଜୈସା ଆଦମୀ କୋ ଖତମ କରଦେନେ ସେ କୋଇ ଫାଇଦା ନେହିଁ ମିଲେଗା । ବଲ୍କି ହମାରା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁଷ୍ମନ କୋ କଭି ପକଡ ନେହିଁ ପାଏଙ୍ଗେ । ହମ ମାନତେ ହେଁ ୟେ ସବ ହମାରେ ଲିୟେ ସିରିୟସ ବାତ ହେ ମଗର ସିରିୟସ କୋ ଜ୍ୟାଦା ସିରିୟସ କରନେ ସେ ସବକୁଛ ବିଗଡ଼ ଯାତା ହେ ।

ନାଥୁ- ବଟ ହୁ ଇଜ ଦାଟ ଫେଲୋ ଯିଏ ଆମ ଟେଲରେ ହାଟ ମାଡିବାକୁ ସାହାସ କଡ଼ିଛି ?

କେଶରୀ- ମୋର ଦୃଢ଼ ନିଶ୍ୱାସ ସେଇ ପଞ୍ଜାବୀ ଭିକୁ ସିଂହ ଏସବୁ କରିଛି ବସ ।

ନାଥୁ- ହ୍ୱାଟ ? ଭିକୁ ସିଂହ । ନୋ ନେଭର ଇମ୍ପୋସିବଲ ।

ବିଶ୍ୱ- ଇଏସ ପାର୍ଟନାର, କେଶରୀ କହିବା ଅନୁସାରେ ଗତକାଲି ରାତିରେ ଭିକୁ ସିଂହ କୋଟିଏ ଟଙ୍କାର ଚରସ ନେଇ ଦେବ କୁମାର ପାଖକୁ ଆସିଥିଲା । କିନ୍ତୁ.....

କେଶରୀ- ହଁ ବସ ସେତେବେଳେ ଗେଟ ପାଖରେ ମୁଁ ଥିଲି ।

ନାଥୁ- ଦେନ....

କେଶରୀ- ଭିକୁ ସିଂହ ଭିତରକୁ ଯିବା ୧୦ ମିନିଟ ପରେ ଆଉ ଜଣେ କଳା ବୁର୍ଖା ପିନ୍ଧି ମୋର ଅତି ନିକଟକୁ ଆସୁଥାଏ । ମୁଁ ପିସ୍ତଲ ଉଠାଇ ତୟାର ହେବାବେଳେ... ତାପରେ କଣହେଲା ମୁଁ କିଛି କହିପାରିବିନି ।

ନାଥୁ- ତୋ ଇସ ମର୍ଡର ଦୁଇଜଣ ମିଶି କଡ଼ିଛନ୍ତି । ବଟ ଭିକୁ ସିଂହ ଟୁମର ଆଇ ମିନ ଗଟକାଲି ପୋଲିସ ବୁଲେଟରେ ଡିଲିଟ ହୋଇଛି ।

ବିଶ୍ୱ

ଦିନ- (ଏକସଙ୍ଗେ) ହ୍ୱାଟ ? ?

ନାଥୁ- ଇଏସ ପାର୍ଟନାର ଆଇ ଏମ ସିଓର ଗଟକାଲି ଭିକୁ ସିଂହ ପୋଲିସ ଗୁଳିରେ ମର୍ଡର ହୋଇଛି । ୫ କୋଟି ରୁପୟା କା ଚଡ଼ସ ନେଇ ପାକିସ୍ତାନରୁ ଇଣ୍ଡିଆ ଆସୁଥିଲା । ପଞ୍ଜାବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୋର୍ଡର ପାଖଡ଼େ ଟାକୁ ପୋଲିସ ଫଲୋ କଡ଼ି ଫାୟାର କଡ଼ିଥିଲା । ଭିକୁ ସିଂହ ସେଇଠି ଫିନିସ ହେଇଗଲା ।

ବିଶ୍ୱ- ତାହେଲେ ଏ ନୂଆ ପ୍ରଜାତିର ଭିକୁ ସିଂହ କିଏ ହୋଇପାରେ ?

ଦିନ- ଦୁନିଆ ହାମକୋ ଡ଼ରତା ଥା ଲେକିନ ଆଜ ଉଲ୍ଟା କୈସେ ହୋ ଗୟା ? କୋଇ ଆକେ ହମାରେ ଇଲାକା ମେ ମର୍ଡର କରକେ ଚଲା ଯାତା ହେ । ଇସିଲିଏ ସିକ୍ୟୁରୀଟି ଟାଇଟ କରନା ପଡେଗା ପାର୍ଟନାର । ନେହିଁତୋ ହମାରେ ଉପର ଭି ଡେଞ୍ଜର ହୋ ସକତା ହେ !

ନାଥୁ- ନାଥୁରାମଡ଼ ଆଇ ସି ସି କ୍ୟାମେରା ଅଛି । ଡୋଣ୍ଟ ଓରି ପାର୍ଟନାର ବହୁତ ଜଲ୍ଦ ଦନୋ ଆମଡି ହାଟରେ ଡିଲିଟ ହେବେ । ବାସ ! ୱେଟ ଫର ସମ ଟାଇମ୍ସ ।

(ମଞ୍ଚ ଅନ୍ଧାର)

କ୍ରମଶଃ.........

email- dwibedysudhansu@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ଦ୍ୱିତୀୟ ଅଧ୍ୟାୟ (ଭାଗ "୫")

ଅନୁଭବ କଲେ ଜାଣ ବାପା ତିଳେ
ଦରଦ ବୁଝିବ ସିଏ,
ଅନ୍ୟ ପାଇଁ ନିଜ ଜୀବନକୁ ତେଜ୍ୟ
କରି ଯେ ଜୀବନ ଜୀଏଁ ।"
ଅଧିର କବିର କର୍ଣ୍ଣ ଦ୍ୱୟ ଜାଣ
ବାପା ପଦ ଓଠେଶୁଣି,
ଅଶ୍ରୁ ନୟନରୁ ଝରିଲା ନିର୍ଝରୁ
ଯଥା ଝରି ଯାଏ ପାଣି ।
ଅନେକ ଦିନରୁ ଯଥା ଝରି ନାହିଁ
ଆଜି ବ୍ୟାକୁଳେ ଝରୁଛି,
ଅଜସ୍ର ଜନ୍ତ୍ରଣା ଥିଲା ତ ପୁରୁଣା
ଆଜ କି ଦିଶି ବହୁଛି ।
ଅନୁଭବ କରି ବାଳା ଜାଣିସାରି
କହନ୍ତି ଏଣିକି ତିଳେ,
"ଅଶ୍ରୁପୁଣି ଜାଣି ବହିଲେ ଆଖିରେ
ଦୂରେଇବେ ଯେ ଜାଣିଲେ ।
ଅନେକ ଦିନରୁ ଭେଟପରେ ଜାଣି
ଅଶ୍ରୁ କାହିଁକି ଆଖିରେ,
ଅଲୋଡ଼ା ଜିନିଷ ପାଇଁ କାହିଁ ପାସ
ଆସିଲେ ଯାଉଛି ଦୂର ।"
ଅଟକିବାକୁ ଏ କହନ୍ତି ବାଳାକୁ
"ଏ ଦେଖ ଅଶ୍ରୁ ପୋଛିଲି,"
ଅଧରେ କହନ୍ତି କରେ ଅଶ୍ରୁ ପୋଛି
ଅନ୍ତରେ କ୍ରନ୍ଦନ ଖାଲି ।
ଅଭିସାର ଆଶେ ଅଭିଷ୍ଟ କି ଦିଶେ
ପଚାରନ୍ତି ବାଳା ଚାହିଁ,
ଅଧରରେ କବି କହନ୍ତି ଆକୁଳେ
ଝିଅକୁ ଦେଖିବା ପାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଳିଅଳି ବାଳା ଯେବେ ଏ ଶୁଣିଲା
କହେ, "ସବୁ ଦିନ ପାଇଁ,
ଅତ୍ର ଆସିଗଲେ ରହିବା ଏକାଠି
କୁଟିର ଗୋଟି ଗଢ଼ାଇ ।
ଅଇବେ ନା ବାପା ସତକୁ ଠକିବେ"
କହି ତୁନି ରହିଗଲେ,
ଅଧିର କବି କହନ୍ତି ତ ଭାବି
"ଏମିତି କେବେ ନୋହିଲା
ଅଳ୍ପ ଦିନ ପରେ ସବୁ ଦିନ ପାଇଁ
ମାଆଁଙ୍କ ସଙ୍ଗେ ଅଇବୁ,
ଅସନାକୁ ସଫା କରି ପୁଣି ତିନି
ଏକାଠି ହୋଇ ରହିବୁ ।"
ଅନୁରୋଧ କହି ବାଳା କହେ, "ନାହିଁ
ମାଆଙ୍କୁ କେବେ ନ ଆଣିବ,
ଅଶ୍ରୁ ଝରେଇବ ଖାଲି କାନ୍ଦୁଥିବ
ଏ କଥା ତାକୁ ନ କହିବ ।"
ଅନୁପାୟି କବି, "ଏକାକି ଆସିବି
କାହିଁକି ଆସିବୁ ଦୁହେଁ,"
ଅତି ଆଦରରେ ତାଙ୍କୁ ତ କହିଲା
"ତୋ ମାଆଁ ବି ଏହି ଚାହେଁ ।
ଅଦୂରେ ରହିଲେ ଦୂରେ ସିଏ ଚଲେ
କେବେ ବି ପାଖଉ ନାହିଁ,
ଅଳି କରେ ଖାଲି ତୁମକୁ ଦେଖିବ
ତୁମ ପାଖ ଯିବ ଧାଇଁ ।
ଅଶ୍ରୁଝରାଉଛି କହିଲେ କହୁଛି
ଝିଅ ପାଇଁ ଏକା ଦୋଷୀ,
ଅତ୍ର ଆଣିଦେଲେ ବୋଧେ ସେ ଦେଖିଲେ
ଖୁସି ହେବ ସିଏ ବେସି ।"
ଅଝଟ କରିଛି ବାଳା ତ କହିଛି
"ଏକାକି ଆସିଲେ ଭଲ,
ଅସୁବିଧା ବହୁ ଏଇଠି ରହିଛି
ମାଆଙ୍କୁ ଏଇଠି କାଳ ।
ଅନ୍ୟ ବହୁ ଅଛି ଛାଡ଼," ବାଳା କହି
ପଚାରିଲେ ତାହାଙ୍କୁ,
ଅଳିକେ ଦ୍ୱିତୀୟ ଲିଖନରେ ସ୍ୱୟଂ
ଚାହାନ୍ତି ବାହା ହେବାକୁ ।
(କ୍ରମଶଃ..)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଇ ଲୋକଟି



ଶିବ ନାରାୟଣ
ଦାଶ

ସାଗରର ପରି ସେ ଯେ ଶାନ୍ତ ସମାହିତ,
ଆକାଶର ପରି ପୁଣି ଅସୀମ ଉଦାର,
ଦେଖିଥିଲି ତାଙ୍କୁ ଏହି ବିଶ୍ୱ ଦୁନିଆରେ -
ଜୀବନର ପଥେ ତାଙ୍କୁ ଖୋଜି ପାଇଥିଲି ।
ବାଙ୍ମୟ ପ୍ରକାଶ ତାଙ୍କ ବେଢ଼ିଥିଲା ସତେ
କ୍ଷୁଦ୍ର ମୋର ସତ୍ତାର ପରିଧି ଆଉ ସୀମିତ ବଳୟ,
ମୋ ଜୀବନେ ଶୁଭଙ୍କର ତାଙ୍କ ଆଗମନୀ
ଆଭାମୟ ବ୍ୟକ୍ତିତ୍ୱର ବିରାଟ ବିସ୍ମୟ ।

ସାଗରବି ବେଳେ ବେଳେ ଉତ୍ତାଳ ହୁଏ,
ତାଙ୍କୁ କିନ୍ତୁ ଦେଖିନାହିଁ କେବେହେଲେ ମୁହିଁ
ପ୍ରଗଲଭ ହେବାର,
ସେ ଏକ ପ୍ରଶାନ୍ତ ସ୍ଥିର ନିଥର ତରଙ୍ଗ
ଯା ବୁକୁରେ ସାଗରବି ନିଜକୁ ହଜାଏ,
ଅସୀମ ଆପଣା ସତ୍ତା ଆନନ୍ଦେ ହରାଏ ।

ସୁନୀଳ ଆକାଶେ ପୁଣି କଳା ମେଘ ଢାଂକେ,
ପୋଛି ଯାଏ ବ୍ୟାପ୍ତ ତାର ସୁନୀଳ ବିସ୍ତୃତି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁଣ୍ଠିତ ଆକାଶ ହୁଏ ଅନୁଦାର ସତେ !
ସେ କିନ୍ତୁ କାଳିମାମୟ ମହାକାଳ ସମ
ଶତ କାଳିମାରେ କରି ସ୍ନିଗ୍ଧ ଅବଗାହ
ଗୁଣାତୀତ ବିଭୁତିରେ ଶାନ୍ତ ଅବିଚଳ ।

ତାଙ୍କୁ ଦେଖି ମନେହେଲା ସତେ
ଦେଖିବାକୁ ନାହିଁ କିଛି ଆଉ ଏବେ ମୋର,
ନାହିଁ କିଛି ଦେବା ନେବା କ୍ଷୁଦ୍ର ଜୀବନରେ,
ନ ଚାହିଁ ବି ନାହିଁ କିଛି ଆଉ ଚାହିଁବାର -
ପାଇବାର ଅବସାଦେ କିଛି ପାଇବାର,
ନାହିଁ କିଛି ମାନ-ଅପମାନ
ଦୁଃଖ-ସୁଖ ଜ୍ଞାନ ବା ଅଜ୍ଞାନ,
ଜୀବନର ଚଲାପଥ ପରେ ବଂଚିବାର ଅଦ୍ଭୁତ ଦର୍ଶନ ।
ତାଙ୍କୁ ପାଇଁ ଧନ୍ୟ ମୋର ନଗଣ୍ୟ ଜୀବନ,
ତାଙ୍କୁ ପାଇ ସରିଛି ଏ ଜୀବନର ପଥୁ
ଲେଣ ଦେଣ ଶତ ଯେତେ ତୁଚ୍ଛ ଅର୍ବାଚୀନ ।

ହରାଇଲେ ତାଙ୍କୁ ଆଜି ନାହିଁ ଦୁଃଖ ଗ୍ଳାନି -
ଅବସାଦ ନାହିଁ ପ୍ରାଣେ ମୋର,
ଜାଣିଛି ମୁଁ ଯେବେ ଆଜି ଜୀବନର ପଥେ
ଏମିତି ବିଭବ କିଛି ନାହିଁ ହାରିବାର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥାଏ ଅବା ଯଦି କିଛି ସତେ -
ସେ ଖାଲି ହଜାଇଦେବାର,
ନିଜଠୁଁ ନିଜକୁ ଚୋରାଇ ଆପଣାକୁ ଭୁଲାଇଦେବାର,
-ବିସ୍ମୃତିର ଅତଳ ସ୍ପର୍ଶରେ
ଆପଣାର ଖର୍ବ ଅହଂକାର ।

ପଥଚଲା ଜୀବନରେ ମୋର
ତାଙ୍କର ସେ ନୟନ ଯୁଗଳ ପ୍ରାଣେ ହେଲା ଅଙ୍କା,
ଉଦ୍‌ଜୀବିତ କରୁଥିବ ଯିଏ ମୋ ଅନ୍ତର ଗଭୀର ଗହ୍ୱରେ
ସ୍ମରଣର ତନ୍ତ୍ରିତ ଝଙ୍କାର,
ଜୀବନର ପଥ ପରେ ରହି ବାରମ୍ବାର -
"ଦେଖିଥିଲି ତାଙ୍କୁ ମୁଁ ଯେ ବିଶ୍ୱ ଦୁନିଆରେ
ଶୁନ୍ୟ ଜୀବନରେ ଖୋଜି ପାଇଥିଲି ମୋର"


ଅବସରପ୍ରାପ୍ତ ମହା ପ୍ରବନ୍ଧକ (ବିତ୍ତ)
ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼, ନୂଆ ଦିଲ୍ଲୀ

ସାଇକୃପା, ନଂ : ୮୦, ମାରିଆମାନ୍ କୋଇଲ୍ ଷ୍ଟ୍ରିଟ୍
ବୈଠିକୁପମ୍, ପଣ୍ଡିଚେରୀ : ୬୦୫୦୦୯
ଇମେଲ୍ : dasshibanarayan61@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅରୂପର ସ୍ୱରୂପ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ଅରୂପର ସ୍ୱରୂପରେ ଦୀପ୍ତ, ଅପରୂପ ଶ୍ରୀମୁଖ ତୁମର,
ଅଖଣ୍ଡ ମଣ୍ଡଳାକାର ତୁମ ନେତ୍ରାମ୍ବୁଜ ନିର୍ଣିମେଷ ସ୍ଥିର ।
ସର୍ବବ୍ୟାପି ସର୍ବଜ୍ଞାତା ତୁମେ ସର୍ବଦ୍ରଷ୍ଟା ଅନାଦି ଅନନ୍ତ,
ନାସା-କର୍ଣ୍ଣହୀନ ଦିବ୍ୟରୂପୀ ମହାବାହୁ ମହାବଳବନ୍ତ ।
ଅଭିନବ ଅନିନ୍ଦ୍ୟସୁନ୍ଦର,
ପାଦ-ପାଣିହୀନ କଳେବରେ ସର୍ବଲୋକ ପରିକ୍ରମା କର ।

ତୁମେ ତ ପ୍ରତିମା ନୁହଁ, ନିର୍ବିକଳ୍ପ ସୃଷ୍ଟି ନିୟାମକ,
ସତ-ଚିତ୍ତ-ଆନନ୍ଦର ସଂଗୋପିତ ତୁରୀୟ-ପ୍ରତୀକ
ଶୂନ୍ୟଦେହୀ ପରମପୁରୁଷ ଅରୂପରୁ ସ୍ୱରୁପେ ସାକାର,
ସର୍ବରୂପ ମିଶି ଯହିଁ ରୂପାୟନେ ହୁଏ ଏକାକାର,
ରୂପନ୍ୟାସେ ତୁମେ ରୂପାତୀତ,
ତୁମେ ବିଶ୍ୱରୂପର ବିସ୍ମୟ ! ଦିବ୍ୟ-ରୂପକାର ରୂପେ ଖ୍ୟାତ ।

ଅପଲକ ପ୍ରତୀକ-ନୟନ ତୁମ ଚକାଡୋଳା ଚିନ୍ମୟ ଚାହାଣି,
ଅନ୍ତଭେଦି ଅନନ୍ତ ବୀକ୍ଷଣେ ଭକତକୁ ପାଶେ ନିଅ ଟାଣି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝାସୁଣୀ-ପ୍ରତୀକ ନାସା ତୁମ ଶ୍ରୀମୁଖରେ ବନ୍ଧୂଲି ଅଧର,

ଷାଠିଏ ପଉଟି ଅନ୍ନ ଛପନ ଭୋଗରେ ମଣୋହିର ଭବ୍ୟ ଉପଚାର !

କର ତୁମେ ପ୍ରତୀକ-ଭୋଜନ,

ଜଗଜ୍ଜନ ମୁଖେ ଦିଅ ତୁମ କୃପା-ଘନ ଦିବ୍ୟ ମହାପ୍ରସାଦର ଅନ୍ନ ।

ଅପରାର୍ଦ୍ଧେ ଅନାଦି ଅନନ୍ତ ଅକଳନ ଅବ୍ୟକ୍ତ ଶରୀର !

ପରାର୍ଦ୍ଧର ଉଦ୍ଦୀପ୍ତ ଆନନେ ବିଶ୍ୱରୂପୀ ତୁମେ ବିଶ୍ୱମ୍ଭର ।

ଅକ୍ଷରରୁ କ୍ଷରିତ ଗତିରେ ବିଶ୍ୱମୟ ଅଭିବ୍ୟକ୍ତି ତୁମ,

ତୁମେହିଁ ସଚ୍ଚିଦାନନ୍ଦ ଭୁବନମୋହନ ରୂପାତୀତ ଶ୍ରୀପୁରୁଷୋତ୍ତମ

କାଳାତୀତ ତୁମେ ମହାକାଳ,

ମୂର୍ତ୍ତିମନ୍ତ ପୁଲକ-ଅନଳ ତୁମେ, ମହାବଳ ନୀରବ ନିଶ୍ଚଳ !

ଅବତରି ଆସ ହେ ପରମ ! ପରିହରି ସଂଗୋପିତ ନାନାର୍ଥ ଶରୀର,

ଅଭିବ୍ୟକ୍ତ ହେଉ ମର୍ତ୍ତ୍ୟେ ପ୍ରେମାନନ୍ଦ-ଭୂମା ସମ୍ପାଦନେ ଦିବ୍ୟ-ରୂପାନ୍ତର ।


ସ୍ୱର୍ଗତଃ ଶ୍ରୀ ମାୟାଧର ଦାସ

ପଣ୍ଡିଚେରୀ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରେମର ପ୍ରତିମା



ପୂର୍ଣ୍ଣିମା ପୃଷ୍ଟି

ପ୍ରେମର ପବିତ୍ର ଉପହାର ତୁମେ
ପ୍ରେମିକ ତୁମର ନାମ
ମୋ ମନ ମାଲିକ ସପନ ବଣିକ
ପ୍ରୀତି ତୁମ ଫୁଲ ସମ...

ସ୍ୱର୍ଗୀୟ ଭାବନା ଗନ୍ତାଘର ତୁମେ
କବିତାର ସ୍ୱଚ୍ଛ ପଂକ୍ତି
ହୃଦୟ ରାଇଜ ମହାରାଜ ମୋର
ପ୍ରେମ ମୋ ତୁମଠି ଇତି...

ସ୍ନେହ,ଶରଧାର ସାଗରଟେ ତୁମେ
ସ୍ୱର୍ଶେ ଦୂରେ ଯାଏ କଷ୍ଟ
ଭାଗ୍ୟ ଭବିଷ୍ୟତ ମିଛ ହେଇପାରେ
ତୁମେ ଏକା ଚିର ସ୍ୱଷ୍ଟ...

ତୁଚ୍ଛ ଜୀବନରେ ଗର୍ବ ଏକା ତୁମେ
ମୋ ସିନ୍ଦୁରର ସ୍ୱାଭିମାନ
ସାତ ଜନମକୁ ହସ୍ତାକ୍ଷର ସେ ଯେ
ଚିରବନ୍ଦୀ ମୋର ମନ...

ରେକବୀ ବଜାର, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସିଛି ଏକା



ଦୁଷ୍ମନ୍ତ ବେହେରା

ଆସିଛି ଏକା ଯିବି ମୁଁ ଏକା
ଏକା ବାଟୋଇର ମୁଁ
ଏକା ଏକା ସାକ୍ଷୀ  ! !

ପାଇଲି କେତେ ସାରିଲି କେତେ
ହିସାବ ରଖି ରଖି ଦିନ
ଗୁଡାକ ବୁଡେଇ ଦେଲି  ! !

ହାରିବା ଠାରୁ ଜିତି ଗଲି ବୟସ
କହେ ଏଇ ଅଛୁ କଞ୍ଚା ବେଳ
ସରିଲେ ପାଚିଲା  ! !

କିଏ କହେ ମୁଁ ଦରିଆ
ସୁତେ ଭସେଇ ଦେଲି
ଜୀବନ ରେଖା  ! !

କିଏ ମୋ ନିଜର କିଏ ପର
କିଏ ହେବ ମୋ ବନ୍ଧୁ ନିଶ୍ୱାସ
ଛାଡିଲେ ଦେହ ହୁଏ ପର  ! !

ତଥାପି ପାରୁନି ଭୁଲି ଥିଲେ
ମୋର ଅତିଥି ଅଳପ ବାଟକୁ
ଦୁଇ ମଡାର ସାକ୍ଷୀ  ! !

ଧରା କହେ ମୁଁ ଅଛି ତୁମ ପାଇଁ
ସମୟ ଆସିଲେ ଦେବି
ମାଟିରେ ମିଶାଇ  ! !

ଘର ଆପଣା ଠୁ ଦାଣ୍ଡ ପର
ମଶାଣି କହେ ତ ସ୍ମୃତି ମୁଁ
ଲିଭେଇ ଦେବି  ! !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାଇ ଭାଇ ର ସଂପର୍କ ପଥ
ଡାକି ନେଲା ବହୁ ଦୂର ଦୁଇ
ଦିନର କୁଣିଆ ମୁଁ  !!

ଏଠି ସେଠି ମୋର କହି
କଳି ଲାଗେ ମୁଁ ଧାଇଁ ଧାଇଁ
ସଂସାର ଦୁଆର ପାଇଁ  !!

ମୋ ଜିବା ପଥେ ଥରେ କିଏ
ମିଶାଇ ଦିଅ ଭାଇ ଆସିଛି
ଅଭିନୟ ପାଇଁ  !!

ଅଙ୍ଗାର କେଳି ରେ ସମାଧି
କହେ ସ୍ୱପ୍ନ ଯେତେ ଚୁରି ଚୁରି
ଝୁରିବେ ଏଠି ସେଠି  !!

ଆରେ ଛଳିଆ ଜଗା କାଳିଆ
କେତେ ଯୁଗରୁ ତୁହି ଆନନ୍ଦେ
ବସି ହସୁଛୁ ଚାହିଁ  !!

ବଇରି ଯଦି ମଶାଣି ପାଉଁଶ
ତା ଠାରୁ ଉଗାରି ପବନ
ଉଡେଇ କହେ ତୁ ଧୂଳି  !!

ମୋ ଦୁଃଖ ସାଗର କୁ ଦେଖି
ମଲିଫୁଲିଆ ପଦ୍ମଶ୍ୱେତା ରେ
ମୁଚୁକେଇ ହସି ଦେଲୁ  !!

ସୂତେ ଉଡୁଥିବି ଏକା ମୁଁ
ଏଠି ସେଠି  ଧୂଳି ହୋଇ
ମୁଁ ରାଜନେ ହଜି ଯିବି  !!

ଏ ବେଳ ଦିନ କୁ ସେ ବେଳ
ରାତି ଦେହ ରେ ଲାଗିଯାଏ
ତାତି ଝାଞ୍ଜି ର ଶାସି  !!

ଏକା ବାଟ ର
ମୁଁ ଏକା ନାଉରି.....

ରାସୋଳ-ମୁଣ୍ଡିଆପଷି, ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁର୍ଗା ମା'



ଅମରନାଥ ବାରିକ

ସ୍ତୁତି ପାଠ କରୁଛି ମୁଁ ପାଦ ତଳେ ତୋର ।
ତୋ ବିନୁ ଯେ ଅନ୍ୟ ଗତି କିଛି ନାହିଁ ମୋର ।।

ଖଣ୍ଡା ଖର୍ପର ଧାରିଣୀ ତୁହି ଦୁର୍ଗା ମା ଲୋ ।
ଅଭୟ ବର ଦାୟିନୀ ସାହା ହେବୁ ତୁ ଲୋ ।।

ଜୟ ଦଶଭୂଜା ମା ଲୋ ଦୁର୍ଗତୀ ନାଶିନୀ ।
ଜୟ ଜୟ ଶିବା ଶକ୍ତି ଅସୁର ମର୍ଦ୍ଧିନି ।।

ରାମ ଗଲେ ବନ ବାସ ତୋର ପାଦ ପୂଜି ।
ଦେଲୁ ତୁ ବିଜୟ ଟୀକା ପିନ୍ଧେଇ ବିରାଜି ।।

ତୋର ଦୟା ବଳେ ମା ଲୋ ମିଳେ ସବୁ ଶାନ୍ତି ।
ତୋର କୋପ ଦୃଷ୍ଟି ହେଲେ ସଭିଏଁ ମରନ୍ତି ।।

ଦଶ ହାତେ ଧରି ଅଛୁ ଅସ୍ତ୍ର ଶସ୍ତ୍ର କେତେ ।
ବିନାଶ କରିବା ପାଇଁ ଦୃଷ୍ଟଙ୍କୁ ଯେ ଯେତେ ।।

ମହିଷାସୁରକୁ ମା ଲୋ କରିଲୁ ତୁ ନାଶ ।
ଭୟଙ୍କରୀ ରୂପ ନେଇ ଫିଟାଇଲୁ କେଶ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଗଦମ୍ବା ରଣଚଣ୍ଡୀ ଚଞ୍ଚଳା ଚପଳା ।

ସହସ୍ର ନାମ ବୋଲାଉ କମଳା ମଙ୍ଗଳା ।।

ଜୟ ଜୟ ଦୁର୍ଗା ସ୍ତୁତି ହୋଇଲା ସମ୍ପୂର୍ଣ୍ଣ ।

ହାତ ଯୋଡି ନମସ୍କାର କରେ ଭାବ ପୂର୍ଣ୍ଣ ।।

ଅଜାଣତେ କରିଛି ମୁଁ ଦୋଷ ଯେତେ ମୋର ।

କ୍ଷମା କର କ୍ଷମାଦାତ୍ରୀ ଭଣୁଛି ଅମର ।।

କୟାଁ, ମଙ୍ଗଳପୁର, ଯାଜପୁର

ଓଡ଼ିଶା ପିନ୍ ନଂ - ୭୫୫୦୧୧

ଦୂରଭାଷ - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାମାୟୀ ସ୍ତୁତି



ପ୍ରକାଶ ଚନ୍ଦ୍ର ପ୍ରଧାନ

ଜୟ ଜୟ ମହାମାୟୀ ଜଗତଜନନୀ
ଆଦିଶକ୍ତି ଆଦିମାତା  ତୁହି ମା ଭବାନୀ  । ।

ଦଶହରା ମାସେ ମାଗୋ ବିଜେ କରିଥାଉ
ଭକତର ଡାକ ଶୁଣି ଆଶୀଷ ତୁ ଦେଉ  । ।

ମହାଲୟା  ଦିନେ ମାଗୋ ଶୁଭ୍ରମୁଖୀ ବେଶ
ଦରଶନ କରି ଲଭେ  ତୋହରି ଆଶୀଷ  । ।

ନବ ଅବତାର ତୋର କଲେ ଦରଶନ
ଅଶେଷ ପୁଣ୍ୟର ଫଳ ଲଭଇ ସେ ଜନ  । ।

ପ୍ରତିପଦା ତିଥିରୁ ମା ହୁଏ ନବରାତ୍ର
ନଅ ରୂପେ ପୂଜା ପାଉ  ବିଧିର ସହିତ  । ।

ନଅ ରୂପ ମାଗୋ ତୋର କରୁଛି ବର୍ଣ୍ଣନା
ଦୋଷ ତ୍ରୁଟି ଥିଲେ ମାତ କରିବୁ ତୁ କ୍ଷମା  । ।

ପ୍ରଥମରେ ଶୈଳପୁତ୍ରୀ ରୂପେ ଅବତରି
ଭକତକୁ ଦେଉ ତୁହି  ତୋ ଅଭୟ ବାରି  । ।

ଦ୍ୱିତୀୟେ ବ୍ରହ୍ମଚାରିଣୀ  ମଙ୍ଗଳ ଦାୟିନୀ
ତୃତୀୟରେ ଚନ୍ଦ୍ରଘଣ୍ଟା  ଶତ୍ରୁବିନାଶିନୀ  । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚତୁର୍ଥରେ କୁଷ୍ମାଣ୍ଡା ନାମେ ପୂଜା ପାଉ
ପଞ୍ଚମରେ ସ୍କନ୍ଦମାତା ତୁହି ଯେ ବୋଲାଉ ।।

ଷଷ୍ଠର ଦିନରେ ମାଗୋ ଅଟୁ କାତ୍ୟାୟନି
ବିଘ୍ନ ବିନାଶିନୀ ବୋଲି ନାମ ଅଛି ପୁଣି ।।

ସପ୍ତମରେ କାଳରାତ୍ରୀ ଅଟେ ଶୁଭଙ୍କରୀ
ସର୍ବ ପାପ କ୍ଷୟ ଯାଏ ଦରଶନେ ତୋରି ।।

ଅଷ୍ଟମ ଦିନରେ ମାଗୋ ମହାଗୌରୀ ରୂପ
ପୂର୍ଣ୍ଣ କରିଥାଉ ତୁହି ଭକ୍ତ ମନୋରଥ ।।

ନବମରେ ସିଦ୍ଧିଦାତ୍ରୀ ରୂପେ ପାଉ ପୂଜା
ସର୍ବ କାର୍ଯ୍ୟ ସିଦ୍ଧି କରୁ ତୁହି ଦଶଭୁଜା ।।

ନବରାତ୍ରେ ନବରୂପେ ପୂଜା କରି ତୋତେ
ମନବାଞ୍ଛା ଫଳ ପାଏ ନର ଏ ଜଗତେ ।।

ତୋହର ଚରଣେ ମାଗୋ ରହିଥାଉ ମନ
କର ଯୋଡି କରୁଅଛି ତୋପାଦେ ଜଣାଣ ।।

ଠିକଣା : ତୁଷୁରା, ବଲାଙ୍ଗୀର
ମୋ : ୯୮୫୩୨୨୮୧୨୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା' ଆସିବେ



ଗଗନ ବିହାରୀ
ନାୟକ

ମା' ଆସିବେ
କାଶତଣ୍ଡୀ ଫୁଲ ବାସରେ
ମା ହସିବେ
ଶିଶୁର ଦରୋଟି ଓଠରେ ।
ଆସିବେ ମା ଦୟାମୟୀ
ଜଗଦମ୍ବା ମହାମାୟୀ
ବାଜିଲାଣି ଢୋଲ ଟମକ ।
ବିଜୟର ସ୍ୱାଗତ ସଂଗୀତ । (୦)

ପାଦରେ ଆଲକ୍ତ ଗାର
ପିନ୍ଧି ସୁନାର ନୂପୁର ।
ମହାବଳ ସିଂହ ପରେ ବସି
ଆଶିଷ ଧାରା ଦେଲେ ପରଷି ।

ନାଲି ବସ୍ତ୍ର ପରିହିତା
ମଥାପରେ ସ୍ୱର୍ଣ୍ଣ ଚିତା
କି କହିବି ରୂପ ମୋ ମାଆର
ମଥାପରେ ସୁନାର ମୁକୁଟ । (୧)

ଅଶିଣ ଶିଶିର ଝରା
ସୁନେଲି କିରଣେ ଧରା
ପରିବେଶ ହସେ ଟିକେ ଟିକେ ।
ଜହ୍ନ ଦେଖେ ବାଦଲ ଫାଙ୍କେ ।
ଫୁଟି ମାଳତୀ ସେବତୀ ।
ହସେ ଆକାଶ ଧରିତ୍ରୀ ।
ଶୁଭେ ଓଁକାର ଶବ୍ଦ ନାଦ ।
ଅପରୂପା ପ୍ରକୃତି ସେତ । (୨)

ବିଡିଓ, କଲୋନୀ, ଚନ୍ଦ୍ର ଶେଖର ପୁର
ଭୁବନେଶ୍ୱର-୭୫୧୦୧୬ ଖୋର୍ଦ୍ଧା(ଓଡିଶା)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା' ତୁଷ୍ଟିରୂପେଣ ସଂସ୍ଥିତା ।



ଶ୍ରୀଯୁକ୍ତ ଦଣ୍ଡାସି ପ୍ରଧାନ

ଅହୋରାତ୍ର, ଶୋଭାମୟ ଶାରଦୀୟ ଜଗତ୍/

ଫି ବର୍ଷ ନବ ପ୍ରକାଶର ନିରୂପମ ପୂଜୋତ୍ସବ,

ଆଭୂବନ ବିଶ୍ୱେ, ବିଭାର ବୈଚିତ୍ର୍ୟ,

ଭବ୍ୟ ବିଜୟ ବୈଭବ ।

ଶ୍ରଦ୍ଧା ମାହୋଲ ମୁଖରିତ ମୁଲାୟମ ଧରା ,

ସନାତନୀ ସଂସ୍କୃତିର ଭିନ୍ନ ଏକ ପ୍ରାଣପୂର୍ଣ୍ଣ,

ପାର୍ବଣ ପସରା ।

ଅନିର୍ବଚନୀୟ ନିର୍ବିବାଦ ବିବିଧ ଅପାସୋରା ଶିରୀ,

ନିତ୍ୟ ଅହ୍ୟ  ଦେବୈ ଐଶ୍ୱର୍ଯ୍ୟ ରୂପେଣ ।  ୦୧

'ଶାକ୍ତ' ଉପାସନା-

ଯୁଗେ ଯୁଗେ ସୃଜିଅଛି ,

ଅସତ୍ ଉପରେ ସତ୍ୟର,

ବିଜୟଶ୍ରୀ ସୁନିର୍ମଳ ଝର ;

ସଂସାର ମଳ ମୋଚନେ--

ଅଜ୍ଞାନ ତିମିରେ, ପ୍ରକାଶର ନିୟତ ବିଜ୍ଞାନ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତିତ ଜ୍ୟୋତି ପ୍ରାବଲ୍ୟ ପ୍ରବାହ, ଲଳିତ ଲାବଣ୍ୟ ,

ମୃତରୁ ଅମୃତ ଶାଶ୍ୱତର,

ଅନାହତ ଧାରା ସ୍ୱଚ୍ଛତାର ।

ସର୍ବ ଭବ ପବିତ୍ରା ମଙ୍ଗଳ ମାଙ୍ଗଲ୍ୟେ,

ଆଦି ମାତୃ ଦେବୈ ତୁଷ୍ଟି ରୂପେଣ । ୦୨

ମା' ଆବିର୍ଭୂତ ସର୍ବଭୂତ ମର୍ତ୍ତ୍ୟେ ,

କୋଣେ ଅନୁକୋଣ ;

ଦୁଷ୍ଟ ନଷ୍ଟେ ଭବାନୀ, ଦୁର୍ଗେ ଦୁର୍ଗତି ନାଶିନୀ ;

ମହାମାୟା ଶାନ୍ତମୟୀ, ଘୋରମୟୀ,

ମୁଢମୟୀ-ଗୁଣ ଧର୍ମିଣୀ ଦେବୀ,

ସତ୍, ସୌମ୍ୟ, ସାଧୁ ସନ୍ଥ-ନିର୍ବିଶେଷେ-

ସାମ୍ୟ ଧର୍ମ ସଂସ୍ଥାପନେ-

ଚନ୍ଦ୍ରାର୍କାନଳ ଦିପ୍ତୀମୟୀ ବିମଳା ଦେବୈ,

ଅସ୍ତ୍ରଶସ୍ତ୍ରେ ପରିପୂର୍ଣା, ସୁଶକ୍ତ ରୂପେଣ । ୦୩

ଶୁଭ୍ର ସୁକୋମଳ ଶ୍ୟାମଳିମା ବିଚ୍ଛୁରିତ ପୃଥିବୀର

ଅନୁପମ ପ୍ରାକୃତିକ ଶୋଭାର ମଞ୍ଜୁଳ ଭଣ୍ଡାର ;

ଖେତରୁ କ୍ଷେତ୍ର ଆକାଶ ଅନନ୍ତ /

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଟି,ପାଣି,ପବନ ପର୍ଯ୍ୟନ୍ତ ।

ମହା ଜାଗତିକ ଊର୍ଜ୍ଜାରେ ଜାଗରିତ ଜନନୀ-

ଅବତରିତ ଏଠି,

ଭାବଧର୍ମେ ସଂସ୍ଥାପିବେ,

ଅଭେଦ ଅବନୀ ।

ପତିତ ପାତକୀ ଉପଦ୍ରବ ନାଶିନି ଭଦ୍ରା,

ପାପାଘ୍ନି ରୂପେଣ । ୦୪

ପୂର୍ବାଞ୍ଚଳେ ମହାଶକ୍ତିମୟୀ

ରୂପାରୂପ ଭୈରବୀ ମହାକାଳୀ,

ଅଭୟ ପ୍ରଦାୟିନୀ ମାତା, ପ୍ରତାପିନୀ ନିର୍ଭୟା ଶ୍ୟାମଳୀ-

ସିଂହାସନୀ ତ୍ରିଶୂଳଧାରିଣୀ,

ମହିଷାସୁର ମର୍ଦ୍ଦିନୀ ;

ପଶ୍ଚିମେ ନବନବ ଦୁର୍ଗେ-

ନିତ୍ୟ ନବୀନ, ଅଭିନବତାର ପ୍ରଜ୍ଞାନ

ପ୍ରଗତି ସୌଧ, ସୌଭାଗ୍ୟ ବର୍ଦ୍ଧିନୀ ।

ପ୍ରାଜ୍ଞ, ବିଜ୍ଞ ବର୍ଦ୍ଧିତା ;

ଦେବୈ ସୃଷ୍ଟି ଓ ପୁଷ୍ଟି ରୂପେଣ । ୦୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉତ୍ତରେ ଦଶାନନ ଦଶହରା ବିଜୟ୍ଠ ବୈଦେହୀଶା

ଈଶ୍ୱରୀ ଦଶଭୂଜା ଦୟାନନ୍ଦି ଦୁର୍ଗେ ଜଗତ୍ ହୀତା ;

ଦକ୍ଷିଣରେ ମହାଲକ୍ଷ୍ମୀ ମହାସରସ୍ୱତୀ ମହାଶକ୍ତି—

ଶାନ୍ତି/କାନ୍ତି/ଅନନ୍ୟ ଐଶ୍ୱର୍ଯ୍ୟା,

ଆଦ୍ୟାନ୍ତ, ଦେବୈ 'ଅ' ରୁ 'କ୍ଷ' ରୂପେଣ ସଂସ୍ଥିତା ।

ବିଦ୍ୟା ରୂପେଣ-

ବୃତ୍ତି ରୂପେଣ-

ତୁଷ୍ଟି ରୂପେଣ-

ଓଁ କାର ଆଦି ଜନନୀ, ସର୍ବ ରୂପେଣ ସଂସ୍ଥିତା ;

ନମସ୍ତସ୍ୟୈ ଜନନୀ

ପୁସ୍ତକ ପାଶାଙ୍କୁଶ ଧାରିଣୀ

ମାତ-ତ୍ରିନୟନା ନମୋ ନମସ୍ତେ ।୦୬

ସାହିତ୍ୟ ସମ୍ପାଦକ,

ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ, ପାତ୍ରପୁର, ଗଞ୍ଜାମ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଛାଇ ଲେଉଟାଣି ବେଳ



ବୀରକିଶୋର ନାୟକ

ଛାଇ ଲେଉଟାଣି ବେଳ ହେଲାଣି ଯେ
ଆଉ ଅବା କେତେଦିନ,
ଜୀବନ ଦୀପରୁ ଘିଅ ସରିଲାଣି
ଲିଭିଯିବ କେଉଁଦିନ ।
ସଂସାର ନିୟମ ଗଢିଛି ବିଧାତା
ଜନମ ସାଥେ ମରଣ,
ଷଠୀଦୂତୀ ଜାଣି ଆୟୁଷ ଲେଖନ୍ତି
ଗଣି ବର୍ଷ, ମାସ, ଦିନ ।
ବାଲ୍ୟ ପରେ ଆସେ କୈଶୋର ଜୀବନେ
ତା ପରେ ଆସେ ଯୌବନ
କେତେ ପ୍ରୀତି କେତେ ବେଦନାରେ ସିକ୍ତ
ଜୀବନର ପ୍ରତିକ୍ଷଣ ।
ସଂସାରର ମାୟା ବାନ୍ଧି ରଖିଛି ଯେ
ମରଣକୁ ଲାଗେ ଡର,
ମରିଗଲା ପରେ ଆତ୍ମୀୟ ସ୍ୱଜନ
ହୋଇଯିବେ ସବୁ ପର ।
ଛାଇ ଲେଉଟାଣି ବେଳ ଗଡ଼ିଲାଣି
ସଞ୍ଜ ଆସେ ନଇଁ ନଇଁ,
ପକ୍ଷୀ ଫେରିଲେଣି ନୀଡ଼କୁ ଖୁସିରେ
ଶାବକ ଥିବେ ଯେ ଚାହିଁ ।
ଜୀବନର ସଞ୍ଜେ ଆମେ ଚାଲିଯିବା
ଅଫେରା ପଥିକ ହୋଇ,
ଗାଆଁ ମଶାଣିରେ ଏ ମାଟି ପିଣ୍ଡଟା
ଜୁଇରେ ଜଳିବ ଶୋଇ ।

ଖଣ୍ଡବନ୍ଧ, ଢେଙ୍କାନାଳ ।
ଫୋନ : ୮୮୪୭୮୪୨୨୯୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହଜିଲା ଅତୀତ



ନିରଞ୍ଜନ ସାହୁ

ମନେପଡେ ଭାରି ମନେପଡେ
ହଜି ଯାଇଥିବା ଦିନ
ଦିନଗୁଡା ସିନା ଚାଲି ଯାଇଅଛି
ଲିଭିନାହିଁ ସ୍ମୃତି ଚିହ୍ନ ।

କେମିତି ଲିଭିବ ସେ ଅଭୁଲା ଦିନ
ଛାଡି ଯାଇଅଛି ଛାପ
ସେଦିନ ଗୁଡିକୁ ଭୁଲିଗଲେ ବୋଧେ
ହୋଇଯିବ ଘୋର ପାପ
ଆଉ ଲିଭିବନି କଦାପି ସେ ଦାଗ
ସିଏ ପରା ରୂପା ଜହ୍ନ ।

ପୁରୁଣା ଦିନକୁ ଫେରିଯିବା ପାଇଁ
ଇଚ୍ଛା ହେଉଥାଏ ଭାରି
ନିଜ ଅଜାଣତେ ଆଖିର କୋଣରୁ
ଝରଇ ଲୋତକ ବାରି
ପରାଣ ହୁଅଇ ସର୍ବଦା ଅଧିର
ଭରେ ମନେ ଅଭିମାନ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :— ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରାବଣ



ରାମଚନ୍ଦ୍ର ପ୍ରଧାନ

ଏବେ ବି ରାବଣ  ବଞ୍ଚିଛି ସମାଜେ
ଭୟରେ ଥରୁଛି ଛାତି
ରାବଣ ସାଙ୍ଗକୁ କ୍ରୁର ଦୁଃଶାସନ
ଦୁର୍ନୀତି କରନ୍ତି ନିତି ।
ଭଦ୍ରମୁଖା ତଳେ ମୁହଁକୁ ଲୁଚାଇ
ରାବଣ କରୁଛି ଖେଳ
କାମନା ଲାଳସା ମେଣ୍ଟାଇବା ପାଇଁ
ଉଣ୍ଡୁଅଛି ସିଏ ବେଳ ।
ଛଳନା ରଙ୍ଗରେ କ୍ଷତାକ୍ତ କରୁଛି
ଘୃଣ୍ୟ ପ୍ରକୃତିକୁ ଧରି
ନୀତି ଆଦର୍ଶର ଢେଙ୍ଗୁରା ପିଟୁଛି
ଧରମକୁ ଆଖି ଠାରି ।

ମଣିଷ ପଣିଆ ହଜି ତ ଯାଇଛି
ଏ ପାପୀ କଳି ଯୁଗରେ
ନାରୀର ଇଜତ ନିଲାମ ହେଉଛି
ଏଠି ଦିବା ଦି' ପ୍ରହରେ ।
ବଳାତ୍କାର ରୋଗ ସଭିଙ୍କୁ ଗ୍ରାସିଛି
ଦୁନିଆରେ ନାହିଁ ଧର୍ମ
ଆଇନ କାନୁନ ସ୍ଥାଣୁ ପାଲଟିଛି
କରି ଖାଲି ଅପକର୍ମ ।
ସେଥିପାଇଁ ମାଆ ଅବତରି ଆସ
ନାଶିବାକୁ ଦୁଷ୍ଟ ଜନ
ହେଉ ସେ ରାବଣ ଅବା ଦୁଃଶାସନ
ନ ରହୁ କାହାର ଚିହ୍ନ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୭୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସର୍ବପଲ୍ଲୀ ରାଧାକ୍ରିଷ୍ଣନ



ହରେରାମ ପଣ୍ଡା

ଭାରତ ମାଟିର ସୁଯୋଗ୍ୟ ସନ୍ତାନ
ଜ୍ଞାନଗୁରୁ ଦାର୍ଶନିକ ,
ଆଜୀବନ କଲେ ଅତନ୍ଦ୍ର ସାଧନା
ରଖିବାକୁ ଜାତି ଟେକ ।
ଲଭିଲେ ଦେଶର ଶ୍ରେଷ୍ଠ ସମ୍ମାନ
ଉପାଧି ଭାରତରତ୍ନ ,
ସେ ମହାପୁରୁଷ ଆଉ କେହିନୁହେଁ
ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ।
ଦେଶର ପ୍ରଥମ ଉପ ରାଷ୍ଟ୍ରପତି
ରାଷ୍ଟ୍ରପତି ତାହାପରେ ,
ଦେଶର ଏକତା ଅଖଣ୍ଡତା ପାଇଁ
ମନପ୍ରାଣ ଢାଳିଦେଲେ ।

ମହାନଗୁରୁଙ୍କ ଜନମ ଦିନକୁ
ଗୁରୁଦିବସ ରୂପରେ ,
ସାରାଦେଶ ଆଜି ପାଳନ କରୁଛି
କେତେଶ୍ରଦ୍ଧା ଭକତିରେ ।
ଶିକ୍ଷା ବିକାଶରେ ଦେଶର ବିକାଶ
ଥିଲା ତାଙ୍କର ଆହ୍ୱାନ ,
ସେଥିପାଇଁ ଦେଶ ଯୁଗେଯୁଗେ ତାଙ୍କ
କରୁଥିବ ଜୟଗାନ ।

କୁଆଁସ , ମେର୍ଦ୍ଧା କାଟିଆଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ
ଆଳାପ - ୯୪୩୮୦୬୫୧୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀତିବାଣୀ



ଦେବଦତ୍ତ ପଣ୍ଡା

ଏ ଜୀବନ ଯଉବନ ସବୁ ଅଟେ ଦୁଇଦିନ
କିଛି ନେଇପାରିବୁନି ଏଠୁ ତୁହି ମୁଢମନ ।
ସବୁ ମୋର ମୋର ବୋଲି କରୁ କେତେ ଅଭିମାନ
ସବୁ ଏଠି ଛାଡି ଯିବୁ ଏକା ଏକା ତୁହି ଜାଣ ।
ଅହଂକାର ଗର୍ବ ତୋର ସବୁ ହେବ ନାରଖାର
ଜୁଇ ରେ ପାଉଁଶ ହେବ ନଶ୍ୱର ଶରୀର ତୋର ।
କିଛି ଦିନ ପାଇଁ ବନ୍ଧୁ ପରିଜନ ହେବେ ଦୁଖୀ
ଆସ୍ତେ ଆସ୍ତେ ଭୁଲିଯିବେ ଯେ ଯା କାମରେ ଯେ ଲାଖି ।
ଯେତେ ଦିନ ବଞ୍ଚିଛୁରେ ପୃଥିବୀ ରେ ମୁଢ ମନ
କେବେ ଦୁଖ ଦେବୁ ନାହିଁ କାହାରି ମନରେ ଜାଣ ।
କିଛି ସେବା କାର୍ଯ୍ୟ କର ଅସହାୟ ଲୋକଙ୍କର
କିଂଚି ପାପ ନିଶ୍ଚିତ ଯେ ହୋଇବ ଯେ ତୋର ଦୂର ।
ପ୍ରଭୁ ପାଦପଦ୍ମରେ ଯେ ରହୁ ସଦା ତୋର ମନ
ସେହି ଏକା ସାହା ହେବେ ତତେ ଆରେ ମୁଢ ମନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭିଶପ୍ତା କଳିକା



ପ୍ରହଲ୍ଲାଦ
ବେହେରା

କଳିକାଟିଏ ସେ ଆଉ ଏକ ଦଳିତା
ଈଶ୍ୱର ସୃଷ୍ଟିରେ ଭିନ୍ନ ଏକ ନିଷ୍ପେସିତା,
ଉତ୍ସର୍ଗୀକୃତ କାହିଁ କେଉଁ ଐତିହ୍ୟ ପୃଷ୍ଠାରୁ
ଦେବାଦେବୀ ଠାରୁ କଳୁଷିତ ସମାଜ ପାଇଁ ।

ମସଜିଦ୍ ରୁ ମନ୍ଦିର, ବିୟୋଗରୁ ବିଭାଘର
ଉପସ୍ଥିତି ତାର ପ୍ରତି ଉତ୍ସବର ଉଦ୍ୟାନେ,
ସଫଳତାର ସାବାସୀ କିମ୍ବା ପ୍ରେମ କି ଉଦାସୀ,
ଉଚ୍ଛୁଳେ ମହକ ତା'ର କିନ୍ତୁ ରକ୍ତିମ ବଳିଦାନେ ।

ବୟସର ପରିପକ୍ୱତା ଏବେ ଛୁଉଁ ଛୁଉଁ
ତୋଳି ନେଲେ ତାକୁ ସ୍ୱପ୍ନର ଅଧୁରା ବୃନ୍ତରୁ,
ଏବେ ତ ମାଖିଥିଲା ସେ ମହକର ଲାବନ୍ୟତା
ବିଚ୍ଛିନ୍ନା କିନ୍ତୁ ଆଜି କାହାର ପ୍ରଣୟ ସେଜରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ଥାନ ତାର ବାସ୍ତବରେ କେଉଁଠି,

ଈଶ ଶିରେ ନା କୁଳଟାର କବରିରେ,

ଉତ୍ସବରେ ନା କାହାର ବିଲୟ ରେ,

କ'ଣ ତାର ପରିଚୟ, କିଏ ତାର ନିଜର ?

ପ୍ରୀତି ଛଳିଆ ମହୁଲୋଭା ଭ୍ରମର,

ନା ଗୁଜୁରାଣ ରୁଜ୍ଜୁରେ ବନ୍ଧା ନିରୁପାୟ ମାଳିଟା,

କାହାକୁ ସେ ଆତ୍ମୀୟତାର ପରିଚୟ ମାଗିବ, ଯହିଁ

ପ୍ରତିଟି ନଜରେ ଲାଳସାର ଲୁକ୍କାୟିତ ଅଧିଜିହ୍ୱା ।

ଏସବୁ ପାଇଁ ଦାୟୀ ପ୍ରକୃତରେ କିଏ,

ଯେବେ ସେ ନିଜେ ଜଳି ଅନ୍ୟ ଚୁଲିର ନିଆଁ ପାଲଟିଛି

ତେବେ କେଉଁ ତୃଟିର ଏ ଅଭିଶପ୍ତ ଜନମ ତାର ?

ଆହାଃ, ବିଧାତାର ଏ କି ନିଷ୍ଠୁର ରଚନା, ସେ କୋମଳ ମଲାଟେ !

ନୂଆଗାଁ,ବାଲିପାଟଣା,

ଖୋର୍ଦ୍ଧା ୯୩୪୮୩୭୯୭୮୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶର୍କରା



ଅଲେଖ ମେହେର

କବିତାର ସୁଧା ଝର        ଇକ୍ଷୁର ଶର୍କରା  ଭାର
ଜାଣେ ଆସ୍ୱାଦନକାରୀ  ଅକ୍ଷି ମଧୁପ,
ଚକୋର କାକରକର    ଉଚ୍ଛନ୍ନ ରତି ସମ୍ଭାର
ଭାବ ଅତଳ ଗହ୍ୱରେ ବିଲୋକେ ରୂପ ।
କକୁଭ ନିର୍ଣ୍ଣୟ  ବଚନ,
ସୁହାସ୍ୟେ କରଇ ଘେନା  ସୁମନ ମନ ।

ଶମିତ ବୃଜିନ ପଥ       ପ୍ରଗତି ମାନବ ରଥ
ରୀତି ନୀତି ଭାବ ଭଙ୍ଗି ଝଲକେ ଦେହେ,
ନୀଶିଅନ୍ତରେ ତିମିର      ଭାନୁ ଆଗମନେ ଦୂର
ତେସନ ପ୍ରଜ୍ଞା ପ୍ରକାଶି ମାନସ ମୋହେ ।
ଛିନ୍ନକରି  ବାଡ ବନ୍ଧନ,
ସମୀରରେ ଚହଟାଏ ବାସ ପ୍ରସୂନ ।

ସାଗରଗାମିନୀ ବାଟ      ଦ୍ୱିଜର ଅମିୟ ରଟ
ରୋକିକେ ପାରିଛି ଭବେ ଶକ୍ତି ଖଟାଇ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଷା ବନ୍ଧନ ଅର୍ଣ୍ଣବ ଲଙ୍ଘି ଖୋଜେ ସତ୍ୟ ଶିବ

ମନ୍ଦାକିନୀ ସୁଦ୍ଧ ପୟଃ ହୃଦୁ ଝରାଇ ।

ଲବେ ଲବେ ଉଚ୍ଚାରି ସତ୍ୟ ,

ଶୃଙ୍ଖଳିତ କରେ ପ୍ରାଣ ଜଗତେ ନିତ୍ୟ ।

ଟୀକା-ଇକ୍ଷୁ-ଆଖୁ, ଅକ୍ଷି-ଆଖି, କାକରକର-ଚନ୍ଦ୍ର, କକୁଭ-ଦିଗ, ସୁମନ-ଫୁଲ, ଶମିତ-ନିବାରିତ, ନିବୃତ୍ତ, ପ୍ରସୂନ-ପୁଷ୍ପ, ସାଗରଗାମିନୀ-ନଦୀ, ଦ୍ୱିଜ-ପକ୍ଷୀ,

ଅଲେଖ ମେହେର (ଯାଯାବର)

ସୋହେଲା ବରଗଡ଼

ମୋ-୭୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଧୁପର୍ବ



ପ୍ରଶାନ୍ତ କୁମାର ବେହେରା

ତମେ ମୋ ଗୋଲାପ
ମୋ ମନ ବଗିଚାର
ପାରିଜାତ

ତମେ ମୋ ପଦ୍ମିନୀ
ମୋ ହୃଦ ସରୋବରେ
ପ୍ରସ୍ଫୁଟିତ

ତମ ପ୍ରେମ ମୋର
ଅମୃତ କଳସୀ
ମୋର ଅମରତ୍ୱ ରସ

ତମ ପ୍ରେମ ମୋର
ଶାଶ୍ୱତ ଗୀତିକା
ମୋର ପୁଲକ ଉଚ୍ଛ୍ୱାସ

ତମ ଗୋଲାପୀ ପ୍ରେମର
କଣ୍ଟକ ପୀଡନ
ମୋର ନିର୍ବାଣର ଯୋଗମାର୍ଗ

ତମ ସୁଧାଓଠ ଝରା
ରସ କଲ୍ଲୋଳିନୀ
ମୋର ପ୍ଲାବନର ମଧୁପର୍ବ ।

ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା
ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ,
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଜଗତସିଂହପୁର ।
ଦୂରଭାଷ - ୯୪୩୭୧୩୫୯୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା
ଆହ୍ୱାନ ଇ-ପତ୍ରିକା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରକାଶିତ
Aahwaan.com

Magazine Downloaded from www.aahwaan.com

# କେତେ ଆଉ ରଙ୍ଗ ଦେଖୁଥିବି ନିତି



ସରୋଜ କୁମାର ଜେନା

କେତେ ଆଉ ରଙ୍ଗ ଦେଖୁଥିବି ନିତି
କହ ସୃଷ୍ଟିର ନିୟତି ,
ରଙ୍ଗ ଭଳି ଏଠି ମଣିଷ ବଦଳେ
ସମ୍ପର୍କକୁ କରି ଇତି ।
କହିଦେଲେ ସତ ହେଉ ଅପଦସ୍ଥ
ଏପରା କଳିର ନୀତି ,
ଭଲକୁ ଏଡ଼େଇ ଭେଲ ଆପଣେଇ
ମଣିଷ ବଢ଼ାଏ ପ୍ରୀତି ।।

ଦରଦୀ କବି - ସରୋଜ କୁମାର ଜେନା
ବାଲିଝରୀ,ନରସିଂହପୁର,କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁହ



ସିଦ୍ଧେଶ୍ୱର ତ୍ରିପାଠୀ

ଆଜି କାଇଁ କାନ୍ଦିବାକୁ ଭାରି ଇଚ୍ଛା ହୁଏ
ଦୁଃଖରେ ନାଁ ସୁଖରେ
ପ୍ରାପ୍ତିରେ ନାଁ ଅପ୍ରାପ୍ତିରେ
ଅଭାବ ନାଁ ଭାବରେ
ଅଭିମାନରେ ନାଁ ଅଭିଯୋଗରେ
ମୁଁ ତ ଜାଣିନି କହିବି କେମିତି ଯେ,

ମାଆର ପଣତ କାନି ଧରି
ଆଖି ଲୁହ ପୋଛିବାର
ବୟସ ଆଉ ନାହିଁ
ସେ ସମୟ ଆଉ ନାହିଁ
ବାପାଙ୍କ ଗାମୁଛାରେ
ହଜେଇ ଦେବାକୁ
ଲୁହର ସଂଜ୍ଞା ପ୍ରକୃତି ପରିସର ।

ଗଡି ଯାଇଛି ସମୟ ବଢି ଯାଇଛି ବୟସ
ଗୁନ୍ଥା ହୋଇଛି ଅନେକ ଦାୟିତ୍ୱ
ବାକି ଅଛି ଅନେକ ଆଶା
ମୋ ଉପରେ କେତେ ଭରଷା ।

କ'ଣ ପାଇଛି କ'ଣ ହରେଇଛି
କ'ଣ ନେଇଛି କ'ଣ ଦେଇଛି
ଦୁନିଆ କହିବ ସମାଜ ଚାହିଁବ
ମୁଁ ଗଲାପରେ ମୁଁ ମଲାପରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେତେ ମୋହ କେତେ ଭୟ

କିଛି ଦୁର୍ବଳତା କିଛି ସ୍ନେହ

କିଏ ଶତ୍ରୁ କିଏ ମିତ୍ର

କେଉଁଟା ଭଲ କେଉଁଟା ଭେଲ

ବିଚାର ହେବ କିଛି ତଳେ କିଛି ଉପରେ

ମୁଁ ଗଲାପରେ ମୁଁ ମଲାପରେ ।

ଲୁହ ଏବେ ଝରିବ ନିଶ୍ଚୟ

ଭିଜେଇବ ଦେହକୁ

ହେଲେ ଓଦା ହେବ ମନ

ହଉପଛେ ଦୁଇ ଆଖି

ଲୁହ ଝରଝର

ଆପେଆପେ ବୁଝିଯିବ ମନ ।

କବିର ଘର, କୁଣ୍ଡିଲୋ

କେରଙ୍ଗ, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଳୁଛି ଦିପାଳୀ



ମନୋରଞ୍ଜନ
ସୁରୁଜାଳ

ଜଳୁଛି ଦୀପାଳି ପ୍ରତି ଘରେ ଘରେ
ଫୁଟୁଛି ବାଣ ରୋଷଣି
ତଥାପି ହୃଦୟେ ଅମା ଅନ୍ଧକାର
ବଜାଏ କାଳ ରାଗିଣୀ ।
ଆମାବାସ୍ୟା ପରେ ଆଲୋକ ବିଜୟ
କାଳଜୟୀ ଇତିହାସ
ରାକ୍ଷସ କବଳୁ ଉଶ୍ୱାସିଣ ଧରା
ମୁଖେ ଫୁଟାଇଲେ ହସ ।
ଆଲୋକର ପର୍ବ ଭେଟିଲେ ଶ୍ରୀହରି
ବିଜୟ ପତାକା ତୋଳି
ପାପ ପରେ ପୂଣ୍ୟ ଧର୍ମରେ ଅଧର୍ମ
ସତ୍ୟେ ଅସତ୍ୟକୁ ଜାଳି ।
ତ୍ରେତୟା ସଂସ୍କୃତି ସଂପର୍କର ଡୋରି
ଘର ପରିବାର କଥା
କଳିର ମଣିଷ ବୁଝେ ନାହିଁ କାହିଁ
ପ୍ରଭୁଙ୍କ ପରମ ଗାଥା ।

ତାଙ୍କ ମର୍ଯ୍ୟାଦାକୁ ରଖିଲେ ସିନାହେ
ଖୁସି ହେବେ ଆତ୍ମାରାମ
ଦୀପାବଳୀ ଜାଳି ବାଣ ଫୁଟାଇବା
ସେଥିରେ ବା କେଉଁ କାମ ?
ଅର୍ଦ୍ଧରାତ୍ରି ଯାଏଁ ବାଣର ଶବଦ
କମ୍ପମାନ ବସୁନ୍ଧରା
ପରିବେଶ ବିଷେ ହୁଏ ପ୍ରଦୁଷିତ
କ୍ଷଣାନନ୍ଦେ ଆତ୍ମହରା ।
ହୃଦୟ ଦୁଆରେ ଦୀପାଳିକୁ ଜାଳି
ଚିହ୍ନି ଅଭୟ ଚରଣ
ପାପ ଜଳିଗଲେ ହୃଦୟ ଆଲୋକ
ସାର୍ଥକ ହେବ ପରାଣ ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋକ୍ଷ



ସୁବ୍ରତ କୁମାର ଜେନା

ଯେତେ ଯେତେ ଲୁହ ଲହୁ ସବୁ ଢାଳି,
ଦିଅଁ ପୂଜିବାର ଏକି ପ୍ରସାଦ ,
ଜୀବନ ତମାମ ମାନସିକ ଓ
ଏକବ୍ରତୀ ବ୍ରତ ନିଷ୍ଠାର !
କେବେପୁଣି ନିରଟା ନିଷ୍ଟଳା ଉପବାସ,
ନିଜ ଲାଗି ନୁହଁମ ! ନିଜର ନିଜରଙ୍କ ଲାଗି,
ଖାଲି ଟିକେ ସୁଖ ଓ ସମୃଦ୍ଧି ଆଉବା କଣ ?
ନା ଜୀବନର ଶେଷେ ମୋକ୍ଷ ପ୍ରାପ୍ତିର ମୋହ ।

ହେଲେ କିଏ ଜାଣିଥିଲା,
ଭାଗ୍ୟର ମାୟାବୀ ଖେଳକୁ ପର୍ଣ୍ଣମୋଚି ଅରଣ୍ୟରେ,
ମୁହୂର୍ତ୍ତକରେ କାମନାର ମଣୋହୀ ସବୁ,
ଏମିତି ଦେଖାଦେଲେ ଚୋଉଷଠି ଯୋଗିନୀ ହୋଇ,
ନିଶ୍ୱାସର ଛାତିରେ ଚଢି ବିଶ୍ୱାସକୁ ହତ୍ୟା କରିବାକୁ,
ଥରେବି ବୁଝିଲେନି ଆତ୍ମ ପକ୍ଷୀର ଆକୁଳ ଡାକକୁ,
ମୁହୂର୍ତ୍ତରେ ବଦଳିଗଲା ଦୃଶ୍ୟରାଜି .
କାଲିର ବର୍ଷା ପରେ,
ଅଚାନକ ଭରିଥିଲା ସବୁଜିମା ଅନେକ ସମୟାନ୍ତରରେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟଥିଲା ଆତ୍ମା ସହ ଆତ୍ମାର ନୈସର୍ଗିକ ସମ୍ବନ୍ଧ ଓ ସମ୍ଭାବନାର , ସମ୍ଭୋଗର,
ବର୍ଷାରେ ଭିଜିବା ଆଗରୁ,
ଛିଡି ପଡୁଥିଲା ସାଇତା ଗୁନ୍ଥା ମାଳରୁ ମାଳିସବୁ,
ଖାଁ ଖାଁ ଶ୍ରୀହୀନ କରିବାକୁ ସଧବାରୁ ବିଧବାର  ଭାଗ୍ୟର ଭୋଗରେ,
ଯଦିଓ ଏଯାଏ ଲିଭିନଥିଲା ସଧାବା ପାଦରୁ ଅଳତାର ଗାର  ।

ପ୍ରଶ୍ନ ପରେ ପ୍ରଶ୍ନ କାଠଗଡ଼ାରେ ଈଶ୍ୱରଙ୍କୁ,
ଥରେ ହେଲେ କୁହ,
ଏତେ ଲମ୍ବା ପ୍ରତିକ୍ଷାର ମୌନତା,
କଲବଲ ଅସ୍ତବ୍ୟସ୍ତ ରେ ଭରିଛି ନିରାଶ୍ରୀର ପ୍ରାନ୍ତର,
ତେବେ ଏଥିଲାଗି ଦୋଷୀ କିଏ  ?
ତଥାପି ମନ ବୁଝେନି ଅଭାଗିନୀର,
ସଫା ଧଳାର ବସ୍ତ୍ରତଳେ ଯେତେ ଜଳିଲେ ବି  !
ଧାଇଁ ଯାଇ ଜାଳିଦିଏ ସଞ୍ଜ ଦୀପ,
ତେଣିକି ତାକୁ ଯେତେ ଶୁଣିବାର ହେଉ ଅବା ସହିବାର,
ଆଶିଣିର କାଶତଣ୍ଡି ଅବା ପୂର୍ଣ୍ଣମୀର ଚାନ୍ଦ ବୋଲି,
ଲୋକମୁଖରେ ନଦୀ ଆଉ ନାରୀ ସର୍ବସ୍ୱହା ବୋଲି  ।।

ଶୂରଡିହ, ନନ୍ଦିପୁର, ଯାଜପୁର
ଦୂରଭାଷ-୮୨୪୯୨୨୦୮୩୦ .

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯଶସ୍ୱିନୀ



ଗୁପ୍ତେଶ୍ୱର ଚାନ୍ଦ

ପିତୃସତ୍ୟ ପାଳି ପ୍ରଭୁ ରାମଚନ୍ଦ୍ର
ବନକୁ କରିଲେ ଗମନ ।
ସଙ୍ଗେ ଘେନି ରଷି ଜନକ-ନନ୍ଦିନୀ
ମାତା ସୁମିତ୍ରାଙ୍କ ନନ୍ଦନ । ।୧

ରମଣୀୟ ଶୋଭା ଅତି ମନଲୋଭା
ନେତ୍ରେ କରି ଅବଲୋକନ ।
ଆନନ୍ଦିତ ମନେ କାଳ କାଟୁଥାନ୍ତି
ବନବାସୀ ବିଶ୍ୱମୋହନ । ।୨

କାନନ ମଧ୍ୟରେ କେତେ ମୁନି ରଷି
କରୁଥିଲେ କାଳଯାପନ ।
ଶିଷ୍ୟଙ୍କୁ ବିତରୁ ଥିଲେ ଜ୍ଞାନ ଗୁରୁ
ଆଶ୍ରମ କରିଣ ସ୍ଥାପନ । । ।୩

ବ୍ରହ୍ମଚର୍ଯ୍ୟ ଦୀକ୍ଷା ଗ୍ରହଣ ବ୍ୟବସ୍ଥା
ସେ କାଳର ଅନୁଶାସନ ।
ସରସ ସୁନ୍ଦର କରିତୋଳୁ ଥିଲା
ଗଢ଼ି ଏ ମାନବ ଜୀବନ । ।୪

ଗୁରୁ ଆଜ୍ଞା ମାନି ଚଳୁଥିଲେ ଶିଷ୍ୟ
ଏ ସଂସାର-ପଥ ସୁଗମ ।
ବିଶ୍ୱ ମଧୁମୟ ବୋଲି ଆସେ ବୋଧ
ଜୀବନ ହୋଇଲେ ସଂଯମ । ।୫

ସେ ଅତୀତ ଆଜି ବର୍ତ୍ତମାନ ପାଇଁ
ହୋଇଗଲା ସାତ ସପନ ।
କ୍ଷେତ୍ର ପ୍ରସ୍ତୁତି ବିହୂନେ କି ମିଳଇ
ଫଳ କଲେ ବୀଜ ବପନ ? । ।୬

ବୁଲୁ ବୁଲୁ ଦିନେ ଅତ୍ରି ଙ୍କ ଆଶ୍ରମେ
ପ୍ରବେଶିଲେ ରଘୁ ନନ୍ଦନ ।
ଶିଷ୍ୟଙ୍କ ସମେତ ହୋଇ ହର୍ଷଚିତ୍ତ
କଲେ ମାନ୍ୟ ଅଭିବାଦନ । ।୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭକ୍ତ ଭଗବାନ ହୋଇଲେ ଏକାଠି
ଚାରି ଚକ୍ଷୁ ର ଏ ମିଳନ ।

ବିନୟ ସ୍ୱଭାବ ଦେଖି ରାମଙ୍କର
ମୁନି ହୋଇଲେ ସୁପ୍ରସନ୍ନ ।।୮

ସତୀ ଅନୁସୂୟା ଆପଣା କକ୍ଷକୁ
ସୀତାଙ୍କୁ ନେଲେକ ରାଇଣ ।

କୁଶଳ ବାରତା ପଚାରି ବୁଝିଲେ
କରି ମଧୁର ସମ୍ଭାଷଣ ।।୯

ବୋଇଲେ- "ଜୀବନେ ଆନ ମୁଁ ନ ଜାଣେ
ଶୁଣ ଶୁଣ ସତ୍ୟ ବଚନ ।

କରିଛି କେବଳ ସ୍ୱାମୀ ଙ୍କ ର ସେବା
ଦେଇ ଏ ମୋର ମନ ପ୍ରାଣ ।।୧୦

ମୋହ ଜାଣିବାରେ ପତିଙ୍କ ପୟରେ
ସକଳ ତୀର୍ଥ ଥାଏ ଜାଣ ।

ସଧବା ରମଣୀ ଦିବସ ରଜନୀ
ସେବିଲେ ମିଳେ ମହା ପୂଣ୍ୟ ।।୧୧

ଏଣୁ ଏ ଭାରତୀ ଘେନ ଆଗୋ ପୁତ୍ରୀ
କଲେ ତୁହି ଅନୁସରଣ ।

କରି ଚିତ୍ତ ଶୁଦ୍ଧି ନରିମଳ ମତି
ହୋଇବୁ ଜଗତ ବରେଣ୍ୟ" ।।୧୨

ଯୁଗ ଯୁଗ ଧରି ଏ ଶୁଭ୍ର କୀରତି
ବିସ୍ତାରିତ ଯେହ୍ନେ ତପନ ।

କେ ଲିଭାଇ ଦେବ ଅଛି କେ ଧରାରେ
ହୋଇବ କି କେବେ ମଳିନ ? ।୧୩

ତେଜି ସବୁ ବ୍ରତ ସେବି ଅନୁବ୍ରତ
ଖ୍ୟାତ ହେଲେ ତିନି ଭୁବନ ।

ବ୍ରହ୍ମା ବିଷ୍ଣୁ ଶିବ ଲଭି ପରାଭବ
ପାଳଟିଲେ ଶିଶୁ ସମାନ ।।୧୪

ସତୀ ଶିରୋମଣି ଶକ୍ତି ସ୍ୱରୂପିଣୀ
ବନ୍ଦେ ଜନନୀ ତୋ' ଚରଣ ।

ତୁଳନା ତୋହରି ନାହିଁ ତିନି ପୁରୀ
'ଯଶସ୍ୱିନୀ' ତୁ ଧନ୍ୟ ଧନ୍ୟ ।।୧୫

ଗ୍ରାମ/ପୋଷ୍ଟ-ସମାସିଙ୍ଘା; କୋଲାବିରା,
ଜିଲ୍ଲା-ଝାର୍ ସୁଗୁଡା, ୭୬୮୨୧୩;
ମୋ ନମ୍ବର -୭୬୮୩୮୪୧୦୬୪.

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆସିଅଛି ଦୀପାବଳି



ମନୋଜ କୁମାର
ବାଟିକ

ଜଳିବ ଦୀପ ତୁଳସୀ ଚଉରା ମୂଳେ ଧାଡ଼ିକି ଧାଡି
ଜଳିବ ପୁଣି ଘର ସାମନାରେ, ଛାତ ଉପରେ
କୁନମୁନର ଆଜି ନୂଆ ଡ୍ରେସ
ବାଣ ଫୁଟେଇବ ସାଙ୍ଗକୁ ନେଇ
ମିଠେଇ ବାଣ୍ଟିବ, ନାଚ ଗୀତ ତା ସାଙ୍ଗକୁ ବଣଭୋଜି ।
ଦଶହରା ପରେ ଦୀପାବଳି
ମା ଦୁର୍ଗାଙ୍କ ପରେ ମା କାଳି
ପୂଜା ପାଆନ୍ତି ଭେଳିକି ଭେଳି
ଦୀପାବଳି ।
ଦୀପ ପ୍ରଜ୍ୱଳନେ ଶୋଭେ ଦାଣ୍ଡ
ଦୀପ ପ୍ରଜ୍ୱଳନେ ଶୋଭେ ଗାଁ
ଦୀପ ପ୍ରଜ୍ୱଳନେ ଶୋଭେ ସାରାଦେଶ ।
ଦୀପାବଳି -
ଫେରେ ଦଶରଥ ନନ୍ଦନ ଅସୁର ସଂଘାରି
ଦେଖିବାକୁ ପ୍ରଜା ବାସୀଙ୍କ ମନ ଉଚ୍ଛଂନ
ମାତାସୀତାଙ୍କ ସହ ରାମଙ୍କ ଯୁଗଳ ମୂର୍ତ୍ତିର ଦର୍ଶନ
ମର୍ତ୍ତ୍ୟରେ ପୁଣି ରାଜବଳୀଙ୍କ ଆଗମନ
ଘରେ ଘରେ ଖିରିପିଠା ଆଉ ଦେବଦର୍ଶନ ।

ସମର, ତୁଷରା, ବଲାଙ୍ଗୀର
ମୋବାଇଲ୍ : ୯୦୭୮୪୯୩୮୮୫

Listen to Odia Podcast on https://anchor.fm/aahwaan
ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

# ଜହ୍ନରେ ଲେଖିଛି ତୁମରି ନାଁ



ବାଲାଜି ସେଠୀ

ମନ ଆନମନା ମରମେ ବେଦନା
ପାଇବାକୁ ଟିକେ ତୁମରି ଛୁଆଁ
ଭଲ ପାଏ ବୋଲି ଅନ୍ତରକୁ ଖୋଲି
ହିମସ୍ନାନ ମଣେ ଜୁଇର ନିଆଁ ।।

କଜଳ ନୟନୀ ସୁଢ଼ଳ ଚାହାଣି
ରେଶମୀ ସିନ୍ଥୀରେ ନାଇ ସିନ୍ଦୁର
ବାଟ ଚାଲୁଥିଲେ ହାତ ଧରି ମୋର
ଈର୍ଷାରେ ଜଳିନ୍ତା ସାରା ସହର ।।

ବନ୍ଦ ଲଫାଫାରେ ଗୁପତ ବାରତା
ଭସା ବାଦଲକୁ କଲି ଡଗର
ପଢ଼ି ଅଧା ବାଟେ ପ୍ରୀତି ଅଭିପ୍ରେତେ
ହେଲା ସେ ତା ପ୍ରିୟା ର ଅଭିସାର ।।

କହିଥିଲି ଦିନେ ମଳୟର କାନେ
କହିବାକୁ ଯାଇ ତୁମରି ପାଶେ
ତୁମେ ଚାନ୍ଦ ମୁଁ ଚାନ୍ଦର କଳଙ୍କ
ଜ୍ୟୋତ୍ସ୍ନା ବିଧଉତ ସପନ ଦେଶେ ।।

ଉଦାସିଆ ପଣ ଠଉରାଇ ଫୁଲ
ଦିନେ ଆସି କହେ ପାଖରେ ସିଏ
ଯାହା ସ୍ମୃତି ଧରି ଝୁରୁଅଛ ଆଜି
ତା ଠାରୁ ଅଧିକ ମୁଁ ଭଲପାଏ ।।

ଭଲ ଲାଗେ ନାହିଁ ତୁମ ବିନା କିଛି
ତୁମ କଥା ବସି ଭାବେ ମୁଁ ବେଶି
କହି ଦିଅ ଥରେ ଭଲ ପାଅ ବୋଲି
ସନ୍ତପ୍ତ ହୃଦୟେ ପ୍ରୀତି ବରଷି ।।

ସପନ ନାୟିକା ହୃଦୟ ଝରକା
ଫାଙ୍କରୁ ଅଳପ କଣେଇ ଚାହାଁ
କଳ୍ପନା ତଟରେ ସୃଜନୀର ଧାରେ
ଜହ୍ନରେ ଲେଖିଛି ତୁମରି ନାଁ ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟ ଚକ୍ର



ସୁରେଶ ଚନ୍ଦ୍ର
ପାଢ଼ୀ

ସମୟ ଚକ ଆଗକୁ ଗଡି ଗଡି ଯାଏ
କେବେ ସମୟ ସୁଖ କେବେ ଦୁଃଖ
ଆଣିଦିଏ
ସମୟ କେବେ ଖୁସିର ଜୁଆର ଜୀବନେ ଆଣିଦିଏ
କେବେ ସମୟ ଲୁହର ବନ୍ୟାରେ ଭସାଇ ଦିଏ
ସମୟ କେବେ ମଣିଷକୁ ଧନବାନ
କରିଦିଏ
କେବେ ସମୟ ମଣିଷକୁ ଦରିଦ୍ର ସଜାଇ ଦିଏ
ଭଲ ସମୟ ମଣିଷକୁ ଅହଂକାରୀ
କରିଦିଏ
ଦୁଃଖ ସମୟ ମଣିଷର ସର୍ବନାଶ କରିଦିଏ
ଭଲ ସମୟ ଆସିଲେ ଧନ, ଜନ ସମ୍ମାନ ଆପଣାର ହୋଇଯାଏ
ଦୁଃଖ ସମୟରେ ଧନ ବି ଯାଏ,
ନିଜର ବି ପର କରିଦିଏ
ସମୟ କେବେ ମଣିଷକୁ ରାଜା କରି
ବସାଇ ଦିଏ
କେବେ ସମୟ ମଣିଷ କୁ ଭିକାରି କରି ଦାଣ୍ଡରେ ବୁଲାଏ
କେବେ କାହା ପାଇଁ ସମୟ ଭାଗ୍ୟ ଖୋଲି ଦିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେବେ ସମୟ କାହାର ସବୁ କିଛି
ଲୁଟି ନିଏ
ସମୟ କେବେ ରୋଗୀ ସଜାଇ ଦିଏ
କେବେ ସମୟ  କାହାକୁ ତ୍ୟାଗି
ଯୋଗୀ କରିଦିଏ
ସମୟ ଚକ୍ରରେ ମଣିଷ ନୀତି ଦିନ
ଚାଲୁ ଥାଏ
ସମୟ କେବେ ସୁଖ ପୁଣି କେବେ ଦୁଃଖ ହୋଇ ଆସିଥାଏ
ସମୟ ଚକ୍ରରେ ମଣିଷର ଜନ୍ମ
ହୋଇଥାଏ
ସେଇ ସମୟ କେବେ ମରଣ ମୁଖକୁ
ନେଇଯାଏ
ସମୟ ଚକ୍ରରେ ବର୍ଷ ମାସ ଋତୁ ସବୁ
ବଦଳିଯାଏ
ବାଲ୍ୟତ, ଯୁବା, ବୃଦ୍ଧ ଅବସ୍ଥା ସମୟ ଚକ୍ରରେ ଆସିଯାଏ
ଜ୍ଞାନୀ ସମୟ ଚକ୍ରକୁ ଜାଣିଥାଏ
ଅତୀତ ଭବିଷ୍ୟତ ଭାବେ ନାହିଁ ସିଏ
ସମୟ ଆସେ ଓ ସମୟ ଯାଏ
ମଣିଷ ସୁଖ ଦୁଃଖ ସମୟ ଚକ୍ରରେ ଗତି
କରୁଥାଏ

ବୁଗୁଡ଼ା,ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିତା



ରବି ନାରାୟଣ ସାହୁ

ନରଦେହ ଧାରି    ନର ନାରାୟଣ  
ଅଟନ୍ତି ଶ୍ରେଷ୍ଠ ଦେବତା ।  
ଯାହା ରକତରେ    ଗଢା ଆମ ତନୁ  
ପୂଜ୍ୟ ସଦା ସେହି ପିତା ।।

ଯାହାଙ୍କ ନେତ୍ରରେ   ଶଶାଙ୍କ ମିହିର  
ପରି ପୁତ୍ର ଯେ ସମାନ ।  
ତିନି ପୁରେ ସରି   କିଏ ବା ହୋଇବ  
ତାଙ୍କ ଦେଇଥିବା ଦାନ ।।

ନୀର ପରି ଧାର   ଯା ଆଶିଷ ଝର  
ଧୈର୍ଯ୍ୟ ପଥରଠୁ ବଳି ।  
ରକ୍ତ କରି ପାଣି   ପିଇ ଝାଳ ପାଣି  
କରିଲେ ଆମକୁ ବଳୀ ।।

ଯାର ଦୁଇ କର   ସତେ ଫୁଲ ଝର  
କେତେ ବା କରେ ଝୁଲିବୁ ।  
ଯାର କାନ୍ଧ ଅଟେ   ସରଗଠୁ ଉଚ୍ଚ  
ଯେଉଁଠି ବସି ଦେଖିବୁ ।।

ପୁଅ ହେଉ ପଛେ   ସ୍ୱର୍ଣ୍ଣ ବା ଅଙ୍ଗାର  
ପିତା ନେତ୍ରେ ସବୁ ସମ ।  
ପିତା ନାମ ଠାରୁ    ଅଛି କିଏ ବଡ  
ଆଉ ବା କେଉଁ ଧରମ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜେ ଆଦରନ୍ତି    ଅପାର କଷଣ

ପୁଅକୁ ଦିଅନ୍ତି ଛାଇ  ।

ପିତାଙ୍କ ବଚନ    ଅମୃତ ସମାନ

ଆର୍ଶୀବାଦ ପୁଅ ପାଇଁ  ।।

ପିତା ପାଖେ ଥିଲେ   ଜଗତ ସୁନ୍ଦର

ଦୁଃଖ ତ ନଥାଏ ମନେ  ।

ଯେତେ ଥାଏ ଆମ   ଅଳି ଅରଦଳି

ପୁରଣ କରନ୍ତି କ୍ଷଣେ  ।।

ଯାର ପାଦ ଧୂଳି   ଦେଲେ ଶିରେ ବୋଳି

ସରଗ ଲାଗଇ ତୁଚ୍ଛ  ।

ଏ ମାୟା ଯୁଗରେ    ଘୋଷ ତାଙ୍କ ନାମ

ହୃଦୟ ହୋଇବ ସ୍ୱଚ୍ଛ  ।।

ଯାହା ଠାରୁ ସୃଷ୍ଟି    ସମ୍ଭବ ଆମର

ତାଙ୍କୁ ପାରିବାକି ରଚି  ।

କୋଟିଏ ମଧ୍ୟରୁ   ଗୋଟିଏ ର ଭାବ

ଲେଖାରେ ଦର୍ଶାଇଅଛି  ।।

ପୋ- ଭୁଷଣ୍ଡପୁର , ଟାଙ୍ଗି , ଖୋର୍ଦ୍ଧା

ଦୂରଭାଷ- ୭୭୮୯୯୨୪୨୮୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୂନ୍ୟ ମୁଁ



ପୁଷ୍ପାଞ୍ଜଳୀ ପଣ୍ଡା

ଶୁନ୍ୟ ମୁଁ , ପୂର୍ଣ୍ଣ ମୁଁ
ମଗ୍ନ, ଭୂଲଗ୍ନା ମୁଁ
ତୁମ ବର୍ଣ୍ଣବିଭାରେ ବିଭୋର ମୁଁ
ବିହ୍ୱଳିତ ଉଲ୍ଲାସିତ ହୋଇଯାଇ
ନିଜକୁ ଭୁଲିଛି ମୁଁ ।।
ତୁମ ଅସ୍ତିତ୍ୱ ଜାହିରରେ
ଉପସ୍ଥିତିର ଔଜଲ୍ୟରେ
ପଳାଶର ମାଳାଟିଏ ମୁଁ
ସୁଖର ସାମ୍ରାଜ୍ୟରେ
ସ୍ୱପ୍ନମୟ ଦେଶରେ
ବିଚରଣ କରୁଥାଏ ମୁଁ ।।
ଉଡେ ମୁଁ, ବିଲୀନ ମୁଁ
ସୃଷ୍ଟିର ସୃଜନରେ
ଜୀବନର ପ୍ଲାବନରେ
ଯୌବନ, ଜରାର ଯାତ୍ରାପଥରେ ମୁଁ
ମୂର୍ଛନା ତୋଳି "ମୁଁ "ମନସ୍କରେ
ବଞ୍ଚିବା ଶିଖିଲି, ଗୁପ୍ତ ସୁପ୍ତ ସମସ୍ତ
ଚେତନାରେ, ଜଡ଼ତା ଭରିଲି ମୁଁ ।।
ବନ୍ଧା ମୁଁ, ଛନ୍ଦିଛି ମୁଁ
ମୁଁ ଭୁଲିଛି ଚେତନାର ଚୌହଦୀ,
ଡେଇଁଛି, ଛୁଇଁବାକୁ ଧାଇଁଛି ମୃତ୍ୟୁକୁ,
ନିଘା ନଥିବାର ଦୌଡ଼ରେ
ଶେଷ ପାହାଚର ଚୁଡାରେ
ଶେଷରେ ବସିଛି "ମୁଁ" ।।
ଆଦ୍ୟ ମୁଁ, ପ୍ରାନ୍ତ ବି ମୁଁ
ଏଇ ଅଛି ଏଇ ନାହିଁ ମୁଁ ର
ଖେଳରେ, ଭାଗଶେଷ ଶୁନ୍ୟ ପୁର୍ଣ୍ଣ ମୁଁ ।।

ଷ୍ଟାଟିଷ୍ଟିକାଲ୍ ଅଫିସର୍
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ରାକେଶ୍ ମୁଦୁଲି

ନାରୀ ସର୍ବପ୍ରଥମେ ଜଣେ ମାଆ
ଶିଶୁର ପ୍ରଥମ ଶବ୍ଦ ବି ମାଆ ।

କେବେ ସେ ଜନନୀ କେବେ ସେ ଭଗିନୀ
କେବେ ପ୍ରେମିକା ସେ କେବେ ହୁଏ ପତ୍ନୀ ।

ପ୍ରଥମ ରୂପରେ ଅଟେ ସେ ମାଆ
ଜୀବନରେ ଆଗକୁ ବଢିବାର ଶିଖାଏ ଅନେକ ରାହା ।

ତ୍ୟାଗ ଓ ବଳିଦାନର ସେ ଜୀବନ୍ତ ପ୍ରତିମୂର୍ତ୍ତି
ଦୁଃଖ କଷ୍ଟେ ଥାଇ ଢାଳି ଦିଏ ସେ ସ୍ନେହ ମମତା ପ୍ରୀତି ।

ହସ ଖୁସି ଶବ୍ଦ ନାହିଁ ତା ଜୀବନ ଅଭିଧାନେ
ଖୁସି ବାଣ୍ଟି ଥାଏ ରହି ସେ କଷଣେ ।

ପିଲାମାନଙ୍କ ଖୁସିରେ ସେ ହୁଏ ଖୁସି
ଶିଶୁକୁ କୁହେ ସେ ଆ ଜହ୍ନ ମାମୁ ସରଗ ଶଶୀ ମୋ କାଁହୁ ହାତେ ପଡରେ ଖସି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ସନ୍ତାନ ସନ୍ତତିଙ୍କ ପାଇଁ ସେ ବଞ୍ଚେ
ସଦା ସର୍ବଦା ହସ ଖୁସିର ଆସର ବିଞ୍ଚେ ।

ପିଲାମାନେ ଦୁଃଖୀ ତ ସେ ବି ଦୁଃଖୀ
ଭୋକେ ରହି ସେ ଖାଦ୍ୟ ଆମ ପାଇଁ ଦେଇଥାଏ ରଖି ।

ସେ ମାଆ ହେଉଛି ବି ଜଣେ ନାରୀ
କ୍ଷୀର ପାନ କରାଇଥାଏ ନିଜ ବକ୍ଷ ଚିରି ।

ତାର ସମ୍ପୁର୍ଣ୍ଣ ଜୀବନ ପିଲାଙ୍କ ପାଇଁ କରେ ନିହିତ
କେଉଁଠି ବା ଥାଉ ସେ ଚିନ୍ତେ ପିଲାଙ୍କ ହିତ ।

ଜହ୍ନ ବିନା ନୀଳ କଇଁ ମନ ତ ବୁଝେନା
ପିଲା ର ମନକୁ ଚୋରେଇ ନିଏ କହି ମୋ ଧନ ମୋ ସୁନା ।

ସୂର୍ଯ୍ୟ ବିନା ସୂର୍ଯ୍ୟମୁଖି ରହି ଯେ ପାରେନା
ସନ୍ତାନ ବିନା ମାଆ ମନ କେବେ ବି ବୁଝେନା ।

ମନରେ ନଥାଏ ତାର କୌଣସି ଭେଦଭାବ
ଅତି ସହଜେ ଦୂର କରେ ସେ ଦୁଃଖ, କଷ୍ଟ ଓ ଅଭାବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣେ ସେ ସେବା, ତ୍ୟାଗ ଓ ବଳିଦାନ

ସବୁବେଳେ ଚିନ୍ତା କରିଥାଏ ସମସ୍ତଙ୍କ ଉନ୍ନତି ଜାଣ ।

ଗର୍ଭ ନିର୍ଦ୍ଧାରଣେ ଥିବା ଜାଣି ଝିଅ

ସମାଜ କୁହେ ତାକୁ ମାରିଦିଅ ।

ବଳତ୍କାର ପରି ଦୁଷ୍କର୍ମ କରୁ ଯୌବନେ

କାହିଁକି ଏମିତି କରନ୍ତି ଆମେ ?

ନାରୀର ଅସ୍ତିତ୍ୱ ସହ ଖେଳିବା ନାହିଁ

ନର୍କଗାମୀରୁ ବର୍ତ୍ତୀବା ଭାଇ ।

ପ୍ରଥମେ ନାରୀକୁ ମାଆର ସମ୍ମାନ ମିଳୁ

ତାର ଭିନ୍ନ ପରିଚୟ ଏ ସଂସାର ଜାଣୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛୋଟ ମୋର ଗାଆଁଟି



ଅମୂଲ୍ୟ କୁମାର ପଣ୍ଡା

କେତେ ଆଶା ଆଉ କଳପନା ଭରା ଛିଟ ଭରା ଛୋଟ ଗାଆଁ
ଭୂଗୋଳ ପୋଥିର ପତରେ ନଥାଉ ପାଶୋରି ପାରେନି ନାଆଁ
ତା'ର ରଜଦୋଳି କେତେ ଯାନି ଯାତ ହାତଠାରି ଆଜି ଡାକେ
କେମିତି ଭୁଲିବି ତା'ର ମହାନତା ଭାବି ପ୍ରତିଛବି ଆଙ୍କେ ।

ନଦୀ ପରବତ ମନ ହରଷିତ ପାଚିଲା ପଣସ ବାସ
ଗାଆଁ ଶେଷ ମୁଣ୍ଡ ବରଗଛେ ରୁଣ୍ଡ ବୈଶାଖ ଖରାର ମାସ
ମଳୟ ପବନ କୋଇଲିର ତାନ କୁହୁ କୁହୁ ଗୀତ ଗାଏ
ବିସ୍ତୀର୍ଣ୍ଣ ବିଲରେ ବଗ ଓ ବଗୁଲୀ ଧାଡ଼ି ଧାଡ଼ି ଚରୁଥାଏ ।

ଗାଆଁ ବାଡିପାଲା ବାଇଦ ହୋହାଲ୍ଲା ଆଜି ବି ମନକୁ ଟାଣେ
କ୍ଷେତେ ଚଷା ଭାଇ ଗୀତ ଗାଇ ଗାଇ ହଳ କରି ନିଏ ମାଣେ
ଗାଆଁ ସାଙ୍ଗ ମେଳ ସେହି ପିଲାବେଳ ଆଉ କି ଆସିବ ଫେରି
ସମୟ ସ୍ରୋତରେ ହଜି ଆଜି ସବୁ ହୋଇ ଯାଇଅଛି ଡେରି ।

ଏନ୍ତୁଡିର ନିଆଁ ଜଳିଥିଲା ସେଠି କାନ୍ଦିଥିଲି କୁଆଁ କୁଆଁ
ଶେଷ ଇଚ୍ଛା ମୋର ଜଳିବକି ଯୁଇ ପାଇବି ତା' ସ୍ୱର୍ଶ ଛୁଆଁ !

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୀପାବଳୀ ପରେ



ବିନୟ ମହାପାତ୍ର

ମୁଠାଏ ମାଟି ମୁଁ, ଉଠାଇଲି ଯେବେ
ବୋଳି ଦେବି ବୋଲି ମଥାରେ,
ମାଟି ତ ନଥିଲା ମାଆଟିଏ ପରି
ମୁଠା ଭରି ଥିଲା ଅଧା ମାଟି ଆଉ
ଅଧା ଦରଜଳା,
ବାରୁଦର ମିଠା ବିଷରେ ।

ବଂଞ୍ଚିବା ପାଇଁ ପୁଳାଏ ପବନ
ଭରି ନେଲି ଯେବେ ଛାତିରେ,
ପ୍ରାଣବାୟୁ ନୁହେଁ, ପବନ ଥିଲା ସେ
ଭରି ଥିଲା ବିଷ, ଧୂଳି ଧୁଆଁ ଆଉ
ଜଳି ଯାଇଥିବା,
ବାରୁଦର ତୀବ୍ର ଗନ୍ଧରେ ।

ଦୀପର ଆଲୋକ ପୋଛିଲା କି ନାହିଁ
ମନରୁ କାଳିମା, ଜଣା ତ ପଡିଲା ନାହିଁ,
ଅନ୍ଧାରରୁ କେତେ ଆଲୁଅକୁ ନେଲା
ଭାବନାକୁ କେତେ ପବିତ୍ର କରିଲା
ତାହାର ହିସାବ,
ପାରେ ନାହିଁ କେହି କହି ।

ଚକ୍ ମକ୍ ଏଠି ବିଜୁଳି ରୋଷଣୀ
ମିଞ୍ଜି ମିଞ୍ଜି ଦୀପ,
ସରମରେ ଯାଏ ଲିଭି,
ମନର ଶାନ୍ତି, ହୃଦୟ ପ୍ରିତି,
କହେ ନାହିଁ କେହି, ଶୁଣେ ନାହିଁ କେହି
ବାଣର ଶବଦେ, ସେନେହ ଶରଧା
ସରମରେ ଯାଏ ହଜି ।

କାଗଜ ଫୁଲରେ ରଙ୍ଗ ବୋଳି ଦେଇ
ଛିଞ୍ଚି ଦେଇ ଟୋପେ,
ଅତରର ମିଛ ମହକ,
ପରବ ପାଳିବା ସମାଜରେ ଆଜି
ପ୍ରହସନ ସିନା, ଦେଖାଇ ହେବାକୁ
ମିଛ ମିଛ ପ୍ରେମ,
ମିଥ୍ୟା ପ୍ରଲେପିତ ଆଲୋକ ।

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜୟ ମାଁ ଭୈରବୀ



ଦେବାର୍ଚ୍ଚନ ମେହେର

ଜୟ ଜୟ ମା ଗୋ ମନ୍ଦାର ମାଳିନୀ,
ଜୟ ଜୟ ମା ଗୋ ସିନ୍ଦୂର ଧାରିଣୀ । ।

ଜୟ ଜୟ ମା ଗୋ ରୁଦ୍ର ଭୈରବୀ,
ଜୟ ଜୟ ମା ଗୋ ବୌଦ୍ଧର ଇଷ୍ଟ ଦେବୀ । ।

ମା ଗୋ ଦୁଃଖୀ ର ଦୁଃଖ ହାରିଣୀ,
ମା ଗୋ ଜଗତ ଉଧାର କାରିଣୀ । ।

ମା ଗୋ ଭକତ ର ଦୁଃଖ ସୁଖରେ ହେଉ ସାହା,
ଅଭୟ ବର ଦେଉ ଭକତ ମନେ ଭାବେ ଯାହା । ।

ମା ଗୋ ଜଗତ ଜନନୀ ଭୈରବୀ ଠାକୁରାଣୀ,
ମଉନେ ମଉନେ ରହୁ ସଂସାର ନିୟତି ଜାଣି । ।

ଅତି ସ୍ନେହ, କରୁଣା, ଭକ୍ତି ଯା ହୃଦେ ଦେଖ,
ଆଗ ଯାଇ ବିରାଜମାନ କର ତା ପାଖେ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ଗଭୀର ପରୀକ୍ଷା ଭକତ ର ନେଉ,
ମା ଗୋ ସିଦ୍ଧେଶ୍ୱରୀ ଭୈରବୀ ତୁ ଯେ ଆଉ । ।

ମା ଗୋ ଭକତ ହୃର୍ଦୟେ ବାସ କର ସଦା ସର୍ବଦା,
ମା ଗୋ ଭକତ ର ଆରତି ବିନତି କର୍ଣ୍ଣ ଦେଇଥାଅ ସଦା । ।

ମା ଗୋ ମସ୍ତକେ ସୁବର୍ଣ୍ଣ ମକୁଟ, ଗଳାରେ ହାର,
ମା ଗୋ କର୍ଣ୍ଣେ କୁଣ୍ଡଳ, ମଥାରେ ଲାଲି ସିନ୍ଦୂର । ।

ମା ଗୋ ନାକେ ନାକ ଫୁଲ, ହସ୍ତେ ଖଣ୍ଡା,
ମା ଗୋ ପାଦେ ପାଉଁଜି, ଶରୀରେ ପରିଧାନ କର ଲାଲି ଛିଟା । ।

ମା ଗୋ ତୁମ ପାଦ ପଦ୍ମେ କୋଟି ପ୍ରଣତି,
ମା ଗୋ ଭୁଲ ଥିଲେ ମୋର କରିବ କ୍ଷମା
ମୁଁ ମୂଢ଼ ଅଜ୍ଞାନ କରେ ବିନତି । ।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାର୍ତ୍ତିକ ମାସରେ ଭାଇ



ଦିନେଶ୍ ମେହେର

ଧରମ ର ମାସ ଯେ
ଏ କାର୍ତ୍ତିକ ମାସ
ପ୍ରବୀଣ ଜନ ଯେତେ
ମାସକ ଯାକ କରନ୍ତି ହବିଷ ।
ବାରମାସରେ ଏହି ଏକ ପୁଣ୍ୟ ମାସ
ବଗ ପକ୍ଷୀ ଯେ ଛାଡ଼ି ଦିଏ ଆମିଷ ।
ସାଧୁଏ ବୋଲନ୍ତି
ଏଗାର ମାସ ଯାକ
ନିଜ କାମରେ ଦେଲ ମନ
ଏହି କାର୍ତ୍ତିକ ମାସେ
କର ପୁଣ୍ୟ ଅର୍ଜନ ।

ଅତୀତ ବିଭବର କଥା
ଶୁଣ ଥରେ ଭାଇ
ମୋ ମାଟି ସାଧବ ପୁଅ
ଯାଉଥିଲା ବୋଇତ ନେଇ
ସାତ ସିନ୍ଧୁ ପାର ହୋଇ
ବାଣିଜ୍ୟ ଆଶେ
ଘର ଛାଡ଼ି ରହୁଥିଲା
ଦେଶ ବିଦେଶେ ।
କାର୍ତ୍ତିକ ପୁନେଇ ଦିନେ
ଯାଉଥିଲା ଅନେକ ଦୂର
ଘରେ ବସି ବାଟ ଚାହୁଁଥିଲା
ଘରଣୀ ତାହାର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଉତ୍କଳ ମାଟି

ଆହାଃ କେତେ ମିଠା

କି ଅକ୍ଷରେ ବର୍ଣ୍ଣନା କରିବି

ଏ କାର୍ତ୍ତିକ ମାସ କଥା

ନିଜ କରମ କରି

ଧରମ ଅରଜିବ ମୋର ଭାଇ,

ମନ୍ଦିର ଯିବା ଦରକାର ନାହିଁ

ପିତାମାତା ସେବା କର ଭାଇ

ଠାକୁର ପାଶେ ଭୋଗ ନ ଲଗେଇ

ଭୋକିଲା ମୁହେଁ ଅନ୍ନ ଦିଅ ବଢେଇ

ତେବେ ଯାଇ

ଧରମ ଅରଜନ କରିବ ଭାଇ,

ପଳାସ , କଳାହାଣ୍ଡି

(ଧର୍ମଗଡ଼ ସାହିତ୍ୟ ସଂସଦ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜହ୍ନରେ ହଜିଛି ମନ



ଡଃ ମାଙ୍ଗଳିକା
ମହାପାତ୍ର

ଭଲ ପାଉଛି ବୋଲି ତ
ରହିଛି ତୁମ ବାଟକୁ ଚାହିଁ
ଆସିବ କି ନାହିଁ ଜାଣେନି
ହେଲେ ଭୁଲି ପାରିବ ନାହିଁ

କହିଥିଲ ଦିନେ ରହି ପାରିବନି
ପଲକେ ମୋ ଠାରୁ ଦୂରେଇ
ଦିନ ପରେ ଦିନ ଯାଉଛି ବିତି
କେମିତି ମୋ ବିନା ପାରୁଛ ରହି

ଜହ୍ନ ଦେଖିବାକୁ କହିଥିଲ ତୁମେ
ଜହ୍ନରେ ଦେଖେ ତୁମ ମୁହଁ
କଳା ବାଦଲେ ଯେବେ ଲୁଚିଯାଏ
ତାକୁ କିପରି ଦେଖିବି କୁହ .. ! ! !

ହସ ହସ ମୁହଁ ଦେଖନ୍ତି ସଭିଏଁ
ବୁଝେ ନାହିଁ କେହି ମରମ ତାର
ଅଜଣା ରାଇଜେ ହଜିଗଲ ଯେବେ
ବୁଝି ପାରିଲ ନାହିଁ କିଏ କାହାର

ପରକୁ ଆପଣା କରିବା ଗୁଣରେ
ତୁମଠୁ କେ ଅଧିକା ହେବ
ଜାଣିବି ଅଜଣା ହେବାର ନାଟକ
ଦୟାକରି ଟିକେ ଶିଖେଇ ଦେବ

ରେଭେନସା ବିଶ୍ୱବିଦ୍ୟାଳୟ, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରଦୋଷ



ଡା ମହେନ୍ଦ୍ର ପ୍ରସାଦ ଦାସ

ଅର୍କଦେବ ଯିବେ  ଭୂମଣ୍ଡଳ ଛାଡି

ଗୋଧନ ଆସନ୍ତି ଗୃହେ ବାହୁଡ଼ି

ନିଡକୁ ଫେରନ୍ତି ପକ୍ଷୀର ଦମ୍ପତି

ପ୍ରଦୋଷେ ଶାବକ ପାଖକୁ ଉଡି । ।

ନମନ୍ତି ଜ୍ଞାନିଯ୍ୱେ  ଗୋଧୁଳି ଲଗନେ

ଅର୍କଦେବ ହେଉଅଛନ୍ତି ଅସ୍ତ

ସଞ୍ଜ ସଳିତାର  କମନୀୟ କାନ୍ତି

ଶାନ୍ତି ଆଣିଦିଏ ଥିବାରୁ ବ୍ୟସ୍ତ । ।

ବଉଳ ଗଛର ଗହଳ ଛାଇରୁ

ସତେକି ଅନ୍ଧାର ଆସେ ଓହ୍ଲେଇ

ମୂଷିକ ଗର୍ତ୍ତର ପାଶରେ ମାର୍ଜାର

ସନ୍ତର୍ପଣତାର ବସି ରହଇ । ।

ଗ୍ରାମ୍ୟ ପରିବେଶ ଶୁନଶାନ୍ ଲାଗେ

ଉତ୍କଟ ହୋଇଛି ଅହଂ ସ୍ୱଭାବ

ନାହିଁ ସାଙ୍ଗ ସାଥି ସ୍ମୃତି ର ପାହାଚ

ହୋଇ ଯାଇଅଛି ଅତିତ ଭାବ । ।

କିଛି ମଣିଷଙ୍କ ରେରେକାର ଶବ୍ଦ

ଗ୍ରାମ୍ୟ ପରିବେଶ ଦେଲା ବିଗାଡି

ଭଲ ମଣିଷକୁ ଭେଲ ବୋଲି କହି

ଇର୍ଷାରେ ଚାଲନ୍ତି ନିଶାକୁ ମୋଡ଼ି । ।

ଗାଆଁ ମୁଣ୍ଡ ଛକ କଦମ୍ବ ମୂଳରେ

ବିପଣନ କେନ୍ଦ୍ର ପାଖରେ ଯାଇ

କାମ ଧନ୍ଦା ନାହିଁ ବାହୁଲ୍ୟ କଥାର

ନଥା ଦେଇ ଥୋକେ ଖଟୀ କରଇ । ।

ଲଦେଖିଲା ଓଉ ଛ,ଫଡା କହି

ଟଙ୍କାର କରିଣ କହନ୍ତି କଥା

ଜ୍ଞାନି ଜନପରି  ଫୁଟାଣି ମାରନ୍ତି

ବଖାଣନ୍ତି ନିଜ ବାହାସ୍ପଟତା । ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଧବା କୁକୁଡା ପାଉଚ୍ ମଦରେ

ଆଖଡ଼ା ଜମେଇ ଗ୍ରାମ୍ୟ ଯୁବକ

ଆପଣ ମହତ ଆପଣେ ହରାନ୍ତି

ନିକମିଆ ପଣ ଭାରି ସଉକ । ।

ପ୍ରତି ଗ୍ରାମେ ଅଛି ଭାଗବତ ପୋଥି

ପାରାୟଣ ପାଇଁ ନାହାନ୍ତି ଭକ୍ତ

ଭାଗବତ ପାଠ କରିବା ବ୍ୟକ୍ତିଙ୍କୁ

ପାଗଳ କହନ୍ତି ଆଜି ଯୁବକ । ।

ପିଜା ବରଗର ଖାଇବା ମଣିଷ

ଶୁଣିବକି ଭାଗବତ ପୁରାଣ

ଯାହାର ଉଦର ମଶାଣି ପାଲଟେ

ସେ କାହୁଁ ଇଛିବ ସାତ୍ତ୍ୱିକ ଗୁଣ । ।

ପ୍ରଦୋଷ ସମୟ ଅତିକ୍ରମ ହେଲା

ଘନ ଅନ୍ଧକାର ଆସିଲା ଘୋଟି

ଆପଣା ମହତ ଆପଣେ ରଖିଲେ

ଆପେ ବଦଳିବ ପ୍ରଦୋଷ ଖଟି । ।

ଦୂର୍ବାଦଳ, ପରସିଙ୍ଗା, ଭଦ୍ରକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାବୁଛି ଖାଲି ତୋ କଥା



ବୀଣା ସାହୁ

ଭାବୁଛି ଖାଲି ତୋ କଥା,
ସେ ଦିନ ସେହି ପ୍ରଥମ ଦେଖାରେ
କିଣି ନେଇଗଲୁ ମନ ମୋର
କେଇ ପଦ କଥାରେ ଭୁଲି ଯାଇଥିଲି
ସବୁ ଦୁଃଖ ଯନ୍ତ୍ରଣା ବ୍ୟଥା ।

ଭାବୁଛି ତୋ କଥା ବସି ରାତି ଦିନ
ତୋ ଆଖିରେ ମୋ ଆଖି ମିଶି ଗଲା
ପରେ ଭାବୁଛି ଏ ଅମାନିଆ ମନ
ହୋଇଯାଇଛି କି ପାଗଳ
କେମିତି କାଟିବ ଜୀବନ ।

ଦେଖୁଥାଏ ଖାଲି ସ୍ୱପ୍ନ ଆଉ ସ୍ୱପ୍ନ
ଦିନରେ ବି ଆଖି ଆଗରେ ଭାଳି
ହେଉଥାଏ ତୋ ପ୍ରତିବିମ୍ବ
ଭାବୁଛି ତୋ ଛାତି ରେ ଟିକେ ଆଉଜି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ଶୁଣୁଥିବି ତୋ ହୃଦୟ ସ୍ପନ୍ଦନ ।

ଭାବୁଛି ମୁଁ ଭାବିବିନି ବେଶି ତୋ କଥା

ହେଲେ କ'ଣ ପାଇଁ ତୁ ମନେ ପଡୁ

ଏତେ ଜାଣିନି,

ଏ ଜନ୍ମରେ ତୋତେ ଭୁଲିବା ସହଜ ନୁହେଁ । ଏ ତ ଯୁଗ ଯୁଗର ସମ୍ପର୍କ

ତୋର ସେହି ଗୋଲାପି ଓଠର ମୁରୁକି ହସି ମୁଁ ଭୁଲିପାରୁନି ।

ତୋ ପ୍ରେରଣା ର ପ୍ରତିଟି ଶବ୍ଦ

ମତେ ଦେଉଥାଏ ଆଗକୁ ବଢ଼ିବାର

ସତ୍ ସାହସ,

ତୁ ଯେବେ ଆସୁ ଖୁସିରେ ଶ୍ରାବଣ

ଧରାପୃଷ୍ଠକୁ ଚୁମି ବସେ ।

ତୁ ଦୂରେଇ ଗଲେ ସୁଗନ୍ଧ ଭରା ଉପବନ ଟି ବାସ ବିହୁନ ହୋଇପଡେ,

ଲାଗେ  ଖାଲି ଖାଲି ସବୁ ଆଡେ ।

ଅଳ୍ପ ଅଳ୍ପ କଥା ରେ ମୋହି ନେଉ

ମନ,

ହାଲକା ହାଲକା ସ୍ପର୍ଶ ରେ ବିଭୋର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ଉଠେ ସାରା ଉପବନ

ତୋ କଥା ଭାବି ଭାବି ଦିନ ବିତି ଯାଏ

ତୁ ନ ଥିଲେ ଏ ମନ କଥା ମନରେ

ରହିଯାଏ ।

ତୋ ମନରେ ଟିକେ ଆଘାତ ଲାଗିଲେ ମୁଁ ଜମା ସହିପାରେ ନାହିଁ

ଏ ଆଖିରୁ ଲୋତକ ଝରିପଡେ ତୋରି ପାଇଁ ।

ଭାବୁଛି ଖାଲି ତୋ କଥା,

ତୁ ହେଉଛୁ ମୋ ଜୀବନ ର ସତ୍ତା ।

ତୁ ପବିତ୍ର ଆତ୍ମା, ସ୍ୱଚ୍ଛ,ନିର୍ମଳ ମନ,

ତୋ ଭାବ ପ୍ରବଣତା ଅନ୍ୟକୁ ସହାୟତା ସ୍ୱଚ୍ଛ କର୍ମର ଭାବ ମୁରତି ।

ଜହ୍ନର ଜୋଛନା ପରି ସୁ ଶୀତଳ ପାଇଛୁ ମନ ।

ତତେ ସଦା ସର୍ବଦା ଆତ୍ମା ରେ କରେ ମୁଁ ଭକ୍ତି ।

ଭାବୁଛି ଖାଲି ତୋ କଥା

ତୁ କେମିତି ଭଲରେ ରହି ଜୀବନ ପଥରେ ଆଗେଇ ଚାଲିବୁ,

ତୋ ଚଲାପଥ କଣ୍ଟକ ନ ହେଉ ।

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

ଫୁଲ ରେ ଫୁଲ ରେ ବିକଶିତ ହୋଇ

ମହକୁଥାଉ ତୋ ଜୀବନ ପଥ ।

ତୋ ହୃଦୟ ରେ ରହିଥାଉ ସଦା ଆଦର୍ଶ ସ୍ୱଚ୍ଛ ନିର୍ମଳ,

ତୁ ଗୀତା ଭାଗବତ ଭଳି ପବିତ୍ର ଗଙ୍ଗା ଜଳ ।

ଆମ ଭଲ ପାଇବାର ଗଭୀରତା ହେଉ ସାର୍ଥକତା,

ଭାବୁଛି ଖାଲି ତୋ କଥା ।

ଟାଟାଷ୍ଟିଲ, ବିଲେଇପଦା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ମୋ ସ୍ପନ୍ଦନ



ନାରାୟଣ ଚନ୍ଦ୍ର
ସେନାପତି

ସେଦିନ ତୁମର କେଇପଦ ମଧୁର କଥା
ମୋ କାର୍ଣ୍ଣଗହ୍ୱରରେ ସୃଷ୍ଟି କରିଥିଲା ଅଦ୍ଭୁତ କମ୍ପନ
ମନର ମରୁଭୂମିକୁ କରିଥିଲା ଚିର ସବୁଜ
ତୁମ ମାଧୁର୍ଯ୍ୟ ଶବ୍ଦ ତରଙ୍ଗରେ
ସତେବା ଫୁଟି ଉଠିଥିଲା ସୁକୋମଳ ଅବ୍ଜ
ତୁମେ ହୋଇଗଲ ଆକର୍ଷଣର କେନ୍ଦ୍ରବିନ୍ଦୁ
ଲାଗୁଥିଲା ଏ ବୋଧେ ଈଶ୍ୱରଙ୍କ ଇଙ୍ଗୀତ
ରଚିବାକୁ ଚିର ଶାଶ୍ୱତ ମହାମିଳନ ।

ଆଜି ବି ଭୁଲିପାରୁନି ତୁମ ସହ ସେ ପହିଲି ଦେଖାଯେଉଁ ଦେଖାରେ ଗଗନ ପବନ ବି ହୋଇଯାଇଥିଲା ତାଟକା
ଆମ ଚାରି ଆଖିର ମିଳନରେ ଲୁଚି ଯାଇଥିଲା ବିଜୁଳି
ଆମ ପବିତ୍ର ଛୁଆଁରେ ଲୁଚି ଲୁଚି ପ୍ରେମ ମାରୁଥିଲା କରତାଳି
ଉତ୍ପନ୍ନ ବିଦ୍ୟୁତ ତରଙ୍ଗକୁ ମାପିବାକୁ ବିଫଳ ହୋଇଥିଲା ବିଜ୍ଞାନ
ପ୍ରକୃତି କହୁଥିଲା ଧନ୍ୟ ଏ ପ୍ରେମର କରାମତି
ଯେ ବିନା ମେଘରେ ବି ସୃଷ୍ଟିକରିପାରେ ଭିଜା ଭିଜା ଧାରା ଶିରାବଣ ।
ମୋ ଫୋନ୍ କଲ ଟିକିଏ ବିଳମ୍ବ ହୋଇଗଲେ
ତୁମ ଆଖିରୁ ବୋହିଯାଏ ଅଭିମାନର ଲୁହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ସାମାନ୍ୟ ଉଦାସ ତୁମ ଛାତିରେ ସୃଷ୍ଟି କରେ କେତେ ଯେ କୋହ
ଯେବେ ମୁଁ ଆଖିଖୋଲେ ନାଚିଯାଏ ତୁମ ହସ ହସ ମୁଖର ଛବି
ଆଖି ବୁଜିଲେ ମୋତେ ଲାଗେ ତୁମେ ଯାଇଛ କି ଆଉଜି
ତୁମେ ତ ମୋ ସ୍ୱପ୍ନର ରାଜକୁମାରୀ
ତୁମ ପ୍ରେମ ପ୍ରୀତି ଶ୍ରଦ୍ଧା ସମ୍ମାନର ସଂସ୍କାର କହେ
ତୁମେ ତ ମୋ ମନ ଆକାଶର ଅପ୍ସରୀ ।

ପୁନେଇଁ ଆକାଶରେ ଯେବେ ମୁଁ ଜହ୍ନକୁ ଚାହେଁ
ତା ଭିତର ଓଢଣୀ ଫାଙ୍କରୁ ତୁମ ହସ
ମୋ ହୃଦୟକୁ ଛୁଏଁ
ତୁମ ସୁଷମାର ସୁଅ ମୋ ଧମନୀରେ ଝରଣା ବନେଇଦିଏ
ଆଉ ଶିଷ୍ଟାଚାରର କଣିକା ପବନରେ ସଭ୍ୟତାକୁ ଦୋହଲାଇଦିଏ
ତୁମ ପ୍ରଶଂସାର ତାନ ଜେବେବି ସାଉଁଟେ ମୋ କର୍ଣ୍ଣ
ମୋ ଛାତି କୁଂଢେମୋଟ ହୋଇଯାଏ
କେବଳ ମୋ ଆତ୍ମା ଗୁଲୁରୁ ଗୁଲୁରୁ ହୋଇ କହୁଥାଏ
ତୁମେ ମୋ ଜୀବନ ତୁମେ ମୋ ସ୍ୱପ୍ନ
ତୁମେ ମୋ ହୃଦୟର ସ୍ପନ୍ଦନ ।

ଜମ୍ବିରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାପୁଲିଏ ଜହ୍ନରାତି



ଦେବାଶିଷ
ଚକ୍ରବର୍ତ୍ତୀ

ଉଦୟ

******

ଆକାଶ ରେ ଜହ୍ନ ଉଇଁ କି ନଉଇଁ
ମନ ତଳେ ଯଦି ଉଇଁବ ଜହ୍ନ
ହେଲେ ହେଇଥାଉ ଅମେଇସା ତିଥି
ମନେହେବ ତାହା ପୁନେଇଁ ସମ ।

ଅଗଣା

*****

ଲାଭ କଣ କୁହ ଜହ୍ନ ଆଲୁଅରେ
ଯାଉଥିଲେ ମନ ଅଗଣା ଭିଜି
ଦୁଶ୍ଚିନ୍ତା ନିଆଁରେ ମନର ଅଗଣା
ଯାଉଅଛି ଯଦି ନିଇତି ସିଝି ?

ଜହ୍ନିଫୁଲ

*******

ଜହ୍ନିଫୁଲ ଯେବେ ସୁନେଲି ଓଠରେ
ଜହ୍ନକୁ ଦେଖି ଦିଅଇ ହସି
ଲାଗେ ସତେ ଅବା ଧରଣୀ ଗଭାରେ
ସୁନାଫୁଲ କିଏ ଦେଇଛି ଖୋସି ?

ଚନ୍ଦନ

*****

ନିଠୁର ଖରାର ଡହକରେ ଯେବେ
ଧରାର ତନିମା ଯାଅଇ ଜଳି
ଜହ୍ନର ଶୀତଳ ପରଶ ତା'ଦେହେ
ଦିଅଇ ସତେବା ଚନ୍ଦନ ବୋଳି ?

ଜହ୍ନରାତି

*******

ନଡ଼ିଆ ବାହୁଙ୍ଗା ଉହାଡ଼ରୁ ଯେବେ
ଉହୁଙ୍କି ଚାହିଁଇ ଜହ୍ନରାତି
ମନେହୁଏ ସତେ ଅଗଣା ସାରାକି
ବିଛେଇ ହୋଇକି ପଡିଛି ମୋତି ?

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ ୯୪୩୭୭୨୩୯୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କେମିତି ନବିନା ବଞ୍ଚିବି ତୋ ବିନା



ମାନସୀ ବେହୁରା

ଆଖି ବୁଜିଦେଲେ ତୋ' ରୂପମାଧୁରୀ
ଝଲମଲ ହୋଇ ଖାଲି ଦିଶିଲା,
ତୋ' ମଧୁପ୍ରୀତିରେ ତୋ'ମଧୁସ୍ମୃତିରେ
ଏଇ ମନ ଖାଲି ଝୁମିଉଠିଲା ।
କେମିତି ନବୀନା ବଞ୍ଚିବ ତୋ'ବିନା
ଘନଶ୍ୟାମ ଟିକେ କହିଲୁ ଭଲା ?
କଳାକାହ୍ନୁ ଟିକେ କହିଲୁ ଭଲା ।୧ ।

ଚାହିଁଦେଲେ ଚନ୍ଦ୍ରଶେଣା କେଶକୁରେ
ତୋ' ମୟୂରଚୂଳ ଖାଲି ଦିଶିଲା,
ତୋ'ମୟୂର ଚୂଳ ଦେଖି ଦେଖି ମୁହିଁ
ମିନଟିଯେ ମୋ'ର ଅସ୍ଥିର ହେଲା,
ତୋ' ମଧୁପ୍ରୀତିରେ ତୋ'ମଧୁସ୍ମୃତିରେ
ଏଇମନ ଖାଲି ଝୁମିଉଠିଲା,
କେମିତି ନବୀନା ବଞ୍ଚିବ ତୋ' ବିନା
ଘନଶ୍ୟାମ ଟିକେ କହିଲୁ ଭଲା ?
କଳାକାହ୍ନୁ ଟିକେ କହିଲୁ ଭଲା ? ।୨ ।

ଯେବେ ଚନ୍ଦ୍ରଶେଣା ପାଖରେ ମୋ'ବସେ-
ଲାଗେକି ତୋ'ଅଙ୍ଗ ମୋତେ ଛୁଇଁଲା,
ତୋ'ପ୍ରୀତିଚନ୍ଦନ ଦେହେ ଲାଗି ମୋ'ର-
ସତେକି ସରଗ ସୁଖ ମିଳିଲା,
ତୋ'ମଧୁପ୍ରୀତିରେ ତୋ'ମଧୁସ୍ମୃତିରେ
ଏଇ ମନ ଖାଲି ଝୁମିଉଠିଲା,
କେମିତି ନବୀନା ବଞ୍ଚିବ ତୋ'ବିନା
ଘନଶ୍ୟାମ ଟିକେ କହିଲୁ ଭଲା ?
କଳାକାହ୍ନୁ ଟିକେ କହିଲୁ ଭଲା ? ।୩ ।

ଚାହିଁଦେଲେ ଚନ୍ଦ୍ରଶେଣା ମୁଖକୁରେ
ତୋ'ଲାବଣ୍ୟମୁଖ ଖାଲି ଦିଶିଲା,
ଯେତେ ଆନମନା ହେଲେରେ ମୁଁ କାହ୍ନୁ-
ତୋତେ ଭାବି ଭାବି ଦୁଃଖ ହରିଲା,

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୋ'ମଧୁପ୍ରୀତିରେ ତୋ'ମଧୁସ୍ମୃତିରେ

ଏଇ ମନ ଖାଲି ଝୁମିଉଠିଲା,

କେମିତି ନବୀନା ବଞ୍ଚିବ ତୋ'ବିନା

ଘନଶ୍ୟାମ ଟିକେ କହିଲୁ ଭଲା ?

କଳାକାହ୍ନୁ ଟିକେ କହିଲୁ ଭଲା ? ।୪ ।

ଯମୁନାକୁ ଯେବେ ନିର ଆଣିଯାଏ

ଯମୁନା ନିରେ ତୋ' ମୁଖ ଦିଶିଲା,

ପାଦ ପାଉଁଜି ମୋ' ଝୁମୁଖୁମୁ ହେଲେ

ତୋ'ଘୁଙ୍ଗୁର ଧ୍ୱନି କାନେ ଶୁଭିଲା,

ତୋ' ମଧୁପ୍ରୀତିରେ ତୋ' ମଧୁସ୍ମୃତିରେ

ଏଇ ମନ ଖାଲି ଝୁମିଉଠିଲା,

କେମିତି ନବୀନା ବଞ୍ଚିବ ତୋ'ବିନା

ଘନଶ୍ୟାମ ଟିକେ କହିଲୁ ଭଲା ?

କଳାକାହ୍ନୁ ଟିକେ କହିଲୁ ଭଲା ? ।୫ ।

ନାଲି ଓଠ ମୋ'ର ଦେଖେ ଦରପଣେ

ତୋ' ରଙ୍ଗଅଧର ଖାଲି ଦିଶିଲା,

ସତେକି ଫଗୁଣ ରଙ୍ଗରେ ରଙ୍ଗାଇ

ପ୍ରୀତିବାରିଧାରା ସୁଅ ଛୁଟିଲା,

ତୋ' ମଧୁପ୍ରୀତିରେ ତୋ'ମଧୁସ୍ମୃତିରେ

ଏଇ ମନ ଖାଲି ଝୁମି ଉଠିଲା,

କେମିତି ନବୀନା ବଞ୍ଚିବ ତୋ' ବିନା

ଘନଶ୍ୟାମ ଟିକେ କହିଲୁ ଭଲା ?

କଳାକାହ୍ନୁ ଟିକେ କହିଲୁ ଭଲା ? ।୬ ।

(ମାନସୀମାନୀଜାହ୍ନବୀଜାନୁ)

GC C R P F, ନୟାପଲ୍ଲୀ

ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଗୁଣ୍ଡୁଚି ମୂଷା



ବିଦ୍ୟୁତପ୍ରଭା ମିଶ୍ର

ଛୋଟ ଏକ ଜୀବ ଗୁଣ୍ଡୁଚି ମୂଷାଟି
ଗଛରେ ବାସ ତାହାର,
ଦେହରେ ତାହାର ରାମ ହାତ ଚିହ୍ନ
ଦିଶଇ କେଡେ ସୁନ୍ଦର ।
ରାମ ସେତୁ ବନ୍ଧ ନିର୍ମାଣିଲେ ଯେବେ
ସୀତାଙ୍କ ଉଦ୍ଧାର ପାଇଁ,
କପି ମାନ ଙ୍କର କାର୍ଯ୍ୟ ଦେଖି ସିଏ
ନବସି ନୀରବ ହୋଇ,
ବାଲି ପରେ ଗଡି ସେତୁ ବନ୍ଧ ପରେ
ଝାଡ଼ି ହୁଏ ବାରବାର,
ଦେଖି ତାକୁ ପ୍ରଭୁ ଆଉଁସିଲେଯେଣୁ
ଚିହ୍ନ ରହେ ପିଠି ପର ।
ଏତେ ବଡ଼ କାମ କରିବା ପାଇଁ ସେ
ଲଗାଇଲା ତାର ବୁଦ୍ଧି,.
ଟିକି ଜୀବ ଟିଏ ହୋଇଲେ ବି ସୁଦ୍ଧା
କରିଥିଲା ତାକୁ ସିଦ୍ଧି ।

ବଡ଼ କାମ ଟିଏ ହେଉଥିଲା ବେଳେ
ଦେଶର କି ସମାଜର,
ନପାରିଲେ ସୁଦ୍ଧା ଅଳପ ସାହାଯ୍ୟ
ସବୁବେଳେ ହିତକର ।
ଆମରି ଦେଶର ବାଜିଆ ଧରମା
ବାଳୁତ ପିଲା ସେ ହୋଇ,
ନିଜ ଜୀବନ କୁ ଉତ୍ସର୍ଗ କରିଲେ
ସମୂହ ମଙ୍ଗଳ ପାଇଁ ।
ଦେଶ ହିତ ହେଉ ଅବା ଜନ ହିତ
କରିବା ଟିକିଏ କାମ,.
ନିଜ ସ୍ୱାର୍ଥ ଛାଡି ସମୂହ ସ୍ୱାର୍ଥରେ
ଲଗାଇବା ମନ ଆମ ।।

ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେଲା ମତେ କି ଜ୍ୱର



ସଂଘମିତ୍ରା କବି

ତିନିଦିନ ମୁଁ ଯେ ଜ୍ୱରରେ ପଡିଲି
ଶୁଖିଗଲା ମୋର ମୁହଁଟା !
ବାପା ବୋଉ ମୋର ବ୍ୟସ୍ତ ହୋଇଗଲେ
ଶୁଖିଗଲା ଆମ ଝିଅଟା !!

ବାପା ଛାଡ଼ିଦେଇ ତାଙ୍କ ବେଉସା
ଘରକୁ ଆସିଲେ ପଳାଇ !
କଣ ହେଇଚି ମୋ ସୁନା ଝିଅର
କିଏ ଦେଲା ତାକୁ ଡରାଇ !!

ଡେଙ୍ଗୁ କି କୋରୋନା, ଟାଇଫଏଡ
କିବା ହୋଇଛି ଆଉ କଣ !
ନାଇଁ ନଜର ଲାଗିଛି ଝିଅକୁ ମୋହର
କାହାର ନଜର କଣ !!

ବୋଉ ମୋ କହିଲା ଡାହାଣିଆ ରାଶି
ଲାଗିଛି ତାକୁ କା ନଜର !
ଜେଜେମା କହିଲା କମଳା ଖାଉଛି
ଧରିଛି ତାକୁ ଥଣ୍ଡାଜ୍ୱର !!

ତୁଳସୀ ମହୁ ମିଶାଇ ଖାଇଲି
ଔଷଧ କଲି ବି ସେବନ !
ଅଧୁଆ ମୁହଁ ରେ ଗାଇ ଲାଙ୍ଗୁଡ଼ରେ
ଝାଡିଦେଲେ କରି ଯତନ !!

ଜେଜେମା ତ ମୋର ସଖାଳେ ସଞ୍ଜରେ
ଛାଞ୍ଚୁଣିରେ ଦେଲା ଝଡ଼ାଇ !
ବାମ୍ଫୁଆଣି ସହ ଗରମ ଚିକିତ୍ସା
ଜ୍ୱରକୁ ଦେଲା ଘଉଡ଼ାଇ !!

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କମିଗଲା ଜ୍ୱର ଶୁଖିଗଲା ମୁହଁ
ସିଏ ବି ଚିନ୍ତାର କାରଣ !
ନଖାଇ ଛୁଆମୋ ଦୁର୍ବଳ ହେଲାଣି
ବୁଝୁନି ଜମା ବୋଉ ମନ !

ସକାଳୁ ଉଠେଇ ଖୋଉଛନ୍ତି ବାପା
ହେବି କି ମୁଁ ଦିଗୁଣା ମୋଟା !
ନଖାଇଲେ ପୁଣି ଗାଳି ଦଉଛନ୍ତି
କି କଥା କୁହତ ଏଇଟା !!

କତିକଟା, ଦଶରଥପୁର, ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫୁଲ କଢ଼ଟିଏ



ଭାଗିରଥୀ ଯାନୀ

ଆହେ ଭବିଷ୍ୟତ ହୁଅ ହେ ଜାଗ୍ରତ
ସମାଜ ହେବ ପ୍ରଗତି,
ହେଲେ ସଚେତନ ବଢିବ ସମ୍ମାନ
ଦୂରେଇ ଯିବ ବିପତ୍ତି ।

ବିଶ୍ୱରେ ବନ୍ଦିତ ପବିତ୍ର ଭାରତ
ଜାଣିଛି ମାନବ ଜାତି,
ଅତୀତ ସମ୍ପ୍ରତି ସଭ୍ୟତା ସଂସ୍କୃତି
ଅମୂଲ୍ୟ ତାହାର ପ୍ରୀତି ।

ଦେଶର ଶକତି ଏ ମାଟିର ମୋତି
ତୁମେ ତ ଭବିଷ୍ୟ ଜ୍ୟୋତି,
ଏ ଜାତିର ଟେକ ସାଜ ହେ ରକ୍ଷକ
ସବୁଜ ସରସ ସ୍ଥିତି ।

ଉନ୍ନତ ସମାଜ ସୁସ୍ଥ ଦେଶ ଆଜ
ସମୃଦ୍ଧିଶାଳୀରେ ଗଣା,
ସୁନ୍ଦର ବଳିଷ୍ଠ ସାରା ବିଶ୍ୱେ ଶ୍ରେଷ୍ଠ
ଅସମ୍ଭବ ତୁମବିନା ।

ସୁଗୁଣ ବିକାଶ ଥିଲେ ତୁମ ପାଶେ
ଦେଶର ଉନ୍ନତି ପାଇଁ,
ନବ ନବ ଶିଶୁ ଆସିବେ ନିଶ୍ଚୟ
ତୁମକୁ ଦେଖିଣ ଧାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମାଜ ରୂପକ ଏହି ଉଦ୍ୟାନରେ
ଆଜି କଢ ଫୁଲଟିଏ,
ଆସନ୍ତା କାଲିର ତୁମେ ନାଗରିକ
ସଜ ଫୁଟା ଫୁଲଟିଏ ।

ଜୀବନେ କଦାପି ନ ଭାବ ଦୁର୍ବଳ
ତୁମେ ଜାତିର ସମ୍ବଳ,
ତୁମ ପାଇଁ ଆଜି ଦୁନିଆ ହସୁଛି
ତୁମେ ଏ ସବୁରି ମୂଳ ।

ଉଚିତ କରମ ଦିଅଇ ସୁନାମ
ଜୀବନେ ସର୍ବଦା ଶାନ୍ତି,
ଉତ୍ତମ ଶିକ୍ଷାରୁ ଶୃଙ୍ଖଳ ଜୀବନେ
ମିଳଇ ଅସୀମ ଶକ୍ତି ।

ଦଳପଡା, ଖଜୁରୀପଡା, ଫୁଲବାଣୀ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୋଇଥାଆନ୍ତି କି ମୁଁ ତୁଳସୀଟିଏ



ତୃପ୍ତିରାଣୀ ପାତ୍ର

ଅମ୍ଳଜାନ ଦେଇ ସୁନ୍ଦର ସୁବାସେ
ପରିବେଶ କରିଥାନ୍ତି ମୁଁଯେ ରକ୍ଷା
ରୋଗବ୍ୟାଧି ବେଶି ଆସନ୍ତାନି ପାଶେ
ଜୀବନକୁ କରି ଥାଆନ୍ତି ସୁରକ୍ଷା ।

ଏତେବଡ ମହାଦୃମ ନୋହିଲେବି
କ୍ଷୁଦ୍ର ମଧ୍ୟେ ଲଭିଥାନ୍ତି ଉଚ୍ଚାସନ
ମାନବ ଜୀବନ ସ୍ପନ୍ଦନରେ ରହି
କରୁଥାନ୍ତି ଆନନ୍ଦରେ ବିଚରଣ ।

ଧନ୍ୟ ହୋଇଥାନ୍ତି ମୁଁ ଛୋଟ ତୁଳସୀ
ସଭିଙ୍କୁ ନେଇ ଥାଆନ୍ତି ଆବୋରି
ଦାଣ୍ଡ ଅଗଣାରେ ଶୋଭିଥାନ୍ତି ହସି
ପୂଜା ପାଇଥାନ୍ତି ନିତି ମୁଁ ଆଦରି ।

ହୃଦୟ ବେଦିରେ ସ୍ନେହ ବିଞ୍ଚିଦେଇ
ଜୀବନ ପ୍ରଦୀପ ହୃଦେ ଜାଳି ଦେଇ
ଭକ୍ତି ସହକାରେ ମଥାକୁ ନୁଆଁଇ
ଅମ୍ଳଜାନ ଦେଇଥାନ୍ତି ପ୍ରାଣେ ଭରି ।

ଛୋଟ ବୋଲି ମୁହିଁ ଅଂହ ଭାବ ନାହିଁ
ସର୍ବ ଜନତାଙ୍କ ମୁଁ ଯେ ମହୌଷଧି
ଦିଅନ୍ତି ଆୟୁଷ ପରମାୟୁ ପ୍ରୀତି
ଯତନେ ରୋପନ୍ତେ ମାନବେ ସାଇତି ।

ହୋଇ ଥାଆନ୍ତିକି ମୁଁ ସେହି ତୁଳସୀ
ଶୋଭିଥାନ୍ତି ପ୍ରତି ଅଗଣାରେ ହସି
ଦେଇଥାନ୍ତି ଶୁଦ୍ଧ ଅମ୍ଳଜାନ ବାଣ୍ଟି
ମୋସୁବାସେ ଆତ୍ମା ହୁଅନ୍ତାଯେ ଖୁସି ।

ସହଦେବଖୁଣ୍ଟା, ବାଲେଶ୍ବର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୀପାବଳୀର ଦୀପ



ରୋହିତ
ପଟ୍ଟନାୟକ

ଦୀପ ମାଟିର ପାତ୍ରଟିଏ
ମାଟି ଦୀପ କଥା କହେ ।
ପୁରାତନ ପରମ୍ପରାର ଗାଥା ଗାଏ
ଦୀପ ଆଲୋକ ନେଇ ସମ୍ବାଦ ଘେନେ ।
ଦୀପ ଜୀବନ ଜ୍ୟୋତିର ସଂଘର୍ଷ ନିଏ
ଦୁଃଖ ସୁଖ ସହ ଜଡ଼ିତ ମୁହୂର୍ତ୍ତକୁ ମନେ ପକାଏ ।
ପୁରାଣ କହେ ପ୍ରଭୁ ରାମଙ୍କ ଜୟକୁ ଆହ୍ୱାନ ଦିଏ
ଘରେ ଘରେ ଆଲୋକିତର ଦୀପ ଜଳେ ।
ଜୀବନ ଜ୍ୟୋତିର ଦୀପ ଦୀପାବଳୀ
ବହୁ କୀଟ ପତଙ୍ଗର ହୁଏ ବଳୀ ।
ଦୀପାବଳି କାର୍ତ୍ତିକ ମାସର ଏକ ପର୍ବ
ଲୋକମାନଙ୍କ ମଧ୍ୟରେ ଖୁସିର ଗର୍ବ ।
ଦିପ ଭେଟି ଦିଅ ଆନନ୍ଦର ଖୁସି
ମା କାଳୀ ପୂଜାରେ ଯାଆନ୍ତି ଭାସି ।

ଭବାନୀପାଟଣା । କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା



ବେଣୁଧର ସୁତାର

କବିତା ଗୋ ତୁମେ କବି ହୃଦୟର
ମୁଗ୍ଧ ମଧୁର ଭାଷା
ପାଠକ ହୃଦୟ ମଣି ମଞ୍ଜୁଳ
ଉର୍ମିଳ ନୀଳ ଆଶା ।।

ରସିକ ପରାଣ ଚପଳ ଛନ୍ଦାଗୋ
ରୂପସୀ ରଜନୀ ଗନ୍ଧା
ଅଳସୀ ପାଦେଯା ବିଳାସୀ ନୂପୁର
ଦୀପ୍ତ ଚରଣ ଛନ୍ଦା ।।

ସାହିତ୍ୟ କାନନ ମଧୁକ୍ଷରା ତୁମେ
ମୋହିନୀ ଚନ୍ଦ୍ର ଲେଖା
ଲାବଣ୍ୟ ଲତିକା ମଧୁ କଳିକା ଗୋ
ଲାସ୍ୟମୟୀ ହାସ୍ୟ ରେଖା ।।

ଯା ଲୀଳା ମଞ୍ଜୁଳ ଉତ୍ସବ ରୋଳ
ଉଲ୍ଲାସ ମୋଦ ଭରା
ରସ ଆସ୍ୱାଦନ କାବ୍ୟ ପୀୟୂଷର
ପ୍ରଜ୍ଞା ର ଫଲ୍ଗୁ ଧାରା ।।

ତୁମେ ଅନୁପମା ସୌମ୍ୟା ସୁଷମା
ଛନ୍ଦ ଭରା ରୂପାୟନ
ଜ୍ଞାନ ବଇଭବ କାବ୍ୟ ଲିପିକାର
ଉଆଁସ ତିମିରେ ଜହ୍ନ ।।

ନନ୍ଦନ ବନର ଚନ୍ଦନ ଧାରା
ଜ୍ଞାନ ରସାୟନ ପୋଥି
ବାଣୀ ବିପଣିର ରୂପ ରୋଷଣିର
ମାଧୁର୍ଯ୍ୟ ମହକ ଦ୍ୟୁତି ।।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଭାବ ପୀୟୂଷର ନବୀନ ଉନ୍ମେଷ

ଚେତନାର ଅନୁଭୂତି

ମୁଗ୍ଧ ଚିତ୍ରକଳା ଜ୍ଞାନ ରତ୍ନମାଳା

ପ୍ରଜ୍ଞା ମୟୀ ଅରୁନ୍ଧତୀ । ।

ମୂର୍ଚ୍ଛିତ ମନ ମୁଗ୍ଧ ନୟନ

ଲୁବ୍ଧକ ଅପଘନ

ବିଦଗ୍ଧ କାନନ ମଣି କାଞ୍ଚନ

ସାରସ୍ୱତ ଜ୍ଞାନାଞ୍ଜନ । ।

ଛନ୍ଦ ରୁଚିର ମଧୁମୟ ଝର

ମୂର୍ଚ୍ଛନା ର କଳଗୀତି

ଜ୍ଞାନ ତପୋବନ ମୁଗ୍ଧ ସମ୍ମୋହନ

ମଧୁ ଚନ୍ଦ୍ରିକାର ସ୍ମୃତି । ।

କବି ଓ କବିତା ବିଶ୍ୱମନ ଜିତା

ପାରିଜାତ ଭରାବାସ

ଶବ୍ଦରେ ଶବ୍ଦରେ ଗଢ଼ିଲ କବି ହେ

ସୃଷ୍ଟିର ଇତିହାସ । ।

କେଶଦୁରାପାଳ କେନ୍ଦୁଝର

ମୋ -୯୧୭୮୫୭୮୨୪୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଲା ଜହ୍ନ



ଆଦରମଣି ପ୍ରଧାନ

ରଜନୀ ତ ଆଜି ନିରବି ଯାଇଛି
ଜହ୍ନ ମୁଖେ ନାହିଁ ହସ
କଳା ବାଦଲର କରାଳ ଛାୟା ଯେ
ଚନ୍ଦ୍ରମାକୁ କରେ ଗ୍ରାସ,,,,,,,

ଅମାବାସ୍ୟା ରାତିର ମଲା ଜହ୍ନ ଆଜି
ଗୁମୁରି ଗୁମୁରି କାନ୍ଦୁଛି
ପୂର୍ଣ୍ଣିମା ରାତିର ପ୍ରୀତିର ପରଶ
ସତେ କି ଚୋରାଇ ନେଇଛି,,,,,

ଅନ୍ଧାର ରାତିର ଉଆଁସି ଚାନ୍ଦ ଟି
ଭାଗ୍ୟକୁ ଆଦରି ରହିଛି
କେତେ ପ୍ରତାରଣା କେତେ ଯେ ଯାତନା
ହୃଦୟ ଅନ୍ତରେ ବହିଛି,,,,,,,

ମଲା ଜହ୍ନ ଆଜି ପ୍ରିୟ କୁ ଖୋଜୁଛି
ଉଦାସ ମନେ ଚାହିଁଛି
ଅନା ବିଳ ସେହି ଶାଶ୍ୱତ ପ୍ରେମକୁ
ହୃଦୟେ ଚାପି ଧରିଛି,,,,,

ଗୋଲାପି, ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସହଭାଗିତା



ବାସନ୍ତୀଲତା ଜେନା

ଦୁଃଖ ସୁଖ ଭରା ଏ ସାରା ଜୀବନ
ସାମାଜିକ ପ୍ରାଣୀ ନର
ଘାତ ପ୍ରତିଘାତ ସହନ କରିଣ
ଜୀବନ କରେ ସୁନ୍ଦର     ।୧।

ହାତକୁ ହାତ ଯେ ମିଶାଇଣ ଦେଲେ
ହୋଇବ ସହ ଭାଗିତା
ଜଟିଳ କାମଟି ସହଜ ହୋଇବ
ହୋଇବ ଜଗତ ଜିତା     ।୨।

ସଂସ୍କାର ସଂସ୍କୃତି ଆମର ଚଳଣି
ଦେଶ ସେବା ପରମ୍ପରା
ମେଳା ମହୋତ୍ସବ ସହଭାଗିତାରେ
ହସି ଉଠେ ବସୁନ୍ଧରା     ।୩।

ପରିବାର ଠାରୁ ଆରମ୍ଭ କରିଣ
ସମାଜର ହିତ ପାଇଁ
ଜାନି ଯାତ୍ରା ହୁଏ ସହ ଭାଗିତାରେ
କର୍ମ କରି ଯିବା ଭାଇ     ।୪।

ଔପଚାର ଅବା ଅଣଔପଚାର
ସହ ଭାଗିତାରେ କଲେ
କାର୍ଯ୍ୟଟି ସହଜ ସଫଳ ହୁଅଇ
ପ୍ରଗତିର ରଥ ଚଳେ     ।୫।

ସହ ଭାଗିତାରେ ଶକତି ସାହସ
ବଳ ଦ୍ୱିଗୁଣିତ ହୁଏ
ବିନ୍ଦୁ ବିନ୍ଦୁ ଜଳେ ସାଗର ଭରଇ
ବିଶ୍ୱରେ କଲ୍ୟାଣ ହୁଏ     ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହୁଫେଣା ହୁଏ ସହଭାଗିତାରେ
କୋଣାର୍କ ହୋଇଛି ଗଢ଼ା
ମନ୍ଦିର ମସଜିଦ୍ ସେତୁ ବନ୍ଧ ହୁଏ
ଶତ୍ରୁ ସଂଗେ ହୁଏ ଲଢ଼ା ।୭।

ମନ ସଙ୍ଗେ ମନ ମିଶି ଗଲେ ଥରେ
ହିଂସା ଈର୍ଷା ଦ୍ୱେଷ ଦୂର
ଶାନ୍ତି ମୈତ୍ରୀ ପ୍ରୀତି ବିଶ୍ୱରେ ପ୍ରତିଷ୍ଠା
ହେଉ ଥିବ ନିରନ୍ତର ।୮।


ସାରା ବିଶ୍ୱ ଆମ ଏକ ପରିବାର
ପର ଆପଣାର ନାହିଁ
ସହଭାଗିତାରେ ହାତ ମିଶାଇବା
ଦେଶର ପ୍ରଗତି ପାଇଁ ।୯।

ଶିକ୍ଷୟିତ୍ରୀ, ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଶାଣି



ପୂଜା ବାରିକ

ସମୟ ସୁଅରେ ହଜିଯିବ ଦିନେ
ରହିବନି କିଛି ଚିହ୍ନ....
ସମସ୍ତେ ଜୀବନେ ଏଏମିତି ଆସିବ
ଗୋଟିଏ ଅଫେରା ଦିନ..

ମରଣ ବୋଲି ଏଇ ତିନୋଟି ଆକ୍ଷର
ମସାଣି ତାର ଗାଁ.....ମରିଗଲା ପରେ
ଆପେ ହଜିଯିବ
ଏ ସମାଜ ରୁ ନାଁ...
ଆଜି କି ଜୀବନ କାଲି କି ନାହିଁ
ତଥାପି ଏ ମନୁଷ୍ୟ
ଏତେ ଗର୍ବ, ହିଂସା ରଖିଛି କାହିଁ

ବଞ୍ଚିଥିବା ବେଳେ ମସାଣି କୁ ଯାଇ
ଦେଖି ଆସ ଥରେ ଆଖିରେ
ମରିଗଲା ପରେ କିଏ କେତେ ଧନ
ନେଇକି ଯାଉଛି ସାଥିରେ

ଆସିଛୁ ଏକା ଯିବୁବି ଏକା
କେହି ଯିବେନି ସାଥିରେ
ନିଜଲୋକ ନେଇଯିବେ ଛଅ ଖଣ୍ଡ ବାଉଁଶରେ
ଜଳିଯିବ ଏ ଶରୀର ହବ ମୁଠେ ପାଉଁଶ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଛି ପରିଚୟ ଅଛି ଠିକଣା

ହେଲେ ସଭିଏଁ ଜାଣିଛ ତ କୋଉଟା ଶେଷ ଠିକଣା

ଅଢେଇ ଦିନିଆଁ ଏ ଜୀବନ

ତା ହେଲେ କାହିଁକି ନିଜ ସେବା ଧର୍ମ ଭୁଲି

ପର ତଣ୍ଟି ଚିପି ଧନ ଠୁଳ ଉଛ

କଣ ନେଇକି ଯିବ ସାଥିରେ ? ?

ଜାଣିଛ ଚାଲି ଯିବ ତଥାପି

ଏତେ ଖରାପ କାମ କଣ ପାଇଁ ? ?

କିଛି ନୁହେଁ ସାର ସବୁ ତ ଅସାର

ଯିବ ଯଦି କିଛି ନେଇକି ତାହା ହେଉଛି

ନିଜ ଭାବନା,, ନିଜ କର୍ମ,,

ସବୁ ମିଶି ଯିବ ମାଟି ରେ

ଦିନେ ଚାଲି ଯିବ ଆତ୍ମା ଛାଡି ଏ ଶରୀର

ବାଲେଶ୍ବର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭାବ



ଦୀନବଂଧୁ ବେଜ

ଗାଡିଘୋଡା, ଚାକର ବାକର
ମଉଜ ମସ୍ତି ଓ ଗହଣା ଗାଣ୍ଠି ,
ଖିରିପୁରି ପିଠାପଣା ଖୁସିବାସି
ସବୁ ଆଣ୍ଟକରି ଧରିଛି ତଣ୍ଟି ।

ବଦ ହଜମ ଅଥବା ବଦଖର୍ଚ୍ଚ
ବ୍ୟସ୍ତ ଭିତରେ ସମୟ ଅଭାବ,
ଗହଳି ଚହଳିରେ ଅଣନିଶ୍ୱାସ
ପ୍ରାୟ ନଇରେ ବୁଡୁଥିବା ନାବ ।

ବଡ଼ ବାଉଁଶରେ ବେଶି ପୋଲ
ନଇବାଲି ପରି ଟଙ୍କା ଓ ପଇସା,
ଘୋର ଜଞ୍ଜାଳରେ ମାଡ଼ି ଆସି
ଗର୍ବକୁ ଦିଗୁଣିତ କରୁଛି ସହସା ।

ଖଟେଉଛି ସିନ୍ଧୁକ ଭର୍ତ୍ତି ଟଙ୍କା
ବାହୁବଳ ଓ ଉଛୁଳା ଯୌବନ,
ସବୁତୁଚ୍ଛ ଜଦି ନାହିଁ ସୁଖଶାନ୍ତି
ଆନନ୍ଦ ଓ ନିରାମୟ ଜୀବନ ।

ସୂଚିତ କରୁଛି ଅଜଣା ବ୍ୟାଧି
କାହାକୁ ନେଇ କରୁଛ ଗର୍ବ,
ଦି' ଦିନର ଜୀବନ କାହାଣୀ
ସବୁକିଛି ମିଛ ଓ ଅପାର୍ଥିବ ।

ମୋହ ମାୟା ପରା ଅତିଶୟ
ବଢ଼ାଇଥାଏ ଋଣ ପାରାବାର ,
ସୁଝି ନପାରି ଆପଣାର ଲୋକ
ହୋଇଥାନ୍ତି ସଂସାରୁ ବାହାର ।

ଏମି.ଭି:-୧୯,ମାଲକାନଗିରି
ଓଡ଼ିଶା, ଭାରତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୁବର୍ଣ୍ଣର ସଙ୍ଗମରେ ଭୋଗରାଇର ସ୍ୱର୍ଗ



ପଙ୍କଜ କୁମାର
ମଙ୍ଗଳ

ବିଶ୍ୱ ପର୍ଯ୍ୟଟନ ହୋଇନି ତଥାପି ପର୍ଯ୍ୟଟକ ମନ ମୋହୁଛି,
ବଙ୍ଗୋପସାଗରେ ମିଶି ସୁବର୍ଣ୍ଣରେଖା ପ୍ରକୃତିର  ସ୍ୱର୍ଗ ଗଢ଼ିଛି ।
ସଙ୍ଗମ ସ୍ଥଳରୁ ବ୍ୟାପ୍ତ ତାର କାୟା ଲୁଣା ଜଙ୍ଗଲ ତାର ନାମ,
ନାନାଜାତିର ଲୁଣି ଗଛ ସମହାରରେ ସେ ଚିର ସବୁଜିମା ପୂର୍ଣ୍ଣ ।
ଧୂସର ବର୍ଣର ବିସ୍ତିର୍ଣ୍ଣ ବାଲୁକା ସହ ନୀଳ ଲହରୀ ସଂଭୋଗ,
ମନଲୋଭା ବେଶରେ ମନମୁଗ୍ଧକର ସୁବର୍ଣ୍ଣର ସଙ୍ଗମରେ ଭୋଗରାଇର ସ୍ୱର୍ଗ ।

ତାଳସାରି ସହ ପରିଚିତ ସିନା ହେଲେ ତାଳସାରି ଠାରୁ ଭିନ୍ନ,
ବଡ଼ପାହି- ଖଡ଼ିବିଲ ଗ୍ରାମକୁ ନେଇ ସୃଷ୍ଟି "ବିଚିତ୍ରପୁର ଇକ ଟୁରିଜିମ୍" ତାର ନାମ ।
ଐତିହର ଦାଣ୍ଡି ଠାରୁ ଭିନ୍ନ ଓଡ଼ିଶାର ଦାଣ୍ଡି ରୁପେ ସ୍ଥାନିୟରେ ଜଣାଶୁଣା,
ଦୂଃର୍ଲଭ ପ୍ରଜାତି ନାଲି କଙ୍କଡ଼ାର ବିଚରଣ ପାଇଁ ପର୍ଯ୍ୟଟକ ମନ ଜିଣା ।
ଓଡ଼ିଶା ପ୍ରାନ୍ତର ଶେଷ ସୀମା ସେ ଅପରୁପ ତାର ସୌନ୍ଦର୍ଯ୍ୟ,
ମନଲୋଭା ବେଶରେ ମନମୁଗ୍ଧକର ସୁବର୍ଣ୍ଣର ସଙ୍ଗମରେ ଭୋଗରାଇର ସ୍ୱର୍ଗ ।

ପ୍ରତି ମୂହୁର୍ତ୍ତରେ ରୂପ ବଦଳିଲେ ବି ସୌନ୍ଦର୍ଯ୍ୟ ହରା ସେ ନୁହଇଁ,
ଜୁଆର ହେଉ ବା ଭଟ୍ଟା ପଡ଼ିଥାଉ ଚିର ଆକର୍ଷଣୀୟ ସେ ଦିଶଇ ।
ଲୁଣା ଝାଉଁ ସହ ବନି-ଗାମା ପରି ଗଛ ମିଶି ଅରଣ୍ୟ ସୃଷ୍ଟି ହୋଇଛି,
ଦୂରରୁ ଦେଖିଲେ ପ୍ରକୃତି ଜେମିତି ସବୁଜ ଶାଢୀଟେ ପିନ୍ଧିଛି ।
ଅରଣା ମହିଷ ବାରାହା ଶୃଗାଳ ଗାଭୀ ଆଦି ପ୍ରାଣିମାନଙ୍କ ରହିବା ଯୋଗ୍ୟ,
ମନଲୋଭା ବେଶରେ ମନମୁଗ୍ଧକର ସୁବର୍ଣ୍ଣର ସଙ୍ଗମରେ ଭୋଗରାଇର ସ୍ୱର୍ଗ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୀତର ଲହରୀ ଆସୁ କି ନ ଆସୁ ଖଗଙ୍କ ମେଳି ବସେ,
ଦେଶିୟ ସହିତ ବିଦେଶୀ ବିହଙ୍ଗମ ରେ ଏ ପର୍ଯ୍ୟଟନ କ୍ଷେତ୍ର ହସେ ।
ଦୂରରୁ ଦିଶଇ ପାଦପ ଶାଖାରେ ରଙ୍ଗ ବେରଙ୍ଗର କୁସୁମ,
ନିକଟ ହୋଇଲେ ସେ ଭ୍ରମ ତୁଟଇ ଦେଖି ପାଦପ ଖଗଙ୍କ ସଙ୍ଗମ ।
ଦୃଶ୍ୟ ହୁଏ ନାହିଁ ହେଲେ ଅପୁଷ୍ପକ ନୁହଁ ଏହି ପର୍ଯ୍ୟଟନ କ୍ଷେତ୍ର,
ଅପୁଷ୍ପକ ଯଦି ମଧୁମକ୍ଷିକା ରହିବାଟା ହେବ ବିଚିତ୍ର ।
ପ୍ରକୃତି ପ୍ରେମୀଙ୍କ ମନୋରଞ୍ଜନ ନିମନ୍ତେ ଏସ୍ଥାନ ଦର୍ଶନ ଯୋଗ୍ୟ,
ମନଲୋଭା ବେଶରେ ମନମୁଗ୍ଧକର ସୁବର୍ଣ୍ଣର ସଙ୍ଗମରେ ଭୋଗରାଇର ସ୍ୱର୍ଗ ।

ସୁରକ୍ଷିତ ବୋଲି ଆସନ୍ତି କଚ୍ଛପ ବଂଶବିସ୍ତାର ଆଶାରେ,
ପକ୍ଷୀମାନେ ମଧ୍ୟ ସୁଖରେ ରୁହନ୍ତି ନିରାପଦ ନିଜ ବସାରେ ।
ଜାତି ଜାତି ସର୍ପ ବିଚରନ୍ତି ଏଠି ନାହିଁ ଜୀବନକୁ ତାଙ୍କ ବିପଦ,
ସଭିଙ୍କୁ ସୁରକ୍ଷା ଦିଅନ୍ତି ଗ୍ରାମବାସୀ ସୁରକ୍ଷିତ ଏ ପ୍ରାକୃତିକ ସମ୍ପଦ ।
ସରକାର ଏବେ ତତ୍ପର ହେଲେଣି ଗଢିଛନ୍ତି ବାସସ୍ଥାନ,
ପ୍ରକୃତି କୋଳରେ ସେ କ୍ଷୁଦ୍ର କ୍ଷୁଦ୍ର ଘର ଲାଗେ ଯେମିତି ପରି ରାଇଜର ସ୍ୱପ୍ନ ।
ଥରେ ଆସିବେ ଯେ ଭୁଲିପାରିବେନି ଏହି ଆକର୍ଷଣୀୟ ଦିଗ,
ମନଲୋଭା ବେଶରେ ମନମୁଗ୍ଧକର ସୁବର୍ଣ୍ଣର ସଙ୍ଗମରେ ଭୋଗରାଇର ସ୍ୱର୍ଗ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର
ଦୁରଭାଷ- ୭୭୫୯୯୩୬୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତିନଦୀ ତୀରେ



ପ୍ରଣତି ପଣ୍ଡା

ପ୍ରତୀଚୀର ସୂର୍ଯ୍ୟ ଡୁବି ଯାଇଅଛି
ଦୂର ଦିଗ୍ ବଳୟ ପର୍ବତ ଛୁଇଁ ,
ସାଗରର ଢେଉ ଅମାନିଆ ହୋଇ
ସୀମାଲଙ୍ଘେ ନୀଳ ବକ୍ଷକୁ ଡେଇଁ ।

ମନର ଛବିକୁ କାନ୍ ଭାସ୍ ତଳେ
ଆଙ୍କିବା ହେଉନି ଆଉ ସହଜ ,
ବସନ୍ତ ଯାଇଛି ସ୍ମୃତିକୁ ଖୋଜିଛି
ଝାପସା ଦିଶୁଛି ସ୍ୱପ୍ନ ରାଇଜ ।

ବସନ୍ତରେ ସବୁ ପତ୍ରଝଡ଼ା ଦେଇ
ନୂଆ ପତରବି ହେଉଛି ସଜ ,
ସମୟ ସହିତ ଋତୁ ବଦଳିଛି
ନିରସ ଜୀବନ ଲାଗଇ ତୁଚ୍ଛ ।

ଇଚ୍ଛା ମରିଯାଏ ଊଷର ମରୁରେ
ମନ ଅମାନିଆ ବୋଲ ମାନେନା ,
ଅକୁହା କାହାଣୀ କାଗଜେ ଉତ୍ତାରେ
ହୃଦୟ ବେଦନା କିଏ ଜାଣେନା ।

ସ୍ମୃତିର ବକ୍ଷରେ ଅଲିଭା ଅକ୍ଷରେ
ରହି ରହି ବହେ ଅଭୁଲା କ୍ଷତ ,
ମଧୁର ମୁହୂର୍ତ୍ତ କେତେ ଅଶ୍ରୁସିକ୍ତ
ଝରି ଝରି ଝରେ ସେ ଅବିରତ ।

ବେଦନାରେ ଭରା ସେହି ସ୍ମୃତି ପରା
ଚାହିଁଲେ ବି କେବେ ଭୁଲି ହୁଏନି ,
ଯେତେ ଝରାଇଲେ ଆଖି ଲୁହ ତଳେ
ବିଶ୍ୱାସଟା କିନ୍ତୁ ଧରା ଦିଏନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅହଙ୍କାର ଯା'ର ହୃଦୟରେ ଘର
ଆବେଗର ଭାଷା ସେ ବୁଝେନାହିଁ ,
ସ୍ମୃତି ନଦୀତୀରେ ଯେତେ ଭସାଇଲେ
ପଛେ ପଛେ ପୁଣି ଆସଇ ଧାଇଁ ।

ଅଛି ସେହି ନଦୀ ଅଛିବି ଶ୍ମଶାନ
ଦହକି ଉଠଇ ପାଉଁଶ ନିଆଁ ,
ଯେତେ ଢାଳିଲେବି ପାଉଁଶରେ ପାଣି
ମନେପଡ଼ି ପୁଣି ଲାଗେ ଛାନିଆଁ ।

ଦ୍ୱନ୍ଦଭରା ମନ ନୀରବରେ ଲେଖେ
କଳ୍ପନା କୁଣ୍ଡଳି ଭିତରେ ହଜି ,
ଜାଣେନା ବଢ଼ିବ ଆଗକୁ ଅବା ସେ
ଫେରିବ ପଛକୁ ସ୍ମୃତିକୁ ଖୋଜି ।

ସ୍ମୃତିତ ରହିବ ବଞ୍ଚିଥିବା ଯାଏ
ଚାଲୁଛି ଚାଲିବ ଜୀବନ ସହ ,
ପୃଷ୍ଠା ଓଲେଟେଇ ଦେଖୁଥିବି ଖାଲି
ବଞ୍ଚିଥିବା ଯାଏ ଟାଣିବ ମୋହ ।

ସମୟ ସହିତ ବଦଳେ ମନୁଷ୍ୟ
ଲିଭିଯାଏ ନାହିଁ ଅଭୁଲା ସ୍ମୃତି ,
ଘୃଣାରେବି ନୁହେଁ ଯଥେଷ୍ଟ ସମ୍ମାନେ
ଲେଖି ରଖିଅଛି ଜୀବନ ଗୀତି ।

ଲୋଟସ୍ ଭିଲ୍ଲା, ଟଙ୍କପାଣୀ ରୋଡ୍
ଭୁବନେଶ୍ୱର, ଓଡ଼ିଶା
ଭ୍ରାମ୍ୟଭାଷୀ : ୯୪୭୪୬୧୯୭୭୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମାଆ ମାଜୁଅଛି ବାସନ



ଶିଶିର କୁମାର
ପଣ୍ଡା

ରାତିରେ କୁଆଡ଼େ ନିଦ ଆସୁନାହିଁ
ମାଆ ମାଜୁଅଛି ବାସନ
ବଡ଼ବୋହୂ ନିଦୁ ସ୍ୱାମୀକୁ ଉଠେଇ
ବିଛଣାରେ କରେ ଶାସନ
ମାଆକୁ ଯାଇକି କହୁନ ?
ନିଜେ ଶୋଉନ କି ଆମ କାହାରିକୁ
ଶାନ୍ତିରେ ଶୁଆଇ ଦଉନ ।

ରାତି ବାରଟାରେ ସକାଳ ପାଇଁକି
ମାଆ ବସି ଭେଣ୍ଡି କାଟୁଛି
ସାନ ପୁଅଟାକୁ ଚକୁଳି ପସନ୍ଦ
ଶୀଳରେ ପିଠୋଉ ବାଟୁଛି ।
କ୍ଷୀର ବି ରଖୁଛି ଫୁଟେଇ ।
ବାପା ଆଣିଥିଲେ ଅରୁଆ ଚାଉଳ
ବାବୁଲା କଳରୁ କୁଟେଇ ।

ସାନ ବୋହୂ କହେ ମାଆମାନେ କାଳେ
ଏଇମିତି ସବୁ ହୁଅନ୍ତି
ସେଥିପାଇଁ ବୋଧେ ପୁଅବୋହୂ ସବୁ
ଯାହା ଇଛା ତାହା କୁହନ୍ତି ।
ସବୁଶୁଣି ମାଆ ହସଇ
ପୁଅ ତଳିପା'ରେ ତେଲ ଘଷିବାକୁ
ପାଦ ପାଖେ ଯାଇ ବସଇ ।

କୁଆଁସ, ମେରଦା କାଟିଆ , ଯାଜପୁର
ଆଳାପ:-୮୯୯୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚାଷୀ ତ ହେଲେଣି ଖୁସି



ଜୟନ୍ତ ମଲ୍ଲିକ

ବିଲ ବାଡ଼ି ସବୁ ହଳଦୀ ପଡିଲା
ଚାଷୀତ ହେଲେଣି ଖୁସି
ବାଙ୍କିଦାଆ ସବୁ ପଜେଇ ଆଣିବେ
କମାର ଶାଳରେ ବସି ।
କେତେ ଦିନ ହେଲା ଘରେ ବସିଥିଲେ
ମନ ବଳ ଥିଲା ଊଛ
ଏବେ ସେ କ୍ଷେତକୁ ବାହାରି ପଡ଼ିବେ
ସବୁ କାମ କରି ପଛ ।
ଧାନତ କାଟିବେ ଖଳାକୁ ବୋହିବେ
ଅମଳ କରିବେ ଆଣି
ଭାର ଭାର କରି ଯତନେ ଥୋଇବେ
ବାଉଙ୍ଗିରେ ବାନ୍ଧି ବାଣି ।
ପରିବାର ତାଙ୍କ ଉଲୁସି ଉଠିବ
ହସିବତ ତାଙ୍କ ମନ
ଘରେ ଘରେ ରଖି ଥାକ ମାରିଦଇ
ଡାକୁଥିବେ ଭଗବାନ ।

ଶୂରଡିହ , ନନ୍ଦିପୁର , ଯାଜପୁର
ଆଳାପ:-୯୪୩୭୮୬୫୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନୁରାଗୀ ପ୍ରିୟାମୋର



ଲିଟନ୍ କୁମାର
ବେହେରା

ପ୍ରେମିକା ଘର ଟିକିଏ ଦୂର
ପତଳା ନିଦରେ କଡ ଲେଉଟେଇଲେ,
ମୁଁ ପହଂଚେ ତା ପାଖରେ
ଅଭିମାନିନୀ ସେ
ଚାହିଁ ଶୋଇବାର ବାହାନା କରେ,
ଅନ୍ଧାରର ଫର୍ଦ୍ଦ ଚିରି
ଜହ୍ନର ଜୋଛନା ତା ସଫେଦ ମୁହଁରେ
ସତେକି ଗାରେଇ ଦିଏ
କବିତା ଏକ ସ୍ୱର୍ଣ୍ଣାକ୍ଷରୀ ।

ରାଗ ଜରଜର ହୋଇ
ଗୁଲୁଗୁଲି ଗାଲ ଦିଓଟି ଦିଶେ ରକ୍ତରଂଜିତ
ଠିକ୍ ସେତିକି ବେଳେ
ବନ୍ଦ ଆଖି ଓ ନିବୁଜ ମନ ଧରି
ମୁଁ ପହଂଚିଯାଏ ତା ପାଖେ,
ବାହୁ ବନ୍ଧନର ଆଢୁଆଳରେ
ଆପଣେଇ ନିଏ ତା ଅବୁଝା ମନକୁ
ଟିକିଏ ଫୁଲେଇ, ଅଳପ ନଖରା
କଇଁ କଇଁ କଇଁ ଫୁଲିଆ କାନ୍ଦଟା
ସତେକି ମଝି ଶ୍ରାବଣର ମେଘ ଅସରା ।।

ହେଲେ ମୋ ହାତର ମଧୁର ପରଶେ
କୁନି ଓଠ ଧାରେ ହସବି ବରଷେ
ଅସରାଏ ନୁହଁ ଏକ ଲଘୁଚାପ ହୋଇ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହଜିଯାଇଥିବା ପାଦଚିହ୍ନ



ଶୁଭମ୍ କୁମାର
ସାହୁ

ହଠାତ୍ ସେଦିନ ଦେଖାହେଇଗଲା
ତୁମ ସହ ମୋର
ବର୍ଷା ବି ହେଉଥିଲା
ଛତାଟିଏ ବି ନଥିଲା
କହିଲି
ଏଇଠି ରୁହ
ମୁଁ ଟିକେ ଆସୁଛି
ଫେରିଲା ବେଳକୁ
ତମେ ନଥିଲ
ଥିଲା କେବଳ ତମ ପାଦଚିହ୍ନ
ସେଇ ଚିହ୍ନକୁ ଲକ୍ଷ୍ୟ କରି ମୁଁ
ଆଗେଇ ଚାଲିଲି

ଭାବିଲି ମିଳିଗଲା ମୋତେ ମୋ ସ୍ୱପ୍ନ
ହେଲେ,
ବର୍ଷା ଧୋଇ ନେଲା ମୋତେ
ସେଇ ପାଦଚଲା ରାସ୍ତା ସହ ।
ମୁଁ ଏବେ ପଥହୁଡା
ନିସ୍ୱ ଏ ଜୀବନ
ବର୍ଷାରେ ନିଜେ ଭିଜିଭିଜି
ଆଜି ବି ଖୋଜୁଛି
ତମର ହଜିଯାଇଥିବା ସେଇ ପାଦଚିହ୍ନ

ସା : ପଦାପଡ଼ା, ପୋ : ଗୁଡ଼ିଖାଲ
ଜିଲ୍ଲା : ବାଲେଶ୍ୱର, ପିନ୍ : ୭୫୬୦୩୦
ଇମେଲ୍ : sahoosubham603@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯଦି କେବେ ଦେଖା ହୁଏ



ମଞ୍ଜୁରାଣୀ ମିଶ୍ର

କାହିଁକି ଆଉ ଲୁଚକାଳି ଖେଳ

ଏତେ ଛଳନା କାହା ପାଇଁ

ଭଲ ପାଇବାର କଳସୀ ପୂର୍ଣ୍ଣ ନହେଲା ନାଇଁ

କେବେଠୁ ଦୂରେଇ ଗଲେଣି ଫୁଲ ଆଉ ଫଗୁଣର ରାସ

ଫେରି ଚାହୁଁଥିବା ବସନ୍ତ କୃଷ୍ଣଚୂଡ଼ାର ହସ

ରଙ୍ଗ ବଦଳାଇଲାଣି ଆକାଶ

ଏକୁଟିଆ ପକ୍ଷୀଟିଏ ଖୋଜୁଛି ରାସ୍ତା

ନିୟତିର ଉପହାସ

ଆସ ଆଉଥରେ ଚୁକ୍ତିପତ୍ର ଲେଖିଦେବା

ସନ୍ଦେହୀ ଦୃଷ୍ଟିର ଆଢୁଆଳେ ନୀଡ଼ଟେ ଗଢିବା

ଜହ୍ନର ଅଭିସାର ଲୁଚି ଲୁଚି ଦେଖିବା

କେହି ନବୁଝିଲେ ନାହିଁ ନିଜକୁ ଉନ୍ମୁକ୍ତ କରିବା

ଅନ୍ତରାୟର କାଚ ପାଚେରୀ ନିଜେ ନିଜେ ଭାଙ୍ଗିଦେବା

ନୂଆ ଏକ ଠିକଣା ଲେଖିବା

ପ୍ରତାରଣାର ପୃଥିବୀ ଭିତରେ ସମ୍ଭାବନାର ସୂର୍ଯ୍ୟୋଦୟ

ଆଉ ମୋର ଅଧାଲେଖା ଗପ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏସବୁତ ସ୍ମୃତିର ସବୁଜ ଦ୍ୱୀପ

କଥା ଥିଲା - ଶବ୍ଦର କୁହୁକ ଖେଳ ଖେଳି କ୍ଲାନ୍ତ ହୋଇଯିବା

ହାରିବା କି ଜିତିବା ମନରୁ ପାଶୋରି ଦେବା

ପ୍ରତିଜ୍ଞାର ନିଆଁ ଝୁଲ ମନ ଫରୁଆରେ ଲୁଚାଇ ଲିଭାଇଦେବା

କାହିଁକି ଆଉ ସମ୍ଭାବିତ ପ୍ରଶ୍ନର ଉତ୍ତର ପାଇଁ ପ୍ରସ୍ତୁତ ରହିବା

ସମ୍ମାନର ମୁକୁଟ ପିନ୍ଧିବା

କିଛି କଥା କହିବି କହିବି ବୋଲି କହିପାରିଲିନି

ଶୂନ୍ୟତାର ଆବର୍ତ୍ତରେ ହଜିଗଲି କେଉଁଠି କେଜାଣି

କାହିଁକି ଆଉ ଅଭିନୟ କରିବା ତର୍ଜମା କରିବା

ଯଦି କେବେ ଦେଖାହୁଏ ଅନାହୂତ

ଭିନ୍ନ ଏକ ପରିଚୟ ନେଇ ପାଖାପାଖି ବସିବା

ସମୁଦ୍ରର ଢେଉ ଗଣିବା

ଝାଉଁବଣର କବିତା ଶୁଣିବା

ଆଉ ତାପରେ -

ପରସ୍ପର ପାଇଁ ସ୍ମୃତି ହୋଇ ରହିଯିବା

ହାଇଦ୍ରାବାଦ

୭୩୮୦୨୭୫୭୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଶିଳ କହେ ଆଜି ପୁଆକୁ



ରାଧାମୋହନ ପୂଜାହାରୀ

ଶିଳ କହୁଅଛି ପୁଆକୁ ଦୁଃଖରେ
ଶୁଣ ଲୋ ମକର ଶୁଣ,
ଯାନ୍ତ୍ରିକ ଯୁଗର ଏ ଅମଣିଷର
କି ଅବା ଗାଇବି ଗୁଣ !

ଏକଦା ମଣିଷ ମୋ ଦେହେ ମସଲା
ସରାଗରେ ବାଟୁଥିଲା,
ସେ ମସଲା ତରକାରୀ ଖାଇ ସିଏ
ନିଜ ହାତ ଚାଟୁଥିଲା ।

ସେ ମସଲା ତରକାରୀର ସୁଆଦ
ଅତ୍ୟନ୍ତ ନିଆରା ବୋଲି,
ଯିଏ ଖାଉଥିଲା ସିଏ କହୁଥିଲା
ଖୁସିରେ ତା' ମନ ଖୋଲି ।

ସେହି ତରକାରୀ ହିତକର ଦେହ
ପାଇଁ ବୋଲି କହୁଥିଲେ,
ସେଥିପାଇଁ ସିନା ମୋ ସାଥେ ତୋତେ ଲୋ
ଅଗଣାରେ ଥୋଉଥିଲେ !

ପ୍ରାଚୀନ କାଳରେ ଆମରି ଗୁରୁତ୍ୱ
କାହିଁ କେତେ ରହିଥିଲା !
କାନ୍ଦି କାନ୍ଦି ଶିଳ ତା' ମନର ବ୍ୟଥା
ପୁଆ ପାଶେ କହିଥିଲା ।

ତା' ମନ ଦରଦ ଶୁଣି ପୁଆ କହେ
କାନ୍ଦନା ଲୋ ମୋ ବଉଳ,
ଏ ଅଲାଯୁଗିଆ ମଣିଷଙ୍କ ପାଇଁ
ବୁଡ଼ିଲା ଆମ ଏ କୁଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନ ଥିଲା ଏଇ ସ୍ୱାର୍ଥି ନର ଆମ
ଦେହେ ବାଟୁଥିଲା ବିରି,
ଆଧୁନିକତାର ଦୌଡ଼େ ଆଜି ଆମ
ହୃଦୟ ଦେଇଛି ଚିରି ।

ଆମ ଭଳି ଚକି, ଢ଼େଙ୍କି ଓ ପନିକି
ଲୋପ ପାଇଲେଣି ଆଜି,
ଆମ ସ୍ଥାନ ଯନ୍ତ୍ରପାତି ଯେ ନେଲେଣି
ନରର ଭରସା ସାଜି ।

ଆଜି ସମୟର ସ୍ୱଳ୍ପତା ଭିତରେ
ନର ଗଲା ସବୁ ଭୁଲି,
ଆମେ ଦୁହେଁ କିନ୍ତୁ ଯୁଗ ଯୁଗ ପାଇଁ
ରହିଥିବା ହୋଇ ଜୁଲି ।

ପୁଆ ର ମୁହଁରୁ ଏତକ ଶୁଣିକି
ଶିଳ ନେତ୍ରୁ ଅଶ୍ରୁ ଝରେ,
କହେ ସେ ପୁଆକୁ ବଉଳ ଲୋ ଆଉ
ରହିବାନି ଏଇ ଘରେ ।

କଳ୍ପନା ନୁହଁ ଏ ପୂର୍ଣ୍ଣ ବାସ୍ତବତା
ଜାଗ ରେ ମଣିଷ ଜାଗ !
ଲିଭିବ କି ଆଉ ତୁମ ମୁଣ୍ଡେ ଥିବା
କଳଙ୍କର ଏହି ଦାଗ ?

ଫ୍ରିଜ୍ ଓଭେନ୍ ଓ ଗ୍ରାଇଣ୍ଡର୍ ତୁମ
ହେଇଗଲେ ଏତେ ପ୍ରିୟ ?
ପଚାର ନିଜକୁ ଭିଆଇଲ କେଡ଼େ
କାଣ୍ଡ ଯେ ଅଭାବନୀୟ !

ସମୟ ସ୍ରୋତରେ ଏ ପାରମ୍ପରିକ
ଜିନିଷ ହଜୁଛି ଆଜି,
ଏ ଘରକରଣା କିନ୍ତୁ ଚିରଦିନ
ରହିଥିବେ ସ୍ମୃତି ସାଜି ।

ବୀରମହାରାଜପୁର (ସୁବର୍ଣ୍ଣପୁର)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁଆଁର ପୂନେଇ ଜହ୍ନ ଗୋ



ପ୍ରହ୍ଲାଦ ସାହୁ

କୁଆଁର ପୁନେଇ ଜହ୍ନ ଗୋ ଫୁଲ ବଉଳ ବେଣୀ
ପୁଚି ଖେଳିବାକୁ ମନ ଗୋ ଫୁଲ ବଉଳ ବେଣୀ ।।

ଜହ୍ନ ଭାରି ମନୋରମ ଗୋ ଫୁଲ ବଉଳ ବେଣୀ
କୁଆଁରୀ ଝିଅଙ୍କ ଓଷା ଗୋ ଫୁଲ ବଉଳ ବେଣୀ ।।

ପ୍ରଭୁ ପୂଜିବାକୁ ମନ ଗୋ ଫୁଲ ବଉଳ ବେଣୀ
ଶରଦଶଷି ମନଲୋଭା ଗୋ ଫୁଲ ବଉଳ ବେଣୀ ।।

ମିତ କରିବାକୁ ମନ ଗୋ ଫୁଲ ବଉଳ ବେଣୀ
ଜହ୍ନିଫୁଲ ଭାରି ଶୋଭା ଗୋ ଫୁଲ ବଉଳ ବେଣୀ ।।

ସତ କହିବାକୁ ମନ ଗୋ ଫୁଲ ବଉଳ ବେଣୀ
ଭଲ ବର ଲାଗି ପୂଜା ଗୋ ଫୁଲ ବଉଳ ବେଣୀ ।।

ଗୀତ ଗାଇବାକୁ ମନ ଗୋ ଫୁଲ ବଉଳ ବେଣୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ତ୍ତିକେୟ ଯେହ୍ନେ ବର ଗୋ ଫୁଲ ବଉଳ ବେଣୀ ।।

ବ୍ରତ ରଖିବାକୁ ମନ ଗୋ ଫୁଲ ବଉଳ ବେଣୀ
ତାଙ୍କୁ ବାଛିବାକୁ ମନା ଗୋ ଫୁଲ ବଉଳ ବେଣୀ ।।

ଗପ ଶୁଣିବାକୁ ମନ ଗୋ ଫୁଲ ବଉଳ ବେଣୀ
ଆଲିଙ୍ଗନେ ଶୁଣୁଥିବେ ଗୋ ଫୁଲ ବଉଳ ବେଣୀ ।।

ଫୁଲ ତୋଳିବାକୁ ମନ ଗୋ ଫୁଲ ବଉଳ ବେଣୀ
ଫୁଲ ପରି କୋମଳ ସେ ଗୋ ଫୁଲ ବଉଳ ବେଣୀ ।।

ଓଷା ପାଳିବାକୁ ମନ ଗୋ ଫୁଲ ବଉଳ ବେଣୀ
ତାଙ୍କ ପରି ବର ଖୋଜା ଗୋ ଫୁଲ ବଉଳ ବେଣୀ ।।

ଚିତା କୁଟିବାକୁ ମନ ଗୋ ଫୁଲ ବଉଳ ବେଣୀ
ଚିନ୍ତା ହରି ନେବେ ସିଏ ଗୋ ଫୁଲ ବଉଳ ବେଣୀ ।।

ଝୁଟି ଦେବାକୁ ମନ ଗୋ ଫୁଲ ବଉଳ ବେଣୀ
ମନକଥା ବୁଝିବେ ଗୋ ଫୁଲ ବଉଳ ବେଣୀ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଠି ବସିବାକୁ ମନ ଗୋ ଫୁଲ ବଉଳ ବେଣୀ
ମନେଇ ନେବେ ସିଏ ଗୋ ଫୁଲ ବଉଳ ବେଣୀ ।।

ଜୁଡା ବାନ୍ଧିବାକୁ ମନ ଗୋ ଫୁଲ ବଉଳ ବେଣୀ
ଫୁଲତୋଡା ଖୁସିଦେବେ ଗୋ ଫୁଲ ବଉଳ ବେଣୀ ।।

ଝୁଲି ଖେଳିବାକୁ ମନ ଗୋ ଫୁଲ ବଉଳ ବେଣୀ
ଝୁଲେଇ ଝୁଲେଇ ନେବେ ଗୋ ଫୁଲ ବଉଳ ବେଣୀ ।।

ନାଚ ନାଚିବାକୁ ମନ ଗୋ ଫୁଲ ବଉଳ ବେଣୀ
ପାଦେ ପାଦ ଛନ୍ଦିଦେବେ ଗୋ ଫୁଲ ବଉଳ ବେଣୀ ।।

ପ୍ରିତୀ ରଚିବାକୁ ମନ ଗୋ ଫୁଲ ବଉଳ ବେଣୀ
ପାଟରାଣୀ କରିନେବେ ଗୋ ଫୁଲ ବଉଳ ବେଣୀ ।।

ପ୍ରେମ କରିବାକୁ ମନ ଗୋ ଫୁଲ ବଉଳ ବେଣୀ
ପକ୍ଷୀରାଜେ ଘେନିଯିବେ ଗୋ ଫୁଲ ବଉଳ ବେଣୀ ।।

ରାଶଲୀଳା ପାଇଁ ମନ ଗୋ ଫୁଲ ବଉଳ ବେଣୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଙ୍କେ ବସେଇ ଶୁଣିବେ ଗୋ ଫୁଲ ବଉଳ ବେଣୀ ।।

କୃଷ୍ଣ ସଙ୍ଗେ ରାଧା ଥିଲେ ଗୋ ଫୁଲ ବଉଳ ବେଣୀ
ଧେନୁସଙ୍ଗେ ବତ୍ସା ଯେହ୍ନେ ଗୋ ଫୁଲ ବଉଳ ବେଣୀ ।।

ଗୋପପୁରେ ଲୀଳା କଲେ ଗୋ ଫୁଲ ବଉଳ ବେଣୀ
ନନ୍ଦ ରାଜା ରୁଷିଥିଲେ ଗୋ ଫୁଲ ବଉଳ ବେଣୀ ।।

କେତେ ରାକ୍ଷସ ମାରିଲେ ଗୋ ଫୁଲ ବଉଳ ବେଣୀ
ମାତ ଯଶୋଦା ରାଗିଲେ ଗୋ ଫୁଲ ବଉଳ ବେଣୀ ।।

ଗୋବର୍ଦ୍ଧନ ଉଠାଇଥିଲେ ଗୋ ଫୁଲ ବଉଳ ବେଣୀ
ଇନ୍ଦ୍ର ଗର୍ବ ଚୂର୍ଣ୍ଣ କଲେ ଗୋ ଫୁଲ ବଉଳ ବେଣୀ ।।

ଗୋପି ରଶିକିଆ ଥିଲେ ଗୋ ଫୁଲ ବଉଳ ବେଣୀ
ବଂଶୀଯେଣେ ଗୋପିତେଣେ ଗୋ ଫୁଲ ବଉଳ ବେଣୀ ।।

ଗୋପରୁ ମଥୁରା ଗଲେ ଗୋ ଫୁଲ ବଉଳ ବେଣୀ
ରାଧା ମାଇଁ ରୁସିଗଲେ ଗୋ ଫୁଲ ବଉଳ ବେଣୀ ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁଦାମାର ବନ୍ଧୁ ହେଲେ ଗୋ ଫୁଲ ବଉଳ ବେଣୀ

ବନ୍ଧୁ ପଣେ ସିନ୍ଧୁ ଦେଲେ ଗୋ ଫୁଲ ବଉଳ ବେଣୀ ।।

ଚକ୍ରପେଶୀ ନକ୍ରନାଶିଲେ ଗୋ ଫୁଲ ବଉଳ ବେଣୀ

ଗଧ ପାଦ ସେ ଧରିଲେ ଗୋ ଫୁଲ ବଉଳ ବେଣୀ ।।

ଦୃଷ୍ଟ ହୋଇ ରୁଷ୍ଟ କଲେ ଗୋ ଫୁଲ ବଉଳ ବେଣୀ

କଂସ ମାମୁଙ୍କୁ ତାରିଥିଲେ ଗୋ ଫୁଲ ବଉଳ ବେଣୀ ।।

ନିଜ କର୍ମ ଭୋଗିଥିଲେ ଗୋ ଫୁଲ ବଉଳ ବେଣୀ

ଶିଆଳିଲତାରୁ ଟଳି ମଲେ ଗୋ ଫୁଲ ବଉଳ ବେଣୀ ।।

କୁଆଁର ପୁନେଇ ଜହ୍ନ ଗୋ ଫୁଲ ବଉଳ ବେଣୀ

ପୁଚି ଖେଳିବାକୁ ମନ ଗୋ ଫୁଲ ବଉଳ ବେଣୀ ।।

ନୂଆଦିଲ୍ଲୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝଡ଼ କିଛି ମୁହୂର୍ତ୍ତର



ସୁଧର୍ମା ଡାଙ୍ଗୁଆ

ବାହାରେ ଅଧାଭିଜା ବର୍ଷା ,

ଭୁରୁ ଭୁରୁ

ଅଧାସିଝା ମାଟିର ବାସ୍ନା

ଦେଖିବାକୁ ଇଚ୍ଛାହୁଏ

ଗାଁ ର ସେଇ ଦୃଶ୍ୟ ।

କିନ୍ତୁ

ବାହାରକୁ ଯାଇହୁଏ ନାହିଁ ।

ପବନର କୋଳାହଳ ,

ଧୂଳିର ଧୂଆଁ ଚାରିଆଡେ

ଚାହିଁହୁଏ ନାହିଁ ।

କବାଟ ଫାଙ୍କଦେଇ ପବନର ସୁଅ

ଶରୀରର କିଛି ଅଂଶକୁ

ଛୁଇଁ ଦେଇଗଲା

କେଜାଣି ? କେଉଁ ଜାଗାରୁ ?

ଆସିଗଲା ,

ଅଚେତନ ମନରେ

ସ୍ମୃତିର ଲହରୀ

ବାଧ୍ୟ କରିଲା ବାହାରି ଯିବାକୁ ,

ଉଡିଯିବାକୁ ,

ନାଚିଯିବାକୁ ,

ନିଜକୁ ହଜେଇଦେବାକୁ

କିନ୍ତୁ

ପୃଥିବୀ ଫାଟିଗଲା ପରି ଶବ୍ଦ

ପଛପଟରୁ

ଆରେ କବାଟ ବନ୍ଦ କରେ ।

ତାପରେ ଝଡ ବି ଚାଲିଗଲା

କିଛି ମୁହୂର୍ତ୍ତରେ ।

କଳା ଶିକ୍ଷକ, ଓଡିଶା ଆଦର୍ଶ ବିଦ୍ୟାଳୟ,
ଲିଙ୍ଗିପୁର, ଗୋସାଣି , ପାରଳାଖେମୁଣ୍ଡି , ଗଜପତି,
ମୋ – ୯୦୭୮୪୩୯୮୦୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାନୁଭୂତି



ଅନସୂୟା ପଣ୍ଡା

ମୋ ଘର ଠାରୁ ମୋ ଶାଶୁଘର, ମୋର ଖୁବ୍ ଆପଣାର
ଯେଉଁଠି ବିତେଇ ଥିବା ସମୟ ସବୁ ସ୍ୱତନ୍ତ୍ର
ବାଇଶିବର୍ଷ ବାପାମାଆଙ୍କ ଅନୁଶାସନରେ,
ତିରିଶିବର୍ଷ ଶାଶୁଙ୍କ ଅବୟବରେ
ଏଠିକି ଆସିବା ପରେ ତିଆରି ହେଲା ଏକ ମୋହର ସାମ୍ରାଜ୍ୟ ।
ସର୍ଜନା ହେଲା ରକ୍ତର ସ୍ୱାକ୍ଷର
ଆଉ ଛନ୍ଦି ପକେଇଲା ଅଣାୟତ ଆତ୍ମିକ ସମ୍ବନ୍ଧରେ
ଯେଉଁଠି ନିଜକୁ ଅବହେଳିତ କରି ଅନ୍ୟକୁ ଖୁସି ବାଣ୍ଟିବାରେ ଭଲ ଲାଗେ
ଭାରି ଆତ୍ମତୃପ୍ତି ଥାଏ ପରକୁ ଆପଣେଇବାରେ ।
ହାଣ୍ଡିକଳା ମୁହଁରେ, ଶାଢୀରେ ବୋଳିହେଇଯାଏ
ଚୁଲିର ପାଉଁଶ ଭିନ୍ନ ସ୍ୱାଦ ହାତରେ ସାଉଁଟେ
ଜୀବନ ଖୁବ ସନ୍ତର୍ପଣରେ ସାଧନାର ପଥରେ ଆଗାଏ
କଟକଣା ଅନୁଶାସନରେ ଶୃଙ୍ଖଳିତ ଚରିତ୍ରଟେ ପୁନର୍ଜନ୍ମ ପାଏ ।
ଘରକୁ ଗଲେ ବୋଉ କହେ ତୋ ଘର ତୁ ଯେମିତି ଗଢିବୁ
ଶାଶୁ କହନ୍ତି ତୋ ଘର ତୁ ଯେମିତି ସମ୍ଭାଳିବୁ
ଏଇଠି ତୋ ପିଲାଙ୍କର ଷଠିଘର, ଅନେକ ସ୍ମୃତି ତାଙ୍କ ଛୋଟ ବେଳର
ତୋ ଭିତରେ ଅଙ୍କୁରିତ ଆଶାର ତାଜମହଲ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ଝଡ କେତେ ତାତି ଭାବି ନଥିବା  କେତେ ବିପତ୍ତି ମୁଣ୍ଡ ଟେକେ

ଜୀବନ ଝାଉଁଳି ପଡେ ପୁଣି କିନ୍ତୁ ହସିଉଠେ ଅସରାଏ ଆଶାର ବର୍ଷାରେ

ଏଠି ସ୍ୱାଭିମାନର ସ୍ରୋତସ୍ୱିନୀ ଛୁଟେ ଦୁଃଖରେ, ହତାଶାରେ, ତ୍ରସ୍ତ ଜୀବନ ଧାରାରେ

ଏଇ ମୋର ଶାଶୁଘର ଚାରି କାନ୍ଥ ମତେ ଖୁବ ନିଜର ଲାଗେ  ।

ଆସିବା ଦିନର ସ୍ୱପ୍ନିଳ ପଥଯିବା ଦିନର ମୋହର ବଳୟ

ଆଖି ଲୁହ କେତେ କାନିରେ ଭିଜେ, ମନ କଥା କେତେ ମନରେ ମରେ

ପୁଣି ବି କାହିଁ ଜୀବନଟା ଏଠି ସମ୍ପୂର୍ଣ୍ଣ ଲାଗେ

ମୁଣ୍ଡ ନଇଁବାଟା ଏ ଘର ଶିକ୍ଷା, ଉପାସ ରହିଲେ, କି ଓଳିଏ ଖାଇଲେ

ପରିତୃପ୍ତି ଏଠି ଭରି  ଭରି ଥାଏ ।

ଆସିବା ଦିନର ଏଇ ରାସ୍ତା ଘାଟ, ନଈ ନାଳ ଯେତେ ମୋତେ ଅପଣାଏ

ଏରୁଣ୍ଡି ବନ୍ଧଟା ଏ ଘରର ମତେ ଲକ୍ଷ୍ମଣ ରେଖାଟେ ପରି ଦିଶିଯାଏ

ମୋ ଦେହର ଶତ ରକ୍ତ କଣିକାରେ, ଏ ଘରର ଯେତେ ସମ୍ପର୍କ ପାଇଁ

ଅଜଣା ଆବେଗ କାହିଁ କେତେ ଧାଏଁ  ।

ପର ହେଇ ଯାଏ ମୋ ଗାଁ ଦାଣ୍ଡ, ଗେଲବସରର ବାପଘର ମୋର

ପରାଧୀନ ପରି ଲାଗେ ମତେ ସେଠି, ମାପି ଚୁପି କଥା କହେ ଭାବି ଚିନ୍ତି

ସକାଳେ ଯାଇ ସଞ୍ଜେ ଆସେ ଫେରି, ଖୋଜେ ସେଠି ଏବେ ସମ୍ମାନ ଭାରି

ମୋ ପସନ୍ଦ କଥା ଏବେ ବି ବୁଝନ୍ତି, ପୁଣିବି କାହିଁ ଶାଶୁଘର ମୋର ସ୍ୱାଭିମାନ ସ୍ୱର

ସେ ଘର କାନ୍ଥର ଖୋଟି ଆପଣାର, ସେ ଘରର ଯେତେ ଚଳଣି ନିଜର  ।

ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର, ଓଡିଶା, ୭୬୮୦୧୮

ଭ୍ରାମ୍ୟଭାଷୀ : ୯୪୩୭୨୧୯୭୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବାନଙ୍କୁ ଖୋଜୁଛି



ଦୀପଙ୍କର ଦାସ

ଘରେ ଜଣେ ଅନ୍ଧାରରେ ବସିଛି
ମୁଁ ଆଲୁଅ ସନ୍ଧାନରେ ବାହାରିଛି
ଭୋକରେ ତା ପେଟ ଜଳି ଯାଉଛି
ମୁଁ ପୂର୍ଣ୍ଣ ପାତ୍ର ରେ କୁଆଡେ ବାହାରିଛି
ସେଠି ଦେହ ଝାଳରେ ଗମ୍ ଗମ୍ ହୋଇଯାଉଛି
ମୁଁ ଏଠି ଜଣକୁ କ୍ଷୀରରେ ଗାଧେଇ ଦଉଛି
ତାର ଛାତି ଫାଟି କୋହ କମୁନି
ଏଠି କେତେ ନଡ଼ିଆ ଫାଟୁଛି
ତାର ନେତ୍ର ଲୋତକ ପୂର୍ଣ୍ଣ
ମୁଁ ମନ୍ତ୍ର ଭାବରେ ସଂପୂର୍ଣ୍ଣ
ତାର ଲୁଗାପଟା କେତେ ମଇଳା
ବାଜେ ଦୁର୍ଗନ୍ଧ ଆସୁଛି
ମୁଁ ଫୁଲ, ଚନ୍ଦନ, ଧୂପ, ଧୁଣା ଦେଇ
ଭକ୍ତିରେ ମଜି ଯାଉଛି
ତାର ଜୀବନର ରଙ୍ଗ ଛଡେଇ
ମୁଁ ଲାଲଟେ ସିନ୍ଦୂର ଭରୁଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଦିନେ ମୋ ପାଇଁ ଏମିତି କରିଥିଲା

ମୁଁ ମୋ ପିଲା ପାଇଁ କରୁଛି

ତା ଜୀବନରେ ଶାନ୍ତି ଛଡ଼ାଇ

ଏଠି ଓମ୍ ଶାନ୍ତି ଓମ୍ ଶାନ୍ତି ଜପୁଛି

ସେ ଜୀବନ୍ତ ମଡା ସାଜିଛି

ମୁଁ ପଥର ଭିତରେ ଖୋଜୁଛି

ଘରେ ଚଳନ୍ତି ଦେବତା ଅଛନ୍ତି

ମୁଁ ମନ୍ଦିର ଭିତରେ ଖୋଜୁଛି

ଭଗବାନ ତୁମେ କୋଉଠି

ତୁମକୁ କେତେ ମୁଁ ଖୋଜୁଛି

ହଁ, ସେ ଜୀବନ୍ତ ମଡା ସାଜିଛି

ମୁଁ ପଥର ଭିତରେ ଖୋଜୁଛି ।

ଦୀପଙ୍କର ଦାସ ।

ବାଲେଶ୍ବର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାମ୍ ଯଜ୍ଞ



ବିଶ୍ୱନାଥ ଭୁଏ

ଧାର୍ମିକ୍ ସାଂଗେ ଐକିକ୍ ଧାରା ନେଇକରି
ନାମ୍ ଯଜ୍ଞଟା ବସ୍'ସି
ମୁଲ୍ ନୁ ଶେଷ୍ ହେବାର୍'ତକ୍
ଗୁଟେ ମନ୍ ଥି ସଥେ ସମ୍'କୁ ବାନ୍ଧ୍'ସି... !

ହରେକୃଷ୍ଣ ହରେରାମ୍ ନାମ୍
ଟୁଁଣେ ମଣ୍ଡଲୀ ସାରା ଶୁଭ୍'ସି
ଛୁଆ ନୁ ବୁଢ଼ା ତକ୍ ମନେ ଭକ୍ତିର୍
ଉଷତର୍ ଧାର୍ ଲମ୍'ସି.... ।

ମହାପୁରୁ ନାମେ ସବୁଦିନେ
ଅନ୍ନ ପ୍ରସାଦ୍ ଦିଆ ହେସି
ଗୁଟେ ଘରର୍ ବାଗିର୍
ଗୁଟେ ଠାନେ ପ୍ରସାଦ୍ ଖିଆ ହେସି.... !

ବଛର୍'କେ ଥରେ ନାମ୍'ଯଜ୍ଞ
ଉଷତ୍ ନେଇ ଆଏସି
ସମ୍'କୁ ଏନ୍ତା ଗୁଟେ ଠାନେ
ଗୁଟେ ବନ୍'ହନ୍ ଥି ବାନ୍ଧି ପକାସି.... !

କେଶାଇପାଲି , ଭଟଲି
ଜିଲ୍ଲା - ବରଗଡ଼, ମୋ-୯୬୭୮୮୭୮୪୮୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମାହା ସମୁଦର



ମନୋରଞ୍ଜନ
ସୁରୁଜାଳ

ସୋର କର ଥରେ ମାଁ ର ଗରଭେ
ଜପୁଥିଲୁ ଯେନ ନାମ
ମାୟାର ସଁସାରକେ ଆଇଛୁ ଧରି
ଦୁହି ହାତେ ଦୁହି କାମ ।

ଜୁରା ଡଲା ଭାର ଦୁହି ଫାଲେ ଥୁଆ
ପାପ ପୁଇନର କଥା
ନାଟ ଲାଗିଛେନ ପାଁଚ ପଚିଶର
ସୁରତେଇ କରି ହେତା ।

ବଢେ ବଁଫୁଦାର ସମିଆ ଚକରି
ବଦଲେ ଜିବନ ରଂଗ
ପାପି ହେସି ତପି ହେଇ ସଏତାନ
ନାମ ଜପେ ଧରି ମଂଗ ।

ଜନମର ଫଲ ପାତଲ ବହଲ
ମହତ ଜିବନ ଗିତ
ଡାକଲା ବାପରା ଉଲଟିଆ ନାଆଁ
ଦିହିକେ ଲାଗଲା ହିତ ।

ଟେଢାମେଢା ଚାଲ ଜିବନର ବାଟ
ସଲଖି ଯିବାରେ ଦିନେ
ମହ ମହ ବାସେ ଅମରୁତ ଜିବନ
ହେଇଥାଉ ପଛେ ଛନେ ।

ଚନ୍ଦନ ମେତାର ମହକି ଉହକି
ଚାର୍ହିଖୁଟି ଯିବା ଖେପି
ଉଥୁଲ ପୁଥୁଲ ମାହା ସମୁଦର
କିଏ ପାରିଛେ କେଁ ନାପି ?

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ



ସହଦେବ ପ୍ରଧାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋ³ମଂ
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।
ମୁକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ
ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।
ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ ।

ଶ୍ରୀମଦ୍ଭାଗବତ ମହାପୁରାଣର ୯ମ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୯ମ ସ୍କନ୍ଧ ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ନବମ ସ୍କନ୍ଧର ବିଷୟ ସୂଚୀଠାରୁ ଆରମ୍ଭ କରି ସର୍ବମୋଟ ୨୪ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରାଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନବମ ସ୍କନ୍ଧ - ୨୪ ଟି ଅଧ୍ୟାୟ (ଈଶାନୁକଥା)          ଭାଗବତର ୭ମ ଲକ୍ଷଣ

| ସଂଖ୍ୟା | ଅଧ୍ୟାୟ | ବିଷୟ ବସ୍ତୁ |
|---|---|---|
| ୧ | ପ୍ରଥମ | ବୈବସ୍ୱତ ମନୁ ବଂଶ ଚରିତ - ଦଶପୁତ୍ର ନାମ ଉଲ୍ଲେଖ – ସୁଦ୍ୟୁମ୍ନର ସ୍ତ୍ରୀତ୍ୱ ପ୍ରାପ୍ତି – ଇଳା ଉପାଖ୍ୟାନ । |
| ୨ | ଦ୍ୱିତୀୟ | ପୃଷଧ୍ର, କବି, କରୁଷ, ଧୃଷ୍ଟ, ନରିଷ୍ୟନ୍ତ ଓ ଦିଷ୍ଟର ବଂଶାନୁଚରିତ । |
| ୩ | ତୃତୀୟ | ମହର୍ଷି ଚ୍ୟବନ ଓ ସୁକନ୍ୟା ଉପାଖ୍ୟାନ ଏବଂ ଶର୍ଯ୍ୟାତି ବଂଶ ବର୍ଣ୍ଣନ |
| ୪ | ଚତୁର୍ଥ | ନାଭାଗ ଚରିତ ଓ ଅମ୍ବରୀଷ-ଦୁର୍ବାସା ଉପାଖ୍ୟାନ । ଅମ୍ବରୀଷଙ୍କର ଦୁର୍ବାସାଙ୍କ ଶାପରୁ ରକ୍ଷା । |
| ୫ | ପଞ୍ଚମ | ଅମ୍ବରୀଷ-ଦୁର୍ବାସା ଉପାଖ୍ୟାନ କ୍ରମେ ସୁଦର୍ଶନ ଚକ୍ରଠାରୁ ଦୁର୍ବାସାଙ୍କ ପରିତ୍ରାଣ । |
| ୬ | ଷଷ୍ଠ | ଇକ୍ଷ୍ୱାକୁ ବଂଶ ବର୍ଣ୍ଣନ - ମାନ୍ଧାତା ଓ ସୌଭରି ଋଷିଙ୍କ ଉପାଖ୍ୟାନ । |
| ୭ | ସପ୍ତମ | ମାନ୍ଧାତା ବଂଶର ବର୍ଣ୍ଣନ, ପୁରୁକୁତ୍ସର ଉପାଖ୍ୟାନ, ତ୍ରିଶଙ୍କୁ ଓ ହରିଶ୍ଚନ୍ଦ୍ରଙ୍କ ଚରିତ । |
| ୮ | ଅଷ୍ଟମ | ସଗର ଚରିତ, ୬୦,୦୦୦ ପୁତ୍ର କପିଳ ମୁନିଙ୍କ ଅଭିଶାପରେ ଅଗ୍ନିରେ ଦଗ୍ଧ । |
| ୯ | ନବମ | ଭଗୀରଥ ଚରିତ, ଗଙ୍ଗା ଆନୟନ, ଖଟ୍ୱାଙ୍ଗ ଚରିତ । |
| ୧୦ | ଦଶମ | ଶ୍ରୀରାମଙ୍କ ଚରିତ, ରାବଣ ବଧ, ରାମଙ୍କ ଅଯୋଧ୍ୟା ପ୍ରତ୍ୟାଗମନ |
| ୧୧ | ଏକାଦଶ | ଅଯୋଧ୍ୟାରେ ରାମରାଜ୍ୟ, ସୀତାବନବାସ, ଭରତ ପ୍ରଭୃତିଙ୍କ ଦିଗ୍ୱିଜୟ, ଶ୍ରୀରାମଙ୍କ ସ୍ୱଧାମ ଗମନ । |

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୨ ଦ୍ୱାଦଶ ଇକ୍ଷ୍ୱାକୁ ବଂଶର ଅବଶିଷ୍ଟ ରାଜାଙ୍କ ବଂଶାବଳୀ – କୁଶଠାରୁ ସୁମିତ୍ର ପର୍ଯ୍ୟନ୍ତ ବଂଶାବଳୀ ବର୍ଣ୍ଣନ ।

୧୩ ତ୍ରୟୋଦଶ ରାଜା ନିମି ଓ ବଶିଷ୍ଠଙ୍କ କଳହ, ବଶିଷ୍ଠଙ୍କ ପୁନର୍ଜନ୍ମ ତଥା ନିମିଙ୍କ ବଂଶାବଳୀ ।

୧୪ ଚତୁର୍ଦ୍ଦଶ ଚନ୍ଦ୍ରବଂଶର ଉଦ୍ଭବ, ଇଳା (ସୁଦ୍ୟୁମ୍ନର ସ୍ତ୍ରୀରୂପ) ଉପାଖ୍ୟାନ, ପୁରୁରବା – ଉର୍ବଶୀ ଚରିତ ।

୧୫ ପଞ୍ଚଦଶ ଋଚିକ, ଜମଦଗ୍ନି ଓ ପର୍ଶୁରାମଙ୍କ ଚରିତ ।

୧୬ ଷୋଡ଼ଶ ଜମଦଗ୍ନି ହତ୍ୟା ଓ ପର୍ଶୁରାମଙ୍କ ଦ୍ୱାରା କ୍ଷତ୍ରୀୟ ସଂହାର ତଥା ବିଶ୍ୱାମିତ୍ରଙ୍କ ବଂଶ ବର୍ଣ୍ଣନା ।

୧୭ ସପ୍ତଦଶ ପୁରୁରବା ପୁତ୍ର ଆୟୁର ବଂଶାବଳୀ – କ୍ଷତ୍ରବୃଦ୍ଧ, ରଜି ଆଦି ରାଜାମାନଙ୍କ ବଂଶ ।

୧୮ ଅଷ୍ଟାଦଶ ଦେବଯାନୀ-ଶର୍ମିଷ୍ଠା କଳହ ଓ ଯଯାତି ଚରିତ ।

୧୯ ଊନବିଂଶ ଯଯାତିଙ୍କ ବୈରାଗ୍ୟ ଓ ମୁକ୍ତି

୨୦ ବିଂଶ ଯଯାତିପୁତ୍ର ପୁରୁର ବଂଶାବଳୀ, ଦୁଷ୍ମନ୍ତ ଶକୁନ୍ତଳା ଉପାଖ୍ୟାନ ତଥା ଭରତ ଚରିତ ।

୨୧ ଏକବିଂଶ ଭରତଙ୍କ ବଂଶାବଳୀ ଓ ରନ୍ତିଦେବ ଚରିତ ।

୨୨ ଦ୍ୱାବିଂଶ ପାଞ୍ଚାଳ, କୌରବ ଓ ମଗଧ ଦେଶୀୟ ରାଜାଙ୍କ ବଂଶାବଳୀ । ଜରାସନ୍ଧ ଜନ୍ମ ଓ ବରପ୍ରାପ୍ତି ଉପାଖ୍ୟାନ ।

୨୩ ତ୍ରୟୋବିଂଶ ଅନୁ, ଦ୍ରୁହ୍ୟୁ, ତୁର୍ବସୁ ଓ ଯଦୁଙ୍କ ବଂଶାବଳୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୨୪ ଚତୁର୍ବିଂଶ ବିଦର୍ଭଙ୍କ ବଂଶ, ଦୁର୍ବାସାଙ୍କ ଠାରୁ କୁନ୍ତୀଙ୍କର ବରପ୍ରାପ୍ତି ଓ ଶୂରସେନ ବଂଶରେ କୃଷ୍ଣ-ବଳରାମଙ୍କ ପର୍ଯ୍ୟନ୍ତ ।

## ନବମ ସ୍କନ୍ଧ ଅଧ୍ୟାୟଗତ ସାରାଂଶ

ପ୍ରଥମ ଅଧ୍ୟାୟରେ ବୈବସ୍ୱତ ମନୁଙ୍କ ପୁତ୍ର ରାଜା ସୁଦ୍ୟୁମ୍ନଙ୍କ କଥା ବର୍ଣ୍ଣନା କରାଯାଇଛି । ଚାକ୍ଷୁଷ ମନୁ ଅନ୍ତେ ବ୍ରହ୍ମାଙ୍କର ମନରୁ ମରୀଚି ବାହାର ହୋଇଲେ । କଶ୍ୟପ, ମରୀଚି (ସ୍ତ୍ରୀ କଳା)ଙ୍କ ଠାରୁ ଜାତ । କଶ୍ୟପ ଓ ଅଦିତିଙ୍କଠାରୁ ସୂର୍ଯ୍ୟ । ସୂର୍ଯ୍ୟ ପତ୍ନୀ ସଂଜ୍ଞା । ତାଙ୍କ ସନ୍ତାନ ଶ୍ରାଦ୍ଧଦେବ ବା ବୈବସ୍ୱତ ମନୁ (ସତ୍ୟବ୍ରତର ସ୍ୱରୂପର ରୂପାନ୍ତର) । ଶ୍ରାଦ୍ଧଦେବଙ୍କ ସ୍ତ୍ରୀ ଶ୍ରଦ୍ଧା । ଏମାନଙ୍କର ୧୦ ପୁତ୍ର – ଇକ୍ଷ୍ୱାକୁ, ନୃଗ, ଶର୍ଯ୍ୟାତି, ଦିଷ୍ଟ, ଧୃଷ୍ଟ, କରୂଷ, ନରିଷ୍ୟନ୍ତ, ପୃଷଧ୍ର, ନଭଗ ଓ କବି । ଶ୍ରାଦ୍ଧଦେବ ମନୁ ପ୍ରଥମେ ଅପୁତ୍ରିକ ଥିବାରୁ ପୁତ୍ରେଷ୍ଟି ଯଜ୍ଞ କଲେ । ପୁତ୍ର ବଦଳରେ ଏକ କନ୍ୟା ଇଳା ଜାତ ହେଲା । ପରେ ତାକୁ ବିଷ୍ଣୁ ପୁତ୍ର ରୂପରେ ବଦଳେଇ ଥିଲେ ଯାହା ନାମ ସୁଦ୍ୟୁମ୍ନ ।

ଶିବଙ୍କୁ ଦର୍ଶନ କରିବା ପାଇଁ ମୁନିମାନେ, ଶିବ ପାର୍ବତୀ ବିହାର କରୁଥିବା ବନକୁ ଗଲେ । କିନ୍ତୁ ସେତେବେଳେ ପାର୍ବତୀଙ୍କ ଦେହରୁ ବସ୍ତ୍ର ଖସିଯାଇଥିଲା । ତାହା ଦେଖି ମୁନିମାନେ ସେଠାରୁ ଫେରିଯାଇଥିଲେ ସତ କିନ୍ତୁ ପାର୍ବତୀଙ୍କୁ ଖୁସି କରିବା ପାଇଁ ଶିବ କହିଦେଲେ ଯେ, ତାଙ୍କ ବ୍ୟତୀତ ସେହି ବନକୁ ଅନ୍ୟ କେହି ପୁରୁଷ ଆସିଲେ ସେ ନାରୀ ହୋଇଯିବ । ସେହି ଅଭିଶାପ ଅନୁସାରେ ସୁଦ୍ୟୁମ୍ନ ସେହି ବନକୁ ଯାଇଥିବାରୁ ପୁଣି ସ୍ତ୍ରୀ ହୋଇଗଲେ ଯାହା ନାମ ଇଳା ହେଲା । ଇଳାକୁ ବୁଧ (ଚନ୍ଦ୍ରଙ୍କ ପୁତ୍ର ତଥା ଅତ୍ରିଙ୍କ ନାତି) ବଳପୂର୍ବକ ରମଣ କଲେ । ପୁତ୍ର ପୁରରବା ଜନ୍ମ ହେଲା (ଯାହାର କି ସ୍ତ୍ରୀ ଉର୍ବଶୀ) ।

ବଶିଷ୍ଠଙ୍କ ଅନୁରୋଧ କ୍ରମେ ଶିବଙ୍କ କୃପାରୁ ସୁଦ୍ୟୁମ୍ନ ମାସେ ପୁରୁଷ ଓ ମାସେ ସ୍ତ୍ରୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇ ରହିଲା । ତା'ଠାରୁ ୩ ପୁତ୍ର – ଗୟ, ଉତ୍କଳ ଓ ବିମଳ ଜାତ ହେଲେ । ପରେ ସେ ପୁରୁରବାକୁ ରାଜା କରି ତପସାଧନ ନିମନ୍ତେ ବନକୁ ଯାଇ ଶରୀର ଛାଡ଼ିଲେ ।

ଦ୍ୱିତୀୟ ଅଧ୍ୟାୟରେ ମନୁଙ୍କର ପୃଷଧ୍ର ଆଦି ପାଞ୍ଚ ପୁତ୍ରଙ୍କ ବଂଶ ବର୍ଣ୍ଣିତ । ସୁଦ୍ୟୁମ୍ନ ପ୍ରାଣ ଛାଡ଼ିବାରୁ ବୈବସ୍ୱତ ପୁତ୍ର ନମନ୍ତେ ତପସ୍ୟା କଲା । ପୂର୍ବ ଅଧ୍ୟାୟରେ ବର୍ଣ୍ଣିତ ଦଶ ପୁତ୍ର ପ୍ରାପ୍ତ ହେଲା । ପୃଷଧ୍ର ଗାଈ ଜଗି ଶାର୍ଦ୍ଦୁଳ ଭ୍ରମରେ ଗାଈକୁ ମାରିଲା । କପିଳା ଗାଈକୁ ମାରିବାରୁ ବଶିଷ୍ଠ କ୍ରୋଧ ହୋଇ ଶୂଦ୍ର ହେବାକୁ ଶାପ ଦେଲେ । ଶେଷରେ ସେ ଅଗ୍ନିରେ ଝାସ ଦେଲା । ସାନ ଭାଇ କବି ଜଞ୍ଜାଳ ବିଷୟ ପ୍ରତି ନିଃସ୍ପୃହ ହୋଇ ବନକୁ ଚାଲିଗଲେ । ଅନ୍ୟ ଭାଇ କରୁଷ ଓ ତା ପୁତ୍ର କାରୁଷ କିଛି ଦିନ ପ୍ରଜା ପାଳିଲେ । ଅନ୍ୟ ଭାଇ ଧୃଷ୍ଟାର ପୁତ୍ର ଧାର୍ଷ୍ଟ । ସେ ବ୍ରହ୍ମଚାରୀ ରୂପେ ସମାଧିସ୍ଥ ହେଲା ଏବଂ ଅନ୍ୟ ଭାଇ ନୃଗର ପୁତ୍ର ସୁମତି । ତା ପୁତ୍ର ଭୂତଜ୍ୟୋତି । ତା ପୁତ୍ର ବସୁ । ତା ପୁତ୍ର ପ୍ରତୀକ ବସୁ । ଏହାର ପୁତ୍ର ଓଘବାନ । ଓଘବାନଙ୍କ କନ୍ୟା ଓଘବତୀ । ସୁଦରଶନ ତାର ପତି ।

ଅନ୍ୟ ଭାଇ ନରିଷ୍ୟନ୍ତର ପୁତ୍ର ଚିତ୍ରସେନ - ତା ପୁତ୍ର ଋକ୍ଷ । ତା ପୁତ୍ର ମୀଢ଼ବାନ - ତା ପୁତ୍ର କୂର୍ଚ୍ଚ, ତା ପୁତ୍ର ଇନ୍ଦ୍ରସେନ, ତା ପୁତ୍ରେ ବ୍ୟତିହୋତ୍ର, ତା ପୁତ୍ର ସତ୍ୟଶ୍ରବା । ତା ପୁତ୍ର ଉରୁଶ୍ରବା – ତା ପୁତ୍ର ଦେବଦତ୍ତ । ତା ପୁତ୍ର ଅଗ୍ନିବେଶ୍ୟ । ତା ଠାରୁ ଅଗ୍ନିର ଉତ୍ପତ୍ତି । ଅଗ୍ନିବେଶ୍ୟର ଦୁଇ ନାମ ଜାତୁକର୍ଣ୍ଣ ଓ କାନୀନ । ଅଗ୍ନିବେଶ୍ୟାୟନ ନାମକ ବ୍ରହ୍ମକୂଳ ଏମାନଙ୍କଠାରୁ ଜାତ । ଅନ୍ୟ ଭାଇ ଦିଷ୍ଟର ପୁତ୍ର ନାଭାଗ – ତା ପୁତ୍ର ଭଲନ୍ଦନ - ତା ପୁତ୍ର ବତ୍ସପ୍ରୀତି – ତା ପୁତ୍ର ପ୍ରାଂଶୁ – ତା ସୁତ ପ୍ରମତି – ତା ବଂଶେ ଖନିତ୍ର – ତା ପୁତ୍ର ଚାକ୍ଷୁଷ, ତା ପୁତ୍ର – ବିବିଂଶତି, ତା ପୁତ୍ର ରମ୍ଭ, ରମ୍ଭ ପୁତ୍ର ଖନିନେତ୍ର – ତା ପୁତ୍ର କରନ୍ଧମ । ତା ସୁତ ଅବୀକ୍ଷିତ । ତା ପୁତ୍ର ମରୁତ୍ତ । ମରୁତ୍ତ ଏକ ପ୍ରଖ୍ୟାତ ଯଜ୍ଞ କଲା । ମରୁତ୍ତଙ୍କ ପୁତ୍ର ଦମ । ତା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁତ୍ର ରାଜବର୍ଦ୍ଧନ । ତା ପୁତ୍ର ସୁଧୃତି – ତା ପୁତ୍ର ସୌଧୃତି । ତା ପୁତ୍ର କେବଳ । କେବଳର ପୁତ୍ର ବନ୍ଧୁମାନ । ତା କୁମର ବେଗମାନ । ତା ପୁତ୍ର ବନ୍ଧୁ । ତା ପୁତ୍ର ତୃଣବିନ୍ଦୁ । ତୃଣବିନ୍ଦୁ ପତ୍ନୀ ଅଳମ୍ବୁଷା ଅପସରା । ଏମାନଙ୍କ କନ୍ୟା ଇଡ଼ବିଡ଼ା ଯାହାର ସ୍ୱାମୀ ବିଶ୍ରବା । ବିଶ୍ରବା ଓ ଇଡ଼ବିଡ଼ାଙ୍କ ପୁତ୍ର କୁବେର । ତୃଣବିନ୍ଦୁର ଧର୍ମ ପତ୍ନୀଠାରୁ ୩ ପୁତ୍ର – ବିଶାଳ, ଶୂନ୍ୟବନ୍ଧୁ ଓ ଧୂମ୍ରକେତୁ । ବିଶ୍ୱାଳ ବୈଶାଳୀ ନଗ୍ର ବସାଇଲେ । ବିଶ୍ୱାଳଙ୍କ ପୁତ୍ର ହେମଚନ୍ଦ୍ର । ତା ପୁତ୍ର ଧୂମ୍ରାକ୍ଷ । ତା ଠାରୁ ସଂଯମ – ସଂଯମ ଠାରୁ ୨ ପୁତ୍ର କୃଶାଶ୍ୱ ଓ ଦେବଳ । କୃଶାଶ୍ୱ ପୁତ୍ର ସୋମଦତ୍ତ । ତା ପୁତ୍ର – ସୁମତି ଓ ତା ପୁତ୍ର ଜନ୍ମଜେୟ ।

ତୃତୀୟ ଅଧ୍ୟାୟରେ ମହର୍ଷି ଚ୍ୟବନ ଓ ସୁକନ୍ୟାଙ୍କ ଚରିତ; ରାଜା ଶର୍ଯ୍ୟାତିଙ୍କ ବଂଶ ବର୍ଣ୍ଣିତ । ଶର୍ଯ୍ୟାତିଙ୍କ କନ୍ୟା ସୁକନ୍ୟା । ଭୃଗୁଋଷିଙ୍କ ନନ୍ଦନ ଚ୍ୟବନ ଋଷିଙ୍କୁ ସେ ପତି ରୂପେ ବରଣ କଲେ । ଏହି ଅଧ୍ୟାୟର ଶ୍ଳୋକ ୧ ରୁ ୯ ମଧ୍ୟରେ ଏହି କନ୍ୟାର ଚ୍ୟବନ ଋଷିଙ୍କୁ ବିବାହ ରହସ୍ୟ ବର୍ଣ୍ଣିତ । ଶ୍ଳୋକ ୧୧ ରୁ ୧୬ ମଧ୍ୟରେ ଅଶ୍ୱିନୀକୁମରଙ୍କଠାରୁ ଚ୍ୟବନ ଋଷିଙ୍କ ଯୁବାବସ୍ଥା ପ୍ରାପ୍ତି ବର୍ଣ୍ଣନ । ଚ୍ୟବନ ଋଷି ଇନ୍ଦ୍ରଙ୍କ ସହ ମିଶି ଯଜ୍ଞ କରିବା ପରେ ଶର୍ଯ୍ୟାତିଙ୍କ କୁଳରେ ୩ ପୁତ୍ର – ଉତ୍ତାନବର୍ହି, ଆନର୍ତ୍ତ ଓ ଭୂରିଷେଣ (ଭୂରିସେନ) ଜନ୍ମ ହେଲେ । ଆନର୍ତ୍ତ ଓ ତାର ପତ୍ନୀଠାରୁ ପୁତ୍ର ରେବତ ଜନ୍ମ ।

ରେବତର ୧୦୦ ପୁତ୍ର । ଏମାନଙ୍କ ମଧ୍ୟରୁ ଜେଷ୍ଠ ଭାଇ କୁକୁଦ୍ମୀ । ତାର କନ୍ୟା ରେବତୀକୁ ନେଇ କୁକୁଦ୍ମୀ ବ୍ରହ୍ମାଙ୍କ ନିକଟକୁ ଯିବାରୁ ବ୍ରହ୍ମା କହିଲେ ଯେ ସେ କନ୍ୟା ବାହା ହେବା ପାଇଁ ଉପଯୁକ୍ତ ଗୋତ୍ର ନଷ୍ଟ ହୋଇଯାଇଛି । ତେଣୁ ୨୭ଟି ଚତୁର୍ଯୁଗ ପରେ ୩ ଯୁଗ ଅନ୍ତ ଆଡ଼କୁ କଳି ପୂର୍ବରୁ ଦ୍ୱାପର ଯୁଗରେ ଦେବକୀ ଗର୍ଭରେ ବଳରାମ ଜନ୍ମ ହେବେ । ରେବତୀ ତାଙ୍କୁ ବାହା ହେବେ । କୁକୁଦ୍ମୀ ଫେରିଆସି ଉପଯୁକ୍ତ ସମୟ ଆସିବାରୁ ରେବତୀକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଳରାମ ସହ ବିବାହ ଦେଲେ ।

ଚତୁର୍ଥ ଅଧ୍ୟାୟରେ ନାଭାଗ ଓ ଅମ୍ବରୀଷଙ୍କ କଥା ରଚିତ । ନଭଗର ପୁତ୍ର ନାଭାଗ । ସେ ରୁଦ୍ରଙ୍କ ଠାରୁ ଧନ ପାଇଲା । ଶ୍ଳୋକ ୧ ରୁ ୧୧ ମଧ୍ୟରେ ନାଭାଗ ରୁଦ୍ରଙ୍କ ଠାରୁ କିପରି ଧନ ପାଇଲା ସେ ରହସ୍ୟ ବର୍ଣ୍ଣିତ । ଶ୍ଳୋକ ୧୨ ରୁ ୭୧ ମଧ୍ୟରେ ନାଭାଗ ପୁତ୍ର ଅମ୍ବରୀଷ କିପରି ବ୍ରହ୍ମଶାପର ଶୀକାର ହୋଇ ଏଥିରୁ ପୁଣି ରକ୍ଷା ପାଇଲା, ଦୁର୍ବାସାଙ୍କ ଶାପରୁ ବିଷ୍ଣୁ କିପରି ତାକୁ ରକ୍ଷା କଲେ ତାହା ବର୍ଣ୍ଣିତ । ଶ୍ଳୋକ ୬୩ ରୁ ୭୦ ମଧ୍ୟରେ ଭଗବାନଙ୍କ ନିଜ ଭକ୍ତଙ୍କ ପ୍ରତି ଯେଉଁ ବିଚାର ଓ ଭାବନା ତାହା ବର୍ଣ୍ଣିତ । ନିମ୍ନ ପ୍ରକାରେ -

ମୁଁ ଯେ ଭକତ ପରାଧୀନ । ମୋ ତହୁଁ ଭକ୍ତ ନୋହେ ଭିନ୍ନ । ।
ଭକ୍ତର ଅଧୀନ ମୁଁ ହୋଇ । ସେବକ ପ୍ରାୟେ ପଛେ ଥାଇ । ।
ସାଧୁଙ୍କ ହୃଦେ ମୁଁ ବସଇ । ତାଙ୍କ ଭକତି ଭାବ ବହି । ।
ତାଙ୍କ ଭକତି ପ୍ରୀତି ମୋତେ । ଆନନ୍ଦ ଦେଉଥାଇ ଚିତ୍ତେ । ।୯/୪/୬୩
ଯେ ପଶେ ମୋହର ଶରଣେ । ସମ୍ପଦ ତୁଚ୍ଛ ପ୍ରାୟେ ମଣେ । ।
ଦାରା ମନ୍ଦିର ସୁତ ଧନ । କେବେହେଁ ନ କଲ୍ପେ ତା ମନ । ।
ଯେ ପ୍ରାଣ ଛାଡ଼େ ମୋର ହିତେ । ମୁଁ ତାକୁ ଛାଡ଼ିବି କେମନ୍ତେ । ।୯/୪/୬୫
ମୋର ଚରଣ ନିତ୍ୟେ ଚିନ୍ତି । ଚତୁର୍ଦ୍ଧା ମୁକ୍ତି ନ ବାଥନ୍ତି । ।
ଜନ୍ମ ମରଣ ତାପ ନାହିଁ । ସ୍ଥିତି ସଂହାର ଆଉ କାହିଁ । ।
ମୋର ହୃଦୟ ଭକ୍ତଜନ । ମୁହିଁଟି ତାହାଙ୍କ ଜୀବନ । ।
ମୋ ତହୁଁ ନ ଜାଣନ୍ତି ଆନ । ମୁଁ ତାଙ୍କ ପ୍ରିୟ ଇଷ୍ଟ ଧନ । ।୯/୪/୬୭, ୬୮

ପଞ୍ଚମ ଅଧ୍ୟାୟରେ ଦୁର୍ବାସାଙ୍କ ଦୁଃଖନିବୃତ୍ତି ବିଷୟ ବର୍ଣ୍ଣନା କରାଯାଇଛି । ଦୁର୍ବାସାଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠାରୁ ଅଭିଶାପ ପାଇ ଅମ୍ବରୀଷ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ଭଗବାନ ଦୁର୍ବାସାଙ୍କୁ ଦୁଃଖ ଯନ୍ତ୍ରଣା ଦେଲେ, କିନ୍ତୁ ପୁଣି ଅମ୍ବରୀଷ, ଦୁର୍ବାସାଙ୍କୁ କ୍ଷମା କରିଦେବାକୁ ଗୁହାରି କରିବାରୁ ବିଷ୍ଣୁ ଦୁର୍ବାସାଙ୍କୁ କ୍ଷମା କରିଦେଇଥିଲେ । ସୁଦର୍ଶନ ଚକ୍ର ଶାନ୍ତ ହୋଇଯିବାରୁ ଦୁର୍ବାସା, ଅମ୍ବରୀଷଙ୍କୁ ଆଶୀର୍ବାଦ ଦେବା ସଙ୍ଗେ ସଙ୍ଗେ ବହୁତ ପ୍ରସଂଶା ବି କଲେ ।

ଷଷ୍ଠ ଅଧ୍ୟାୟରେ ଇକ୍ଷ୍ୱାକୁ ବଂଶର ବର୍ଣ୍ଣନା; ମାନ୍ଧତା ଓ ସୌଭରି ଋଷିଙ୍କ କଥା ବର୍ଣ୍ଣିତ । ଅମ୍ବରୀଷଙ୍କର ୩ ପୁତ୍ର – ବିରୂପ, ଶମ୍ଭୁ ଓ କେତୁ । ବିରୂପର ପୁତ୍ର ପୃଷଦଶ୍ୱ । ପୃଷଦଶ୍ୱର ପୁତ୍ର ରଥୀତର । ରଥୀତର ଅପୁତ୍ରିକ ଥିଲେ । କ୍ଷେତ୍ରଜ ପୁତ୍ର (ନିଜ ଔରଷରୁ ସନ୍ତାନ ଅସମ୍ଭବ କ୍ଷେତ୍ରରେ) ଜାତ କରାଇବା ପାଇଁ ଅଙ୍ଗିରାଙ୍କୁ ଅନୁରୋଧ କଲା । ଅଙ୍ଗିରାର ବୀର୍ଯ୍ୟେ ୧୦୦ ପୁତ୍ର ଜନ୍ମ ହେଲେ । ବୈବସ୍ୱତ ମନୁଙ୍କ ଛିଙ୍କରୁ ଇକ୍ଷ୍ୱାକୁଙ୍କର ୧୦୦ ପୁତ୍ର ଜନ୍ମ ହେଲେ । ସେମାନଙ୍କ ମଧ୍ୟରୁ ୩ ପୁତ୍ର – ବିକୁକ୍ଷି, ନିମି ଓ ଦଣ୍ଡ ଅତି ପ୍ରତିଭାବାନ୍ ଥିଲେ ।

ଇକ୍ଷ୍ୱାକୁଙ୍କ ୧୦୦ ପୁତ୍ର ମଧ୍ୟରୁ ସାନ ୨୫ ଜଣ ପୂର୍ବଭାଗର, ଆଉ ୨୫ ପଶ୍ଚିମଭାଗର ୧ମ ୩ ପୁତ୍ର ମଧ୍ୟଭାଗର ଓ ଅବଶିଷ୍ଟ ୪୭ ପୁତ୍ର ଦକ୍ଷିଣ ଆଦି ପ୍ରାନ୍ତରର ଅଧିପତି ହେଲେ ।

ଇକ୍ଷ୍ୱାକୁ ପିତୃଶ୍ରାଦ୍ଧ ନିମନ୍ତେ ପୁତ୍ର ବିକୁକ୍ଷିକୁ ବନକୁ ପଶୁ ଆଣିବାକୁ ପଠେଇଲେ । କ୍ଷୁଧାର୍ତ୍ତ ହୋଇ ବିକୁକ୍ଷି ଜଙ୍ଗଲରେ ସଂଗୃହୀତ ପଶୁରୁ ଶଶାକୁ ମାରି ଭୋକ ମେଣ୍ଟେଇଥିଲେ । ବାପାଙ୍କ କ୍ରୋଧ ଯୋଗୁଁ ରାଜା ବିତାଡ଼ିତ ହେଲେ । ଯେତେବେଳେ ପିତାଙ୍କ ଦେହତ୍ୟାଗ ହେଲା, ବିକୁକ୍ଷି ପୁଣି ରାଜ୍ୟକୁ ଆସି ରାଜ୍ୟଶାସନ କଲେ । ବିକୁକ୍ଷି ଶଶାଦ ନାମରେ ଖ୍ୟାତ ହେଲେ । ବିକୁକ୍ଷିର ପୁତ୍ର ପୁରଞ୍ଜୟ, (ଇନ୍ଦ୍ରବାହ) । ବୃଷଭ ରୂପୀ ଇନ୍ଦ୍ରର ପୃଷ୍ଠରେ ବସି ଦୈତ୍ୟକୁ ହରାଇ ଇନ୍ଦ୍ରଙ୍କୁ ଧନ ସମ୍ପତ୍ତି ଦେବା ପରୋପକାର କରିବାରୁ ତାକୁ ଇନ୍ଦ୍ର କକୁତସ୍ଥ ନାମ ଦେଲେ । ପୁରଞ୍ଜୟର ପୁତ୍ର ଅନେନା । ଅନେନା ପୁତ୍ର ପୃଥୁ । ତା ପୁତ୍ର ବିଶ୍ୱଜିତ । ତା ପୁତ୍ର ଚନ୍ଦ୍ର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ପୁତ୍ର ଯୁବନାଶ୍ୱ । ତା ପୁତ୍ର ଶାବସ୍ତ । ତା ପୁତ୍ର ବୃହଦଶ୍ୱ । ତାର ପୁତ୍ର – କୁବଳୟାଶ୍ୱ । କୁବଳୟାଶ୍ୱର ୨୧୦୦୦ ପୁତ୍ର । ଧୁନ୍ଧୁ ଅସୁର ସହ ଯୁଦ୍ଧରେ ସମସ୍ତେ ମଲେ । କୁବଳାୟଶ୍ୱ ଧୁନ୍ଧୁ ଅସୁରକୁ ମାରିଥିବାରୁ ଧୁନ୍ଧୁମାର ନାମ ବହିଲେ । ମାତ୍ର ୩ ପୁତ୍ର ବଞ୍ଚିଲେ । ସେମାନେ - ଦୃଢ଼ାଶ୍ୱ, କପିଳାଶ୍ୱ ଓ ଭଦ୍ରାଶ୍ୱ । ଦୃଢ଼ାଶ୍ୱଙ୍କର ପୁତ୍ର ହର୍ଯ୍ୟଶ୍ୱ । ତା ପୁତ୍ର ନିକୁମ୍ଭ । ନିକୁମ୍ଭ ପୁତ୍ର, ବର୍ହଣାଶ୍ୱ । ତା ପୁତ୍ର କୃଶାଶ୍ୱ । ତା ସୁତ ସେନଜିତ । ତା ପୁତ୍ର ଯୁବନାଶ୍ୱ । ସେ ଅପୁତ୍ରିକ । ଯୁବନାଶ୍ୱ ୧୦୦ ପତ୍ନୀ ସହ ବନ ଗମନ କରି ଋଷିଙ୍କ ଆଶ୍ରମରେ ପୁତ୍ର ନିମନ୍ତେ ଯଜ୍ଞ ପ୍ରସ୍ତୁତି କଲା । ଗର୍ଭ ସଞ୍ଚାର ନିମନ୍ତେ କଳସୀରେ ଜଳ ରଖି ସମସ୍ତେ ନିଦ୍ରା ଗଲେ । ରାତିରେ ରାଜା ଯୁବନାଶ୍ୱ ଶୋଷ ମେଣ୍ଟେଇବା ପାଇଁ କଳସର ପାଣି ପିଇଲେ । ଗର୍ଭ ଧାରଣ କଲେ । ଗର୍ଭ ଚିରି ପୁତ୍ର ଜନ୍ମ କଲେ । ପୁତ୍ର କ୍ଷୀର ନ ପାଇବାରୁ, ଇନ୍ଦ୍ର ନିଜ ଅଙ୍ଗୁଳି ଚୋଷ୍ୟ କରାଇ ତାକୁ ଜୀବିତ ରଖିଲେ । ଇନ୍ଦ୍ର ତାର ନାମ ମନ୍ଧାତା ରଖିଲେ । ମାନ୍ଧାତା ଅର୍ଥ ମାଂ ଧାତା । ଦସ୍ୟୁମାନେ ତା ଭୟରେ ପଳାୟନ କରୁଥିବାରୁ ତା ନାମ ତ୍ରସଦସ୍ୟୁ ବି ହେଲା । ଏହି ନାମ ଇନ୍ଦ୍ର ଦେଲେ । ଶଶବିନ୍ଦୁ ପୁରେ ଯାଇ ମାନ୍ଧତା ସ୍ୱୟମ୍ବରେ ଶଶବିନ୍ଦୁଙ୍କ କନ୍ୟା ଇନ୍ଦୁମତୀକୁ ବାହା ହେଲେ । ଏମାନଙ୍କର ୩ ପୁତ୍ର - ପୁରୁକୁତ୍ସ, ଅମ୍ବରୀଷ ଓ ମୁଚୁକୁନ୍ଦ । ଏହାପରେ ମାନ୍ଧାତା ୫୦ କନ୍ୟା ଜନ୍ମ କଲେ । ଏମାନଙ୍କୁ ସୌଭରି ଋଷି ବାହା ହେଲେ । ଅନ୍ତଃକାଳେ ସମସ୍ତେ ତପ କରି ବିଷ୍ଣୁଙ୍କୁ ପାଇ ମୁକ୍ତି ହେଲେ । ସୌଭରି ମାଛ ସଙ୍ଗେ ସଙ୍ଗ କରି ୫୦ ସ୍ତ୍ରୀ ବାହା ହୋଇ, ପ୍ରତ୍ୟେକ ସ୍ତ୍ରୀ ଠାରୁ ୧୦୦ ପୁତ୍ର ଉତ୍ପନ୍ନ କରି ବୁଦ୍ଧିନାଶ କଲେ ।

ସପ୍ତମ ଅଧ୍ୟାୟରେ ରାଜା ତ୍ରିଶଙ୍କୁ ଓ ହରିଶ୍ଚନ୍ଦ୍ରଙ୍କ କଥା ବର୍ଣ୍ଣିତ । ମାନ୍ଧାତା ଓ ବିନ୍ଦୁମତୀଙ୍କ ପୁତ୍ର ଅମ୍ବରୀଷ । ତା ପୁତ୍ର ଯୌବନାଶ୍ୱ । ତା ପୁତ୍ର ହରୀତ । ନାଗକୁଳ ଆସି ମାନ୍ଧାତାଙ୍କ ୨ୟ ପୁତ୍ର ପୁରୁକୁତ୍ସକୁ ଘେନିଯାଇ କନ୍ୟା ନର୍ମଦାଙ୍କ ସହ ବିବାହ କଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରୁକୁତ୍ସ ଓ ନର୍ମଦାଙ୍କ ଠାରୁ ପୁତ୍ର ତ୍ରସଦସ୍ୟୁ ଜନ୍ମ ହେଲା । ତା ପୁତ୍ର ଅନରଣ୍ୟ । ତା ପୁତ୍ର ହର୍ଯ୍ୟଶ୍ୱ । ତା ପୁତ୍ର ଅରୁଣ । ତା ପୁତ୍ର ତ୍ରିବନ୍ଧନ । ତ୍ରିବନ୍ଧନର ପୁତ୍ର ସତ୍ୟବ୍ରତ ଯାହାର ଅନ୍ୟନାମ ତ୍ରିଶଙ୍କୁ । ପରସ୍ତ୍ରୀ ଅପହରଣ ହେତୁ ପିତାଙ୍କର ଅସନ୍ତୋଷ ଶୀକାର ହେବା, ବଶିଷ୍ଠଙ୍କ ଧେନୁକୁ ହତ୍ୟା କରିବା ଏବଂ ଅପ୍ରୋକ୍ଷିତ ମାଂସକୁ ଭକ୍ଷଣ କରିବା – ୩ଟି ପାପ ହେତୁ ସତ୍ୟବ୍ରତଙ୍କ ନାମ 'ତ୍ରିଶଙ୍କୁ' ହେଲା । (ଖିଳ ହରିବଂଶ । ହରିବଂଶ ପର୍ବ - ଅଧ୍ୟାୟ – ୧୨ ଓ ୧୩ ରୁ ଉଦ୍ଧୃତ) । ଦେବତାମାନେ ତାଙ୍କୁ ଠେଲି ଦେବାରୁ ବିଶ୍ୱାମିତ୍ର (କୌଶିକ) ରକ୍ଷା କରିଥିଲେ ।

ତ୍ରିଶଙ୍କୁ ପୁତ୍ର ହରିଶ୍ଚନ୍ଦ୍ର । ହରିଶ୍ଚନ୍ଦ୍ରଙ୍କ ଯଜ୍ଞରେ ବିଶ୍ୱାମିତ୍ର ଦକ୍ଷିଣା ଛଳରେ ତାଙ୍କର ସର୍ବସ୍ୱ ଅପହରଣ କରିଥିବାରୁ ଗୁରୁ ବଶିଷ୍ଠ କ୍ରୋଧିତ ହୋଇ ବିଶ୍ୱାମିତ୍ରଙ୍କୁ ହଂସରାଳି ପକ୍ଷୀ ହେବାକୁ ଅଭିଶାପ ଦେବାରୁ ବିଶ୍ୱାମିତ୍ର ମଧ୍ୟ ବଶିଷ୍ଠଙ୍କୁ ବଗ ହୋଇଯିବାକୁ ପ୍ରତିଅଭିଶାପ ଦେଇଥିଲେ । ରୋହିତର ଜନ୍ମ ପରେ ସର୍ତ୍ତ ଅନୁସାରେ ହରିଶ୍ଚନ୍ଦ୍ର ଯଜ୍ଞ ନ କରିବାରୁ ବରୁଣ ତାଙ୍କୁ ଅଟକାଇ ରଖିଲେ । ଇନ୍ଦ୍ରଙ୍କ ନିର୍ଦ୍ଦେଶ କ୍ରମେ ରୋହିତ ପିତୃଙ୍କ ଉଦ୍ଧାର ନିମନ୍ତେ ଯଜ୍ଞ ତୀର୍ଥ ଇତ୍ୟାଦି ପ୍ରସ୍ତୁତି କଲେ । ରୋହିତ ବଣରେ ୬ ବର୍ଷ ରହି ୭ମ ବର୍ଷରେ ନିଜ ଗ୍ରାମକୁ ଯାଇ ଶୁଣିଲା ଅଜିଗର୍ତ୍ତ ମୁନି ପୁତ୍ର ବିକିବା ଇଚ୍ଛୁକ । ତାଙ୍କ ମଧ୍ୟମ ପୁତ୍ର ଶୁନଃଶେଫଙ୍କୁ କିଣିଲା । (୧୬ଶ ଅଧ୍ୟାୟର ଶ୍ଳୋକ ୩୧, ୩୨ରେ ସବିସ୍ତୃତ ବର୍ଣ୍ଣନ) । ପିତାର ଅଗ୍ରେ ନେଇ ଦେବାରୁ ବରୁଣ ହରିଶ୍ଚନ୍ଦ୍ରଙ୍କୁ ଛାଡ଼ିଲେ । ହରିଶ୍ଚନ୍ଦ୍ର ବିଶ୍ୱାମିତ୍ର ବଶିଷ୍ଠ ପ୍ରଭୃତିଙ୍କୁ ନେଇ ଯଜ୍ଞ କଲେ । ମହାଯଜ୍ଞ ଉତ୍ତାରୁ ଦକ୍ଷିଣା ଦେଲେ । ପରେ ବିଶ୍ୱାମିତ୍ର ସନ୍ତୁଷ୍ଟ ହୋଇ ହରିଶ୍ଚନ୍ଦ୍ରଙ୍କୁ ସ୍ୱର୍ଗ ପ୍ରାପ୍ତିର ବର ଦେଲେ ।

ଅଷ୍ଟମ ଅଧ୍ୟାୟରେ ସଗର ଚରିତ । ରୋହିତ ପୁତ୍ର ହରିତ । ତା ପୁତ୍ର ଚମ୍ପ । ତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁତ୍ର ସୁଦେବ ।ତା ପୁତ୍ର ବିଜୟ ।ତା ପୁତ୍ର ଭରୁକ ।ତା ପୁତ୍ର ବୃକ ।ତା ପୁତ୍ର ବାହୁକ । ବାହୁକର ମୃତ୍ୟୁ ପରେ ପତ୍ନୀ ୫ ମାସ ଗର୍ଭବାସ ସମୟରେ ମୁନି ଔର୍ବଙ୍କ ଆଶ୍ରମରେ ରହିଲା । ସପତ୍ନୀମାନେ ଗରଳ ଦେଲେ କିନ୍ତୁ ତାହା କାମ ଦେଲା ନାହିଁ ।ଗରଳ ଖାଇ ବି ପୁତ୍ର ଜନ୍ମ ହେବାରୁ ତା ନାମ ସଗର ହେଲା ।ସଗରର ୨ ପତ୍ନୀ – ସୁମତି ଓ ୨ୟ ପତ୍ନୀ କେଶିନୀ । ସୁମତିର ୬୦୦୦୦ ପୁତ୍ର ।ସେମାନେ ବଡ଼ ଉଦଣ୍ଡ, ଅତ୍ୟାଚାରୀ । ସଗର ଯଜ୍ଞ ନିମନ୍ତେ ଅଶ୍ୱ ଛାଡ଼ିଲେ । ସେ ଅଶ୍ୱ ଇନ୍ଦ୍ର ନେଇ କପିଳ ମୁନିଙ୍କ ଆଶ୍ରମରେ ବାନ୍ଧିଲେ । କପିଳ ମୁନିଙ୍କୁ ଅଶ୍ୱଚୋର ଭାବି ୬୦୦୦୦ ପୁତ୍ର ତାଙ୍କୁ ମାରିଦେବାକୁ ଚେଷ୍ଟା କଲେ ।ଧ୍ୟାନ ଭାଙ୍ଗିବାରୁ କ୍ରୋଧିତ କପିଳ ମୁନିଙ୍କ କ୍ରୋଧାଗ୍ନୀରେ ସମସ୍ତେ ଦଗ୍ଧ ହେଲେ । ସଗରଙ୍କ ୨ୟ ପତ୍ନୀ କେଶିନୀଙ୍କ ପୁତ୍ର ଅସମଞ୍ଜସ୍ୟ ।ତା ପୁତ୍ର ଅଂଶୁମାନ ।ଶ୍ଳୋକ ୧୬ ରୁ ୧୯ ମଧ୍ୟରେ ଅସମଞ୍ଜସ୍ୟର କୁକର୍ମ ବର୍ଣ୍ଣନ ।କିନ୍ତୁ ଯୋଗ ବଳରେ ପୁଣି ଅଯୋଧ୍ୟାର ପୁତ୍ରମାନଙ୍କୁ ଆନୟନ । ଶ୍ଳୋକ୨୦ ରୁ ୩୧ ମଧ୍ୟରେ ଅଂଶୁମାନ କପିଳ ମୁନିଙ୍କଠାରୁ ସ୍ତୁତି ପୁର୍ବକ ପ୍ରାର୍ଥନା କରି ଅଶ୍ୱ ଆଣି ସଗରଙ୍କୁ ଦେଲା ଓ ଯଜ୍ଞ ହେଲା ।

ନବମ ଅଧ୍ୟାୟରେ ଭଗୀରଥ ଚରିତ ଓ ଗଙ୍ଗାବତରଣ ବର୍ଣ୍ଣିତ ।ଅଂଶୁମାନ ଗଙ୍ଗା ଆଣିବାକୁ ତପ କଲା ।କିନ୍ତୁ ପାରିଲା ନାହିଁ ।ତା ପୁତ୍ର ଦିଲୀପ ବି ବିଫଳ ହୋଇ କାଳର ବଳେ ମୃତ୍ୟୁ ଲଭିଲା ।ତା ପୁତ୍ର ଭଗୀରଥ ଗଙ୍ଗାକୁ ସନ୍ତୁଷ୍ଟ କରି ଆଣିବାକୁ ଚାହିଁଲେ ।କିନ୍ତୁ ଗଙ୍ଗାଙ୍କ ନିର୍ଦ୍ଦେଶ କ୍ରମେ ଶିବଙ୍କୁ ସନ୍ତୁଷ୍ଟ କରାଇବା ପରେ ଶିବଙ୍କ ଜଟା ମାଧ୍ୟମରେ ଗଙ୍ଗା କପିଳ ମୁନିଙ୍କ ଆଶ୍ରମରେ ମିଳି ୬୦୦୦୦ ପୁତ୍ରଙ୍କୁ ମୋକ୍ଷ କଲେ ।

ଭଗୀରଥ ପୁତ୍ର ଶ୍ରୁତ ।ତା ପୁତ୍ର ନାଭ ।(ଏହି ନାଭ ପୂର୍ବୋକ୍ତ ନାଭ ଠାରୁ ଭିନ୍ନ)। ତା ପୁତ୍ର ସିନ୍ଧୁଦ୍ୱୀପ ।ତା ପୁତ୍ର ଅୟୁତାୟୁ ।ତା ପୁତ୍ର ଋତୁପର୍ଣ୍ଣ ।ଋତୁପର୍ଣ୍ଣ ସଖା ନଳ ।ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନଳଙ୍କୁ ପଶା ଖେଳ ଶିଖାଇ ତାଙ୍କଠାରୁ ଅଶ୍ୱବିଦ୍ୟା ଶକ୍ଷିଥିଲେ । ଋତୁପର୍ଣ୍ଣର ପୁତ୍ର ସର୍ବକାମ । ତା ପୁତ୍ର ସୁଦାସ । ତା ପୁତ୍ର ସୌଦାସ । ସୌଦାସଙ୍କ ପତ୍ନୀ ମଦୟନ୍ତୀ । ସୌଦାସଙ୍କ ଅନ୍ୟନାମ ମିତ୍ରସହ ବା କଲ୍ମାଷପାଦ । ସେ ବଶିଷ୍ଠଙ୍କ ଶାପରୁ ରାକ୍ଷସ ହୋଇଯାଇଥିଲେ ଓ ନିଃସନ୍ତାନ ଥିଲେ । ଶ୍ଳୋକ ୨୦ ରୁ ୨୫ ମଧ୍ୟରେ ସୌଦାସ କିପରି ରାକ୍ଷସ ହେଲେ ଓ ତାଙ୍କ ନାମ ମିତ୍ରସହ ଓ କଲ୍ମାଷପାଦ କାହିଁକି ହେଲା ବର୍ଣ୍ଣିତ । ବଶିଷ୍ଠଙ୍କ ଶାପ ପରେ ୧୨ ବର୍ଷ ପରେ ସୌଦାସ ସ୍ତ୍ରୀ ମଦୟନ୍ତୀଙ୍କ ପାଖକୁ ଯାଇ ସହବାସ ପ୍ରସ୍ତାବ ରଖିବାରୁ ଶାପ କଥା ମନେ ପକାଇ ସେ ମନା କଲେ । ସୌଦାସଙ୍କ ବଂଶ ରକ୍ଷା ଇଚ୍ଛା ଅନୁରୋଧ କ୍ରମେ ବଶିଷ୍ଠ ସଙ୍ଗେ ସଙ୍ଗ କରି ମଦୟନ୍ତୀ ଗର୍ଭ ଧରି ସାତ ବର୍ଷ ପର୍ଯ୍ୟନ୍ତ ଜନ୍ମ ନ ହେବାରୁ ବଶିଷ୍ଠ ଉଦରରେ ଅଶ୍ମ (ପଥର) ଛେଚି ସନ୍ତାନ ଜନ୍ମ କରାଇବାରୁ ତା ନାମ ଅଶ୍ମକ ହୋଇଗଲା । ଅଶ୍ମକର ପୁତ୍ର ମୂଳକ । ପରଶୁରାମ କ୍ଷତ୍ରୀଶୂନ୍ୟ କଲାବେଳେ ମୂଳକ ନାରୀମାନଙ୍କ ଦ୍ୱାରା ଲୁକ୍କାୟିତ ରହିବାରୁ ତା ନାମ ନାରୀକବଚ ହେଲା । ଶ୍ଳୋକ ୪୨ ରୁ ୪୯ ମଧ୍ୟରେ ଖଟ୍ୱାଙ୍ଗଙ୍କ ସଂସାର ବୈରାଗୀ ଓ ବିଷୟ ବିମୁଖ ଏବଂ ବିଷ୍ଣୁଭକ୍ତି ଓ ଭଗବାନଙ୍କ ଠାରେ ଲୀନ ହେବା ବିଷୟ ବର୍ଣ୍ଣିତ ।

ଦଶମ ଅଧ୍ୟାୟରେ ଭଗବାନ ଶ୍ରୀରାମଙ୍କ ବିଭିନ୍ନ ଲୀଳା ବର୍ଣ୍ଣନ । ଖଟ୍ୱାଙ୍ଗ ପୁତ୍ର ଦୀର୍ଘବାହୁ । ତା ପୁତ୍ର ରଘୁ । ରଘୁ ପୁତ୍ର ଅଜ । ଅଜଙ୍କ ପୁତ୍ର ଦଶରଥ । ଦଶରଥଙ୍କଠାରୁ ଶ୍ରୀରାମ ଓ ଅନ୍ୟ ତିନି ଭାଇଙ୍କ ଜନ୍ମ । ରାମଙ୍କ ଶିବଧନୁ ଭଗ୍ନ ଓ ସୀତାଙ୍କ ସହ ବିବାହ । ଭୃଗୁବଂଶୀ ପର୍ଶୁରାମଙ୍କ ଗର୍ବ ଗଞ୍ଜନ । ଶ୍ଳୋକ ୮ ରୁ ୧୯ ମଧ୍ୟରେ ରାମ ଚରିତ ପୂଣ୍ୟ କଥା ବର୍ଣ୍ଣନ ।

ଏକାଦଶ ଅଧ୍ୟାୟରେ ଶ୍ରୀରାମଙ୍କ ଲୀଳା ବର୍ଣ୍ଣନର ଅବଶିଷ୍ଟାଂଶ । ରାମଙ୍କ ପୁତ୍ର ଲବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓ କୁଶ । ଲକ୍ଷ୍ମଣଙ୍କ ପୁତ୍ର ଅଙ୍ଗଦ ଓ ଚିତ୍ରକେତୁ । ଭରତଙ୍କ ପୁତ୍ର ତକ୍ଷ ଓ ପୁଷ୍କଳ । ଶତ୍ରୁଘ୍ନ ପୁତ୍ର ସୁବାହୁ ଓ ଶ୍ରୁତସେନ ।

ଦ୍ୱାଦଶ ଅଧ୍ୟାୟରେ ଇକ୍ଷ୍ୱାକୁ ବଂଶର ଅବଶିଷ୍ଟ ରାଜାମାନଙ୍କର ବର୍ଣ୍ଣନା । କୁଶର ପୁତ୍ର ଅତିଥି । ତା ପୁତ୍ର ନିଷିଧ – ତା ପୁତ୍ର ନଭ – ତା ପରେ କ୍ରମରେ ପୁଣ୍ଡରୀକ – କ୍ଷେମଧନ୍ୱା-ଦେବାନୀକ - ଅନୀହ - ପାରିଯାତ୍ର – ବଳସ୍ଥଳ – ବଜ୍ରନାଭ – ଖଗଣ – ବିଧୃତି – ହିରଣ୍ୟନାଭ । ହିରଣ୍ୟନାଭ ଜୈମିନିର ଶିଷ୍ୟ ଓ ତା ଶିଷ୍ୟ ଯାଜ୍ଞବଲ୍କ୍ୟ । ହିରଣ୍ୟନାଭର ପୁତ୍ର ପୁଷ୍ୟ । ତା ପୁତ୍ର ଧ୍ରୁବସନ୍ଧି । ତା ପୁତ୍ର ସୁଦର୍ଶନ - ତା ପୁତ୍ର ଅଗ୍ନିବର୍ଣ୍ଣ – ତା ପୁତ୍ର ଶୀଘ୍ର – ତା ପୁତ୍ର ମରୁ (ଯେ କଳାପ ଗ୍ରାମରେ ଅଛନ୍ତି) । ମରୁଙ୍କ ପୁତ୍ର ପ୍ରସୁଶ୍ରୁତ – କ୍ରମରେ ସନ୍ଧି - ଅମର୍ଷଣ – ମହସ୍ୱାନ - ବିଶ୍ୱସାହ୍ୱ । ତା ପୁତ୍ର ପ୍ରସେନ୍‌ଜିତ୍ । । ତା ପୁତ୍ର ତକ୍ଷକ – ତା ପୁତ୍ର ବୃହଦ୍ବଳ ଯାହାକୁ ଅଭିମନ୍ୟୁ ଯୁଦ୍ଧରେ ମାରିଦେଇଥିଲେ ।

ଭବିଷ୍ୟତରେ ହେବେ ବୃହଦ୍ବଳଙ୍କ ପୁତ୍ର ବୃହଦ୍ରଣ । ତା ପୁତ୍ର ଉରୁକ୍ରିୟା – ତା ପୁତ୍ର ବତ୍ସବୃଦ୍ଧ - ତା ପୁତ୍ର ପ୍ରତିବ୍ୟୋମ – ତା ପୁତ୍ର ଭାନୁ ଓ ଭାନୁ ପୁତ୍ର ଦିବାକ । ଦିବାକ ପୁତ୍ର ସହଦେବ – କ୍ରମରେ ବୃହଦଶ୍ୱ – ଭାନୁମାନ୍ - ପ୍ରତୀକାଶ୍ୱ – ସୁପ୍ରତୀକ – ମରୁଦେବ – ସୁନକ୍ଷତ୍ର - ପୁଷ୍କର - ଅନ୍ତରୀକ୍ଷ – ସୁତପା - ଅମିତ୍ରଜିତ୍ – ବୃହଦ୍ରାଜ – ବର୍ହି – କୃତଞ୍ଜୟ – ତା ପୁତ୍ର ରଣଞ୍ଜୟ – ରଣଞ୍ଜୟ ପୁତ୍ର ସଞ୍ଜୟ । ସଞ୍ଜୟର ପୁତ୍ର ଶାକ୍ୟ – ଶୁଦ୍ଧୋଦ - ଲାଙ୍ଗଳ - ପ୍ରସେନ୍‌ଜିତ୍ – କ୍ଷୁଦ୍ରକ – ରଣକ – ସୁରଥ - ସୁମିତ୍ର । ସୁମିତ୍ର ଏହି ବଂଶର ଶେଷରାଜା । ବୃହଦ୍ବଳଠାରୁ ସୁମିତ୍ର ପର୍ଯ୍ୟନ୍ତ ବୃହଦ୍ବଳ ବଂଶ ହେବେ ।

ତ୍ରୟୋଦଶ ଅଧ୍ୟାୟରେ ରାଜା ନିମିଙ୍କ ବଂଶ ବର୍ଣ୍ଣନା । ନିମି ଇକ୍ଷ୍ୱାକୁଙ୍କର ଅନ୍ୟ ଏକ ପୁତ୍ର । ସେ ଯଜ୍ଞର ଆୟୋଜନ କରି ବଶିଷ୍ଠଙ୍କୁ ଋତ୍ୱିକରୂପେ ବରଣ କଲେ । କିନ୍ତୁ ଇନ୍ଦ୍ରଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଜ୍ଞ ସମାପନ କରି ସେ ଆସିବେ ବୋଲି କହିବାରୁ ବିଳମ୍ବ ନ କରି ନିମି ଅନ୍ୟ ଋତ୍ୱିକଙ୍କ ଦ୍ୱାରା ଯଜ୍ଞ ସମ୍ପାପନ କଲେ । ବଶିଷ୍ଠ ଫେରିଆସି ଯଜ୍ଞ ସମାପନ ହୋଇଯାଇଥିବା ଜାଣି ପାରି ନିମିଙ୍କୁ ଅଭିଶାପ ଦେଲେ ଯେ ନିମିଙ୍କର ଦେହତ୍ୟାଗ ହୋଇଯାଉ । ଏହି ଅଭିଶାପ ଧର୍ମସଙ୍ଗତ ନୁହେଁ ଭାବି ନିମି ବି ବଶିଷ୍ଠଙ୍କୁ ଦେହତ୍ୟାଗ ହେବା ଅଭିଶାପ ଦେଲେ । ନିମିଙ୍କ ଦେହତ୍ୟାଗ ହେଲା । ଏପଟେ ଶୁକଦେବଙ୍କ ପ୍ରପିତାମହ ବଶିଷ୍ଠଙ୍କର ମଧ୍ୟ ଦେହାନ୍ତ ହେଲା । ବଶିଷ୍ଠ ପୁଣି ମିତ୍ରାବରୁଣଙ୍କ ଔରସରୁ ଉର୍ବଶୀଙ୍କଠାରୁ ଜନ୍ମ ହେଲେ । ଏଣେ ରାଜା ନିମିଙ୍କ ଯଜ୍ଞକୁ ଆସିଥିବା ମୁନିମାନେ ନିମିଙ୍କ ମୃତ ଶରୀରକୁ ସୁରକ୍ଷିତ ରଖିଥିଲେ । ପରେ ଦେବତାମାନଙ୍କୁ ପ୍ରାର୍ଥନା କରି ନିମିଙ୍କୁ ପୁନର୍ଜୀବିତ କରିପାରିଲେ । କିନ୍ତୁ ନିମି କହିଲେ -

ସକଳ ଦୁଃଖ ଏ ଶରୀରେ । ମରଣ ଭୟେ ନିରନ୍ତରେ । ।
ଜନ୍ମି ମରଇ ରାତ୍ରଦିନେ । ଅଶେଷ ବ୍ୟାଧି ଅନୁକ୍ଷଣେ । ।
ମୂତ୍ର ପୁରୀଷ କୃମିସ୍ଥାନ । ମାୟାରେ ହୋଏ ହତଜ୍ଞାନ । ।
କାମାଦି ଶତ୍ରୁ ମଧ୍ୟେ ରହେ । ନିରତେ ଅହଂକାର ବହେ । ।
ମୃତ୍ୟୁ ସମୁଦ୍ରେ ନିତି ବୁଡ଼େ । ପୁଣି ପଶଇ ପୁଣି ଛାଡ଼େ । ।
ପୁରୀଷ ଭସ୍ମ କୀଟ ଅନ୍ତେ । ଦୁର୍ଗନ୍ଧ ବହଇ ନିରତେ । ।
ରୋଗଙ୍କ ମନ୍ଦିର ମାତର । ସ୍ୱଭାବେ ଦୁଃଖ ଏ ଶରୀର । ।୯/୧୩/୯,୧୦

ନିମି ଜୀବିତ ରହିବା ଇଛା କଲେ ନାହିଁ । ତେଣୁ ମହର୍ଷିମାନେ ତାଙ୍କ ଶରୀର ମନ୍ଥନ କଲେ । ସେହି ମନ୍ଥନରୁ ଗୋଟିଏ ପୁତ୍ର ଜନ୍ମ ହେଲା । ଜନ୍ମ ଗ୍ରହଣ କରିଥିବାରୁ ତାଙ୍କ ନାମ ଜନକ ରଖାଗଲା । ବିଦେହଙ୍କ ଅଂଶରେ ଜାତ ହୋଇଥିବାରୁ 'ବୈଦେହ' ଏବଂ ମନ୍ଥନରୁ ଉତ୍ପନ୍ନ ହୋଇଥିବାରୁ ସେହି ବାଳକର ନାମ 'ମୈଥିଳ' ରଖାଗଲା । ସେ ମିଥିଳାପୁରୀ ସ୍ଥାପନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେ ।

ଜନକର ସୁତ ଉଦାବସୁ – କ୍ରମରେ ତା ପୁତ୍ର ପୌତ୍ର - ନନ୍ଦବର୍ଦ୍ଧନ - ସୁକେତୁ – ଦେବରାତ – ବୃହଦ୍ରଥ - ମହାବୀର୍ଯ୍ୟ – ସୁଧୃତି - ଧୃଷ୍ଟକେତୁ – ହର୍ଯ୍ୟଶ୍ୱ – ମରୁ - ପ୍ରତୀପକ – କୃତିରଥ - ଦେବମୀଢ଼ – ବିଶ୍ରୁତ – ମହାଧୃତି –କୃତିରାଜ – ମହାରୋମ – ସ୍ୱର୍ଣ୍ଣରୋମା – ହ୍ରସ୍ୱରୋମା । ହ୍ରସ୍ୱରୋମାଙ୍କ ପୁତ୍ର ସୀରଧ୍ୱଜ । ସେ ଯଜ୍ଞ ନିମନ୍ତେ ଭୂମି କର୍ଷଣ କରୁଥିବା ବେଳେ ତାଙ୍କ ସୀର (ଲଙ୍ଗଳ)ର ଅଗ୍ରଭାଗରୁ (ଫାଳରୁ) ସୀତାଙ୍କ ଉତ୍ପତ୍ତି । ତେଣୁ ସେହି ରାଜାଙ୍କ ନାମ ସୀରଧ୍ୱଜ । ସୀରଧ୍ୱଜଙ୍କ ପୁତ୍ର କୁଶଧ୍ୱଜ ଓ ପାଳିତା କନ୍ୟା ସୀତା । କୁଶଧ୍ୱଜଙ୍କ ପୁତ୍ର ଧର୍ମଧ୍ୱଜ । ତାଙ୍କର ୨ ପୁତ୍ର- କୃତଧ୍ୱଜ ଓ ମିତଧ୍ୱଜ । କୃତଧ୍ୱଜଙ୍କର ପୁତ୍ର କେଶିଧ୍ୱଜ ଏବଂ ମିତଧ୍ୱଜଙ୍କର ପୁତ୍ର ଖାଣ୍ଡିକ୍ୟ । କେଶିଧ୍ୱଜ ଆତ୍ମବିଦ୍ୟାରେ ନିପୁଣ ଥିଲେ ଏବଂ ମିତଧ୍ୱଜ କର୍ମକାଣ୍ଡରେ ମର୍ମଜ୍ଞ । କିନ୍ତୁ ସେ କେଶିଧ୍ୱଜଙ୍କ ହେତୁ ଭୟଭୀତ ହୋଇ ରାଜ୍ୟରୁ ପଳାଇଗଲେ । କେଶିଧ୍ୱଜଙ୍କ ପୁତ୍ର ଭାନୁମାନ । ତା ପୁତ୍ର ଶତଦ୍ୟୁମ୍ନ । ଶତଦ୍ୟୁମ୍ନର ପୁତ୍ର ଶୁଚି – ତା ପୁତ୍ର ସନଦ୍ୱାଜ – ତା ପୁତ୍ର ଊର୍ଦ୍ଧ୍ୱକେତୁ – ତା ପୁତ୍ର ପୁରୁଜିତ । ମୂଳ ସଂସ୍କୃତ ଅନୁସାରେ ଊର୍ଦ୍ଧ୍ୱକେତୁର ପୁତ୍ର ଅଜ ଓ ଅଜର ପୁତ୍ର ପୁରୁଜିତ । ପୁରୁଜିତଙ୍କର ପୁତ୍ର ଅରିଷ୍ଟନେମି – ତା ପୁତ୍ର ପୌତ୍ର କ୍ରମରେ – ଶତାୟୁ –ସୁପାଶ୍ୱର୍କ – ଚକ୍ଷୁରଥ - କ୍ଷେମଧି – ସମରଥ - ସତ୍ୟରଥ - ଉପଗୁରୁ – ଉପଯୁକ୍ତ (ଅଗ୍ନିଙ୍କ ଅଂଶ ଥିଲେ) – ବସ୍ୱନନ୍ତ- ଯୁଯୁଧ- ସୁଭାଷଣ – ଶ୍ରୁତ – ଜୟ – ବିଜୟ – ଋତ – ଶୁନକ – ବୀତହବ୍ୟ - ଧୃତି – ବହୁଳାଶ୍ୱ – କୃତି – ମହାବଶ (ସଂସ୍କୃତ ଭାଗବତର ମହାବଳୀ) ।

ଚତୁର୍ଦ୍ଦଶ ଅଧ୍ୟାୟରେ ଚନ୍ଦ୍ରବଂଶର ବର୍ଣ୍ଣନା । ଅନନ୍ତ(ବିଷ୍ଣୁ)ଙ୍କର ସହସ୍ରଶିର । ତାଙ୍କ ନାଭିପଦ୍ମରୁ ବ୍ରହ୍ମା ଜାତ । ବ୍ରହ୍ମାଙ୍କ ଠାରୁ ମରୀଚି ଆଦି ପୁତ୍ର । ସାତ ପୁତ୍ରଙ୍କ ମଧ୍ୟରୁ ଅତ୍ରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁନି ଥରେ ତପ କରୁଥିବା ସମୟରେ ତା ଅଶ୍ରୁଜଳରୁ ସୋମ(ଚନ୍ଦ୍ର) ଜାତ ହେଲେ । ସେ ଗୁରୁ ପତ୍ନୀ (ବୃହସ୍ପତୀଙ୍କ ପତ୍ନୀ ତାରା)ଙ୍କୁ ବଳେ ହରିଲେ । ଗୁରୁ ତାରାଙ୍କୁ ଫେରାଇ ଦେବା ପାଇଁ ଚନ୍ଦ୍ରଙ୍କୁ କହିଲେ । କିନ୍ତୁ ଚନ୍ଦ୍ର ନ ମାନିବାରୁ ଚନ୍ଦ୍ର ବିରୁଦ୍ଧରେ ଇନ୍ଦ୍ର ସହ ସବୁ ଦେବତା ଯୁଦ୍ଧ ଆହ୍ୱାନ ଦେଲେ । ଅସୁରମାନେ ଚନ୍ଦ୍ରଙ୍କୁ ସପକ୍ଷ ହେଲେ । ଦେବ ଓ ଅସୁର ମଧ୍ୟରେ ଯୁଦ୍ଧ ହେଲା । ବ୍ରହ୍ମାଙ୍କ ମଧ୍ୟସ୍ଥିରେ ତାରାଙ୍କୁ ଫେରେଇବା ବେଳେ ବୃହସ୍ପତି, ତାରା ଗର୍ଭବାସ ହୋଇଥିବାରୁ ତାଙ୍କୁ ଗ୍ରହଣ କଲେ ନାହିଁ ଓ ଶାପ ଦେବାକୁ ଉଦ୍ୟତ ହେବାରୁ ତାରା ଭୟରେ କମ୍ପିବାରୁ ତାଙ୍କ ଗର୍ଭରୁ ଏକ କୁମର ଜାତ ହୋଇଗଲା । ସୁନ୍ଦର ପୁତ୍ର ଦେଖି ବୃହସ୍ପତି ଓ ଚନ୍ଦ୍ର ନିଜ ପୁତ୍ର ବୋଲି କଳହ କରିବାରୁ ତାରାଙ୍କ କହିବା ପ୍ରକାରେ ସେ ଚନ୍ଦ୍ରର ପୁତ୍ର ହୋଇଥିବାରୁ ତାକୁ ଚନ୍ଦ୍ର ଗ୍ରହଣ କଲେ । ସେ ପୁତ୍ର ରୂପ ଓ ଗୁଣରେ ସମସ୍ତଙ୍କୁ ବୋଧ ହେବାରୁ ତା ନାମ ବୁଧ ହେଲା । ସେ ବୁଧ ଇଳା (ସ୍ତ୍ରୀରୂପୀ ସୁଦ୍ୟୁମ୍ନ) ଗର୍ଭରେ ପୁରୁରବା ପୁତ୍ର ଜନ୍ମ କଲା । ସୁରଭୁବନେ ଉର୍ବଶୀ ଗନ୍ଧର୍ବ ମିତ୍ରାବରୁଣଙ୍କୁ ଲଂଘିଲା । ଅର୍ଥାତ୍ ଏକଦା ନାରଦ ଦେବସଭାରେ ପୁରୁରବାଙ୍କ ଗୁଣ ରୂପ ଇତ୍ୟାଦି ଚର୍ଚ୍ଚା କରିବା ବେଳେ, ତାହା ଶୁଣି ଉର୍ବଶୀ କାମପୀଡ଼ିତା ହେଲା । ଏହା ଦେଖି ମିତ୍ରାବରୁଣ ତାକୁ ଅଭିଶାପ ଦେଇ କହିଲେ – ତୁ ମନୁଷ୍ୟ ପ୍ରତି ଆସକ୍ତ ହେଉଥିବାରୁ ମୃତ୍ୟୁଲୋକକୁ ଯାଇ ମନୁଷ୍ୟ ସ୍ୱଭାବ ଗ୍ରହଣ କରିବୁ । ତା ପରେ ଉର୍ବଶୀ ନରଲୋକେ ଗଲା । ପୁରୁରବା ତାକୁ ଦେଖି କାମ ଭିକ୍ଷା କଲେ ।

ଉର୍ବଶୀଙ୍କ ସଙ୍ଗେ ପୁରୁରବା ରହିବାରୁ ଇନ୍ଦ୍ର ଅନୁସନ୍ଧାନ କରି ଜାଣିବା ପରେ ପୁରନ୍ଦରକୁ ପଠାଇଲେ । ପୁରୁରବା ଉର୍ବଶୀଙ୍କ ଦୁଇ ମେଷକୁ ସର୍ତ୍ତ ଅନୁସାରେ ପାଳିଥିଲେ । ସେହି ମେଷ ଦୁଇଟିକୁ ପୁରନ୍ଦର ଚୋରାଇ ନେଇଗଲେ । ପୁରୁରବା ମେଷ ପୁନଃ ପ୍ରାପ୍ତି କରି ଉର୍ବଶୀଙ୍କ ପାଖକୁ ଗଲାବେଳେ ଉର୍ବଶୀ ଚାଲିଯାଇଥିଲେ । ପୁରୁରବା ସରସ୍ୱତୀ କୂଳେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉର୍ବଶୀଙ୍କୁ ପାଇ ଅନୁରୋଧ କଲେ । ଏବଂ ସେ ଛାଡ଼ି ଚାଲିଗଲେ ପ୍ରାଣତ୍ୟାଗ କରିଦେବେ ବୋଲି କହିଲେ । ଉର୍ବଶୀ ନାରୀଙ୍କ କୁସ୍ୱଭାବ ବିଷୟ ପୁରୁରବାଙ୍କୁ ବର୍ଣ୍ଣନା କଲେ । ନିମ୍ନ ପ୍ରକାରେ ବୁଝାଇଲେ -

ସ୍ତିରୀଙ୍କ ଦେହେ ଯେତେ ଗୁଣ । ରାଜନ ସାବଧାନେ ଶୁଣ । ।
ନିର୍ଦ୍ଦୟ କପଟ କଠିନ । ସାହସ ଆଦି ଚାରିଗୁଣ । ।
ଅଳପ କ୍ରୋଧେ ପ୍ରାଣ ନ୍ୟନ୍ତି । ପତି ଭ୍ରାତାଙ୍କୁ ନ ଗଣନ୍ତି । ।
ଅଜ୍ଞାନ ଭାବେ ଥାନ୍ତି ନିତ୍ୟେ । ବାଥନ୍ତି କାମଭୋଗ ଚିତ୍ତେ । ।
ସ୍ୱଭାବେ ନିତ୍ୟେ ହୋନ୍ତି କାମୀ । ଇଚ୍ଛନ୍ତି ନବ ନବ ସ୍ୱାମୀ । ।
ନାରୀଙ୍କ ସ୍ୱଭାବ ଏମନ୍ତ । କିମ୍ପା ତୁ କରୁ ଦୁଃଖଚିତ୍ତ । ।

ସମ୍ବତ୍ସର ଅନ୍ତେ ଆସି ତାଙ୍କ ସହ ରମିବା ସର୍ତ୍ତ ରଖିଲେ । ପୁରୁରବା ପୁରା ସତ୍ୟ ଯୁଗ ସାରା ଉର୍ବଶୀ ପ୍ରାପ୍ତି ଉଦ୍ଦେଶ୍ୟରେ ବିଭିନ୍ନ କର୍ମ କରି ରହିଲା । ସତ୍ୟ ଅନ୍ତେ ତ୍ରେତୟାରେ (ଶ୍ଳୋକ ୪୩) ପୁରୁରବା ଯଜ୍ଞ ଅଗ୍ନି ନିମନ୍ତେ ବନକୁ ଗଲେ । ଅଗ୍ନି ନ ପାଇ ସେ ଅଗ୍ନିଭାଣ୍ଡକୁ ବୃକ୍ଷତଳେ ଥୋଇଦେଲେ । ସେ ବୃକ୍ଷ ଅଶ୍ୱତ୍ଥ ଓ ଶମୀବୃକ୍ଷ ହୋଇଗଲା । ଏହି ଗଛର କାଷ୍ଠକୁ ଘର୍ଷଣ (ମନ୍ଥି) କରି ଅଗ୍ନି ବାହାର କଲେ । ସେଥିପାଇଁ ଏହି କାଠକୁ ଯଜ୍ଞର ଅରଣି ରୂପେ ବ୍ୟବହାର କରାଯାଏ । ସେ ରାଜା ଉର୍ବଶୀଙ୍କୁ ମନେ ସ୍ମରଣ କରି ସେହି କାଷ୍ଠକୁ ଘଷି ଅଗ୍ନି ବାହାର କରି ଯଜ୍ଞ କଲେ । ଆହୁତି ଦେବାରୁ ଉର୍ବଶୀ ଯଜ୍ଞ ସ୍ଥଳେ ମିଳିଲେ । ଯଜ୍ଞ ପୁରୁଷ ପ୍ରସନ୍ନ ହେବାରୁ ବିଷ୍ଣୁ ସେମାନଙ୍କ ମନରେ ପ୍ରବେଶ ହେଲେ ଓ ପୁରୁରବା ଏବଂ ଉର୍ବଶୀଙ୍କ ରତିରୁ ଅଗ୍ନି ତେଜ ନେଇ ପୁତ୍ର ଜନ୍ମ ହେଲେ ।

ପଦଶ ଅଧ୍ୟାୟରେ ଋଚିକ, ଜମଦଗ୍ନି ଓ ପରଶୁରାମଙ୍କ ଚରିତ । ପୁରୁରବା ଓ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉର୍ବଶୀଙ୍କ ଠାରୁ ବିଷ୍ଣୁ ତେଜରେ ୬ ପୁତ୍ର ଜନ୍ମ ହେଲେ । ସେମାନେ ହେଲେ - ଆୟୁ, ଶ୍ରୁତାୟୁ, ରୟ, ସତ୍ୟାୟୁ, ବିଜୟ ଓ ଜୟ । ଶ୍ରୁତାୟୁର ପୁତ୍ର ବସୁମାନ । ରୟର ପୁତ୍ର ନାମ ଏକ । ସତ୍ୟାୟୁର ପୁତ୍ର ଶ୍ରୁତଞ୍ଜୟ । ଜୟର ପୁତ୍ର ଅମିତ । ବିଜୟର ପୁତ୍ର ଭୀମ । ଭିମ ପୁତ୍ର କାନ - ତା ପୁତ୍ର ହୋତ୍ରୁ –ତା ସୁତ – ଜହ୍ନୁ । ତା ପୁତ୍ର ପୂରୁ – ତା ପୁତ୍ର ବଳାକ – ତା ସୁତ ଅଜକ – ତା ସୁତ କୁଶ । କୁଶର ୪ ପୁତ୍ର – କୁଶାମ୍ବୁ, ତନୟ, ବସୁ ଓ କୁଶନାଭ । ପ୍ରଥମ ପୁତ୍ରର କୁଶାମ୍ବୁର ପୁତ୍ର ଗାଧି । ଗାଧିର କନ୍ୟା ସତ୍ୟବତୀ । ଋଚୀକ ନାମେ ବ୍ରହ୍ମଋଷି ଗାଧିଙ୍କୁ ସତ୍ୟବତୀ କନ୍ୟାକୁ ବିବାହ ନିମନ୍ତେ ମାଗିବାରୁ ତାଙ୍କ ବୃଦ୍ଧାବସ୍ଥା ଦେଖି ଗାଧି ମନା କଲେ । ଅଶ୍ୱ ଯେଉଁ ମାନଙ୍କର ଶରୀର ଚନ୍ଦ୍ର ତୁଲ୍ୟ ତେଜୀୟାନ୍, ସେହିଭଳି ସହସ୍ର ଅଶ୍ୱ ଦେଲେ ସେ କନ୍ୟାଦାନ କରିବେ ବୋଲି କହିଲେ । ଋଚୀକ ବରୁଣଙ୍କଠାରୁ ସେହିଭଳି ଅଶ୍ୱ ଆଣି ଗାଧିଙ୍କୁ ଦେଇ ସତ୍ୟବତୀଙ୍କୁ ବାହା ହେଲେ । ସତ୍ୟବତୀ, ଯଜ୍ଞ ଚରୁ କିଛି ଅଂଶ ମାତାଙ୍କୁ ଦେଲେ ଓ ଅନ୍ୟ କିଛି ଅଂଶ ନିଜେ ଭକ୍ଷଣ କଲେ । ଋଚିକ ଓ ସତ୍ୟବତୀଙ୍କ ଠାରୁ ସୁତ ମହାତେଜୀୟାନ ଓ ପୌତ୍ର କ୍ଷତ୍ରୀୟ ଜନ୍ମ ହେଲେ । ତାଙ୍କ ସୁତ ହେଲେ ଜମଦଗ୍ନୀ । ସେହି ଜମଦଗ୍ନୀ ରେଣୁର ଦୁହିତା ରେଣୁକାଙ୍କୁ ବାହା ହେଲେ ଏବଂ ଜମଦଗ୍ନୀ ଔରଷରୁ ରେଣୁକା, ପର୍ଶୁରାମଙ୍କୁ ଜନ୍ମ କଲେ । ସେ ପରମ କ୍ଷତ୍ରୀୟ ହେଲେ । ସତ୍ୟବତୀ ଓ ଗାଧିଙ୍କର ପୁତ୍ର ବିଶ୍ୱାମିତ୍ର । କୌଶିକୀ ନଦୀର ପୂଣ୍ୟଜଳ ରୂପେ ବ୍ରହ୍ମଚାରୀରୂପେ ରହିବାରୁ ତାଙ୍କ ନାମ କୌଶିକ ମଧ୍ୟ ।

ଏହି ଅଧ୍ୟାୟର ଶ୍ଳୋକ ୧୭ ରୁ ୪୧ ମଧ୍ୟରେ ହୈବୟ ବଂଶୀୟ କୀର୍ତ୍ତବୀର୍ଯ୍ୟ ଅର୍ଜୁନଙ୍କ ଚରିତ, ତାଙ୍କ ପରାକ୍ରମ ଓ ଦତ୍ତାତ୍ରେୟଙ୍କୁ ପସନ୍ନ କରାଇ ହଜାରେ ହାତ ଓ ଅପରାଜିତ ବର ମାଗିବା ବିଷୟ ବର୍ଣ୍ଣିତ । ନର୍ମଦା ସ୍ରୋତକୁ ରୋକିବା, ରାବଣଙ୍କୁ ଆକ୍ରମଣ ଓ ପୁଲସ୍ତ୍ୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁନିଙ୍କ ନିର୍ଦ୍ଦେଶରେ ରାବଣଙ୍କୁ ମୁକ୍ତ କରିବା ବିଷୟ ବର୍ଣ୍ଣନ । ଜମଦଗ୍ନୀଙ୍କ କାମଧେନୁ ହରଣ, ପର୍ଶୁରାମଙ୍କ ଦ୍ୱାରା ପରାଜୟ, କାମଧେନୁର ପୁନଃ ଆନୟନ ଇତ୍ୟାଦି ବିଷୟ ବର୍ଣ୍ଣନ । ଶ୍ଲୋକ ୪୧ ରେ ରାଜ ହତ୍ୟା ଦୋଷୁଁ ଉଦ୍ଧାର ପାଇଁ ପର୍ଶୁରାମଙ୍କୁ ତୀର୍ଥ କରି ଯିବାକୁ ପିତା ଜମଦଗ୍ନୀଙ୍କ ନିର୍ଦ୍ଦେଶ ।

ଷୋଡ଼ଶ ଅଧ୍ୟାୟରେ ପର୍ଶୁରାମଙ୍କ ଦ୍ୱାରା କ୍ଷତ୍ରିୟ ସଂହାର ତଥା ବିଶ୍ୱାମିତ୍ରଙ୍କ ବଂଶ କଥା । ପର୍ଶୁରାମ ତୀର୍ଥରୁ ଫେରିଲେ । ଜମଦଗ୍ନୀଙ୍କ ପତ୍ନୀ ରେଣୁକା ସ୍ୱାମୀଙ୍କ ଆଦେଶରେ ଯଜ୍ଞ ନିମନ୍ତେ ଜଳ ଆଣି ଗଙ୍ଗା ନିକଟେ ଗଲେ । ସେଠାରେ ଇନ୍ଦ୍ରକୁମର ଚିତ୍ରରଥ ସମେତ ଗନ୍ଧର୍ବମାନେ ନାରୀମାନଙ୍କ ସହ ଜଳ କ୍ରୀଡ଼ା କରୁଥିବା ଦେଖି ଆସକ୍ତ ହୋଇ କିଛି ସମୟ ଅଟକି ଗଲେ । ପୁଣି କ୍ଷଣକେ ଜ୍ଞାନ ପାଇ ତକ୍ଷଣେ ଜଳକୁମ୍ଭ ନେଇ ସ୍ୱାମୀଙ୍କ ନିକଟେ ଆସିଲେ କିନ୍ତୁ ତାର ବିଟପୀ ମାନସିକତାକୁ ଅନୁଭବ କରି ପାରି ତା ଶିର କାଟିବାକୁ ଜମଦଗ୍ନୀ ପୁତ୍ରଙ୍କୁ ନିର୍ଦ୍ଦେଶ ଦେଲେ । ପର୍ଶୁରାମ ବ୍ୟତୀତ ଅନ୍ୟ ୫ ପୁତ୍ର ମାତୃ ସ୍ନେହରେ ପିତୃ ଅବଜ୍ଞା କଲେ । କିନ୍ତୁ ପର୍ଶୁରାମ ମାତୃବଧ କଲେ ଓ ପିତାଙ୍କ ଆଦେଶ କ୍ରମେ ୫ ଭାଇଙ୍କୁ ହତ୍ୟାକଲେ । କିନ୍ତୁ ପରେ ବାପାଙ୍କୁ ବର ମାଗି ସମସ୍ତଙ୍କୁ ବଞ୍ଚେଇଦେଲେ ।

ଭାଇମାନଙ୍କୁ ନେଇ ପର୍ଶୁରାମ ଧ୍ୟାନ ନିମନ୍ତେ ବନ ଗମନ କରିବାରୁ ସହସ୍ରାର୍ଜ୍ଜୁନର ପୁତ୍ରମାନେ ଅନ୍ଧକାର ମଧ୍ୟରେ ଆସି ଯଜ୍ଞଶାଳାରେ ଥିବା ଜମଦଗ୍ନୀଙ୍କୁ ହତ୍ୟା କଲେ । ମାତାଙ୍କଠାରୁ ସକଳ ବିଷୟ ଜାଣି ପର୍ଶୁରାମ ମାହିଷ୍ମତୀ ପୁରେ ପଶି ସହସ୍ରାର୍ଜ୍ଜୁନର ବଂଶ ନିପାତ କଲେ । ତାପରେ ୨୧ ଥର ପୃଥିବୀ ଭ୍ରମଣ କରି ସମସ୍ତ କ୍ଷତ୍ରୀୟଙ୍କୁ ବିନାଶ କରି ସେ ସେମାନଙ୍କର ରକ୍ତରେ ପିତୃ ତର୍ପଣ କଲେ । ପିତାଙ୍କ ମସ୍ତକ ତାଙ୍କ ଗଣ୍ଡିରେ ଲଗାଇ ଭଗବାନଙ୍କୁ ସୁମରଣା କଲେ । ବିପ୍ରଙ୍କୁ ଦକ୍ଷିଣା ଦେଲେ । ହୋତାଙ୍କୁ ପୂର୍ବଦେଶ, ବ୍ରହ୍ମାଙ୍କୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦକ୍ଷିଣ ଦେଶ, ଅଧିର୍ଯ୍ୟଙ୍କୁ ପଶ୍ଚିମ ଦେଶ, ଉଦ୍ଗାତାଙ୍କୁ ଉତ୍ତର ଦେଶ ପ୍ରଦାନ କଲେ । ଅନ୍ୟାନ୍ୟ ଅଞ୍ଚଳ ଅନ୍ୟମାନଙ୍କୁ ଦେଲେ । ଶେଷରେ ସେ ବ୍ରହ୍ମନଦୀ ସରସ୍ୱତୀରେ ଯଜ୍ଞାନ୍ତସ୍ନାନ କରି ପାପ ମୁକ୍ତ ହେଲେ ଓ ଜମଦଗ୍ନୀ ସ୍ମୃତିରୂପୀ ସଂକଳ୍ପମୟ ଶିର ପାଇଲେ । ସେ ସପ୍ତର୍ଷିମଣ୍ଡଳରେ ସପ୍ତମ ଋଷି ଭାବରେ ସ୍ଥାନ ପାଇଲେ । ଭଗବାନ ଏପରି ପର୍ଶୁରାମ ରୂପରେ ଭୃଗୁ ବଂଶରେ ଅବତାର ନେଇ ଧରଣୀର ଭାର ସ୍ୱରୂପ ରାଜାମାନଙ୍କୁ ବହୁବାର ବଧ କରିଥିଲେ ।

ଗାଧିଙ୍କ ପୁତ୍ର ବିଶ୍ୱାମିତ୍ର । ସେ କ୍ଷତ୍ରୀୟତ୍ୱ ତ୍ୟାଗ କରି ବ୍ରହ୍ମତେଜ ପାଇଥିଲେ । ତାଙ୍କର ୧୦୦ ପୁତ୍ର ଥିଲେ । ସେହି ୧୦୦ ପୁତ୍ର ୭ଟି ଗୋତ୍ରରେ ଜନ୍ମିଲେ । ୧୦୦ ପୁତ୍ରଙ୍କ ମଧ୍ୟରେ ମଝିଆ ପୁତ୍ରର ନାମ ମଧୁଛନ୍ଦା । ତେଣୁ ତାଙ୍କର ସବୁ ପୁତ୍ର ମଧୁଛନ୍ଦା ନାମରେ ବିଖ୍ୟାତ ହେଲେ । ଭୃଗୁବଂଶୀ ଅଜୀଗର୍ତ୍ତଙ୍କ ପୁତ୍ର ତଥା ନିଜର ଭଣଜା ଶୁନଃଶେଫଙ୍କୁ ବିଶ୍ୱାମିତ୍ର ପୁତ୍ରରୂପେ ଗ୍ରହଣ କରି ଅନ୍ୟ ଶହେ ପୁତ୍ରଙ୍କୁ ତାଙ୍କୁ ବଡ଼ ଭାଇରୂପେ ମାନିବାକୁ କହିଲେ । ଶୁନଃଶେଫ ଅନ୍ୟନାମ ଦେବରାତ । ଏହି ଶୁନଃଶେଫ (ଦେବରାତ) ଥିଲେ ସେହି ବାଳକ, ଯାହାଙ୍କୁ କି ରାଜା ହରିଶ୍ଚନ୍ଦ୍ରଙ୍କ ଯଜ୍ଞରେ ଯଜ୍ଞପଶୁ କରିବା ନିମନ୍ତେ ତାଙ୍କ ପିତାମାତାଙ୍କଠାରୁ କ୍ରୟ କରି ନିଆଯାଇଥିଲା । କିନ୍ତୁ ପ୍ରଜାପତି ବରୁଣ ଆଦି ଦେବତାମାନଙ୍କୁ ସ୍ତୁତି କରି ବିଶ୍ୱାମିତ୍ର ତାଙ୍କୁ ପାଶ ବନ୍ଧନରୁ ମୁକୁଳାଇ ଥିଲେ । ଦେବତାମାନଙ୍କ ଯଜ୍ଞରେ ଶୁନଃଶେଫଙ୍କୁ ଦେବତାମାନେ ବିଶ୍ୱାମିତ୍ରଙ୍କୁ ପ୍ରଦାନ କରିଥିଲେ । ତେଣୁ ଦେବୈଃ ରାତଃ ବ୍ୟୁତ୍ପତ୍ତି ଅନୁସାରେ ସେହି ତପସ୍ୱୀ ବାଳକ ଗାଧିବଂଶରେ ଦେବରାତ ନାମରେ ବିଖ୍ୟାତ ହେଲେ । ବିଶ୍ୱାମିତ୍ରଙ୍କ ପୁତ୍ରମାନଙ୍କ ମଧ୍ୟରେ ଯେଉଁ ମାନେ ମଧୁଛନ୍ଦା ଠାରୁ ବଡ଼ ଥିଲେ ସେମାନେ ଦେବରାତଙ୍କୁ ଜ୍ୟେଷ୍ଠ ଭାଇ ଭାବେ ମାନିଲେ ନାହିଁ । ତେଣୁ ସେମାନଙ୍କୁ ବିଶ୍ୱାମିତ୍ର ମ୍ଳେଚ୍ଛ ହୋଇଯିବାକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭିଶାପ ଦେଲେ । ଫଳରେ ଅନ୍ୟ ଭାଇମାନେ ଦେବରାତ ସହ ବିଶ୍ୱାମିତ୍ରଙ୍କ ଆଶୀର୍ବାଦରୁ ସୁପୁତ୍ର ଲାଭ କରିବା ବର ପାଇ ସୁଖରେ ରହିଲେ । ବିଶ୍ୱାମିତ୍ରଙ୍କର ଅନ୍ୟ ପୁତ୍ରମାନେ ହେଲେ - ଅଷ୍ଟକ, ହାରୀତ, ଜୟ ଓ କ୍ରତୁମାନ । ଏପରି ଭାବରେ ବିଶ୍ୱାମିତ୍ରଙ୍କ ସନ୍ତାନମାନଙ୍କ ମଧ୍ୟରେ କୌଶିକ ଗୋତ୍ରରେ ବିଭିନ୍ନ (ଦୁଇ) ଶାଖା ମଧ୍ୟ ସୃଷ୍ଟି ହୋଇଗଲାଏବଂ ଦେବରାତଙ୍କୁ ବଡ଼ଭାଇ ବୋଲି ମାନିବାରୁ ସେମାନଙ୍କର ପ୍ରବର ମଧ୍ୟ ଭିନ୍ନ ହୋଇଗଲା । ମୋଟ ୭ ପ୍ରକାର ଗୋତ୍ର ହୋଇଗଲା ।

ସପ୍ତଦଶ ଅଧ୍ୟାୟରେ କ୍ଷତ୍ରବୃଦ୍ଧ, ରଜି ଆଦି ରାଜାମାନଙ୍କ ବଂଶ ବର୍ଣ୍ଣନ । ପୁରୁରବାଙ୍କର ଅନ୍ୟ ଏକ ପୁତ୍ର ଆୟୁ । ଆୟୁଙ୍କର ୫ଟି ପୁତ୍ର - ନହୁଷ, କ୍ଷତ୍ରବୃଦ୍ଧ, ରଜି, ରମ୍ଭ ଓ ଅନେନା । କ୍ଷତ୍ରବୃଦ୍ଧର ପୁତ୍ର – ସୁହୋତ୍ର । ସୁହୋତ୍ରର ୩ ପୁତ୍ର – କାଶ୍ୟ, କୁଶ ଓ ଗୃହତ୍ସମଦ । ଗୃହତ୍ସମଦର ପୁତ୍ର ଶୁନକ । ଶୁନକର ପୁତ୍ର ଶୌନକ । କାଶ୍ୟର ପୁତ୍ର କାଶୀ । ତା ପୁତ୍ର ରାଷ୍ଟ୍ର । ତା ପୁତ୍ର ଦୀର୍ଘତମା । ତା ପୁତ୍ର ଧନ୍ୱନ୍ତରୀ (ଆୟୁର୍ବେଦ ବିଶେଷଜ୍ଞ) । ଧନ୍ୱନ୍ତରୀର ପୁତ୍ର କେତୁମାନ । ତା ପୁତ୍ର ଭିମରଥ । ତା ପୁତ୍ର ଦିବୋଦାସ । ତା ପୁତ୍ର ଦ୍ୟୁମାନ୍ । ଦ୍ୟୁମାନ୍‌ଙ୍କ ଅନ୍ୟନାମ ପ୍ରତର୍ଦନ । ସେ ଶତ୍ରୁଜିତ୍, ବତ୍ସ, ଋତଧ୍ୱଜ ଓ କୁବଳାୟାଶ୍ୱ ନାମରେ ମଧ୍ୟ ପ୍ରସିଦ୍ଧ ଥିଲେ । ଦ୍ୟୁମାନ୍‌ଙ୍କର ପୁତ୍ର ଅଳର୍କ ଆଦି । ଅଳର୍କ ଛଷଠି ହଜାର ବର୍ଷ ପର୍ଯ୍ୟନ୍ତ ଯୁବାବସ୍ଥାରେ ରହି ପୃଥିବୀ ରାଜତ୍ୱ କରିଥିଲେ । ଅଳର୍କଙ୍କ ପୁତ୍ର ସୁନୀଥ -ତାର ପୁତ୍ର ସୁକେତନ - ତାର ପୁତ୍ର ଧର୍ମକେତୁ – ତା ପୁତ୍ର ସତ୍ୟକେତୁ । ସତ୍ୟକେତୁ ପୁତ୍ର ଧୃଷ୍ଟକେତୁ – ତା ପୁତ୍ର ସୁକୁମାର – ବୀତିହୋତ୍ର – ତାର ଭର୍ଗ – ତା ପୁତ୍ର ଭାର୍ଗଭୂମି । ରମ୍ଭଙ୍କର ପୁତ୍ର ରଭସ । ତା ପୁତ୍ର ଗମ୍ଭୀର - ପୁତ୍ର ଅକ୍ରିୟ । ଅକ୍ରିୟଙ୍କ ପତ୍ନୀଙ୍କଠାରୁ ବ୍ରହ୍ମଣ ବଂଶ ଆରମ୍ଭ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନେନାଙ୍କ ପୁତ୍ର ଶୁଦ୍ଧ, ତା ପୁତ୍ର ଶୁଚି – ତା ପୁତ୍ର ତ୍ରିକକୁଦ୍ – ତା ପୁତ୍ର ଧର୍ମସାରଥି (ଶୁଚିର ସନ୍ତତି ବିଷୟରେ ବିଭିନ୍ନ ପାଠ ଓ ଟୀକାରେ ଭିନ୍ନ ଭିନ୍ନ ଅର୍ଥ ଦେଖିବାକୁ ମିଳେ । କେଉଁଠି ଶୁଚିର ପୁତ୍ର ତ୍ରିକକୁଦ ଓ ତ୍ରିକକୁଦର ପୁତ୍ର ଧର୍ମସାରଥି ବୋଲି ଉଲ୍ଲେଖ ଅଛି । ଅନ୍ୟ କେଉଁଠି ତ୍ରିକକୁଦ ଓ ଧର୍ମସାରଥି ନାମଦ୍ୱୟ ଜଣେ ବ୍ୟକ୍ତିର ଦୁଇଟି ନାମ ଏବଂ ପୁଣି କେଉଁଠି ଏ ଦୁହେଁ ଦୁଇ ଭାଇ ବୋଲି ଲେଖା ଅଛି । କେତେକ ପାଠରେ ଚିତ୍ରକୁ, ଧର୍ମ ଓ ସାରଥି ତିନି ଭାଇଙ୍କ ନାମ ବୋଲି କୁହାଯାଇଛି) । ଧର୍ମସାରଥିର ପୁତ୍ର ଶାନ୍ତରୟ । ସେ ବ୍ରହ୍ମଚାରୀ । ଆୟୁଙ୍କର ଅନ୍ୟ ଏକ ପୁତ୍ର ରଜିଙ୍କ ୫୦୦ ପୁତ୍ର ଥିଲେ । ସେମାନେ ବଡ଼ ତେଜ ପ୍ରଭାବୀ ଥିଲେ ।

ଦେବତାମାନଙ୍କ ଅନୁରୋଧ କ୍ରମେ ରଜି ଦୈତ୍ୟମାନଙ୍କୁ ବଧ କରି ଇନ୍ଦ୍ରଙ୍କୁ ସ୍ୱର୍ଗରାଜ୍ୟ ଦେଲେ । ସେ ସମୟରେ ଇନ୍ଦ୍ର ପ୍ରହ୍ଲାଦ ଆଦି ଶତ୍ରୁମାନଙ୍କୁ ଜୟ କରିବା ଉଦ୍ୟତ ଥିବାରୁ ସେ ରଜିଙ୍କୁ କିଛି ଦିନ ସ୍ୱର୍ଗ ନିଜ ପାଖରେ ରଖି ତାର ସୁରକ୍ଷା କରିବାକୁ କହିଲେ । କିନ୍ତୁ ରଜିଙ୍କର ମୃତ୍ୟୁ ପରେ ତାଙ୍କ ପୁତ୍ରମାନେ ସ୍ୱର୍ଗ ଫେରେଇଲେ ନାହିଁ । ବୃହସ୍ପତିଙ୍କ ଯଜ୍ଞ ଫଳରୁ ସେମାନେ ଧର୍ମହୀନ ହୋଇ ନାଶ ଗଲେ । କ୍ଷତ୍ରବୃଦ୍ଧର ନାତି କୁଶ(ସୁହୋତ୍ରର ପୁତ୍ର) । କୁଶର ପୁତ୍ର ପ୍ରତି – ତା ପୁତ୍ର ସଞ୍ଜୟ – ତା ପୁତ୍ର ଜୟ – ତା ପୁତ୍ର ହୃତ – ତା ପୁତ୍ର ହର୍ଯ୍ୟବନ - ତା ପୁତ୍ର ସହଦେବ – ତା ପୁତ୍ର ହୀନ - ତା ପୁତ୍ର ଜୟସେନ - ତା ପୁତ୍ର ସଂକୃତି – ତା ପୁତ୍ର ଜୟ ।

ଅଷ୍ଟାଦଶ ଅଧ୍ୟାୟରେ ଯଯାତି ଚରିତ ବର୍ଣ୍ଣନ । ନହୁଷଙ୍କର ୬ ପୁତ୍ର - ଯତି, ଯଯାତି, ସଂଯାତି, ଆୟତି, ବିୟତି ଓ କୃତି । ନହୁଷ ଜ୍ୟେଷ୍ଠ ପୁତ୍ର ଯତିଙ୍କୁ ରାଜ୍ୟଭାର ଦେବାକୁ ଇଚ୍ଛା କଲେ କିନ୍ତୁ ଯତି ଓ୍ୱହିଁଲେ ନାହିଁ । ଇନ୍ଦ୍ରପତ୍ନୀ ଶଚିଙ୍କ ସହ ସହବାସ କରିବାକୁ ନହୁଷ ଚେଷ୍ଟା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଲାବେଳେ ବ୍ରାହ୍ମଣମାନେ ନହୁଷଙ୍କୁ ସ୍ୱର୍ଗରୁ ତଳକୁ ଖସାଇ ଦେଇ ଅଜଗର କରିଦେଲେ । ଫଳରେ ଯଯାତି ସିହାଂସନରେ ବସିଲେ । ତେଣେ ନହୁଷ ଅଜଗର ହୋଇ ବନରେ ରହି ଭୀମକୁ ବେଢ଼ି ଧରିବାରୁ ଯୁଧିଷ୍ଠିରଙ୍କ ଦର୍ଶନ ପାଇ ସେ ମୋକ୍ଷ ହୋଇଗଲେ ।

ଯଯାତି ରାଜା ହୋଇ ନିଜ ୪ ଭାଇଙ୍କୁ ୪ ଦିଗର ଶାସକ କରିଦେଲେ ଓ ନିଜେ କାବ୍ୟ (ଶୁକ୍ରାଚାର୍ଯ୍ୟ)ଙ୍କ କନ୍ୟା ଦେବଯାନୀଙ୍କୁ ଓ ଦୈତ୍ୟରାଜ ବୃଷପର୍ବାଙ୍କ କନ୍ୟା ଶର୍ମିଷ୍ଠାଙ୍କୁ ସ୍ତ୍ରୀ ଗହଣ କରି ପୃଥିବୀ ପାଳିଲେ । ଦେବଯାନୀ ଓ ଶର୍ମିଷ୍ଠା ବନରେ ସରୋବରେ ଉଲଗ୍ନ ହୋଇ ଜଳକ୍ରୀଡ଼ା କରୁଥିବା ସମୟରେ ଶିବକୁ ଦେଖି ତରବରରେ ସେମାନେ ପାଣିରୁ ଆସି ବସ୍ତ୍ର ଘେନିବାକୁ ଯାଆନ୍ତେ ଭ୍ରମବଶତଃ ଶର୍ମିଷ୍ଠା ଦେବଯାନୀଙ୍କ ଲୁଗା ପିନ୍ଧି ପକେଇଲା । ଦେବଯାନୀର ଭର୍ତ୍ସନା ଶୁଣି ରାଗରେ ଶର୍ମିଷ୍ଠା ନିକଟସ୍ଥ କୂପକୁ ଦେବଯାନୀକୁ ଠେଲିଦେଲା । ସଂଯୋଗବଶତଃ ସେତେବେଳେ ରାଜା ଯଯାତି ଶିକାର କରୁ କରୁ ପାଣି ପିଇବା ନିମନ୍ତେ ସେହି କୂପ ନିକଟରେ ପହଞ୍ଚି କୂଅରେ ପତିତ ଦେବଯାନୀଙ୍କୁ ଦେଖି ନିଜର ଚାଦର ତାଙ୍କ ଉପରକୁ ଫିଙ୍ଗି ତାଙ୍କ ହାତ ଧରି କୂଅରୁ ଉଦ୍ଧାର କରିବା ପରେ ଦେବଯାନୀ ତାଙ୍କୁ ବାହା ହେବା ପାଇଁ ଅନୁରୋଧ କଲେ । କାରଣ, ବୃହସ୍ପତିଙ୍କ ପୁତ୍ର କଚ ଶୁକ୍ରାଚାର୍ଯ୍ୟଙ୍କ ଠାରୁ ମୃତ ସଂଜୀବନୀ ବିଦ୍ୟା ଅଧ୍ୟୟନ କରିସାରି ଫେରିବା ସମୟରେ ଦେବଯାନୀ ତାକୁ ବିବାହ କରିବାକୁ ଚାହିଁଲା । ମାତ୍ର ଗୁରୁକନ୍ୟା ହୋଇଥିବାରୁ କଚ ତାହାର ପ୍ରସ୍ତାବକୁ ଅସ୍ୱୀକାର କଲା । ଏଣୁ ଦେବଯାନୀ ଅତ୍ୟନ୍ତ କ୍ରୋଧିତ ହୋଇ ତାକୁ ଅଭିଶାପ ଦେଲା ଯେ ସେ ଅଧ୍ୟୟନ କରଥିବା ସମସ୍ତ ବିଦ୍ୟା ନିଷ୍ଫଳ ହୋଇଯାଉ । ଅପର ପକ୍ଷରେ କଚ ବି ତାକୁ ପ୍ରତିଶାପ ଦେଲା ଯେ କୌଣସି ବ୍ରାହ୍ମଣ ତାକୁ ପତ୍ନୀରୂପେ ଗ୍ରହଣ ନ କରୁ । ତା ପରେ ଯଯାତି ନିଜ ପୁରକୁ ଗଲେ । ଦେବଯାନୀ ସ୍ୱ ପିତାଙ୍କୁ ସକଳ ବିଷୟ କହିଲେ । ଫଳରେ ଶୁକ୍ରାଚାର୍ଯ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୃଷଭାନୁଙ୍କ ପାଖକୁ ଯାଇ ଉଭୟଙ୍କ ସମ୍ମତି କ୍ରମେ ଶର୍ମିଷ୍ଠା ବି ଦେବଯାନୀଙ୍କ ଦାସୀ ହୋଇ ଯଯାତିଙ୍କ ଘରେ ରହିବା ନିଷ୍ପତ୍ତି ହେଲା । ଦେବଯାନୀ ଯଯାତିଙ୍କୁ ବାହା ହେଲେ, ଶର୍ମିଷ୍ଠା ବି ଦାସୀ ହୋଇ ରହିଲା ।

ଯଯାତି ଓ ଦେବଯାନୀଙ୍କ ଠାରୁ ୨ ପୁତ୍ର - ଯଦୁ ଓ ତୁର୍ବସୁ ଏବଂ ଯଯାତି କାମନ୍ଧ ହୋଇ ଦାସୀ ଶର୍ମିଷ୍ଠାଙ୍କ ଠାରୁ ୩ ପୁତ୍ର ଦ୍ରୁହ୍ୟୁ, ଅନୁ ଓ ପୁରୁ ଜନ୍ମାଇଲେ । ଦେବଯାନୀ କୋପରେ ପିତାଙ୍କ ଆଗରେ ଏ କଥା କହିବାରୁ ଶୁକ୍ରଙ୍କ ଅଭିଶାପରେ ଯଯାତି ଜରାଗ୍ରସ୍ତ ହେଲେ । ଯଯାତି କାନ୍ଦି କାନ୍ଦି ଭୃଗୁଙ୍କ ପାଦ ତଳେ ପଡ଼ିବାରୁ ଭୃଗୁ କହିଲେ ଯେ ଯଦି କୌଣସି ପୁତ୍ର ତାର ଯୌବନ ଯଯାତିକୁ ଦେବେ ସେ ପୁଣି ତାର ଯୌବନ ପାଇପାରିବ । କିନ୍ତୁ ସେ ବୃଦ୍ଧ ହୋଇଯିବ । ଯଯାତି ପୁତ୍ରଙ୍କୁ ଡ଼ାକି ପ୍ରଥମେ ଯଦୁଙ୍କୁ ଏ କଥା କହିବାରୁ ସେ ମନା କରିଦେବାରୁ ତାକୁ ସେ ଅଭିଶାପ ଦେଲେ ଯେ ଯଦୁର ବଂଶେ ଯେ ରାଜା ହେବ ସେ ମୁର୍ଦ୍ଧନା ଫାଟି ମରିବ । ତା ପରେ ତୁର୍ବସୁ, ଦ୍ରୁହ୍ୟୁ ଓ ଅନୁ ମଧ୍ୟ ପିତାଙ୍କର କଥା ଶୁଣି ନୀରବ ରହିଲେ । ପୁତ୍ର ପୁରୁ ପିତା ଯଯାତିଙ୍କ ପଛରେ ଥିଲା । ପିତାଙ୍କ ନିକଟକୁ ଆସି ନିଜ ବୟସ ଦେବାକୁ ଓ ତାଙ୍କ ବାର୍ଦ୍ଧକ୍ୟ ନେବାକୁ ରଜି ହେଲା ।

ପିତାର ମନ ଜାଣି କରେ । ଉତ୍ତମ ପୁତ୍ର ସେ ବେଭାରେ । ।
ଶ୍ରଦ୍ଧାରେ ଆଜ୍ଞା ଯେ ପାଳଇ । ମଧ୍ୟମ ପୁତ୍ର ସେ ବୋଲାଇ । ।
ଶ୍ରଦ୍ଧା ବିହୀନେ ଯେହୁ ପାଳେ । ଅଧମ ପୁତ୍ର ସେ ଶୟଳେ । ।
ପିତାଙ୍କୁ ଲଙ୍ଘେ ଯେ ଅଜ୍ଞାନ । ସେ ପୁତ୍ର ମଳ ମୂତ୍ର ଜାଣ । । ୯/୧୮/୪୪

ଯଯାତି, ପୁତ୍ର ପୁରୁଠାରୁ ଯୌବନ ପାଇ ଆନନ୍ଦରେ ଇନ୍ଦ୍ରୟ ଲାଳସାରେ ସୁଖ ଭୋଗ କରି ରହିଲା । କିନ୍ତୁ କିଛି ଦିନ ପରେ ସେହି ଭୋଗରେ ତୃପ୍ତି ନ ପାଇ ବୈରଗ୍ୟ ଆସିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଊନବିଂଶ ଅଧ୍ୟାୟରେ ଯଯାତିଙ୍କର ବୈରାଗ୍ୟ ଓ ଗୃହତ୍ୟାଗ ବିଷୟ ବର୍ଣ୍ଣନା କରାଯାଇଛି । ଯଯାତି ଭୃଗୁନନ୍ଦିନୀ (ପତ୍ନୀ ଦେବଯାନୀ)ଙ୍କୁ କୂପେ ପତିତ ଛେଳିର ଉଦ୍ଧାର ଓ ଛେଳିବୋଦାର ଉପାଖ୍ୟାନରେ ଅଣ୍ଡିରା ଛେଳି, ମାଈ ଛେଳିର କାମୁକରେ ଆସକ୍ତ ହୋଇ ମାଈ ଛେଳି ମାଲିକ ବ୍ରାହ୍ମଣ ଦ୍ୱାରା କିପରି ଅଣ୍ଡକୋଷ କର୍ତ୍ତନ ଓ ପୁନଃ ଯୋଡ଼ଣ ବିଷୟ କହିଲା । ସେହି ବୋଦା କାମ ବଶରେ ବହୁ ଦିନ ରହିଲା । ସେହିପରି ସେ ମଧ୍ୟ ଅଜ୍ଞାନୀ ଭାବେ ଦେବଯାନୀ ସଙ୍ଗେ ରହିଲେ ବୋଲି କହିଲା ।

ଭୂମିରେ ଯେତେ ଶସ୍ୟ ଥାନ୍ତି । ସୁବର୍ଣ୍ଣ ସ୍ତିରୀ ପଶୁ ଜାତି । ।
ଯେ ପ୍ରାଣୀ କାମ ବଶ ହୋଇ । ଏ ସବୁ ତାକୁ ନ ଅଣ୍ଟଇ । ।
କାମୀ ପୁରୁଷଙ୍କର ମନ । କେବେ ହେଁ ନୋହେ ସନ୍ତୃମନ । ।
ନିତ୍ୟେ ରମନ୍ତି କାମ ଭୋଗେ । ଅଗ୍ନି ଯେସନେ ଘୃତ ଯୋଗେ । ।୯/୧୯/୧୩,୧୪
ସକଳଭୂତ ସଙ୍ଗ ଛାଡ଼ି । ଆତ୍ମାର ଭାବେ ସୁଖ ବଢ଼ି । ।
ଆତ୍ମାକୁ ଦେଖେ ସର୍ବ ଦେହେ । ତା ସର୍ବଦିଗ ସୁଖମୟେ । ।୯/୧୯/୧୫
ଦୁର୍ମତିଜନଙ୍କର ମତି । ତୃଷ୍ଣାକୁ ଛାଡ଼ି ନ ପାରନ୍ତି । ।
ଶରୀର ଜୀର୍ଣ୍ଣ ହେଲେ ମଧ୍ୟ । ତୃଷ୍ଣା ବାରଣେ ନାହିଁ ସଧ । ।୯/୧୯/୧୬
ମାତା ଭଗିନୀ କନ୍ୟା ମେଳେ । କେବେ ହେଁ ନ ଥିବ ନିରୋଳେ । ।
ମନ ଯେ ଇନ୍ଦ୍ରିୟଙ୍କ ଗ୍ରାମ । ବଳେ ତାହାକୁ ନାହିଁ ସମ । ।
ପଣ୍ଡିତ ଜନ ମନ ହରେ । ଏଣୁ କେ ନାରୀ ସଙ୍ଗୁ ତରେ । ।୯/୧୯/୧୭

ବିଷୟା ରସ, କାମ, ସୁଖ ଭୋଗୁରୁ ବିରକ୍ତ ହୋଇ ଯଯାତି ପୁରୁକୁ ତା ବୟସ ଫେରାଇ ତାକୁ ରାଜ୍ୟ ରାଜା କରାଇଲେ । ଅନ୍ୟ ଭାଇମାନେ ତା ଅଧୀନରେ ରହିବା ବ୍ୟବସ୍ଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେ । ତା ପରେ ତପ ନିମନ୍ତେ ଅରଣ୍ୟରେ ପଶିଲେ । ଯଯାତି ଯୋଗାଭ୍ୟାସ କରି ପରମବ୍ରହ୍ମରେ ଲୀନ ହେଲେ । ଦେବଯାନୀ ବି ପତିଙ୍କୁ ଅନୁସରଣ କରି ବିଷ୍ଣୁମାୟାରୁ ତରିଲେ ।

ବିଂଶ ଅଧ୍ୟାୟରେ ପୁରୁଙ୍କ ବଂଶ; ରାଜା ଦୁଷ୍ୟନ୍ତ ଓ ଭରତଙ୍କ ଚରିତ । ଯଯାତି ଓ ପତ୍ନୀ ଶର୍ମିଷ୍ଠା (ଦେବଯାନୀର ଦାସୀ)ଙ୍କ ପୁତ୍ର ପୁରୁଙ୍କ ବଂଶ ଅର୍ଥାତ୍ ପରୀକ୍ଷିତଙ୍କ ପୂର୍ବୋଜ । ପୁରୁଙ୍କ ପୁତ୍ର ଜନ୍ମେଜୟ – ତା ପୁତ୍ର କ୍ରମରେ - ପ୍ରଚିନ୍ୱାନ - ପ୍ରବୀର - ନମସ୍ୟୁ – ଚାରୁପଦ - ସୁଦ୍ୟୁ – ବହୁଗଦ - ସଂଯାତି - ଅହଂଯାତି – ରୌଦ୍ରାଶ୍ୱ । ରୌଦ୍ରାଶ୍ୱ ଓ ପତ୍ନୀ ଘୃତାଚୀ ଅପସରାଙ୍କର ୧୦ ପୁତ୍ର – ଋତେୟୁ, କୁକ୍ଷେୟୁ, ସ୍ଥଣ୍ଡିଳେୟୁ, କୃତେୟୁ, ଜଳେୟୁ, ସନ୍ତତେୟୁ, ଧର୍ମେୟୁ, ସତ୍ୟେୟୁ, ବ୍ରତେୟୁ ଓ ବନେୟୁ । ଋତେୟୁ ପୁତ୍ର ରନ୍ତିଭାର । ତାର ୩ ପୁତ୍ର – ସୁମତି, ଧ୍ରୁବ ଓ ଅପ୍ରତିରଥ । ଅପ୍ରତିରଥର ପୁତ୍ର କଣ୍ୱ । କଣ୍ୱ ପୁତ୍ର – ମେଧାତିଥି । ମେଧାତିଥିଙ୍କ ଔରଷରେ ପ୍ରସ୍କଣ୍ୱ ଆଦି ବ୍ରାହ୍ମଣ ଉତ୍ପନ୍ନ ହେଲେ । ସୁମତିର ପୁତ୍ର ରୈଭ୍ୟ ଓ ରୈଭ୍ୟଙ୍କ ପୁତ୍ର ଦୁଷ୍ୟନ୍ତ । ଶ୍ଳୋକ ୧୫ରୁ ୧୭ ମଧ୍ୟରେ ଦୁଷ୍ୟନ୍ତ ଓ ଶକୁନ୍ତଳା (ବିଶ୍ୱାମିତ୍ର ଓ ମେନକା ଅପସରାଙ୍କ କନ୍ୟା ଯିଏ କି କଣ୍ୱ ଋଷିଙ୍କ ଦ୍ୱରା ପାଳିତ)ଙ୍କ ବାର୍ତ୍ତାଳାପ ଓ ବିବାହ ତଥା ପୁତ୍ର ଭରତଙ୍କ ଜନ୍ମ ଚରିତ ବର୍ଣ୍ଣନ ।

ଭରତ ବାଲ୍ୟକାଳରୁ ଏତେ ବଳବାନ୍ ଥିଲେ ଯେ, ସେ ସିଂହକୁ ବାମ ଭୁଜରେ ଧରି କ୍ରୀଡ଼ାକନ୍ଦୁକ ପ୍ରାୟେ ଖେଳୁଥିଲେ । ଶକୁନ୍ତଳା, ପୁତ୍ର ଭରତଙ୍କୁ ଧରି ଦୁଷ୍ୟନ୍ତଙ୍କ ନିକଟକୁ ଗଲେ, କିନ୍ତୁ ରାଜ ଦୁଷ୍ୟନ୍ତ ତାଙ୍କୁ ଚିହ୍ନି ପାରିଲେ ନାହିଁ । ପରେ ସେଠାରେ ଥିବା ଲୋକଙ୍କ ଯୁକ୍ତି ଓ ଆକାଶବାଣୀ ଶୁଣି ମାତା ପୁତ୍ରକୁ ଗ୍ରହଣ କରି ନବରରେ ରଖିଲେ । ଦୁଷ୍ୟନ୍ତଙ୍କ ମୃତ୍ୟୁ ପରେ ଭରତ ରାଜା ହେଲେ । ଭରତ ବିଷ୍ଣୁ ଅଂଶରେ ଜାତ । ତାଙ୍କ ଶରୀରରେ ବିଷ୍ଣୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିହ୍ନ, ଦକ୍ଷିଣ କରେ ଚକ୍ର, ଚରଣେ କମଳ ଶୋଭା ପାଉଥିଲା । ତାଙ୍କୁ ଋଷିମାନେ ଅଭିଷେକ କଲେ । ଭରତ ବିଭିନ୍ନ ଯଜ୍ଞ ଦାନାଦି କରି ୨୭୦୦୦ ବର୍ଷ ରାଜ୍ୟ ଶାସନ କରି ପ୍ରଜାରଞ୍ଜନ କରି ପୃଥିବୀ ପାଳିଲେ । ଭରତଙ୍କ ୩ ରାଣୀ ଥିଲେ । ତାଙ୍କର ୩ ପୁତ୍ର ଥିଲେ । କିନ୍ତୁ ସେମାନେ ଭରତଙ୍କ ଭଳି ନୁହଁନ୍ତି ବୋଲି ସେ ଅସ୍ୱୀକାର କଲେ ଏବଂ ତାଙ୍କ ଭଳି ପୁତ୍ର ପାଇବାକୁ ମରୁସ୍ତୋମ ଯାଗ କଲେ । ମରୁତଗଣ ତୁଷ୍ଟ ହୋଇ ଏକ ପୁତ୍ର ଦାନ ଦେଲେ ଯା ନାମ କି ଭରଦ୍ୱାଜ ।

ଥରେ ବୃହସ୍ପତି ନିଜ ଭାଇ ଉତଥ୍ୟଙ୍କ ଗର୍ଭବତୀ ସ୍ତ୍ରୀ ମମତାଙ୍କ ସହ ମୈଥୁନ କରିବାକୁ ଗଲେ । ମମତା ଗର୍ଭରେ ଶିଶୁ ଥିଲା ତାକୁ ଅନ୍ଧ ହୋଇଯିବା ଅଭିଶାପ ଦେଇ ମୈଥୁନ କଲେ । ଯେଉଁ ନୂତନ ପୁତ୍ର ଜନ୍ମ ହେଲା । ସେ ଦ୍ୱାଜ (ଅର୍ଥାତ୍ ଦୁଇ ଜଣଙ୍କର ଦ୍ୱାରା ଜନ୍ମ) । ତାକୁ ସେମାନେ ପାଳିବା ପାଇଁ କଳହ ଯୁକ୍ତି କରି ଶେଷରେ ଦୁଇଜଣଙ୍କ ଦ୍ୱାରା ଭରଣପୋଷଣ (ଭର) ହେଲା । ତେଣୁ ତାଙ୍କ ନାମ ଭରଦ୍ୱାଜ ହେଲା । ଶେଷରେ ଭରତଙ୍କ ବଂଶ ଧ୍ୱଂସ ହେବାକୁ ଯିବା ସମୟରେ ମରୁଦ୍ଗଣ ଯିଏ କି ତାକୁ ପାଳିଥିଲେ, ସେମାନେ ଭରତଙ୍କୁ ସେହି ପୁତ୍ରଟିକୁ ଦତ୍ତକପୁତ୍ର (ପୋଷ୍ୟପୁତ୍ର) ରୂପେ ଦେଇ ଦେଇଥିଲେ ।

ଏକବିଂଶ ଅଧ୍ୟାୟରେ ଭରତ ବଂଶର ବର୍ଣ୍ଣନା ଓ ରାଜା ରନ୍ତିଦେବଙ୍କ କଥା ବର୍ଣ୍ଣନା କରାଯାଇଛି । ଭରଦ୍ୱାଜ, ଭରତଙ୍କ ଦତ୍ତପୁତ୍ର ହେବାରୁ ବିତଥ ନାମେ ଖ୍ୟାତ । ବିତଥ (ଭରଦ୍ୱାଜ)ଙ୍କ ପୁତ୍ର ମନ୍ୟୁ । ମନ୍ୟୁଙ୍କର ୫ ପୁତ୍ର – ବୃହତ୍କ୍ଷେତ୍ର, ଜୟ ବା ଜୟଦ୍ରୋଥ, ମହାବୀର୍ଯ୍ୟ, ନର ଓ ଗର୍ଗ । ନରର ପୁତ୍ର ସଂକୃତି । ସଂକୃତିଙ୍କର ୨ ପୁତ୍ର – ଗୁରୁ ଓ ରନ୍ତିଦେବ । ଶ୍ଳୋକ ୩ ରୁ ୧୮ ମଧ୍ୟରେ ରନ୍ତିଦେବଙ୍କ ମହିମା, ଗୁଣ ଏବଂ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଦ୍ୱାରା ତାଙ୍କର ଦାନୀପଣର ପରୀକ୍ଷା ବର୍ଣ୍ଣନ । ସେ ବିଷୟ ବୈରାଗୀ ଥାଇ ସବୁ କିଛି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦାନ କରିଦେଥିଲେ । ବ୍ରାହ୍ମଣ ଅତିଥି – ଶୁଦ୍ର ଅତିଥି – କୁକୁର ସହ ଅନ୍ୟ ଜଣେ ଅତିଥି – ଚାଣ୍ଡାଳ ଅତିଥିମାନଙ୍କୁ ଏପରି କି ପାଣି ମୁନ୍ଦାକ ବି ଦେଇ ଦେଇଥିଲେ । ଶେଷରେ ସେ ପରମଯୋଗୀ ହୋଇ ଭଗବାନଙ୍କ ଠାରେ ଲୀନ ହୋଇଗଲେ ।

ମନ୍ୟୁଙ୍କ ପୁତ୍ର ଗର୍ଗ ଔରଷରୁ ଶନି – ତା ସୁତ – ଗାର୍ଗ୍ୟ । ଗାର୍ଗ୍ୟ କ୍ଷତ୍ରୀୟ ଥିଲେ ବି ତାଙ୍କ ଠାରୁ ବ୍ରାହ୍ମଣ ବଂଶ ଚାଲିଲା । ମନ୍ୟୁଙ୍କ ଅନ୍ୟ ପୁତ୍ର ମହାବୀର୍ଯ୍ୟଙ୍କର ପୁତ୍ର ଦୁରିତକ୍ଷୟ । ଦୁରିତକ୍ଷୟଙ୍କ ୩ ପୁତ୍ର – ତ୍ରୟ୍ୟାରୁଣି, କବି ଓ ପୁଷ୍କରାରୁଣି । ସେ ତିନିଜଣ ବ୍ରାହ୍ମଣ ହୋଇଗଲେ । ମନ୍ୟୁଙ୍କର ଜ୍ୟେଷ୍ଠ ପୁତ୍ର ବୃହତ୍‌କ୍ଷେତ୍ରଙ୍କର ପୁତ୍ର ହସ୍ତୀ ଯିଏ କି ହସ୍ତିନାପୁର ବସାଇଲେ ।

ହସ୍ତୀଙ୍କର ୩ ପୁତ୍ର - ଅଜମୀଢ଼, ଦ୍ୱିମୀଢ଼ ଓ ପୁରୁମୀଢ଼ । ଅଜମୀଢ଼ର ପୁତ୍ର ପ୍ରିୟମେଧ ବ୍ରାହ୍ମଣ ହୋଇଗଲେ । ଅଜମୀଢ଼ର ଅନ୍ୟ ପୁତ୍ର ବୃହଦିଷୁ । ତା ପୁତ୍ର ବୃହଦ୍ଧନୁ – ତା ପୁତ୍ର ବୃହତ୍କାୟ – ତା ପୁତ୍ର ଜୟଦ୍ରଥ । ଜୟଦ୍ରଥଙ୍କ ପୁତ୍ର ବିଶଦ - ତା ପୁତ୍ର ସେନଜିତ୍ । ସେନଜିତ୍‌ଙ୍କ ୪ ପୁତ୍ର ରୁଚିରାଶ୍ୱ, ଦୃଢ଼ହନୁ, କାଶ୍ୟ ଓ ବତ୍ସ । ରୁଚିରାଶ୍ୱ ପୁତ୍ର ପାର – ତାର ୨ ପୁତ୍ର ପୃଥୁସେନ ଓ ନୀପ । ନୀପର ୧୦୦ ପୁତ୍ର ।

ଶ୍ରୀ ଶୁକଦେବ ନୈଷ୍ଠିକ ବ୍ରହ୍ମଚାରୀ ଥିଲେ, କିନ୍ତୁ ବନଗମନ ସମୟରେ ସେ ଏକ ଛାୟାଶୁକ ସୃଷ୍ଟି କରି ଛାଡ଼ି ଦେଇଥିଲେ । ସେହି ଛାୟାଶୁକଦେବ ହିଁ ଗୃହସ୍ଥ ଧର୍ମ ପାଳନ କରିଥିଲେ । ତାଙ୍କରି କନ୍ୟାର ନାମ କୃତ୍ୱୀ । ନୀପ ସେହି ଶୁକକନ୍ୟା କୃତ୍ୱୀକୁ ବାହାହେଲେ । ନୀପ ଓ କୃତ୍ୱୀଙ୍କ ପୁତ୍ର ବ୍ରହ୍ମଦତ୍ତ । ବ୍ରହ୍ମଦତ୍ତ ଓ ପତ୍ନୀ ସରସ୍ୱତୀଙ୍କଠାରୁ ବିଷ୍ୱକ୍ସେନ । ବିଷ୍ୱକ୍ସେନର ପୁତ୍ର ଉଦକ୍ସେନ ଓ ତାଙ୍କ ପୁତ୍ର ଭଲ୍ଲାଦ ।

ହସ୍ତୀଙ୍କ ଅନ୍ୟ ପୁତ୍ର ଦ୍ୱିମୀଢ଼ଙ୍କ ପୁତ୍ର ଯବୀନର – ତା ପୁତ୍ର କୃତିମାନ । ତା ପୁତ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତ୍ୟଧୃତି – କ୍ରମରେ ପୁତ୍ରେ ପୌତ୍ରାଦି - ଦୃଢ଼ନେମୀ – ସୁପାଶ୍ୱର୍ – ସୁମତି – ସନ୍ନତିମାନ୍ – କୃତି । କୃତି ହିରଣ୍ୟନାଭ ଦୀକ୍ଷା ପାଇଲା । ଯୋଗ ଶିକ୍ଷା ପାଇ ସାମସଂହିତା ମାନଙ୍କୁ ଭିନ୍ନ ଭିନ୍ନ ଛଅଟି ସଂହିତା କଲା । କୃତିର ପୁତ୍ର ନୀପ - ତା ପୁତ୍ର ଉଗ୍ରାୟୁଧ – ତାର କ୍ଷେମ୍ୟ – ତାର ସୁବୀର – ତାର ରିପୁଞ୍ଜୟ – ତା ସୁତ ବହୁରଥ । ରିପୁଞ୍ଜୟର ସୁତ ବହୁରଥ । ଏମାନେ ଦ୍ୱିମୀଢ଼ର ବଂଶ । ହସ୍ତୀର ଅନ୍ୟ ପୁତ୍ର ପୁରୁମୀଢ଼ ନିଃସନ୍ତାନ ।

ହସ୍ତୀର ଅନ୍ୟ ପୁତ୍ର ଅଜମୀଢ଼ର ୨ୟ ଭାର୍ଯ୍ୟା ନଳିନୀ – ଏମାନଙ୍କର ପୁତ୍ର -ନୀଳ । ନୀଳର ପୁତ୍ର ଶାନ୍ତ – ତା ପୁତ୍ର ସୁଶାନ୍ତି – ତା ସୁତ ପୁରୁଜ – ତା ସୁତ ଅର୍କ –ତା ସୁତ ଭର୍ମ୍ୟାଶ୍ୱ । ଭର୍ମ୍ୟାଶ୍ୱର ୫ ପୁତ୍ର – ମୁଦ୍ଗଲ, ଯବୀନର, ବୃହଦିଷୁ, କାମ୍ପିଲ୍ୟ ଓ ସଞ୍ଜୟ । ପ ବିଷୟେ ସମର୍ଥ ଥିବାରୁ ସେମାନେ ପଞ୍ଚାଳ ନାମେ ଖ୍ୟାତ ।

ମୁଦ୍ଗଲର ଯାଆଁଳା ସନ୍ତାନ -ପୁତ୍ର ଦିବୋଦାସ ଓ କନ୍ୟା ଅହଲ୍ୟା । ଅହଲ୍ୟାର ପତି ଗୌତମ ଋଷି । ଗୌତମ ଓ ଅହଲ୍ୟାଙ୍କ ପୁତ୍ର ଶତାନନ୍ଦ । ଶତାନନ୍ଦର ପୁତ୍ର ସତ୍ୟଧୃତି । ତା ପୁତ୍ର ଶରଦ୍ୱାନ । ଦିନେ ଉର୍ବଶୀଙ୍କୁ ଦେଖି ଶରଦ୍ୱାନଙ୍କ ବୀର୍ଯ୍ୟପାତ ହୋଇ ମୁଞ୍ଜି (ଶର) ତୃଣରେ ପଡ଼ିଲା । ସେଥିରୁ ୧ ପୁତ୍ର ଓ ୧ କନ୍ୟା ଜାତ ହେଲେ । ମହାରାଜା ଶାନ୍ତନୁ ସେ ରାସ୍ତାରେ ଶିକାର କରିବାକୁ ଗଲାବେଳେ ସେ ଦୁହିଁଙ୍କୁ ଉଠାଇ ନେଇ ନବରକୁ ଗଲେ । ପୁତ୍ରର ନାମ କୃପ (କୃପାଚାର୍ଯ୍ୟ) ଓ କନ୍ୟାର ନାମ କୃପୀ ରଖିଲେ । କୃପୀ ଥିଲେ ଦ୍ରୋଣାଚାର୍ଯ୍ୟଙ୍କର ପତ୍ନୀ ଯିଏ କି କୃପାଚାର୍ଯ୍ୟଙ୍କର ଭଉଣୀ ।

ଦ୍ୱାବିଂଶ ଅଧ୍ୟାୟରେ ପାଞ୍ଚାଳ, କୌରବ ଓ ମଗଧଦେଶୀୟ ରାଜାମାନଙ୍କର ବଂଶ ବର୍ଣ୍ଣନ । ମୁଦଗଲର ଯାଆଁଳା ସନ୍ତାନ, କନ୍ୟା ଅହଲ୍ୟା ଓ ପୁତ୍ର ଦିବୋଦାସ । ଦିବୋଦାସର ପୁତ୍ର ମିତ୍ରେୟ । ମିତ୍ରେୟର ସୁତ ଚ୍ୟବନ -ତା ସୁତ ସୁଦାସ –ତା ସୁତ

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହଦେବ – ତା ସୁତ ସୋମକ । କିନ୍ତୁ ସଂସ୍କୃତ ଭାଗବତ ଅନୁସାରେ ଚ୍ୟବନ, ସୁଦାସ, ସହଦେବ ଓ ସୋମକ ୪ ଜଣ ଯାକ ମିତ୍ରେୟଙ୍କର ପୁତ୍ର ଅଟନ୍ତି । ସୋମକ ବୀର୍ଯ୍ୟୁ ୧୦୦ ପୁତ୍ର ଜନ୍ମ ହେଲେ । ସେମାନଙ୍କ ମଧ୍ୟରେ ଜନ୍ତୁ ଜ୍ୟେଷ୍ଠ ଓ ପୃଷତ କନିଷ୍ଠ ।

ପୃଷତ ପୁତ୍ର ଦ୍ରୁପଦ । ତା ସୁତ ଧୃଷ୍ଟଦ୍ୟୁମ୍ନ ଓ କନ୍ୟା ଦ୍ରୌପଦୀ । ଧୃଷ୍ଟଦ୍ୟୁମ୍ନର ପୁତ୍ର ଧୃଷ୍ଟକେତୁ । ଏମାନେ ଭର୍ମାଶ୍ୱ ବଂଶରେ ଯାତ ହୋଇ ପାଞ୍ଚାଳ ନାମରେ ଖ୍ୟାତ ହେଲେ । ହସ୍ତୀଙ୍କର ଅନ୍ୟପୁତ୍ର ଅଜମୀଢ଼ଙ୍କର ୨ୟ ପତ୍ନୀ ନଳିନୀଙ୍କର ୨ ପୁତ୍ର ନୀଳ ଓ ଋକ୍ଷ । ଋକ୍ଷର ପୁତ୍ର ସଂବରଣ । ସଂବରଣ କାଳିନ୍ଦି ଜଳରେ ସୂର୍ଯ୍ୟର କନ୍ୟା ସହ ମିଳି ପୁତ୍ର କୁରୁ ଜନ୍ମ କଲେ । କୁରୁର ୪ ପୁତ୍ର - ପରୀକ୍ଷିତ, ସୁଧନ୍ୱା (ସୁଧନୁ), ଜହ୍ନୁ ଓ ନିଷଧାଶ୍ୱ (ନିଷଧ) । ସୁଧନୁ ପୁତ୍ର ସୁହୋତ୍ର । ତା ପୁତ୍ର ଚ୍ୟବନ - ତା ସୁତ କୃତୀ –ତା ସୁତ ଉପଚିରବସୁ ଏବଂ ଉପଚିରବସୁଙ୍କ ଠାରୁ ବୃହଦ୍ରଥ ଆଦି କେତେକ ପୁତ୍ର ଜନ୍ମ ହୋଇଥିଲେ । ସେମାନଙ୍କ ମଧ୍ୟରୁ ବୃହଦ୍ରଥ, କୁଶାମ୍ବ, ମତ୍ସ୍ୟ, ପ୍ରତ୍ୟଗ୍ର ଓ ଚେଦିପ ଆଦି ଚେଦି ଦେଶର ରାଜା ହେଲେ । ବୃହଦ୍ରଥଙ୍କ ୧ମ ପତ୍ନୀର ପୁତ୍ର କୁଶାଗ୍ର । ତା ପୁତ୍ର ଋଷଭ – ତା ସୁତ ସତ୍ୟହିତ – ତା ସୁତ ପୁଷ୍ପବାନ୍ – ତା ସୁତ ଜହ୍ନୁ । ବୃହଦ୍ରଥଙ୍କ ୨ୟ ପତ୍ନୀ ଦୁର୍ବସାଙ୍କୁ ସେବା କରି ଗର୍ଭ ଅର୍ଥେ ଆମ୍ବ ଖାଇଲେ । କିନ୍ତୁ ଆମ୍ବର ଦୁଇ ଫାଳ ଖାଇବାରୁ ଦୁଇ ଜଣ ପୁତ୍ର ଜନ୍ମ ହେଲେ । ସେମାନେ ମୃତ ସନ୍ତାନ ଥିଲେ । ତାଙ୍କୁ ଶ୍ମଶାନରେ ପକାଇଥିଲେ । ରାତିରେ ଜରା ନାମକ ରକ୍ଷସୀ ସେମାନଙ୍କୁ ଖାଇ ତାଙ୍କୁ ଏକାକାର କରି ଜୀବନ୍ୟାସ ଦେଲା । ଏକ ବଳଶାଳୀ ପ୍ରତାପୀ ସନ୍ତାନ ଜନ୍ମ ହେଲା ତା ନାମ ଜରାସନ୍ଧ । ଜରାସନ୍ଧକୁ ବର ମିଳିଲା ତା ଶରୀରକୁ ଦୁଇଫାଳ କରି ଓଲଟା ଭାବରେ ରଖିଲେ ହିଁ ସେ ପୁଣି ଜୀବନ ପାଇବ ନାହିଁ । ନୋହିଲେ ପୁଣି ବଞ୍ଚିଯିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜରାସନ୍ଧ ପୁତ୍ର ସହଦେବ – ତା ସୁତ ସୋମାପି –ତା ସୁତ ଶ୍ରୁତଶ୍ରବା । କୁରୁର ଜ୍ୟେଷ୍ଠ ପୁତ୍ର ପରୀକ୍ଷ (ପରୀକ୍ଷିତ) ଅପୁତ୍ରିକ ଥିଲେ । କୁରୁର ଅନ୍ୟ ଏକ ପୁତ୍ର ଜହ୍ନୁର ପୁତ୍ର ସୁରଥ - ତା ସୁତ ବିଦୁରଥ - ତା ସୁତ ସାର୍ବଭୌମ – ତା ସୁତ ଜୟସେନ - ତା ସୁତ ରାଧିକ – ତା ସୁତ ଅୟୁତ (ଅୟୁତାୟୁ) – ତା ସୁତ କ୍ରୋଧନ -ତା ସୁତ ଦେବାତିଥି - ତା ସୁତ ଋଷ୍ୟ – ତା ସୁତ ଦିଲୀପ ଓ ତା ସୁତ ପ୍ରତୀପ । ପ୍ରତୀପର ୩ ପୁଅ - ଦେବାପି, ଶାନ୍ତନୁ ଓ ବାହ୍ଲୀକ । ଦେବାପି ରାଜ୍ୟ ଛାଡ଼ି ବନକୁ ଚାଲିଗଲେ । କଳାପି ଗ୍ରାମେ ରହିଲେ, କଳିଶେଷରେ ପୁଣି ରାଜତ୍ୱ କରିବେ । ତାଙ୍କ ସାନ ଭାଇ ସାନ୍ତନୁ ରାଜା ହେଲେ ।

ପୁର୍ବ ଜନ୍ମରେ ସାନ୍ତନୁଙ୍କ ନାମ ଥିଲା ମହାଭୀଷ । ଏହି ଜନ୍ମରେ ମଧ୍ୟ ସେ ଯାହାକୁ ଛୁଇଁ ଦେଉଥିଲେ ସେ ବୃଦ୍ଧାବସ୍ଥା ଛାଡ଼ି ପୁଣି ଯୌବନ ପାଇପାରୁଥିଲା । ଏପରି ଅଦ୍ଭୁତ ଶକ୍ତି ଥିବାରୁ ତାଙ୍କ ନାମ ସାନ୍ତନୁ ବା ଶାନ୍ତନୁ ଥିଲା । ଶାନ୍ତନୁଙ୍କ ରାଜ୍ୟରେ ୧୨ ବର୍ଷ ଯାଏଁ ବର୍ଷା ନ ହେବାରୁ ବ୍ରାହ୍ମଣ ମାନଙ୍କୁ ପରାମର୍ଶ କରିବାରୁ ସେମାନେ କହିଲେ ଯେ ସେ ପରିବେତ୍ତା ହୋଇଗଲେ । "ଦାରାଗ୍ନିହୋତ୍ରସଂଯୋଗଂ କୁରୁତେ ଯୋଽଗ୍ରଜେ ସ୍ଥିତେ । ପରିବେତ୍ତା ଓ ବିଜ୍ଞେୟଃ ପରିବିତ୍ତିସ୍ତୁ ପୂର୍ବଜଃ । ।" ଅର୍ଥାତ୍ ବଡ଼ ଭାଇର ବିବାହାଦି ପୂର୍ବରୁ ଯେଉଁ ବ୍ୟକ୍ତି ପ୍ରଥମେ ବିବାହ ଓ ଅଗ୍ନିହୋତ୍ର ସଂଯୋଗ କରେ, ତାହାକୁ 'ପରିବେତ୍ତା' ଓ ତାର ବଡ଼ ଭାଇକୁ 'ପରିବିତ୍ତି' କୁହାଯାଏ । ଏଣୁ ସେ ବଡ଼ ଭାଇଙ୍କୁ ଡ଼ାକି ଆଣି ରାଜା କରାନ୍ତୁ । ଶାନ୍ତନୁ ବଡ଼ ଭାଇଙ୍କ ପାଖକୁ ଯାଇ ନିମନ୍ତ୍ରଣ କଲେ । କିନ୍ତୁ ସେ ମନା କଲେ । ଏଥର ଶାନ୍ତନୁଙ୍କ ରାଜ୍ୟରେ ବର୍ଷା ହେଲା । ଦେବାପି ଏବେ ମଧ୍ୟ ଯୋଗସାଧନ କରି ଯୋଗୀମାନଙ୍କର ପ୍ରସିଦ୍ଧ ନିବାସସ୍ଥାନ କଳାପ ଗ୍ରାମେ ରହୁଛନ୍ତି । ଯେତେବେଳେ କଳିଯୁଗରେ ଚନ୍ଦ୍ରବଂଶ ଲୋପ ପାଇଯିବ, ସତ୍ୟଯୁଗ ଆରମ୍ଭରେ ସେ ପୁଣି ଚନ୍ଦ୍ରବଂଶ ସ୍ଥାପନ କରିବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶାନ୍ତନୁଙ୍କ ସାନ ଭାଇ ବାହ୍ଲୀକଙ୍କ ପୁତ୍ର ସୋମଦତ୍ତ । ସୋମଦତ୍ତଙ୍କର ୩ ପୁତ୍ର – ଭୂରି, ଭୂରିଶ୍ରବା ଓ ଶଲ । ଶାନ୍ତନୁ ଓ ଗଙ୍ଗାଙ୍କ ଠାରୁ ଭୀଷ୍ମ ଜନ୍ମ ହେଲେ । ସେ ପର୍ଶୁରାମଙ୍କ ସମକକ୍ଷ ଯୋଦ୍ଧା ଥିଲେ । ଶାନ୍ତନୁଙ୍କ ଔରଷରୁ ଦାସରାଜ (କେଉଟରଜା)ଙ୍କ କନ୍ୟା (ଯିଏ କି ଉପରିଚରବସୁଙ୍କ ବୀର୍ଯ୍ୟରୁ ମତ୍ସ୍ୟ ଗର୍ଭରୁ ଜନ୍ମିଥିଲା, କିନ୍ତୁ କେଉଟଙ୍କ ଦ୍ୱାରା ପାଳିତ ଥିଲା) ଗର୍ଭରୁ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ନାମରେ ୨ ପୁତ୍ର ଜନ୍ମ ହୋଇଥିଲେ । ଚିତ୍ରାଙ୍ଗଦ ଗନ୍ଧର୍ବମାନଙ୍କଦ୍ୱାରା ହତ୍ୟା ହୋଇଥିଲା । କନିଷ୍ଠ ଭାଇ ବିଚିତ୍ରବୀର୍ଯ୍ୟ କୁରୁ ରାଜା ହେଲେ ।

ପରାଶର କେଉଟ କନ୍ୟା (ଯୋଜନଗନ୍ଧା / ସତ୍ୟବତୀ)ଙ୍କୁ ରତି କରି ଭଗବାନଙ୍କ ଅବତାର ସ୍ୱୟଂ ଶ୍ରୀକୃଷ୍ଣଦୈପାୟନ ବ୍ୟାସଙ୍କୁ ଜନ୍ମ କଲେ । ସେ ବେଦଗଣଙ୍କୁ ରକ୍ଷା କଲେ । ଶାନ୍ତନୁଙ୍କ ୨ୟ ପୁତ୍ର ବିଚିତ୍ରବୀର୍ଯ୍ୟ କାଶିରାଜଙ୍କ କନ୍ୟା ଅମ୍ବିକା ଓ ଅମ୍ବାଳିକାଙ୍କୁ ବିବାହ କଲେ । ଏମାନଙ୍କୁ ଭୀଷ୍ମ ବଳପୂର୍ବକ ସ୍ୱୟମ୍ବର ସଭାରୁ ନେଇଆସିଥିଲେ । ବିଚିତ୍ରବୀର୍ଯ୍ୟ ଯକ୍ଷ୍ମାରୋଗରେ ମରିଗଲେ । ମାତା ସତ୍ୟବତୀ କହିବାରୁ ବ୍ୟାସଦେବ ସାନ ଭାଇର ସ୍ତ୍ରୀମାନଙ୍କ ଗର୍ଭରୁ ଧୃତରାଷ୍ଟ୍ର ଓ ପାଣ୍ଡୁ ନାମକ ୨ପୁତ୍ର ଜନ୍ମାଇଲେ । ବିଚିତ୍ରବୀର୍ଯ୍ୟଙ୍କ ଦାସୀ ଅମ୍ବୃଷା ଠାରୁ ୩ୟ ପୁତ୍ର ବିଦୁର, ବ୍ୟାସଙ୍କ ଦ୍ୱରା ଜନ୍ମିଲା । ଧୃତରାଷ୍ଟ୍ର ପତ୍ନୀ ଗାନ୍ଧାରୀଙ୍କ ଶହେ ପୁତ୍ର ଜନ୍ମିଲେ । ଜ୍ୟେଷ୍ଠ ପୁତ୍ର ଦୁର୍ଯ୍ୟୋଧନ ଓ ୧ କନ୍ୟା ଦୁଃଶୀଳା ।

ପଣ୍ଡୁଙ୍କ କ୍ଷେତ୍ରରେ ପତ୍ନୀ କୁନ୍ତିଠାରୁ ଧର୍ମଙ୍କ ଦ୍ୱାରା ଯୁଧିଷ୍ଠିର, ପବନଠୁଁ ଭୀମ, ଇନ୍ଦ୍ରଙ୍କ ଦ୍ୱାରା ଅର୍ଜୁନ,ଏବଂ ୨ୟ ପତ୍ନୀ ମାଦ୍ରୀଙ୍କ ଠାରୁ ଅଶ୍ୱିନୀକୁମର ବୀର୍ଯ୍ୟେ ନକୁଳ ଓ ସହଦେବ ଜନ୍ମ ହେଲେ । ଦ୍ରୌପଦୀ ଗର୍ଭରୁ ଯୁଧିଷ୍ଠିରଙ୍କ ପୁତ୍ର ପ୍ରତିବିନ୍ଧ୍ୟ, ଭୀମର ଶ୍ରୁତସେନ, ଅର୍ଜୁନର ଶ୍ରୁତକୀର୍ତ୍ତୀ, ନକୁଳର ଶତାନୀକ ଓ ସହଦେବର ଶ୍ରୁତକର୍ମା ପୁତ୍ରମାନେ ଜନ୍ମ ହେଲେ । ଯୁଧିଷ୍ଠିରଙ୍କ ଅନ୍ୟ ପତ୍ନୀ ପୌରବୀଠାରୁ ପୁତ୍ର ଦେବକ, ଭୀମ ଠାରୁ ହିଡ଼ିମ୍ବୀ ଗର୍ଭେ ଘଟୋତ୍କଚ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାଳୀର ଗର୍ଭେ ସର୍ବଗତ ଏବଂ ସହଦେବ ଠାରୁ ବିଜୟା ଗର୍ଭରୁ ସୁହୋତ୍ର ଜନ୍ମ ହେଲେ । ନକୁଳ ଠାରୁ କରେଣୁମତି ଗର୍ଭେ ପୁତ୍ର ନିରମିତ୍ର ଜନ୍ମ । ଅର୍ଜୁନଙ୍କ ଠାରୁ ଉଲୁପୀ ଗର୍ଭେ ଇରାବନ୍ତ, ମଣିପରେଶ କନ୍ୟା ଚିତ୍ରାଙ୍ଗଦା ଗର୍ଭେ ବଭ୍ରୁବାହନ (ଜନ୍ମ ହୋଇ ଅଜାଙ୍କ ପୋଷ୍ୟପୁତ୍ର ଓ ମଣିପୁରର ରାଜା ହେଲେ) ଏବଂ ସୁଭଦ୍ରାଙ୍କ ଗର୍ଭରୁ ଅଭିମନ୍ୟୁ ଜନ୍ମ ହୋଇଥିଲେ । ଅଭିମନ୍ୟୁଙ୍କର ଉତ୍ତରା ଗର୍ଭରୁ ପରୀକ୍ଷିତ ଜନ୍ମ ହେଲେ ଓ ପରୀକ୍ଷିତଙ୍କର ୪ ସୁତ – ଜନ୍ମେଜୟ, ଶ୍ରୁତସେନ, ଭିମସେନ ଓ କନିଷ୍ଠ ଉଗ୍ରସେନ । ପରୀକ୍ଷିତଙ୍କ ପୁତ୍ର ଜନ୍ମେଜୟ ଯଜ୍ଞ କରି ସମସ୍ତ ସର୍ପଙ୍କୁ ଆହୁତି ଦେଲେ । ସେ କାବେଷୟ ତୁରୁଙ୍କୁ ପୁରୋହିତ କରି ଅଶ୍ୱମେଧ ଯଜ୍ଞ କଲେ । ସପ୍ତଦ୍ୱୀପରେ ରାଜା ହୋଇ ସୁଖରେ ପ୍ରଜା ପାଳନ କରିବେ ।

ଜନ୍ମେଜୟର ପୁତ୍ର ଶତାନୀକ । ସେ ଯାଜ୍ଞବଲ୍କ୍ୟର ଉପନିଷଦ ଓ ଶୌନକ ତଥା କୃପାଚାର୍ଯଙ୍କ ଠାରୁ ତତ୍ତ୍ୱଜ୍ଞାନ ଲଭିବେ । ଶତାନୀକର ପୁତ୍ର ସହସ୍ରାନୀକ – ତା ପୁତ୍ର ପୌତ୍ରାଦି - ଅଶ୍ୱମେଧକ - ଅସୀମକୃଷ୍ଣ - ନେମିଚକ୍ର – ଚିତ୍ରରଥ - କବିରଥ - ବୃଷ୍ଟିମାନ୍ – ସୁଷେଣ – ସୁନୀଥ - ନୃଚକ୍ଷୁ – ସୁଖୀନଳ – ପରିପ୍ଲବ – ସୁନୟ – ମେଧବୀ - ନୃପଞ୍ଜୟ - ଦୁର୍ବ – ତିମି । ତିମିର ପୁତ୍ର ବୃହଦ୍ରଥ - ତା ସୁତ ସୁଦାସ – ତା ପୁତ୍ର ପୌତ୍ରାଦି – ଶତାନୀକ - ଦୁର୍ଦମନ - ବହୀନର – ଦଣ୍ଡପାଣି - ନିମି – କ୍ଷେମକ । କ୍ଷେମକଠାରୁ ସୋମବଂଶ କଳିଯୁଗରେ ଶେଷ ହେବ ।

ମଗଧ ବଂଶ ବୃତ୍ତାନ୍ତ - ଜରାସନ୍ଧଙ୍କ ପୁତ୍ର ସହଦେବ – ତା ସୁତ ମାର୍ଜାରି – ତା ପୁତ୍ର ପୌତ୍ରାଦି – ଶ୍ରୁତଶ୍ରବା - ଅୟୁତାୟୁ - ନିରମିତ୍ର –ସୁନକ୍ଷତ୍ର – ବୃହସ୍ରେନ - କର୍ମଜିତ – ସୃତଞ୍ଜୟ – ବିପ୍ର – ଶୁଚି – କ୍ଷେମ – ସୁବ୍ରତ - ଧର୍ମସୂତ୍ର – ଶମ - ଦ୍ୟୁମସ୍ରେନ - ସୁମତି – ସୁବଳ – ସୁନୀଥ - ସତ୍ୟଜିତ୍ – ବିଶ୍ୱଜିତ୍ – ରିପୁଞ୍ଜୟ । ଏମାନେ ସମସ୍ତେ ବୃହଦ୍ରଥବଂଶୀ ହୋଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୦୦୦ ବର୍ଷ ଶାସନ କରିବେ ।

ତ୍ରୟୋବିଂଶ ଅଧ୍ୟାୟରେ ଅନୁ, ଦ୍ରୁହ୍ୟୁ, ତୁର୍ବସୁ ଓ ଯଦୁଙ୍କ ବଂଶ ବର୍ଣ୍ଣନା କରାଯାଇଛି । ଯଯାତିଙ୍କ ପତ୍ନୀ (ଦେବଯାନୀର ଦାସୀ) ଶର୍ମିଷ୍ଠାଙ୍କ ଠାରୁ ଜନ୍ମିତ ପୁତ୍ର ଅନୁଙ୍କର ୩ ପୁତ୍ର – ସଭାନର, ଚକ୍ଷୁ ଓ ପରୋକ୍ଷ । ସଭାନରଙ୍କ ପୁତ୍ର କାଳନର – ତା ସୁତ ସୃଞ୍ଜୟ - ତା ସୁତ ଜନ୍ମେଜୟ – ତା ସୁତ ମହାଶୀଳ – ତା ସୁତ ମହାମନା । ମହାମନାଙ୍କର ୨ ପୁତ୍ର – ଉଶୀନର ଓ ତିତିକ୍ଷୁ ।

ଉଶିନରଙ୍କ ୪ ପୁତ୍ର – ଶିବି, ବନ, ଶମୀ ଓ ଦକ୍ଷ । ଶିବିଙ୍କର ୪ ପୁତ୍ର – ବୃଷାଦର୍ଭ, ସୁବୀର, ମଦ୍ର ଓ କୈକେୟ । ତିତିକ୍ଷୁଙ୍କର ପୁତ୍ର ରୁଶଦ୍ରଥ - ତା ସୁତ ହେମ - ତା ସୁତ ସୁତପା – ତା ସୁତ ବଳି । ବଳି ବନେ ତପସ୍ୱୀ ହେଲେ ।

ରାଜା ବଳିଙ୍କ ପତ୍ନୀଙ୍କ ଠାରୁ ଦୀର୍ଘତମାଙ୍କ ବୀର୍ଯ୍ୟରୁ ୬ ପୁତ୍ର - ଅଙ୍ଗ, ବଙ୍ଗ, କଳିଙ୍ଗ, ସୁହ୍ମ, ପୁଣ୍ଡ୍ର ଓ ଅନ୍ଧ୍ର ନାମରେ ଜାତ ହେଲେ । ସେମାନେ ନିଜ ନାମାନୁସାରେ ପୂର୍ବ ଦିଗରେ ୬ଟି ଦେଶ ବସାଇଲେ । ଅଙ୍ଗଙ୍କ ପୁତ୍ର ଖନପାନ - ତା ସୁତ ଦିବିରଥ - ତା ସୁତ ଧର୍ମରଥ - ତା ସୁତ ଚିତ୍ରରଥ । ଚିତ୍ରରଥ ରୋମପାଦ (ଲୋମପାଦ) ନାମରେ ପ୍ରସିଦ୍ଧ । ସେ ବଂଶହୀନ ଥିଲେ । ସେ ଅଯୋଧ୍ୟା ରାଜା ଦଶରଥଙ୍କ ମିତ୍ର ଥିଲେ । ଦଶରଥ ନିଜ କନ୍ୟା ଶାନ୍ତାକୁ ପୋଷ୍ୟାକନ୍ୟା ଭାବେ ମିତ୍ର ଲୋମପାଦଙ୍କୁ ଦେଲେ ।

ଶାନ୍ତା, ଋଷ୍ୟଶୃଙ୍ଗ (ବିଭାଣ୍ଡକ ମୁନିଙ୍କ ଦ୍ୱାରା ହିରଣୀ ଗର୍ଭରୁ ଜାତ) ମୁନିଙ୍କୁ ବିବାହ ହେଲେ । ଥରେ ଲୋମପାଦଙ୍କ ରାଜ୍ୟରେ ବହୁ ବର୍ଷ ଧରି ବର୍ଷା ନ ହେବାରୁ ବେଶ୍ୟାମାନଙ୍କ ଦ୍ୱାରା ବଶ କରି ଋଷି ଶୃଙ୍ଗଙ୍କୁ ଲୋମପାଦ ନିଜ ରାଜ୍ୟକୁ ନେଇ ଆସିଲେ । ସେ ଆସୁ ଆସୁ ବର୍ଷା ହେଲା । ସେହି ଋଷ୍ୟଶୃଙ୍ଗ ଇନ୍ଦ୍ରଦେବଙ୍କ ଯଜ୍ଞ କରିବାରୁ ଲୋମପାଦଙ୍କର ପୁତ୍ର ଜନ୍ମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲା । ଏବଂ ଦଶରଥ ବି ତାଙ୍କ ଦ୍ୱାରା ଯଜ୍ଞ କରିବାରୁ ୪ଟି ପୁତ୍ର ଜନ୍ମ ହେଲା । ଲୋମପାଦ ପୁତ୍ର ଚତୁରଙ୍ଗ ଓ ତା ସୁତ ପୃଥୁଳାକ୍ଷ । ପୃଥୁଳାକ୍ଷଙ୍କ ୩ ପୁତ୍ର – ବୃହଦ୍ରଥ, ବୃହତ୍କର୍ମା ଓ ବୃହଦ୍ଭାନୁ । ବୃହଦ୍ରଥ ପୁତ୍ର ବୃହନ୍ମନା – ତା ସୁତ ଜୟଦ୍ରଥ । ଜୟଦ୍ରୋଥର ପତ୍ନୀ ସମ୍ଭୁତି ଗର୍ଭରୁ ପୁତ୍ର ବିଜୟ ଜନ୍ମ ହେଲେ । ବିଜୟଙ୍କ ପୁତ୍ର ଧୃତି – ତା ସୁତ ଧୃତବ୍ରତ - ତା ସୁତ ସତ୍କର୍ମା – ତା ସୁତ ଅଧିରଥ ।

ଅଧିରଥ ନିଃସନ୍ତାନ ଥିଲେ । ସେ ଦିନେ ଗଙ୍ଗା ତଟରେ କ୍ରୀଡ଼ା କରୁଥିବା ବେଳେ ଜଳରେ ପେଟି ଭିତରେ ଶିଶୁ ପାଇଲେ ଯେ କି କୁନ୍ତି ସୁତ କର୍ଣ୍ଣ (ରାଧାସୁତ) । କର୍ଣ୍ଣର ପୁତ୍ର ବୃଷସେନ । ଯଯାତି ପୁତ୍ର ଦ୍ରୁହ୍ୟୁଙ୍କ ଠାରୁ ବଭ୍ରୁ ଜନ୍ମ । ବଭ୍ରୁଙ୍କ ପୁତ୍ର ସେତୁ – ତା ସୁତ ଆରବ୍ଧ – ତା ସୁତ ଗାନ୍ଧାର - ତା ସୁତ ଧର୍ମ – ତା ସୁତ ଧୃତ – ତା ସୁତ ଦର୍ମନା – ତା ସୁତ ପ୍ରଚେତା । ପ୍ରଚେତାଙ୍କ ୧୦୦ ପୁତ୍ର । ସେମାନେ ଉ଼ତ୍ତର ଦିଗରେ ମ୍ଳେଚ୍ଛ ମାନଙ୍କ ରାଜା ହେଲେ । ଯଯାତିଙ୍କ ପୁତ୍ର ତୁର୍ବସୁଙ୍କ ପୁତ୍ର ବହ୍ନି – ତା ସୁତ ଭର୍ଗ – ତା ସୁତ ଭାନିମାନ - ତା ସୁତ ତ୍ରିଭାନୁ – ତା ସୁତ କରନ୍ଧମ – ତା ସୁତ ମରୁତ । ମରୁତ ନିଃସନ୍ତାନ ଥିଲେ । ସେ ପୁରୁ ବଂଶୀ ଦୁଷ୍ୟନ୍ତଙ୍କୁ ପୋଷ୍ୟ ରଖିଲେ ସିନା ଦୁଷ୍ୟନ୍ତ ରାଜ୍ୟ ପାଇବା ଆଶାରେ ନିଜ ବଂଶକୁ ଫେରିଗଲେ ।

ଯଦୁ ବଂଶ - ଯଦୁଙ୍କର ୪ ପୁତ୍ର – ସହସ୍ରଜିତ୍, କ୍ରୋଷ୍ଟା, ନଳ ଓ ରିପୁ । ସହସ୍ରଜିତ୍‌ଙ୍କ ପୁତ୍ର ଶତଜିତ୍ । ଶତଜିତ୍‌ଙ୍କ ୩ ପୁତ୍ର – ମହାହୟ, ବେଣୁହୟ ଓ ହୈହୟ । ହୈହୟଙ୍କ ପୁତ୍ର ଧର୍ମ – ତା ସୁତ ନେତ୍ର – ତା ପୁତ୍ର ପୌତ୍ରାଦି – କୁନ୍ତି – ସୋହଂଜି – ମହିଷ୍ମାନ୍ – ଭଦ୍ରସେନ୍ । ଭଦ୍ରସେନଙ୍କ ୨ ପୁତ୍ର - ଦୁର୍ମଦ ଓ ଧନକ । ଧନକଙ୍କ ୪ ପୁତ୍ର – କୃତବୀର୍ଯ୍ୟ, କୃତାଗ୍ନି, କୃତବର୍ମା ଓ କୃତୌକା । କୃତବୀର୍ଯ୍ୟଙ୍କ ପୁତ୍ର ସହସ୍ରାର୍ଜୁନ (କୀର୍ତ୍ତବୀର୍ଯ୍ୟ) ଥିଲେ । ଏହି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହସ୍ରବାହୁ ଅର୍ଜୁନ ୮୫୦୦୦ ବର୍ଷ ତାଙ୍କର ଛଅ ଇନ୍ଦ୍ରିୟରେ ଅକ୍ଷୟ ବିଷୟ ଉପଭୋଗ କରିଥିଲେ । ତାଙ୍କର ହଜାରେ ପୁତ୍ରଙ୍କ ମଧ୍ୟରୁ କେବଳ ୫ ଜଣ ବଞ୍ଚିଥିଲେ । ଅନ୍ୟମାନେ ସମସ୍ତେ ପର୍ଶୁରାମଙ୍କ ଦ୍ୱାରା ନିହତ ହୋଇଥିଲେ (୧୫ଶ ଅଧ୍ୟାୟରେ ସବିସ୍ତୃତ ବର୍ଣ୍ଣିତ) । ବଞ୍ଚିଥିବା ପୁତ୍ରମାନେ - ଜୟଧ୍ୱଜ, ଶୂରଶେନ, ବୃଷଭ, ମଧୁ ଓ ଉର୍ଜିତ । ଜୟଧ୍ୱଜଙ୍କ ପୁତ୍ର ତାଳଜଂଘ । ତାର ୧୦୦ ପୁତ୍ର । ସେମାନେ ତାଳଜଂଘ ନାମକ କ୍ଷତ୍ରୀୟ ବୋଲାଇଲେ । ମହର୍ଷି ଔର୍ବଙ୍କ ବଳରେ ରାଜା ସଗର ସେମାନଙ୍କୁ ଅପମାନିତ ଓ ନିପାତ କରିଦେଲେ (୮ମ ଅଧ୍ୟାୟ୍ର ଶ୍ଳୋକ୫ ରୁ ୭ ରେ ସବିସ୍ତୃତ ବର୍ଣ୍ଣନ) । ସେହି ୧୦୦ ପୁତ୍ର ମଧ୍ୟରେ ଜେଷ୍ଠ ଥିଲା ବୀତିହୋତ୍ର । ବୀତିହୋତ୍ରର ପୁତ୍ର ମଧୁ । ତାର ୧୦୦ ପୁତ୍ର ମଧ୍ୟରୁ ଜ୍ୟେଷ୍ଠ ପୁତ୍ର ବୃଷ୍ଣି । ସେହି ମଧୁ, ବୃଷ୍ଣି ଓ ଯଦୁଙ୍କ ଆଧାରରେ ସେହି ବଂଶ ମାଧବ, ବାର୍ଷ୍ଣେୟ ଓ ଯାଦବ ହେଲା । ଯଦୁର ପୁତ୍ର କ୍ରୋଷ୍ଟୁଙ୍କ ପୁତ୍ର ବୃଜିନବାନ୍ । ବୃଜିନବାନଙ୍କ ପୁତ୍ର ଶ୍ୱାହି – ତା ସୁତ ରୁଷେକୁ – ତା ସୁତ ଚିତ୍ରରଥ - ତା ସୁତ ଶଶବିନ୍ଦୁ । ଶଶବିନ୍ଦୁ ଥିଲେ ପରମଯୋଗୀ, ଭୋଗୀ, ଐଶ୍ୱର୍ଯ୍ୟସମ୍ପନ୍ନ ଓ ପରାକ୍ରମୀ । ସେ ଥିଲେ ୧୪ ରତ୍ନର ସ୍ୱାମୀ । ୧୪ ରତ୍ନ – ହାତୀ, ଘୋଡ଼ା, ରଥ, ସ୍ତ୍ରୀ, ବାଣ, ଟଙ୍କାପଇସା, ମାଳା, ବସ୍ତ୍ର, ବୃକ୍ଷ, ଶକ୍ତି, ପାଶ, ମଣି, ଛତ୍ର ଓ ବିମାନ । ତାଙ୍କର ୧୦,୦୦୦ ପତ୍ନୀ ଥିଲେ । ପ୍ରତ୍ୟେକ ପତ୍ନୀଙ୍କର ୧,୦୦.୦୦୦ ସନ୍ତାନ । ଏପରି ମୋଟ ୧ କୋଟି ସନ୍ତାନ ଥିଲେ । ସେମାନଙ୍କ ମଧ୍ୟରେ ପୃଥୁଶ୍ରବା ଆଦି ଛ'ପୁତ୍ର ପ୍ରଧାନ ଥିଲେ । ପୃଥୁଶ୍ରବାଙ୍କ ପୁତ୍ର ଧର୍ମ । ତା ସୁତ ଉଶନା – ତା ସୁତ ରୁଚକ – ତାଙ୍କର ୫ ପୁତ୍ର - ପୁରୁଜିତ୍, ରୁକ୍ମ, ରୁକ୍ମେଶୁ, ପୃଥୁ ଓ ଜ୍ୟାମଘ । ଜ୍ୟମଘଙ୍କ ପତ୍ନୀ ଶୈବ୍ୟା । ତାଙ୍କର ସନ୍ତାନ ନ ଥିଲେ । ବହୁ ଦିନ ପରେ ଜ୍ୟାମଘ ଔରଷରୁ ହେବା ଶୈବ୍ୟାଙ୍କ ପୁତ୍ର ବିଦର୍ଭ, ରାଜା ଜ୍ୟାମଘ ଆଣି ଘରେ ରଖିଥିବା କନ୍ୟା ଭୋଜ୍ୟାକୁ ବିବାହ କଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚତୁର୍ବିଂଶ ଅଧ୍ୟାୟରେ ବିଦର୍ଭଙ୍କ ବଂଶ ବର୍ଣ୍ଣନା କରାଯାଇଛି । ଜ୍ୟାମଘର ପୁତ୍ର ବିଦର୍ଭର ୩ ପୁତ୍ର – କୁଶ, କ୍ରଥ ଓ ରୋମପାଦ । ରୋମପାଦ ବିଦର୍ଭ ବଂଶର ଶ୍ରେଷ୍ଠ ପୁରୁଷ । ରୋମପାଦଙ୍କର ବଭ୍ରୁ – ତା ସୁତ କୃତି – ତା ସୁତ ଉଶିକ – ତା ପୁତ୍ର ଚେଦି । ଏହି ଚେଦି ବଂଶରେ ହିଁ ଦମଘୋଷ ଓ ଶିଶୁପାଳ ଜନ୍ମ ହୋଇଥିଲେ । କ୍ରଥର ପୁତ୍ର କୁନ୍ତି – ତା ସୁତ ଧୃଷ୍ଟି – ତା ସୁତ ନିବୃତି – ତା ସୁତ ଦଶାର୍ହ - ତା ପୁତ୍ର ପୌତ୍ରାଦି – ବ୍ୟୋମ – ଜୀମୂତ – ବିକୃତି – ଭୀମରଥ -ନବରଥ - ଦଶରଥ - ଶକୁନି – କରମ୍ଭି – ଦେବରାତ – ଦେବକ୍ଷତ୍ର – ମଧୁ – କୁରୁବଶ - ଅନୁ - ପୁରୁହୋତ୍ର - ଆୟୁ – ସାତ୍ୱତ । ସାତ୍ୱତର ୭ ପୁତ୍ର – ଭଜମାନ, ଭଜି, ଦିବ୍ୟକ, ବୃଷ୍ଣି, ଦେବାବୃଧ, ଅନ୍ଧକ, ଓ ମହାଭୋଜ । ଭଜମାନର ୨ ପତ୍ନୀ । ୧ମ ପତ୍ନୀର ୩ ସୁତ - ନିମ୍ଳୋଚ, ଧୃଷ୍ଟି ଓ କିଙ୍କଣ । ୨ୟ ପତ୍ନୀର ୩ ପୁତ୍ର – ଶତାଜିତ, ସହସ୍ରାଜିତ ଓ ଅୟୁତାଜିତ । ଦେବାବୃଧର ପୁତ୍ର ବଭ୍ରୁ । ବଭ୍ରୁ ମନୁଷ୍ୟ ମାନଙ୍କ ମଧ୍ୟରେ ଶ୍ରେଷ୍ଠ ଓ ଦେବାବୃଧ ଦେବତାଙ୍କ ସମାନ । ବଭ୍ରୁ ଓ ଦେବାବୃଧଙ୍କ ଉପଦେଶ ଶୁଣି ୧୪,୦୬୫ ଜଣ ମନୁଷ୍ୟ ପରମପଦ ପାଇଗଲେ । ସତ୍ୱତଙ୍କ ପୁତ୍ରମାନଙ୍କ ମଧ୍ୟରେ ମହାଭୋଜ ବଡ଼ ଧାର୍ମିକ ଥିଲେ ଓ ତାଙ୍କ ବଂଶରେ ଭୋଜବଂଶୀ ଯାଦବମାନେ ଉତ୍ପନ୍ନ ହେଲେ । ବୃଷ୍ଣିର ୨ ପୁତ୍ର – ସୁମିତ୍ର ଓ ଯୁଧାଜିତ୍ । ଯୁଧାଜିତ୍‌ଙ୍କର ୨ ପୁତ୍ର ଶିନି ଓ ଅନମିତ୍ର । ଅନମିତ୍ରଙ୍କ ୩ ପୁତ୍ର - ନିମ୍ନ, ଶିନି ଓ ବୃଷ୍ଣି । ନିମ୍ନଙ୍କ ୨ ପୁତ୍ର ସତ୍ରାଜିତ୍ ଓ ପ୍ରସେନ୍ । ଅନମିତ୍ରଙ୍କ ଅନ୍ୟ ପୁତ୍ର ଶିନିଙ୍କର ପୁତ୍ର ସତ୍ୟକ । ସତ୍ୟକଙ୍କ ପୁତ୍ର ଯୁଯୁଧାନ (ସାତ୍ୟକି) । ସାତ୍ୟକିଙ୍କ ପୁତ୍ର ଜୟ – ତା ସୁତ କୁଣି – ତା ସୁତ ଯୁଗନ୍ଧର । ଅନମିତ୍ରଙ୍କ ୩ ପୁତ୍ର ବୃଷ୍ଣି । ବୃଷ୍ଣିଙ୍କର ୨ ପୁଅ - ଶ୍ୱଫଲ୍କ ଓ ଚିତ୍ରରଥ । ଶ୍ୱଫଲ୍କଙ୍କ ପତ୍ନୀ ଗାନ୍ଧିନୀ । ତାଙ୍କର ୧୩ ଟି ପୁତ୍ର ଓ ୧ କନ୍ୟା । ସେମାନେ ହେଲେ - ଅକ୍ରୁର (ଶ୍ରେଷ୍ଠପୁତ୍ର), ଆସଙ୍ଗ, ସାରମେୟ, ମୃଦୁର, ମୃଦୁବିଦ୍, ଗିରି,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧର୍ମବୃଦ୍ଧ, ସୁକର୍ମା, କ୍ଷେତ୍ରୋପେକ୍ଷ, ଅରିମର୍ଦ୍ଦନ, ଶତ୍ରୁଘ୍ନ, ଗନ୍ଧମାର୍ଦ୍ଦନ ଓ ପ୍ରତିବାହୁ । ଏବଂ କନ୍ୟାଟିର ନାମ ସୁଚୀରା । ଅକ୍ରୁରଙ୍କ ୨ ପୁତ୍ର – ଦେବବାନ୍ ଓ ଉପଦେବ । ଶ୍ୱଫଲ୍କଙ୍କ ଭାଇ ଚିତ୍ରରଥଙ୍କର ପୃଥୁ, ବିଦୁରଥ ଆଦି ବହୁ ପୁତ୍ର ଜନ୍ମ ହେଲେ । ସେମାନେ ବୃଷ୍ଣି ବଂଶୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଥିଲେ । ସାତ୍ୱତଙ୍କ ଅନ୍ୟ ପୁତ୍ର ଅନ୍ଧକଙ୍କର ୪ ପୁତ୍ର – କୁକୁର, ଭଜମାନ, ଶୁଚି ଓ କମ୍ବଳବର୍ହି । କୁକୁରଙ୍କ ପୁତ୍ର ବହ୍ନି – ତା ସୁତ ବିଲୋମା – ତା ସୁତ କପୋତରୋମା – ତା ସୁତ ଅନୁ । ଅନୁଙ୍କର ତୁମ୍ବୁରୁ ଗନ୍ଧର୍ବଙ୍କ ସହ ବିଶେଷ ମିତ୍ରତା ଥିଲା । ଅନୁଙ୍କର ପୁତ୍ର ଅନ୍ଧକ – ତା ସୁତ ଦୁନ୍ଦୁଭି – ତା ସୁତ ଅରିଦ୍ୟୋତ – ତା ସୁତ ପୁନର୍ବସୁ । ପୁନର୍ବସୁଙ୍କର ୧ ପୁତ୍ର - ଆହୁକ ଓ ୧ କନ୍ୟା - ଆହୁକି । ଆହୁକଙ୍କର ୨ ପୁତ୍ର – ଦେବକ ଓ ଉଗ୍ରସେନ ।

ଦେବକଙ୍କର ୪ ପୁତ୍ର – ଦେବବାନ୍, ଉପଦେବ, ସୁଦେବ ଓ ଦେବବର୍ଦ୍ଧନ ଏବଂ ୭ କନ୍ୟା - ଧୃତଦେବା, ଶାନ୍ତିଦେବା, ଉପଦେବା, ଶ୍ରୀଦେବା, ଦେବରକ୍ଷିତା, ସହଦେବା ଓ ଦେବକୀ । ଏହି ୭ ଭଉଣୀଙ୍କୁ ବସୁଦେବ ବିବାହ କରିଥିଲେ । ଉଗ୍ରସେନଙ୍କର ୯ ପୁତ୍ର – କଂସ, ସୁନାମା, ନ୍ୟଗୋଧ୍ର, କଙ୍କ, ଶଙ୍କୁ, ସୁହୂ, ରାଷ୍ଟ୍ରପାଳ, ସୃଷ୍ଟି ଓ ତୁଷ୍ଟିମାନ୍ ଏବଂ ୫ କନ୍ୟା – କଂସା, କଂସବତୀ, କଙ୍କା, ଶୂରଭୂ ଓ ରାଷ୍ଟ୍ରପାଳିକା । ଏହି ୫ ଭଉଣୀ ବସୁଦେବଙ୍କର ସାନଭାଇ ଦେବଭାଗ ପ୍ରଭୃତିଙ୍କ ସହ ବିବାହ କଲେ । ଚିତ୍ରରଥଙ୍କ ପୁତ୍ର ବିଦୁରଥଙ୍କ ପୁତ୍ର ଶୂର । ଶୂରଙ୍କ ୨ ପୁତ୍ର – ଦେବମୀଢ଼ ଓ ଭଜମାନ । ତା ସୁତ ସ୍ୱୟମ୍ଭୋଦ - ତା ସୁତ ହୃଦୀକ । ହୃଦୀକଙ୍କ ୩ ପୁତ୍ର – ଦେବବାହୁ, ଶତଧନ୍ୱା ଓ କୃତବର୍ମା । ଶୁରଙ୍କ ପୁତ୍ର ଦେବମୀଢ଼ଙ୍କ ପତ୍ନୀ ମାରିଷା ।

ଦେବମୀଢ଼ ଓ ପତ୍ନୀ ମାରିଷାଙ୍କ ୧୦ ପୁତ୍ର – ବସୁଦେବ, ଦେବଭାଗ, ଦେବଶ୍ରବା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆନକ, ସୃଞ୍ଜୟ, ଶ୍ୟାମକ, କଙ୍କ, ଶମୀକ, ବତ୍ସଳ ଓ ବୃକଏବଂ ୫ କନ୍ୟା - ପୃଥା (କୁନ୍ତୀ), ଶ୍ରୁତଦେବା, ଶ୍ରୁତକୀର୍ତ୍ତି, ଶ୍ରୁତଶ୍ରବା ଓ ରାଜାଧିଦେବୀ । ବସୁଦେବଙ୍କୁ ଆନକଦୁନ୍ଦୁଭି (ଜନ୍ମ ସମୟରେ ଦୁନ୍ଦୁଭି ବାଦ୍ୟ ବାଜିଥିଲା) କୁହାଯାଏ । କୁନ୍ତିଭୋଜ ଥିଲେ ବସୁଦେବଙ୍କ ପିତା ଶୂରସେନ (ଦେବମୀଢ଼)ଙ୍କ ମିତ୍ର । କୁନ୍ତଭୋଜଙ୍କର କୌଣସି ସନ୍ତାନ ନ ଥିଲା । ତେଣୁ ଶୂରସେନ, କୁନ୍ତଭୋଜଙ୍କୁ କୁନ୍ତୀ (ପୃଥା)ଙ୍କୁ ପାଳିତା କନ୍ୟା ରୂପେ ପ୍ରଦାନ କରିଥିଲେ । ଦୁର୍ବାସା ଋଷିଙ୍କୁ ସେବାସନ୍ତୁଷ୍ଟ କରାଇ କୁନ୍ତି ବରପାଇ ସୂର୍ଯ୍ୟଙ୍କ ଠାରୁ କର୍ଣ୍ଣଙ୍କୁ କାନ ଦ୍ୱାର ଦେଇ ଜନ୍ମ କରିଥିଲେ । କୁନ୍ତିଙ୍କର ପାଣ୍ଡୁଙ୍କ ସହ ବିବାହ ହୋଇଥିଲା । ପୃଥା (କୁନ୍ତି)ଙ୍କ ସାନଭଉଣୀ ଶ୍ରୁତଦେବାଙ୍କର କରୂଷ ଦେଶର ରାଜା ବୃଦ୍ଧଶର୍ମାଙ୍କ ସହିତ ବିବାହ ହୋଇଥିଲା । ବୃଦ୍ଧଶର୍ମା ଓ ଶ୍ରୁତଦେବାଙ୍କ ଠାରୁ ଦନ୍ତବକ୍ର (ପୂର୍ବ ଜନ୍ମର ହିରଣ୍ୟାକ୍ଷ) ଜନ୍ମ ହୋଇଥିଲା ।

କେକୟ ଦେଶର ରାଜା ଧୃଷ୍ଟକେତୁ ଶ୍ରୁତକୀର୍ତ୍ତିଙ୍କୁ ବିବାହ କରିଥିଲେ । ଧୃଷ୍ଟକେତୁ ଓ ଶ୍ରୁତକୀର୍ତ୍ତିଙ୍କ ଠାରୁ ୫ ଜଣ କୈକେୟ ରାଜକୁମାର ଜନ୍ମ ହୋଇଥିଲେ । ରାଜାଧିଦେବୀ, ଜୟସେନଙ୍କୁ ବାହା ହେଲେ । ତାଙ୍କର ୨ ପୁତ୍ର – ବିନ୍ଦ ଓ ଅନିବିନ୍ଦ । ସେମାନେ ଅବନ୍ତୀର ରାଜା ହେଲେ । ଶ୍ରୁତଶ୍ରବା, ଦମଘୋଷ (ଚେଦିରାଜ)ଙ୍କୁ ବିବାହ କରିଥିଲେ । ଦମଘୋଷ ଓ ଶ୍ରୁତଶ୍ରବାଙ୍କ ପୁତ୍ର ଶିଶୁପାଳ । ବସୁଦେବଙ୍କ ଭାଇମାନଙ୍କ ମଧ୍ୟରୁ ଦେବଭାଗଙ୍କ ପତ୍ନୀ କଂସାଙ୍କ ଗର୍ଭରୁ ୨ ପୁତ୍ର – ଚିତ୍ରକେତୁ ଓ ବୃହଦ୍ବଳ ଜନ୍ମ ହେଲେ । ବସୁଦେବଙ୍କ ଭାଇ ଦେବଶ୍ରବାଙ୍କ ପତ୍ନୀ କଂସବତୀ । ଏମାନଙ୍କ ୨ ପୁତ୍ର ସୁବୀର ଓ ଇଷ୍ଟମାନ୍ । ଆନକଙ୍କ ପତ୍ନୀ କଙ୍କା । ଏମାନଙ୍କ ୨ ପୁତ୍ର – ଶତ୍ରୁଜିତ୍ ଓ ପୁରୁଜିତ୍ । ସୃଞ୍ଜୟଙ୍କ ପତ୍ନୀ ରାଷ୍ଟ୍ରପାଳିକା । ଏମାନଙ୍କ ବୃଷ, ଦୁର୍ମର୍ଷଣ ଆଦି କେତୋଟି ପୁତ୍ର ଜନ୍ମ ହେଲେ । ଶ୍ୟାମକଙ୍କର ପତ୍ନୀ ଶୂରଭୂମି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ଶୂରଭୂ) । ଏମାନଙ୍କ ୨ ପୁତ୍ର ହରିକେଶ ଓ ହିରଣ୍ୟାକ୍ଷ । ବତ୍ସକଙ୍କର ମିଶ୍ରକେଶୀ ଅପସରାଙ୍କ ଗର୍ଭରୁ ବୃକ ଆଦି କେତେକ ପୁତ୍ର ଜନ୍ମ ହେଲେ । ଏବଂ ବୃକ ଓ ଦୁର୍ବାକ୍ଷୀଙ୍କ ଗର୍ଭରୁ ପୁତ୍ର ତକ୍ଷ, ପୁଷ୍କର ଓ ଶାଳ ଆଦି କେତେକ ପୁତ୍ର ଜନ୍ମ ହେଲେ । ଶମୀକଙ୍କ ପତ୍ନୀ ସୁଦାମିନୀ । ଏମାନଙ୍କ ପୁତ୍ର ସୁମିତ୍ର ଓ ଅର୍ଜୁନପାଳ ଇତ୍ୟାଦି । କଙ୍କଙ୍କର ପତ୍ନୀ କର୍ଣ୍ଣିକା । ଏମାନଙ୍କର ୨ ପୁତ୍ର – ଋତଧାମ ଓ ଜୟ ।

ଆନକଦୁନ୍ଦୁଭି ବସୁଦେବଙ୍କ ୧୩ ପତ୍ନୀ– ପୌରବୀ, ରୋହିଣୀ, ମଦିରା, ରୋଚନା, ଇଳା, କୌସଲ୍ୟା, ଧୃତଦେବା, ଶାନ୍ତିଦେବା, ଉପଦେବା, ଶ୍ରୀଦେବା, ଦେବରକ୍ଷିତା, ସହଦେବା ଓ ଦେବକୀ । ରୋହିଣୀଙ୍କ ଗର୍ଭରୁ ବଳରାମ, ଗଦ, ସାରସ, ଦୁର୍ମଦ, ବୋପୁଳ, ଧ୍ରୁବ, କୃତ, ଆଦି ପୁତ୍ର ଜନ୍ମ ହେଲେ । ପୌରବୀଙ୍କ ଗର୍ଭରୁ ଭୂତ, ସୁଭଦ୍ର, ଭଦ୍ରବାହୁ, ଦୁର୍ମଦ, ଭଦ୍ର ଆଦି ୧୨ଟି ପୁତ୍ର । ମଦିରାଙ୍କ ଠାରୁ ନନ୍ଦ, ଉପନନ୍ଦ, କୃତକ, ଶୂର, ଆଦି ପୁତ୍ର । କୌସଲ୍ୟାଙ୍କର ୧ ମାତ୍ର ବଂଶ ଉଜ୍ଜଳକାରୀ ପୁତ୍ର କେଶୀ । ରୋଚନାଙ୍କ ଗର୍ଭରୁ ହସ୍ତ ଓ ହେମାଙ୍ଗଦ ଆଦି ପୁତ୍ର । ଇଳାଙ୍କ ଗର୍ଭରୁ ଉରୁକଳ୍କ ପୁତ୍ର । ଧୃତଦେବୀଙ୍କ ଗର୍ଭରୁ ୧ ପୁତ୍ର ବିପୃଷ୍ଠ । ଶାନ୍ତିଦେବାଙ୍କ ଗର୍ଭରୁ ଶ୍ରମ ଓ ପ୍ରତିଶ୍ରୁତ ଆଦି କେତେକ ପୁତ୍ର । ଉପଦେବାଙ୍କ ୧୦ ପୁତ୍ର – କୂବର୍ଷ ପ୍ରଭୃତି । ଶ୍ରୀଦେବାଙ୍କର ୨ ପୁତ୍ର – ବସୁ, ହଂସ, ସୁବଂସ ଆଦି । ଦେବରକ୍ଷିତାଙ୍କ ଗର୍ଭରୁ ୯ଟି ପୁତ୍ର – ଗଦ ଆଦି । ସହଦେବାଙ୍କ ଗର୍ଭରୁ ୮ଟି ପୁତ୍ର – ପୁରୁବିଶ୍ରୁତ ଇତ୍ୟାଦି । ଦେବକୀଙ୍କ ଠାରୁ ୮ଟି ପୁତ୍ର - କୀର୍ତ୍ତିମାନ, ସୁଷେଣ, ଭଦ୍ରସେନ, ଋଜୁ, ସଂମର୍ଦନ, ଭଦ୍ର, ବଳରାମ (ଶେଷଦେବଙ୍କ ଅବତାର) ଏବଂ ଶ୍ରୀକୃଷ୍ଣ (ଅଷ୍ଟମପୁତ୍ର) । ଏବଂ ବସୁଦେବ ଓ ଦେବକୀଙ୍କର ୧ ମାତ୍ର କନ୍ୟା ଥିଲେ ସୁଭଦ୍ରା ।

ଦଶମ ସ୍କନ୍ଧର ୯୬ତମ ଅଧ୍ୟାୟ ଅର୍ଥାତ୍ ସେହି ଅଧ୍ୟାୟର ଶ୍ଲୋକ ୩୩ ରୁ ୪୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟରେ ଯଦୁବଂଶର ଶେଷ ସନ୍ତାନ ମାନେ ନବମ ସ୍କନ୍ଧ ବଂଶାନୁଚରିତ ମଧ୍ୟରେ ବର୍ଣ୍ଣିତ । ସେମାନେ ହେଲେ କୃଷ୍ଣଙ୍କର ସନ୍ତାନ ମାନେ । କୃଷ୍ଣଙ୍କର ପତ୍ନୀମାନେ - ରୁକ୍ମଣୀ (ମୁଖ୍ୟ ପାଟରାଣୀ ଯାହାର ପୁତ୍ର ପ୍ରଦ୍ୟୁମ୍ନ), ଜାମ୍ବବତୀ (ପୁତ୍ର ଶାମ୍ବ), ସତ୍ୟଭାମା (ପୁତ୍ର ଭାନୁ), କାଳିନ୍ଦୀ (ପୁତ୍ର ଶ୍ରୁତ), ମିତ୍ରବିନ୍ଦା (ପୁତ୍ର ବୃକ), ସତ୍ୟା (ପୁତ୍ର ବୀର), ଭଦ୍ରା (ପୁତ୍ର ସଂଗ୍ରାମଜିତ) ଓ ଲକ୍ଷ୍ମଣା (ପୁତ୍ର ପ୍ରଘୋଷ) ।ଏମାନେ ହେଉଛନ୍ତି ଅଷ୍ଟପାଟରାଣୀ) । ଏମାନଙ୍କ ବ୍ୟତୀତ ୧୬୧୦୦ ପତ୍ନୀ ଥିଲେ । ଅର୍ଥାତ୍ ମୋଟ ୧୬୧୦୮ ରାଣୀ ଥିଲେ । ରୁକ୍ମଣୀ ଆଦି ୧୬୧୦୮ ରାଣୀଙ୍କର ଦଶ ଦଶ ପୁତ୍ର ଓ ଗୋଟିଏ ଲେଖାଏଁ କନ୍ୟା ଥିଲେ ।

ପ୍ରଦ୍ୟୁମ୍ନର ୨ ପତ୍ନୀ- ରୁକ୍ମବତୀ (ରୁକ୍ମଣୀଙ୍କ ଭାଇ ରୁକ୍ମୀଙ୍କ ଝିଅ) ଓ ମାୟାବତୀ । ରୁକ୍ମବତୀର ପୁତ୍ର ଅନିରୁଦ୍ଧ । ଅନିରୁଦ୍ଧର ସ୍ତ୍ରୀ ଉଷା । ଅନିରୁଦ୍ଧ ଓ ପତ୍ନୀ ଉଷାଙ୍କ ପୁତ୍ର ବଜ୍ରନାଭ ।

ଶ୍ରୀକୃଷ୍ଣଙ୍କ ପୁତ୍ରମାନଙ୍କ ମଧ୍ୟରେ ୧୮ ଜଣ ମହାରଥୀ ଥିଲେ । ସେମାନେ ହେଲେ (ଯଦୁବଂଶୀ ଅଷ୍ଟାଦଶ ମାହାରଥୀ) - ପ୍ରଦ୍ୟୁମ୍ନ, ଅନିରୁଦ୍ଧ, ଦୀପ୍ତିମାନ, ଭାନୁ, ଶାମ୍ବ, ମଧୁ, ବୃହଦ୍ଭାନୁ, ଚିତ୍ରଭାନୁ, ବୃକ, ଅରୁଣ, ପୁଷ୍କର, ବେଦବାହୁ, ଶ୍ରୁତଦେବ, ସୁନନ୍ଦନ, ଚିତ୍ରବାହୁ, ବିରୂପ, କବି ଓ ନ୍ୟଗ୍ରୋଧ । ପ୍ରଦ୍ୟୁମ୍ନ ରୁକ୍ମୀଙ୍କ କନ୍ୟା ରୁକ୍ମବତୀଙ୍କୁ ବିବାହ କଲେ । ଏମାନଙ୍କ ପୁତ୍ର ଅନିରୁଦ୍ଧ । ଅନିରୁଦ୍ଧ ଠାରେ ୧୦,୦୦୦ ହାତୀଙ୍କର ବଳ ଥିଲା । ଅନିରୁଦ୍ଧ ନିଜ ମାମୁଁ (ରୁକ୍ମୀଙ୍କ ପୁଅ)ଙ୍କ କନ୍ୟା ଉଷାଙ୍କୁ ବାହା ହେଲେ । ସେମାନଙ୍କ ପୁତ୍ର ବଜ୍ରନାଭ । ଯଦୁବଂଶ ନଷ୍ଟ ହେବା ପରେ ଏକମାତ୍ର ବଜ୍ରନାଭ ହିଁ ଜୀବିତ ଥିଲେ । ବଜ୍ରନାଭଙ୍କ ପୁତ୍ର ପ୍ରତିବାହୁ – ତା ସୁତ ସୁବାହୁ – ତା ସୁତ ଶାନ୍ତସେନ - ତା ସୁତ ଶତସେନ । ଶତସେନ ଏହି ବଂଶର ଶେଷ ସନ୍ତାନ । ଯଦୁବଂଶୀ ବାଳକମାନଙ୍କୁ ଶିକ୍ଷାଦେବା ନିମନ୍ତେ ୩,୮୮,୦୦,୦୦୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ତିନି କୋଟି ଅଠାଶୀ ଲକ୍ଷ) ଆଚାର୍ଯ୍ୟ (ବିଦ୍ୟାଗୁରୁ) ଥିଲେ । ଉଗ୍ରସେନଙ୍କର ୧ ନୀଳ ଅର୍ଥାତ୍ ଦଶ ଲକ୍ଷ କୋଟି ସୈନିକ ଥିଲେ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ସର୍ବେଷାମ୍ ଅଧ୍ୟାୟନାମ୍ ସାରସଂଗ୍ରହ ବିଶ୍ଳେଷଣ ଚିତି ସମାପ୍ତଃୟମ୍ ନବମ ସ୍କନ୍ଧଃ ।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ । ।
ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।
ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ । ।
ମନ୍ତ୍ରହୀନଂ. କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।
ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ । ।
ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।
ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର । ।

କ୍ରମଶଃ - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ
ମୋବାଇଲ୍ ନଂ – ୬୩୭୨୧୩୩୭୩୫
e-mail: sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେବ ପ୍ରତିମ ଗୋକୁଳବିହାରୀ



ମୀନକେତନ ପଟ୍ଟନାୟକ



ଶାନ୍ତ, ସରଳ ତଥା ମିଷ୍ଟଭାଷି ଚିତ୍ରକର ଗୋକୁଳବିହାରୀ ପଟ୍ଟନାୟକଙ୍କ ଜନ୍ମ ୩ ନଭେମ୍ବର ୧୯୩୨ ମସିହାରେ ଖୋର୍ଦ୍ଧା ଜିଲ୍ଲାର ଓଳସିଂହ ଗ୍ରାମର ଏକ ଜମିଦାର ପରିବାରରେ ହୋଇଥିଲା । ପିତା ଗିରିଧାରୀ ପଟ୍ଟନାୟକ ଓ ମାତା ହେମଲତା ଦେବୀଙ୍କ ଔରୁଷରୁ ଜନ୍ମିତ ଗୋକୁଳ ବିହାରୀଙ୍କ ଜୀବନରେ ବାଲ୍ୟ ବିଧବା ପିଇସୀ ମୀନାଦେଇଙ୍କର ଦ୍ୱାରା ଅଙ୍କିତ ଝୋଟି ଚିତା ଆଦି ଲୋକକଳା ଅନେକ ପ୍ରଭାବ ପକାଇଥିଲା । ଖୋର୍ଦ୍ଧା କୋର୍ଟରେ ଓକିଲ ପେଶାରେ କାର୍ଯ୍ୟରତ ଥିବା ବଡ଼ବାପା ରସିକବିହାରୀ ପଟ୍ଟନାୟକ ଗୋକୁଳବିହାରୀଙ୍କ କଳା ପ୍ରତି ଥିବା ଆଗ୍ରହ ଦେଖି କେଉଁଠି କଳାଶିକ୍ଷା ଗ୍ରହଣ କରିହେବ ତାହାର ଖବର ନେବା ପରିପ୍ରେକ୍ଷିରେ ଲକ୍ଷ୍ନୌଠାରେ ଅବସ୍ଥିତ ସରକାରୀ ଚାରୁକଳା ଓ କାରୁକଳା ମହାବିଦ୍ୟାଳୟର ମୂର୍ତ୍ତୀ ବିଭାଗର ଅଧ୍ୟାପକ ଶ୍ରୀଧର ମହାପାତ୍ରଙ୍କ ସମ୍ପର୍କରେ ଆସିଲେ । ତାଙ୍କ ସହଯୋଗରେ ଗୋକୁଳବିହାରୀ ପ୍ରବେଶିକା ପରୀକ୍ଷା ଦେଇ ଦ୍ୱିତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେହି ପ୍ରବେଶିକା ପରୀକ୍ଷା ଦୁଇ ପ୍ରକାରର ହୋଇଥିଲା; ମୂର୍ତ୍ତୀ ଗଢ଼ଣ (ଥ୍ରୀ-ଡ଼ାଇମନ୍‌ସନ୍) ଓ ଚିତ୍ରାଙ୍କନ (ଟୁ-ଡ଼ାଇମନ୍‌ସନ୍) । ମୂର୍ତ୍ତୀ ଗଢ଼ଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାବଦରେ ମାଟି ପିଣ୍ଡୁଳାଟିଏ ଦିଆଯାଇଥିଲା ଓ ସେଥିରେ ସୁନ୍ଦର ଗୋଲ ପେଣ୍ଡୁଟିଏ ଗଢ଼ିବାକୁ କୁହାଯାଇଥିଲା । ଚିତ୍ର ପରୀକ୍ଷାରେ ସେ ଆଙ୍କିଥିଲେ ଲିଙ୍ଗରାଜ ମନ୍ଦୀରର ଛବି । ସେଠାରେ ବ୍ୟବହାରିକ କଳାରେ ଚାରିବର୍ଷିଆ ଡ଼ିପ୍ଲୋମା ପାଠ୍ୟକ୍ରମରେ ଶିକ୍ଷାଲାଭ କରି (୧୯୫୪-୧୯୫୮) ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ଆଉ ଏକ ବର୍ଷ ସେଠାରେ ଟେକ୍ସଟାଇଲ ଡ଼ିଜାଇନରେ ଏକ କୋର୍ସ କରି ଓଡ଼ିଶା ଫେରିଥିଲେ ।

ସେ ସମୟରେ ରାଜ୍ୟ ହସ୍ତଶିଳ୍ପ ତାଲିମ ପ୍ରତିଷ୍ଠାନ ନୂଆଁ ନୂଆଁ ଆରମ୍ଭ ହୋଇଥାଏ । ଗୋକୁଳବିହାରୀ ସେଠାରେ ସୁପରିନ୍‌ଟେଣ୍ଡେଟ୍ ଭାବେ ଚାକିରୀ ଜୀବନ ଆରମ୍ଭ କରିଥିଲେ୍ । ସେତେବେଳେ ସେହି ସଂସ୍ଥାରେ ଶିଙ୍ଗ କାମ, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, ପଥର ଖୋଦେଇ, କାଠ ଖୋଦେଇ, ପିତଳ ମାଛ, ଢ଼ୋକ୍ରା, ଚମଡ଼ା ଶିଳ୍ପ, କତାଶିଳ୍ପ, ଝୁଆ, ରୂପା ତାରକଷି, ବାଟିକ୍ କଳା ଆଦି ବିଷୟମାନ ପଢ଼ାଯାଉଥିଲା । ବାଟିକ୍ କଳା ପଢ଼େଇବା ପାଇଁ ସୁନୀଲ ପଟ୍ଟନାୟକ ଓ ବନଜା ଚୌଧୁରୀ ନାମକ ଦୁଇଜଣ ଶିକ୍ଷକ କାର୍ଯ୍ୟରତ ଥିଲେ । ଗୋକୁଳବିହାରୀ ଛାତ୍ରଛାତ୍ରୀମାନଙ୍କୁ ପ୍ରପରସନ୍, କଲର ମ୍ୟାଚ଼ିଙ୍ଗ, କମ୍ପୋଜିସନ୍ ଆଦି ବିଷୟରେ ଅବଗତ କରାଉଥିଲେ । ସେ ଓଡ଼ିଶୀ ପଟ୍ଟଚିତ୍ରକୁ ପାରମ୍ପାରିକ ପଟ୍ଟି ମାଧ୍ୟମରୁ ବାହାର କରି ଟସର ସିଲ୍କ କପଡ଼ା ଉପରକୁ ଆଣିଥିଲେ । ଏହି ଟସର ସିଲ୍କ କପଡ଼ା ଉପରେ ଅଙ୍କିତ ପଟ୍ଟଚି଼ତ୍ର କାରୀଗରମାନେ ଅନେକ ଉପକୃତ ହୋଇଥିଲେ । ସେଥି ଯୋଗୁଁ ଗୋକୁଳବିହାରୀଙ୍କ ନାମକୁ ସେମାନେ ଅନେକ ସମ୍ମାନର ସହ ନିଅନ୍ତି । କେବଳ ଶିକ୍ଷାଦାନ ନୁହେଁ ସେ ଅନେକ ଗୁଣି କାରିଗରମାନଙ୍କୁ ସ୍ୱ-ପ୍ରଚେଷ୍ଟାରେ ଏହି ହସ୍ତଶିଳ୍ପ ତାଲିମ କେନ୍ଦ୍ରକୁ ଆଣିଥିଲେ । ଯେଉଁମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ଜଣେ ଦକ୍ଷ ଶିକ୍ଷକ ଭାବେ ପ୍ରତିଷ୍ଠାନର ସୁନାମ ବୃଦ୍ଧି କରିପାରିଥିଲେ ।

ସେଠାରେ କିଛି ବର୍ଷ କାମ କଲାପରେ ଗୋକୁଳବିହାରୀଙ୍କୁ ଅନ୍ୟ ଏକ ଅପେକ୍ଷାକୃତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛୋଟ ସଂସ୍ଥା 'ହସ୍ତଶିଳ୍ପ ତାଲିମ କେନ୍ଦ୍ର'କୁ ଜଣେ ଡ଼ିଜାଇନର୍ ଭାବରେ ବଦଳି କରିଦିଆ ଯାଇଥିଲା, ଯାହା ବିବାଦର ବିଷୟ ହୋଇ ପଡ଼ିଥିଲା । ତେଣୁ ମାତ୍ର କିଛି ମାସ ମଧ୍ୟରେ ତାଙ୍କୁ ପୂର୍ବ ସଂସ୍ଥା ରାଜ୍ୟ ହସ୍ତଶିଳ୍ପ ତାଲିମ ପ୍ରତିଷ୍ଠାନର ପୂର୍ବ ପଦବୀରେ ପୁନଃ ଯୋଗଦାନ କରିଥିଲେ ।

ଧିରେ ଧିରେ ଶିଳ୍ପୀଙ୍କର ସୁନାମ ଚତୁଃଦିଗେ ବ୍ୟାପିବାରେ ଲାଗିଲା । କେନ୍ଦ୍ର ସରକାରଙ୍କ ଠାରୁ ଡ଼ାକରା ପାଇ ତିନିମାସ ପାଇଁ ଆମେରିକାର ଲସଏଞ୍ଜେଲସ୍ ଠାରେ ଅବସ୍ଥିତ କାଲିଫର୍ଣ୍ଣିଆନ୍ ମିଉଜିୟମ ଅଫ୍ ସାଇନ୍ସ୍ ଏଣ୍ଡ ଇଣ୍ଡଷ୍ଟ୍ରି ପରିସରରେ ତାଳପତ୍ର ଖୋଦେଇ ଚ଼ିତ୍ର ବା ପୋଥିଚିତ୍ର ବିଷୟରେ ତାଲିମ ପ୍ରଦାନ କରିଥିଲେ । ଯେଉଁଥିରେ ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ଉତ୍ସାହି ଅଧିବାସୀଗଣ ତାଲିମ ଗ୍ରହଣ କରିଥିଲେ । ଇଣ୍ଡିଆ ଫେଷ୍ଟିଭାଲ ଅଫ୍ ସାଇନ୍ସ୍ ଏକଜିବିଟ୍ ଶୀର୍ଷକ ବହୁମୂଖୀ କାର୍ଯ୍ୟକ୍ରମ ମଧ୍ୟରେ ଅର୍ନ୍ତଭୁକ୍ତ ଏହି ତାଲିମ ଶିବିରଟିରେ ସେ ୧୫ ଅକ୍ଟୋବର ୧୯୮୫ ଠାରୁ ୧୫ ଜାନୁଆରୀ ୧୯୮୬ ମସିହା ପର୍ଯ୍ୟନ୍ତ ଚାଲିଥିଲା । ସେହିପରି ଇଣ୍ଡୋନେସିଆ ଦେଶରେ ଆୟୋଜିତ କଳିଙ୍ଗ ବାଲିଯାତ୍ରା ଉପଲକ୍ଷେ ଓଡ଼ିଶା ସରକାରଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସେଠାରେ କଳା ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିବା ଶିଳ୍ପୀଙ୍କର ସୂକ୍ଷ୍ମ ରେଖାଚିତ୍ର ସମ୍ପୃର୍ଣ୍ଣ ପୋଥିଚିତ୍ର ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲା ।



ଅନେକ ମର୍ଯ୍ୟାଦାସମ୍ପର୍ଣ୍ଣ ପୁରସ୍କାରରେ ସମ୍ମାନିତ ଗୋକୁଳ ବିହାରୀ ତାଳପତ୍ର ଖୋଦେଇ ବା ପୋଥିଚିତ୍ରରେ 'ଦଶପୋଇ' ଆଧାରିତ କାହାଣୀର ଚିତ୍ରଣ ପାଇଁ ୧୯୬୮ ମସିହାରେ ଭାରତର ଅଖିଳ ଭାରତୀୟ ହ୍ୟାଣ୍ଡି କ୍ରାଫ୍ଟସ୍ ବୋର୍ଡ଼ ତରଫରୁ ଆୟୋଜିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମ୍ବର୍ଦ୍ଧନା ସଭାରେ ଉପରାଷ୍ଟ୍ରପତି ଭି.ଭି. ଗିରିଙ୍କ କରକମଳରୁ ଜାତୀୟ ସମ୍ମାନ ଗ୍ରହଣ କରିଥିଲେ । ସେହିଭଳି ୧୯୭୩ ମସିହାରେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଠାରୁ ତାଳପତ୍ର ଖୋଦେଇ ଚିତ୍ର "ସଚଳା ହରଣ" ପାଇଁ ମେରିଟ୍ ସାର୍ଟିଫିକେଟ ଗ୍ରହଣ କରିଥିଲେ । ଭାରତ ସରକାରଙ୍କର ଅଖିଳ ଭାରତୀୟ ହସ୍ତଶିଳ୍ପ ବୋର୍ଡ଼, ବାଣିଜ୍ୟ ମନ୍ତ୍ରଣାଳୟ ତରଫରୁ ସ୍ୱତନ୍ତ୍ରତାର ପଚିଶତମ ଜୟନ୍ତି ଅବସରରେ ଆୟୋଜିତ ଏକ ସଭାରେ ଏହା ପ୍ରଦାନ କରାଯାଇଥିଲା । ସେ ଗ୍ରହଣ କରିଥିବା ଅନ୍ୟ ପ୍ରମୁଖ ସମ୍ମାନ ଗୁଡ଼ିକ ହେଉଛି; ୨୦୦୮ ମସିହାରେ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ତରଫରୁ ପ୍ରାପ୍ତ "ଶିଳ୍ପୀ ଗୁରୁ" ସମ୍ମାନ, ୨୦୦୯ ମସିହାରେ ଓଡ଼ିଶା ଲଳିତ କଳା ଏକାଡ଼େମୀ ତରଫରୁ ସର୍ବୋଚ୍ଚ କଳା ସମ୍ମାନ "ଧର୍ମପଦ" ପୁରସ୍କାର ଓ ୨୦୧୩ ମସିହାରେ ଇମ୍ଫା ରିଟେବୁଲ୍ ଟ୍ରଷ୍ଟ ତରଫରୁ ଶାରଳା କଳା ସମ୍ମାନ ।



ଶିଳ୍ପୀଙ୍କର ସବୁଠାରୁ ବେଶି ନାମକରା ଦୁଇଟି ଛବି ହେଲା; ୨୫ ସେଣ୍ଟିମିଟର ଚଉଡ଼ା ଓ ୩୫ ସେଣ୍ଟିମିଟର ଉଚ୍ଚତା ବିଶିଷ୍ଟ "ସରସ୍ୱତୀ" ଟେମ୍ପେରା କଳାକୃତି (୧୯୬୨), ୪୫ ସେଣ୍ଟିମିଟର ଉଚ୍ଚତା ଓ ୭୫ ସେଣ୍ଟିମିଟର ଲମ୍ବ




Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



ଆକାରର "ଶଙ୍କୁନ୍ତଳା" ପୋଥିଚିତ୍ର ତଥା ମାଟିଆ କାଗଜ ଉପରେ ଜଳରଙ୍ଗ ମାଧ୍ୟମରେ ଅଙ୍କିତ "ଗଙ୍ଗାମାତା" । ସରସ୍ୱତୀ ଓ ଶକୁନ୍ତଳା ଛବି ଦୁଇଟି ଓଡ଼ିଶା ଲଳିତ କଳା ଏକାଡ଼େମୀ ସଂଗୃହିତ ଅଟେ ଓ ତାହା ରାଜ୍ୟ ସଂଗ୍ରହାଳୟ ପରିସର ସ୍ଥିତ ଏକାଡ଼େମୀର ଚିତ୍ରାଗାରରେ ପ୍ରଦର୍ଶିତ ହୋଇରହିଛି । ଲାସ୍ୟମୟୀ ସରସ୍ୱତୀଙ୍କ ଉପରେ ଆଧାରିତ ଛବିଟି ଶିଳ୍ପୀଙ୍କର ଶ୍ରେଷ୍ଠ କାରୁକାର୍ଯ୍ୟ ପୂର୍ଣ୍ଣ ସୃଷ୍ଟି ଅଟେ, ତାହା ୧୯୭୦ ମସିହାରେ ଓଡ଼ିଶା ଲଳିତ କଳା ଏକାଡ଼େମୀ ଆୟୋଜିତ ନିଖିଳ ଉତ୍କଳ ଚାରୁକଳା ପ୍ରଦର୍ଶନୀରେ ପୁରସ୍କୃତ ହୋଇଛି । ପୋଥିଚିତ୍ର ଶକୁନ୍ତଳାଟିରେ




ରାଜା ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ପ୍ରଣୟର ଚିତ୍ରକଥା ଓ ପଦ୍ୟାବଳୀକୁ ସ୍ଥାନିତ କରିଛନ୍ତି । ଗଙ୍ଗାମାତା (୧୯୬୧) ଛବିଟିରେ ବାହାନ ମଗର, ସମୁଦ୍ରର ଉଚ୍ଛୁଳା ଜଳରାଶି ଓ ଆକାଶରେ ଭଷା ବାଦଲର ଲୁଚକାଳି ଖେଳର ଚିତ୍ରାୟନ ମନମୁଗ୍ଧକର ଅଟେ । ଖାଲି ସେତିକି ନୁହେଁ, ଶିଳ୍ପୀଙ୍କର ଅଙ୍କିତ ପ୍ରଭୁ ଶ୍ରୀରାମଙ୍କ ଉପରେ ଆଧାରିତ କିଛି କଳାକୃତି ଅଯୋଧ୍ୟାରେ ଅବସ୍ଥିତ ହସ୍ତଶିଳ୍ପ ସଂଗ୍ରହାଳୟରେ ଯତ୍ନର ସହିତ ସଂଗୃହିତ ହୋଇଛି ।

ସରକାରୀ ଚାକିରିରୁ ଅବସର ପରେ ପୁରୁଣା ଭୁବନେଶ୍ୱରର କୋଟିତୀର୍ଥ ରୋଡ଼ ଠାରେ ଅବସ୍ଥିତ ତାଙ୍କର

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com



ବାସଗୃହଟି ଏକ ଗୁରୁକୂଳ ଆଶ୍ରମରେ ରୂପାନ୍ତରିତ ହୋଇଯାଇଥିଲା । ହସ୍ତଶିଳ୍ପ ତାଲିମ କେନ୍ଦ୍ରରେ ତାଲିମ ନେଉଥିବା ଅନେକ ଛାତ୍ର ଛାତ୍ରୀମାନେ ସକାଳେ ଓ ସଞ୍ଜରେ ଗୋକୁଳ ବିହାରୀଙ୍କ ବାସଗୃହରେ ପହଞ୍ଚି ଚିତ୍ରାଭ୍ୟାସ କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ ସଫଳତାର ସୋପାନମାନ ଅତିକ୍ରମ କରିପାରିଥିଲେ । ଅଲ ଇଣ୍ଡିଆ ହ୍ୟାଣ୍ଡିକ୍ରାଫ୍ଟସ୍ କମିଶନ, ନୂଆଦିଲ୍ଲୀ ଦ୍ୱାରା ଜାତୀୟ ସମ୍ମାନ ପ୍ରାପ୍ତ ରବିନ୍ଦ୍ରନାଥ ସାହୁ; ଡ଼ିପାର୍ଟମେଣ୍ଟ ଅଫ୍ ଇଣ୍ଡଷ୍ଟ୍ରି, ଭାରତ ସରକାରଙ୍କ ଦ୍ୱାରା ଜାତୀୟ ସମ୍ମାନ ଓ ଶିଳ୍ପୀ ଗୁରୁ (୨୦୨୧) ସମ୍ମାନପ୍ରାପ୍ତ ବିଜୟ କୁମାର ପରିଡ଼ା; ତଥା କାଳିଚରଣ ପଟ୍ଟନାୟକ, ରାମେଶ୍ୱର ମୁଣ୍ଡା, ଦୀନବନ୍ଧୁ ମହାପାତ୍ର, ଭ୍ରମରବର ସାହୁ ଆଦି ଜାତୀୟ ସମ୍ମାନର ଅଧିକାରୀ ପଟ୍ଟଚିତ୍ର କାରୀଗରମାନଙ୍କ ସଫଳତା ପଛରେ ରହିଛି ଶିଳ୍ପୀଗୁରୁ ଗୋକୁଳ ବିହାରୀ ପଟ୍ଟନାୟକଙ୍କ ଅବଦାନ ।



ଦେବତୁଲ୍ୟ ବ୍ୟକ୍ତିତ୍ୱର ଅଧିକାରୀ ଗୋକୁଳବିହାରୀ ତାଙ୍କ ଛାତ୍ରଛାତ୍ରୀଙ୍କୁ ନିଜର ସନ୍ତାନ ସମ ସ୍ନେହ ଓ ବିଦ୍ୟା ଦୁଇଟି ଯାକ ମୁକ୍ତ ହସ୍ତରେ ଦାନ କରୁଥିଲେ । ତାଙ୍କର ଏହି ମହାନତା ପାଇଁ ତାଙ୍କ ଅନୁଗାମୀଙ୍କ ହୃଦୟରେ ସେ ସଦା ସର୍ବଦା ବାସ କରିଆସୁଛନ୍ତି ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିଜୟା ଦଶମୀ



ଅକ୍ଷୟ କୁମାର ରାଉତ

ଭାରତୀୟ ଋତୁ ଚକ୍ରରେ ଶରତର ସ୍ଥାନ ତୃତୀୟ । କାଶତଣ୍ଡିର ହସ, ଧବଳ ଜ୍ୟୋତ୍ସ୍ନାର ପ୍ରକାଶ, ସବୁଜ ଶସ୍ୟଶ୍ରୀର ସରସ ମାଧୁରୀ ଘେନି ବସୁନ୍ଧରା ଯେତେ ବେଳେ ଶରତ ସ୍ୱଚ୍ଛ ଜଳଦର୍ପଣରେ ନିର୍ମଳ ଚନ୍ଦ୍ର ମଣ୍ଡଳର ବିମଳ ପ୍ରତିବିମ୍ବ ଅବଲୋଚନ କରନ୍ତି, ସେତେବେଳେ ସେହି ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଭାରତବର୍ଷର ପ୍ରତି ପୁରପଲ୍ଲି, ନଗର ଓ ଜନପଦରେ ଶାରଦୀୟ ଦଶହରା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୁଏ । ଆଦ୍ୟାଶକ୍ତି ଦେବୀ ଦୃର୍ଗାଙ୍କର ଆରଧନା ଏହି ତିଥିରେ କରା ଯାଉଥିବାରୁ ଏହାର ଅନ୍ୟନାମ ଦୁର୍ଗାପୂଜା । ଆମ୍ଭେ ମାନେ ତିନୋଟି ଦଶହରା ପାଳନ କରୁଥାଉ । ଜ୍ୟେଷ୍ଠମାସ ଶୁକ୍ଳ ଦଶମୀ ଦିନ ଗଙ୍ଗା ଜୟନ୍ତୀ (ଗଙ୍ଗା ଦଶହରା), ବସନ୍ତ ଋତୁରେ ବାସନ୍ତୀୟ ଦୁର୍ଗାପୂଜା ବା ବାସନ୍ତୀ ଦଶହରା, ଏହି ବାସନ୍ତୀୟ ଦୁର୍ଗାପୂଜା ଠାରୁ ଶାରଦୀୟ ଦୁର୍ଗା ପୂଜାର ପ୍ରସାର ଅଧିକ ପରିଲକ୍ଷିତ ହୁଏ । ଆର୍ଯ୍ୟମାନଙ୍କର ଏହି ବିଜୟ ପର୍ବ ଅନାଦିକାଳରୁ ଜନତାଙ୍କ ମଧ୍ୟରେ ଶକ୍ତି ଆରଧନାର ପ୍ରେରଣା ପ୍ରଦାନ କରି ଆସୁଛି । ଏହି ଶକ୍ତି ଆରଧନାର କେତେ ଗୁଡ଼ିଏ ପୌରାଣିକ କାହାଣୀ ରହିଛି । ମହିଷାସୁର ରାକ୍ଷାସର ଅତ୍ୟାଚାରରେ ଇହଲୋକ ଓ ଦେବଲୋକ ତ୍ରାହି ତ୍ରାହି ଡ଼ାକ ଛାଡ଼ିଲେ । ଜଗତର ମଙ୍ଗଳ ନିମନ୍ତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ରହ୍ମା , ବିଷ୍ଣୁ ଓ ଶିବଙ୍କର କ୍ରୋଧାଗ୍ନିରୁ ଏକ ତେଜସିମିନୀ ଶକ୍ତିର ଆବିର୍ଭାବ ହେଲା । ସେହି ଶକ୍ତି ସ୍ୱରୂପିଣୀ ଦେବୀ ଦେବତାଙ୍କୁ ଦୁର୍ଗତୀରୁ ରକ୍ଷା କରୁଥିବାରୁ ସେ ଦୁର୍ଗା ବୋଲାଇଲେ । ନବଦିନ ପର୍ଯ୍ୟନ୍ତ ଦେବୀ ଅସୁର ସହିତ ସଂଘର୍ଷରତ ରହି ଦଶମୀ ଦିନ ମହିଷାସୁରଙ୍କୁ ବିନାଶ କରି ବିଜୟଲାଭ କରିଥିଲେ । ସେହି ଦିନଠାରୁ ଇହଲୋକ ଓ ଦେବଲୋକ ମା ଦୁର୍ଗାଙ୍କର ଆରଧନା କରୁଛନ୍ତି ।

ଗିରିରାଜ କନ୍ୟା ଉମା ଆଶ୍ୱୀନ ମାସ ଶୁକ୍ଳପକ୍ଷରେ ଶିବଙ୍କ ନିବାସ କୈଳାସ ପର୍ବତରୁ ପିତୃଗୃହକୁ ଆଗମନ କରନ୍ତି । ଜଗଜ୍ଜନନୀଙ୍କର ଆଗମନରେ ପ୍ରକୃତି ହସି ଉଠେ । ଧରାବକ୍ଷରେ ଶରତ । ଦିଗେ ଦିଗେ ଶାରଦୀୟ ଶୁଭ୍ର ଶୋଭା ଶରତ ସ୍ୱଚ୍ଛ ସରୋବରର ଢେ଼ଉରେ ହଂସ ଓ କାରଣ୍ଡକ । ମହା ପୂଜାର ଆୟୋଜନ କରନ୍ତି ଧରାବାସୀ । ଦେବୀ ଜଗତବାସୀଙ୍କ ଠାରୁ ପୂଜା ଗ୍ରହଣ କରି ବିଜୟା ଦଶମୀରେ ପିତ୍ରାଳୟକୁ ପ୍ରତ୍ୟାଗମନ କରନ୍ତି ।

ରାବଣ ନିଧନ ନିମିତ ରଘୁକୁଳ ତିଳକ ରାମଚନ୍ଦ୍ର ଦୁର୍ଗାଙ୍କର ଆରଧନା କରି ଦଶମୀ ତିଥିରେ ବିଜୟ ଲାଭ କରିଥିଲେ । ଏଣୁ ଆଶ୍ୱୀନ ଶୁକ୍ଳ ଦଶମୀ "ବିଜୟା ଦଶମୀ" ନାମରେ ଖ୍ୟାତ । ଆଶ୍ୱିନ ମାସରେ ରାଜା ସୁରଥ ଦୁର୍ଗାଙ୍କର ଆରଧନା କରି ରାଜ୍ୟ ଲାଭ କରିଥିଲେ । ଏତଦ୍ ବ୍ୟତୀତ ବିଜୟା ଦଶମୀ ପାଳନର ଆଉ ଦୁଇଟି କାହାଣୀ ମହାଭାରତରେ ବର୍ଣ୍ଣିତ, ଅର୍ଜ୍ଜୁନ ବିରାଟ ରାଜାଙ୍କର ଗୋବସ୍ତାହରଣକୁ ପ୍ରତିହତ କରିଥିଲେ କୌରବମାନଙ୍କୁ ପରାସ୍ତ କରିବା ଦିନଥିଲା ଆଶ୍ୱିନ ଶୁକ୍ଳ ଦଶମୀ । ଏହି ବିଜୟର ସ୍ମୃତିରେ ବିରାଟ ରାଜା ବିଜୟୋତ୍ସବର ଆୟୋନ କରିଥିଲେ । ଶ୍ରୀକୃଷ୍ଣଙ୍କ ଉପଦେଶରେ ଅର୍ଜ୍ଜୁନ ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଆଶ୍ୱିନ ଶୁକ୍ଳ ଦଶମୀରେ ବିଜୟଲାଭ ନିମିତ ଦୁର୍ଗାଙ୍କର ଆରଧନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲେ  ।

ବହୁ ପ୍ରାଚୀନ କାଳରୁ ଷୋଡ଼ଶଦିନାତ୍ମକ, ଦୁର୍ଗାପୂଜା ଦେବୀପୀଠ ମାନଙ୍କରେ ହୋଇ ଆସୁଅଛି  । ଗାଁ ଗହଳି ତଥା ବିଭିନ୍ନ ସହରରେ ଦେବୀ ମନ୍ଦିରରେ ନବଦିବସ ପଚଂଦିବସ ଓ ତ୍ରିଦିବସୀୟ ଦୁର୍ଗାପୂଜାର ପ୍ରଚଳନ ଅଛି । ଦୁର୍ଗାପୂଜା ଅବସରରେ ଦେବୀଙ୍କ ନିକଟରେ ବଳିର ପ୍ରଥା ପ୍ରଚଳନ ଥିଲା । ଜନସଚେତନତା ଫଳରେ ବଳିପ୍ରଥା ପ୍ରାୟ ବନ୍ଦ ହୋଇ ଯାଇଛି  । ନବଦିବସ ପୂଜାରେ ୩ ଦିନ ମହାଲକ୍ଷ୍ମୀ, ୩ ଦିନ ମହାକାଳୀ ଓ ୩ ଦିନ ମହାସରସ୍ୱତୀ ରୂପେ ଦୁର୍ଗାଙ୍କର ପୂଜା ହୁଏ, ନବଦିନ 'ମା' ନଅଟି ନାମରେ ପୂଜା ହୋଇଥାଆନ୍ତି, ଯଥା- ଶୈଳପୂତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଖଣ୍ଡା, କୁଷ୍ମାଣ୍ଡା, ସ୍କନ୍ଧମାତା, କ୍ୟାତ୍ୟାୟନୀ, କାଳରାତ୍ରୀ, ମହା ଗୌରୀ ଓ ସିଦ୍ଧଦାତ୍ରୀ  ।

ଭଗବାନ ଲୀଳାପୁରୁଷ ହୋଇ ଦଶ ଅବତାର ଧାରଣ କରିଥିଲେ । ସେହିପରି ଈଶ୍ୱର ବା ଶିବଙ୍କର ଦଶଟି ସ୍ୱରୂପ ରହିଛି । ଦଶଭୂଜା ଦୁର୍ଗା ଦଶ ମହାବିଦ୍ୟା ରୂପେ ଦଶଟି ଭୈରବୀ ରୂପେ ପୂଜା ପାଆନ୍ତି । ଶିବ ଓ ଶିବାଙ୍କ ଦଶ ରୂପ ଯଥା- ମହାକାଳ-ମହାକାଳୀ, ତାରକ(ତାରେକଶ୍ୱର)-ତାରା ଦେବୀ, ଭୁବନେଶ୍ୱର- ଭୁବନେଶ୍ୱରୀ, ଷୋଡ଼ଶ ଶ୍ରୀବିଦ୍ୟେଷ-ପୋଡ଼ଶୀ, ଭୈରବ-ଭୈରବୀ, ଛିନ୍ନମସ୍ତକ-ଛିନ୍ନମସ୍ତା, ଧୂମ୍ରବର୍ଣ୍ଣ - ଧୂମାବତୀ, ବଗଳମୁଖ-ବଗଳାମୁଖୀ, ମାତଙ୍ଗ-ମାତଙ୍ଗୀ, କମଳ-କମଳା, ଦଶରୂବରେ ଦଶ ଦୁର୍ଗାଙ୍କୁ ପୂଜା କଲେ ମନୁଷ୍ୟର ଦଶ ଦୋଷ ବା ଦଶପାପ ହରଣ ହୋଇଥାଏ । ଏହି ପାପ ଗୁଡ଼ିକ ହେଉଛି ଚୌର୍ଯ୍ୟ, ହିଂସା, ପରଦାରାଗମନ, ମିଥ୍ୟାବାଦିତା, କପଟଚରଣ, ଅପହରଣ ଚିନ୍ତା, ପ୍ରଳାପ, ଲୋଭ, ପରଅନିଷ୍ଟ, ବାକ୍ୟବାଣ ର୍ପ୍ରୟୋଗ, ଦଶ ଦୋଷ ହରଣ ହୁଏ ବୋଲି ଏହି ଉତ୍ସବକୁ "ଦଶହରା" କହନ୍ତି  ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜସ୍ଥାନରେ ରାଜା, ମହାରାଜା ଓ ଜମିଦାରମାନେ ସବାରି ପାଲିଙ୍କିରେ ପରିଭ୍ରମଣ କରନ୍ତି । ଏହି ଦିନ ଶସ୍ତ୍ରଧାରୀମାନେ ଅସ୍ତ୍ରଶସ୍ତ୍ର ପୂଜା କରନ୍ତି । ଗୁଜୁରାଟରେ ନୃତ୍ୟଗୀତ ସହ ଦେବୀ ପୂଜାର ବ୍ୟବସ୍ଥା ହୋଇଥାଏ, ବହୁସ୍ଥାନରେ ମେଳାର ଅୟୋଜନ ହୋଇଥାଏ । ପଶ୍ଚିମବଙ୍ଗର ଶାରଦୀୟ ଦୁର୍ଗା ପୂଜା ଭାରତ ପ୍ରସିଦ୍ଧ । ଓଡ଼ିଶାର ଏକମାତ୍ର ପ୍ରସିଦ୍ଧ ନଗର କଟକରେ ଦଶହରା ପର୍ବ ମହାସମାରୋହରେ ପାଳିତ ହୁଏ । ଗ୍ରାମର ଅଧିବାସୀଗଣ ନିଜ ନିଜର କୁଳ ବ୍ୟବସାୟର ବିଭିନ୍ନ ଯନ୍ତ୍ରପାତି ଦେବୀଙ୍କ ନିକଟରେ ସ୍ଥାପନ କରନ୍ତି । ଏହାକୁ ସ୍ଥାନୀୟ ଭାଷାରେ ସଜ ବସାଇବା' କହନ୍ତି । ବିଜୟା ଦଶମୀ ଦିନ ସଜ ଉଠେ ଏବଂ ଦେବୀଙ୍କ ବିସର୍ଜନ ହୁଏ । ଦଶହରାରେ ଅପରାଜିତାଙ୍କର ପୂଜା ହେତୁ ଏହି ଦଶମୀକୁ କେହି କେହି ଅପରାଜିତା ଦଶମୀ ବୋଲି କହିଥାଆନ୍ତି । ଏହିଦିନ ମଧ୍ୟ ସୋମନାଥ ବ୍ରତ ଅନୁଷ୍ଠିତ ହୁଏ । ବିଜୟାଦଶମୀ ଦିନ ଶମୀବୃକ୍ଷ ପୂଜା ମଧ୍ୟ ହୋଇଥାଏ । ପାଣ୍ଡବମାନେ ବନବାସ ସମୟରେ ଶମୀବୃକ୍ଷ ଗହ୍ୱରରେ ଶସ୍ତ୍ରସମୂହ ରଖିଥିଲେ । ବନବାସ ପୂର୍ଣ୍ଣ ହେବା ପରେ ଶସ୍ତ୍ର ଏହି ବୃକ୍ଷରୁ ବାହାର କରିଥିଲେ । ସେହି ଦିନ ଥିଲା ବିଜୟାଦଶମୀ । ନବରାତ୍ର ଆରମ୍ଭ ହେବା ସହିତ ବିଭିନ୍ନ ସ୍ଥାନରେ ରାମଲୀଳା ସହିତ ରାବଣ ପୋଡ଼ି ଉତ୍ସବ ପାଳନ ହୁଏ ।

ଉତ୍କଳରେ ଦଶଭୂଜା ମୃଣ୍ମୟୀ ମୂର୍ତ୍ତି ବଙ୍ଗୀୟ ମତରେ ପୂଜିତ, ଉତ୍କଳୀୟ ମତରେ, ଦୁର୍ଗାଙ୍କର ମୂର୍ତ୍ତି ଚତୁଭୁଜା, ଅଷ୍ଟଭୂଜା ଓ ଷୋଡ଼ଷଭୂଜା ହେବା ବିଧି ଅଟେ । ପୁରୀର ଗଜପତି ରାଜା ତୃତୀୟ ଦିବ୍ୟସିଂହ (୧୮୭୬ ସାଲ)ରେ ଚୈତ୍ରଯାତ୍ରା ବା ବାସନ୍ତୀୟ ଦୁର୍ଗାପୂଜା ଅବସରରେ ଇଂରେଜ ସରକାରଙ୍କ ଚକ୍ଷୁଶୂଳ ହୋଇଥିଲେ । ଏହି ଉତ୍ସବରେ ୨୫ ହଜାର ପାଇକ ଲକ୍ଷ ଲକ୍ଷ ଜନତାଙ୍କ ସମ୍ମୁଖରେ ରଣହୁଙ୍କାର ଦେଇ ଚୈତ୍ରଯାତ୍ର ପାଳନ କରୁଥିଲେ । ଜଣେ ସାଧୁଙ୍କ ମୃତ୍ୟୁ କାରଣରୁ ରାଜଗୁରୁ ହତ୍ୟା ଅପରାଧରେ କଳାପାଣି ପାର ଆଦେଶ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଇଂରେଜ ସରକାର ଦେଇଥିଲେ । ସେହି ଦିନ ଠାରୁ ଉତ୍କଳୀୟ ଦଶହରା ବା ଚୈତ୍ରଯାତ୍ର ବନ୍ଦ ହୋଇ ଯାଇଥିଲା । କାଳକ୍ରମେ କିଛି ବଙ୍ଗୀୟ ଲୋକ ଆମୋଦ-ପ୍ରମୋଦ ନିମିତ ଦୁର୍ଗାପୂଜା ଆରମ୍ଭ କରିଥିଲେ, ପରେ ତାହା ଉତ୍କଳର ବହୁ ଅଚଂଳ ବ୍ୟାପିଥିଲା । ଉତ୍କଳୀୟ ମତରେ ଦୁର୍ଗାଙ୍କର ଧ୍ୟାନର ମନ୍ତ୍ର ୯ଅକ୍ଷର, କିନ୍ତୁ ବଙ୍ଗୀୟ ବିଧିରେ ଧ୍ୟାନର ମନ୍ତ୍ର ୬ ଅକ୍ଷର । ଉତ୍କଳୀୟ ସଂସ୍କୃତିର ପୁନରୁଦ୍ଧାର ପାଇଁ ଗବେଷକଗଣ ଅଧିକ ଗବେଷଣା କରିବା ଉଚିତ । ଯାହା ଫଳରେ ଉତ୍କଳୀୟ ସଂସ୍କୃତିର ସ୍ୱାଧୀନତା ପୁନରୁଦ୍ଧାର କରା ଯାଇ ପାରିବ ।

ଦେବୀ ଦୁର୍ଗା ଶକ୍ତମୟୀ, ଶକ୍ତିବିନା ବ୍ୟକ୍ତି ତଥା ସମାଜର ପ୍ରଗତି ଅସମ୍ଭବ ଦୁର୍ଗତି ହାରିଣୀ ଦୁର୍ଗା 'ମା'ଙ୍କର ଆଶୀର୍ବାଦରେ ଦାନବୀୟ ପ୍ରବୃତିର ବିନାଶ ଘଟି ଦେବୀ ପ୍ରବୃତ୍ତିର ବିକାଶ ଘଟୁ ।

ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର, ମୋ-୯୯୩୭୬୬୯୯୪୭୫.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାର୍ତ୍ତିକ ମାସର ମହାତ୍ମ୍ୟ



ସାଇପ୍ରସାଦ ସାହୁ

ଓଡିଶାର ପର୍ବପର୍ବାଣୀ ସମ୍ବନ୍ଧରେ କୁହାଯାଇଥାଏ "ବାର ମାସରେ ତେର ପର୍ବ" ଅର୍ଥାତ୍ ବର୍ଷକର ବିଭିନ୍ନ ସମୟରେ ଓଡିଶାରେ ବହୁ ସଂଖ୍ୟକ ପର୍ବପର୍ବାଣୀ ପାଳନ କରାଯାଏ । ସେଥିମଧ୍ୟରୁ ଅନେକ ପର୍ବ ଓଡିଶାର ସଂପୂର୍ଣ୍ଣ ନିଜସ୍ୱ, ଐତିହ୍ୟ ସମ୍ପନ୍ନ ଓ ମହତ୍ତ୍ୱପୂର୍ଣ୍ଣ । ହିନ୍ଦୁଶାସ୍ତ୍ରମତ ଅନୁସାରେ କାର୍ତ୍ତିକମାସକୁ ବାରମାସ ଭିତରେ ଶ୍ରେଷ୍ଠ ଧର୍ମମାସ ଭାବେ ବିବେଚନା କରାଯାଏ । କାର୍ତ୍ତିକ ମାସକୁ ମହା କାର୍ତ୍ତିକ ମାସ ବୋଲି ମଧ୍ୟ କୁହାଯାଏ । କାର୍ତ୍ତିକ ଏକ ପବିତ୍ର ମାସ । ଏହି ମାସରେ କେତେକ ପର୍ବ; ଗର୍ଭଣା ସଂକ୍ରାନ୍ତି, ରମା ଏକାଦଶୀ, ଧନଦା ତ୍ରୟୋଦଶୀ ବା ଧନ୍ ତେରାସ୍, ନାରକ ଚତୁର୍ଦ୍ଦଶୀ, ଦୀପାବଳି ଓ କାଳୀ ପୂଜା, ଗିରିଗୋବର୍ଦ୍ଧନ ପୂଜା, ଭ୍ରାତୃ ଦ୍ୱିତୀୟା, ନାଗ ଚତୁର୍ଥୀ, ଅଁଳା ନବମୀ, ରାସ ପର୍ବ, ମହାଦେବଙ୍କର ପ୍ରଧାନ ପର୍ବ ବଡ଼ ଓଷା ଏବଂ କାର୍ତ୍ତିକେୟଙ୍କ ପୂଜା ପଡୁଥିବାରୁ ଏହି ମାସଟିକୁ ସମସ୍ତେ ଧର୍ମ ମାସ କହିଥାନ୍ତି । ବର୍ଷର ବାର ମାସ ମଧ୍ୟରୁ ଯେଉଁ ଚାରିଟି ପବିତ୍ର ମାସ ଭାବେ ପ୍ରସିଦ୍ଧ; ସେଥି ମଧ୍ୟରୁ କାର୍ତ୍ତିକ ଅନ୍ୟତମ । ଏହି ଚାରିମାସ ହେଉଛି, ଆ-କା-ମା-ବୈ; ଅର୍ଥାତ୍ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ । ବର୍ଷର ଏହି ଚାରି ମାସ ପୁଣ୍ୟ ଅର୍ଜନ ଓ ପୁଣ୍ୟ ସଂଚୟ ପାଇଁ ପ୍ରକୃଷ୍ଟ । କାର୍ତ୍ତିକ ପୂର୍ଣ୍ଣିମା ହେଉଛି ଆମ ରାଜ୍ୟର ଏକ ପ୍ରମୁଖ ପର୍ବ । କୁମାର ପୂର୍ଣ୍ଣିମୀର ପରଦିନ ଠାରୁ କାର୍ତ୍ତିକ ଆରମ୍ଭ ହୋଇଥାଏ । ଏହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାସରେ ଆବାଳ ବୃଦ୍ଧବନିତା ପ୍ରତ୍ୟୁଷରୁ ସ୍ନାନ କରି ମାସସାରା ଦେବଦର୍ଶନ କଲେ ମହାପୁଣ୍ୟ ପ୍ରାପ୍ତି ହୁଏ । କାର୍ତ୍ତିକ ଅମାବାସ୍ୟାକୁ ଦିପାବଳୀ ଅମାବାସ୍ୟା ବୋଲି କୁହାଯାଏ । ସେହିଦିନ ଘରକୁ ଆଲୋକ ମାଳାରେ ଓ ଦୀପର ଆଲୋକରେ ସଜେଇ ମହାଶକ୍ତିଙ୍କର ପୂଜା ଆରାଧନା ସହ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । କେବଳ ସେତିକି ନୁହେଁ, କାଉଁରିଆ କାଠିରେ ନିଆଁ ଲଗାଯାଇ ବଡବଡୁଆଙ୍କୁ ଡାକନ୍ତି ଓ ଶ୍ରାଦ୍ଧ ମଧ୍ୟ କରନ୍ତି ।

ଓଡ଼ିଆ ପଦ୍ମପୁରାଣରେ କାର୍ତ୍ତିକ ମାହାତ୍ମ୍ୟ ବିଷୟରେ ବର୍ଣ୍ଣନା ହୋଇଥିବା ବେଳେ ସ୍କନ୍ଧ ପୁରାଣରେ ଉଲ୍ଲେଖିତ କାର୍ତ୍ତିକ ମାହାତ୍ମ୍ୟ ପ୍ରସଙ୍ଗରେ ଅବତାରଣାର ଆବଶ୍ୟକ ମନେ ହୁଏ । ବ୍ରହ୍ମା ନାରଦଙ୍କୁ କହିଛନ୍ତି; ମାସମାନଙ୍କ ମଧ୍ୟରେ କାର୍ତ୍ତିକ, ଦେବତା ମାନଙ୍କ ମଧ୍ୟରେ ବିଷ୍ଣୁ, ତୀର୍ଥମାନଙ୍କ ମଧ୍ୟରେ ଗଙ୍ଗା, ଯୁଗ ମାନଙ୍କ ମଧ୍ୟରେ ସତ୍ୟଯୁଗ, ଶାସ୍ତ୍ର ମାନଙ୍କ ମଧ୍ୟରେ ବେଦ, ଦାନମାନଙ୍କ ମଧ୍ୟରେ ଅନ୍ନଦାନ ଏବଂ ସୁଖ ମାନଙ୍କ ମଧ୍ୟରେ ପତ୍ନୀସୁଖ ଶ୍ରେଷ୍ଠ ଅଟେ । କିନ୍ତୁ ଶ୍ରୀମଦ୍ ଭଗବତ ଗୀତାରେ ଶ୍ରୀକୃଷ୍ଣ ମାସ ମାନଙ୍କ ମଧ୍ୟରେ ମାର୍ଗଶୀର ମାସକୁ ଶ୍ରେଷ୍ଠ ବୋଲି କହିଛନ୍ତି । ଯାହା ହେଉନା କାହିଁକି କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କର ସଦା ପ୍ରିୟ । କାର୍ତ୍ତିକ ମାସରେ ଭଗବାନ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ଯେଉଁ ପୁଣ୍ୟ କାର୍ଯ୍ୟ କରାଯାଇଥାଏ, ତାହାର କୌଣସି କ୍ଷତି ନାହିଁ । ଏହି ମାସରେ ଦେବତାମାନେ ମନୁଷ୍ୟଙ୍କର ନିକଟତର ହୁଅନ୍ତି । ତେଣୁ ଏହି ମାସରେ ବ୍ରତ,ଦାନ, ସ୍ନାନ ଇତ୍ୟାଦି ଦ୍ୱାରା ବିଷ୍ଣୁଙ୍କର ଆରାଧନା ଫଳଦାୟକ ଅଟେ । ଅନ୍ୟ ଦୃଷ୍ଟିକୋଣରୁ ମଧ୍ୟ ଦେଖିବାକୁ ଗଲେ କାର୍ତ୍ତିକ ମାସର ଅନେକ କିଛି ଗୁରୁତ୍ୱ ଅଛି । ଏହି ମାସରେ ବିଶେଷତଃ ଶ୍ରୀରାଧା ଓ ଶ୍ରୀଦାମୋଦରଙ୍କର ପୂଜା ଓ ଉପାସନା କରିବାର ବିଧେୟ ରହିଛି । ତୁଳସୀ ଅଥବା ଅଁଳା ବୃକ୍ଷ ତଳେ ସୂର୍ଯ୍ୟମଣ୍ଡଳକୁ ଦୃଷ୍ଟି କରି ସୂର୍ଯ୍ୟରୂପୀ ନାରାୟଣଙ୍କୁ ପୂଜା କରିବା ଉଚିତ । କୁହାଯାଏ ସମସ୍ତ ଦେବାଦେବୀ ଅପ୍ରତ୍ୟକ୍ଷ, କିନ୍ତୁ ଭଗବାନ ସୂର୍ଯ୍ୟ କାଳର କାଳ ଅଟନ୍ତି । ପିପ୍ପଳ ବା ଅଶ୍ୱତ୍ଥ ବୃକ୍ଷ ଭଗବାନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଷ୍ଣୁଙ୍କର, ବଟ ବୃକ୍ଷ ଶଙ୍କରଙ୍କ ଏବଂ ପଳାସ ବୃକ୍ଷ ବ୍ରହ୍ମାଙ୍କର ସ୍ୱରୂପ ଥିବାରୁ ପୂଜ୍ୟ ଅଟନ୍ତି । କାର୍ତ୍ତିକ ଶୁକ୍ଳ ନବମୀ ଦିନ ଅଁଳା ନବମୀ ନାମରେ ପରିଚିତ । ବୃକ୍ଷ ପୂଜା ଭାରତରେ ଦ୍ରାବିଡ଼ ସଭ୍ୟତାରୁ ଆରମ୍ଭ ହୋଇଛି । ଆଧୁନିକ ଯୁଗରେ ମଧ୍ୟ ଦୁବ, ବରକୋଳି ପତ୍ର ଠାରୁ ଆରମ୍ଭ କରି ଦ୍ରୁମ ପର୍ଯ୍ୟନ୍ତ ପୂଜା କରାଯାଉଛି । ଦୂବ, ବରକୋଳି ପତ୍ର, କାଚନ, ତୁଳସୀ, ଦୟଣା, ନିମ୍ବ, ଅଁଳା, ବର, ଅଶ୍ୱତ୍ଥ, ବାଉଁଶ, ଆମ୍ବ, କଦଳୀ ଗଛ ଏହି ସବୁ ଆମର ପୂଜା ପାର୍ବଣରେ ଲାଗିଥାଏ । ଏହି ଦିନ ଅଁଳା ବୃକ୍ଷର ପୂଜା ଓ ଉପାସନା କରାଯାଏ । ବିଷ୍ଣୁଙ୍କର ମନ୍ଦିରରେ ରାଧାପାଦ ମଧ୍ୟ ଦର୍ଶନ ହୁଏ । କାର୍ତ୍ତିକ ମାସରେ ଜୀବ ହିଂସା, ମଦ୍ୟପାନ, ଅଗମ୍ୟାଗମନ , ଚୋରି ଓ ବିଶ୍ୱାସଘାତ ଏହି ପାଞ୍ଚଟି ନର୍କର ଦ୍ୱାର ହୋଇଥିବାରୁ ଏହାକୁ ତ୍ୟାଗ କରିବା ବାଞ୍ଛନୀୟ ।

ଗାଁ ଗଣ୍ଡାରେ ପ୍ରାୟ ସମସ୍ତ ମନ୍ଦିରରେ ଉଭୟ କାର୍ତ୍ତିକ ମାହାତ୍ମ୍ୟ ପଢୁଥିବା ଲୋକ ଓ ଶୁଣୁଥିବା ବ୍ୟକ୍ତି ମନ୍ଦିରରେ ଅରୁଆ ଅନ୍ନ ସେବନ କରନ୍ତି । ବିଧବାମାନେ ଏଇ ମାସରେ ରାଧାଦାମୋଦର ଉପାସନା ଓ ବ୍ରତ କରିଥାନ୍ତି । ବିଶେଷ କରି ପୁରୀରେ ହବିଷ କରିବା ପାଇଁ ଭିଡ ହୋଇଥାଏ । ଯେଉଁ ବିଧବା ସ୍ତ୍ରୀ ଲୋକ ପୁରୀ ଆସିପାରନ୍ତି ନାହିଁ, ସେମାନେ ଘରେ ରହି ହବିଷ୍ୟ ରାନ୍ଧି ନିଷ୍ଠାର ସହ ଏହି ବ୍ରତ ପାଳନ କରିଥାନ୍ତି । ହବିଷ୍ୟାନ୍ନ ଠାକୁରଙ୍କ ଠାରେ ସମର୍ପଣ କଲା ପରେ ନିଜେ ଏହାକୁ ସେବନ କରନ୍ତି । ହବିଷ୍ୟ ବ୍ରତ ପାଳନ କରୁଥିବା ବିଧବାମାନଙ୍କୁ ହବିଷ୍ୟାଳି କୁହାଯାଏ । ସେମାନେ ପ୍ରାତଃ ସ୍ନାନକରି ଦେବଦର୍ଶନ କରନ୍ତି, ଦୀପ ଦାନ କରନ୍ତି ଓ ରାଧାଙ୍କୁ ସ୍ମରଣ କରିଥାନ୍ତି । କାର୍ତ୍ତିକ ମାହାତ୍ମ୍ୟ ମଧ୍ୟ ପଢ଼ନ୍ତି । କାର୍ତ୍ତିକ ପୂର୍ଣ୍ଣିମା ଦିନ ନଦୀ, ସମୁଦ୍ର କିମ୍ବା ଜଳାଶୟରେ ଡଙ୍ଗା ଭସାନ୍ତି । ପୁରୀରେ ଥିବା ହବିଷ୍ୟାଳିମାନେ ପୂର୍ଣ୍ଣିମା ପରଦିନ ଭୋଗ ତୁଳସୀ ଆଦି ଧରି ଘରକୁ ଫେରିଆସନ୍ତି । ଏହି କାର୍ତ୍ତିକ ମାସରେ ମହାଦେବଙ୍କର ବଡ଼ ଓଷା ବ୍ରତ ହୋଇଥାଏ । ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନଙ୍କରେ କାର୍ତ୍ତିକ ପୂର୍ଣ୍ଣିମୀର ମଜା ନିଆରା । କେହି କେହି ପାଞ୍ଚଦିନ କିମ୍ବା ମାସ ସାରା ଚଉଁରାରେ ପଞ୍ଚମୁରୁଜ ହାତରେ ପ୍ରସ୍ତୁତ କରି ବିଭିନ୍ନ କୋଠି କରନ୍ତି । ମାସ ଆରମ୍ଭରୁ ଚଉଁରା ପାଖରେ ଆକାଶ ଦୀପ ଜଳାଯାଏ । ବାଉଁଶର ଶୀର୍ଷରେ ହାଣ୍ଡି ଭିତରେ ଦୀପ ଜାଳୁଥାଏ । ଏ ଦୃଶ୍ୟ ଖୁବ୍ ମନୋରମ । ପୂର୍ଣ୍ଣିମୀ ଦିନ ରାତିର ଶେଷ ପ୍ରହରରେ ସମସ୍ତେ ନିକଟବର୍ତ୍ତୀ ନଦୀ, ସମୁଦ୍ର, ଜଳାଶୟ, ପୋଖରୀ ମାନଙ୍କରେ କଦଳୀ ପାଟୁଆ, ସୋଲର ସୁସଜ୍ଜିତ ଡଙ୍ଗାମାନ ଭସାଇଥାନ୍ତି  ।

ଡଙ୍ଗାରେ ପାନ, ଗୁଆ, ଦୀପ ଜଳାଇ ପିତୃପୁରୁଷଙ୍କୁ ବନ୍ଦାପନା କରି ଡଙ୍ଗାଟିକୁ ଭସାଇ ଦିଅନ୍ତି । ଗାଁ ମାନଙ୍କରେ ଏଇ ପର୍ବଟି ଖୁବ୍ ଆନନ୍ଦ ଓ ଉଲ୍ଲାସ ଦେଇଥାଏ । ପାହାନ୍ତିଆ ପ୍ରହରରେ ଗାଁ ଦାଣ୍ଡ ଶଙ୍ଖ, ହୁଳହୁଳି ନାଦରେ କମ୍ପିଉଠେ  ।

"ଆ-କା-ମା-ବୈ, ପାନ ଗୁଆ ଥୋଇ ।

ପାନ ଗୁଆ ତୋର, ମାସକ ଧରମ ମୋର  ।"

ଡଙ୍ଗା ଭସା ପର୍ବ ଭାରତର ବିଭିନ୍ନ ସ୍ଥାନରେ ପାଳନ କରାଯାଏ । ପିଲାମାନେ ଏହି ଦିନ କାଗଜ କିମ୍ବା କଦଳୀ ବାହୁଙ୍ଗାରେ ଡଙ୍ଗା ତିଆରି କରି ପାଣିରେ ଭସାନ୍ତି । ମନ ଆନନ୍ଦରେ ଗୀତ ଗାନ କରନ୍ତି; "ଯା ଯା'ରେ ଭାସି କାଗଜ ଡଙ୍ଗାଟି ଭାସି ଯା" । କାଗଜ ଡଙ୍ଗା ଭାସେ, ପବନରେ ପାଣି ଭିତରେ କିଛି ସମୟ ଘୁରିବୁଲେ ଓ ତା'ପରେ ଧୀରେ ଧୀରେ ପାଣିରେ ବୁଡିଯାଏ । ଗଡିଆ ଓ ପୋଖରୀମାନଙ୍କରେ ମଧ୍ୟ ବୋଇତ ଭସାଣି ହୁଏ । ଏହା ଆମର ପ୍ରାଚୀନ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ପରିଚୟ ଜୀବିତ ରଖେ । ଉତ୍କଳ ଅର୍ଥାତ୍ ଉତ୍କୃଷ୍ଟ କଳା, ସଂସ୍କୃତି ଓ ସମ୍ପନ୍ନତାର ଭୂମି । ସମଗ୍ର ବିଶ୍ୱରେ ଏହି ଭୂମି ଥିଲା ଖୁବ୍ ସମ୍ପନ୍ନ । ଓଡ଼ିଆ ସାଧବପୁଅମାନେ ଏହି ଭୂମିକୁ ଆପଣାର ପରିଶ୍ରମ ଓ ସାଧନା ବଳରେ କରିଥିଲେ ସମୃଦ୍ଧ । ସେଥିପାଇଁ କାର୍ତ୍ତିକମାସ ଓଡ଼ିଆଙ୍କ ପାଇଁ ମହାନ ଓ ମହାତ୍ମା ବହନ କରିଥାଏ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାର୍ତ୍ତିକ ପୂର୍ଣ୍ଣିମା ଆମକୁ ଆମର ଐତିହ୍ୟ ବିଷୟରେ ମନେ ପକାଇଦିଏ ।

ଏତଦ ବ୍ୟତୀତ ସମୁଦ୍ରକୂଳ ଏବଂ ପ୍ରାଚୀନ ବନ୍ଦରମାନଙ୍କରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଛି । ଓଡ଼ିଶାର ସାଧବମାନେ ଏହି କାର୍ତ୍ତିକ ପୂର୍ଣ୍ଣିମୀ ତିଥିରେ ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ସିଂହଳ ଦୀପପୁଞ୍ଜକୁ ବୋଇତ ନେଇ ଯାତ୍ରା କରୁଥିଲେ । ସାଧବମାନେ ଏହି ନୈବାଣିଜ୍ୟ କରି ଦେଶ ବିଦେଶରେ ଓଡ଼ିଶାର ଖ୍ୟାତି ବୃଦ୍ଧି କରିବା ସଙ୍ଗେ ସଙ୍ଗେ କିଛି ପଦାର୍ଥ ସହିତ ଅର୍ଥ ଉପାର୍ଜନ କରୁଥିଲେ । ତେଣୁ ତାଙ୍କର ପୂର୍ବ ପୁରୁଷଙ୍କ ସ୍ମୃତି ରକ୍ଷା କରିବା ପାଇଁ ଓଡ଼ିଆମାନେ ବୋଇତବନ୍ଦାଣ ପର୍ବ ପାଳି ଆସୁଛନ୍ତି । ଓଡ଼ିଶାର ପଲ୍ଲୀଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ କାର୍ତ୍ତିକେୟଙ୍କର ମୂର୍ତ୍ତି ମେଢ଼ କରି ମହାଆଡମ୍ବରରେ ପୂଜାର୍ଚ୍ଚନା କରାଯାଇଥାଏ । କିନ୍ତୁ ଆଧୁନିକ ଯୁଗରେ ଆଜିର ପିଲାମାନେ ଆମ ରୀତି, ନୀତି, ସଂସ୍କୃତି ଓ ପରମ୍ପରାକୁ ମାନିବାକୁ ଏତେ ପସନ୍ଦ କରୁନାହାଁନ୍ତି । ତେଣୁ ଧିରେ ଧିରେ ଏହା କାଳ ଗର୍ଭରେ ଲୀନ ହୋଇଯିବ । କାରଣ ଗ୍ରାମାଞ୍ଚଳରେ ଲୋକ ସଂଖ୍ୟା କମିବାରେ ଲାଗିଛି । ଯେଉଁମାନେ ଅଛନ୍ତି ସେମାନେ ସହରୀ ଜୀବନଯାପନକୁ ଆପଣେଇବାକୁ ବସିଲେଣି । ଆମେ ଯଦି ଆମର ପର୍ବପର୍ବାଣି, ପରମ୍ପରା ଓ ସଂସ୍କୃତିକୁ ପାଳନ କରିବା ତେବେ ଏହାର ପ୍ରଭାବ ନିଶ୍ଚୟ ଅନ୍ୟମାନଙ୍କ ଉପରେ ପଡ଼ିବ ।

ସିନ୍ଧେକେଲା, ବଲାଙ୍ଗୀର

ଭ୍ରାମ୍ୟ ଭାଷ – ୯୯୩୭୦୩୪୭୪୨

ଇ-ମେଲ୍ : saiprasadsahu867@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଇତିହାସ, ସାହିତ୍ୟ ଏବଂ ସଂସ୍କୃତି ଉପରେ ଆକ୍ରମଣ



ଅସିତ ମହାନ୍ତି

ଇତିହାସ ହେଉଛି ସମୟ ସହିତ ପରିବର୍ତ୍ତନର ଅଧ୍ୟୟନ, ଏବଂ ଏହା ମାନବ ସମାଜର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରେ । ରାଜନୈତିକ, ସାମାଜିକ, ଅର୍ଥନୈତିକ, ବୈଜ୍ଞାନିକ, ବୈଷୟିକ, ଚିକିତ୍ସା, ସାଂସ୍କୃତିକ, ବୌଦ୍ଧିକ, ଧାର୍ମିକ ଏବଂ ସାମରିକ ବିକାଶ ଇତିହାସର ଏକ ଅଂଶ । ସାହିତ୍ୟକୁ ପୁସ୍ତକ ଏବଂ ଅନ୍ୟାନ୍ୟ ଲିଖିତ କାର୍ଯ୍ୟ ଭାବରେ ବ୍ୟାଖ୍ୟା କରାଯାଇଛି, ବିଶେଷତଃ ସେଗୁଡିକ ସୃଜନଶୀଳ କିମ୍ବା କଳାତ୍ମକ ଯୋଗ୍ୟତା ବୋଲି ବିବେଚନା କରାଯାଏ । ସାହିତ୍ୟର ପ୍ରଭାବ ସମାଜ ଉପରେ ଅତ୍ୟନ୍ତ ପ୍ରବଳ, ଯାହାଦ୍ୱାରା ସମାଜର ଏକ ବଡ ଅଂଶ ପ୍ରଭାବିତ ହୋଇଥାନ୍ତି । ସଂସ୍କୃତିକୁ ଜୀବନର ସମସ୍ତ ଉପାୟ ଭାବରେ ବ୍ୟାଖ୍ୟା କରାଯାଇପାରେ, କଳା, ବିଶ୍ୱାସ ଏବଂ ଏକ ଜନସଂଖ୍ୟାର ଅନୁଷ୍ଠାନ ଯାହା ପିଢ଼ି ପରେ ପିଢ଼ି  ପର୍ଯ୍ୟନ୍ତ ଚାଲିଆସୁଛି । ସଂସ୍କୃତିକୁ "ସମଗ୍ର ସମାଜ ପାଇଁ ଜୀବନର ମାର୍ଗ କୁହାଯାଏ । ଏହି ତିନୋଟି ମହତ୍ୱପୂର୍ଣ୍ଣ ବିଷୟ ଉପରେ ଲଗାତାର ଆକ୍ରମଣ ଜାରି ରହିଛି, ଯାହା ଏକ ଜଘନ୍ୟ ଅପରାଧ । କାରଣ ଏହି ତିନୋଟି ବିଷୟ ମନୁଷ୍ୟର ଚିନ୍ତନ ଏବଂ ଏବଂ ତାହାର ବିକାଶକୁ ପ୍ରଭାବିତ କରେ । ସମାଜର ବିକାଶର କ୍ରମବଦ୍ଧତାକୁ ଯଦି ଜାଣି ନହୁଏ ତାହେଲେ ବିକାଶର ଧାରାକୁ ଆଗକୁ ବଢାଯାଇ ପାରିବ ନାହିଁ । ସମସ୍ତ ଐତିହାସିକ ସ୍ଥାନ ଗୁଡିକର ନାମକୁ ପରିବର୍ତ୍ତନ କରାଯାଉଛି, ବିଶେଷ କରି ଶିକ୍ଷା କ୍ଷେତ୍ରରେ ନବଜାଗରଣ ଆନ୍ଦୋଳନ ଦ୍ୱାରା ସୃଷ୍ଟି ହୋଇଥିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନବିକ ମୂଲ୍ୟବୋଧ ଆଧାରିତ ବିଷୟ ଗୁଡିକୁ ପାଠ୍ୟକ୍ରମରୁ ବାଦ ଦିଆଯାଉଛି । ସାମ୍ପ୍ରଦାୟିକ ଫାଶୀଷ୍ଟ ଶକ୍ତିମାନେ ସ୍ୱାଭାବିକ ଭାବରେ ସାହିତ୍ୟ ସଂସ୍କୃତି ଏବଂ ବୈଜ୍ଞାନିକ ଶିକ୍ଷା ଏବଂ ଲୋକତନ୍ତ୍ର ବିରୋଧୀ ଅଟନ୍ତି । ଯେତେବେଳେ ସେମାନେ ଶାସନ ପାଇଁ ସୁଯୋଗ ପାଆନ୍ତି, ସର୍ବପ୍ରଥମ କାର୍ଯ୍ୟ ଇତିହାସ ଏବଂ ସାହିତ୍ୟ ସହିତ ଖେଳ ଖେଳନ୍ତି । ଆମେ କଦାପି ଭୁଲିପାରିବା ନାହିଁ ଯେ ୧୯୭୮ ମସିହାରେ ପ୍ରଖ୍ୟାତ ଇତିହାସକାର ରାମଶରଣ ଶର୍ମା ଦ୍ୱରା ଲିଖିତ ପାଠ୍ୟପୁସ୍ତକ "ପ୍ରାଚୀନ ଭାରତ"କୁ ଏକାଦଶ ଶ୍ରେଣୀ ପାଠ୍ୟକ୍ରମରୁ CBSE ଅଲଗା କରିଦେଇଥିଲା । ଠିକ ସେହିଭଳି ବାଜପେୟୀ ସରକାର ସମୟରେ ପ୍ରଖ୍ୟାତ ଉପନ୍ୟାସକାର ମୁନସି ପ୍ରେମଚାନ୍ଦଙ୍କ ଦ୍ୱାରା ଲିଖିତ "ନିର୍ମଳା" ଉପନ୍ୟାସକୁ CBSEପାଠ୍ୟକ୍ରମରୁ ହଟାଇ, ସେହି ସ୍ଥାନରେ ଗୁମନାମ ଲେଖିକା ( ? ) ମୃଦୁଳା ସିହ୍ନାଙ୍କ ଉପନ୍ୟାସ "ଜିଉଁ ମେହେନ୍ଦି କେ ରଙ୍ଗ"କୁ ଭର୍ତ୍ତି କରାଯାଇଥିଲା । ଏହି ଧାରାବାହିକତାରେ, ବର୍ତ୍ତମାନର ତାଜା ଉଦାହରଣ ହେଉଛି, ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ପର୍ଯ୍ୟବେକ୍ଷକ ସମିତି (Oversight committee) ଦ୍ୱାରା ଦେଶର ଖ୍ୟାତନାମା ଲେଖିକା ମହେଶ୍ୱତା ଦେବୀଙ୍କର ଦ୍ୱାରା ଲିଖିତ ଲଘୁକଥା "ଦ୍ରୌପଦୀ" ଏବଂ ଦୁଇଜଣ ଦଳିତ ଲେଖକ, ବାମା ଏବଂ ସୁକୀର୍ତ୍ତିରାଣୀଙ୍କ ଦ୍ୱାରା ଲେଖାଯାଇଥିବା କାହାଣୀକୁ ଇଂଲିଶ ପାଠ୍ୟକ୍ରମରୁ ଅଲଗା କରାଯାଇଛି । ଏହି ସବୁ ଗପଗୁଡ଼ିକ ଜାତିଭେଦ ଏବଂ ଲିଙ୍ଗ ଭେଦଭାବ ବିଷୟ ଉପରେ ଆଧାରିତ ସମାଜରେ ମହିଳାମାନଙ୍କ ସହିତ ହେଉଥିବା ଭେଦଭାବ ଏବଂ ଅନ୍ୟାୟ ଅତ୍ୟାଚାରକୁ ଉଜାଗର କରେ । ପ୍ରକୃତରେ ମହାଭାରତ କାଳରୁ ଆଜି ପର୍ଯ୍ୟନ୍ତ ବର୍ଚସ୍ୱ ପାଇଁ ପୁରୁଷ ସମାଜର ଲଢେଇରେ ସ୍ତ୍ରୀକୁ ମୋହରା ଭାବେ ପ୍ରଦର୍ଶିତ କରାଯାଉଛି । ଯେଉଁଭଳି ମହାଭାରତ କାଳରେ ଦ୍ରୌପଦୀ ନିଜର ସଶକ୍ତ ଚରିତ୍ର ମାଧ୍ୟମରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲା, ଠିକ ସେହିଭଳି ଆମ ସମୟରେ ଏହି ପ୍ରତିନିଧି ଲେଖିକାମାନେ ସେମାନଙ୍କର ଲେଖା ମାଧ୍ୟମରେ ସ୍ୱର ଉତ୍ତୋଳନ କରିଛନ୍ତି । ସମାଜରେ ବ୍ୟାପ୍ତ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ସମାଜ କଦାପି କଳଙ୍କିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୁଏନାହିଁ, ବରଂ ତାହା ଉପରେ ପରଦା ପକାଇଲେ ହୁଏ । ସମାଜରେ ଶ୍ରେଷ୍ଠ ସାହିତ୍ୟ ଏହି ଭୂମିକା ପାଳନ କରେ । ଯଦି ଆଲୋଚନା ଏବଂ ପ୍ରତିରୋଧକୁ ସାହିତ୍ୟରୁ ଅଲଗା କରିଦିଆଯାଏ ତେବେ କେବଳ ଚାପଲୁସୀ ସାହିତ୍ୟ ରହିଯିବ । ଏହି ସାହିତ୍ୟ ମାଧ୍ୟମରେ ଦେଶ ମଜବୁତ ହୁଏ ନାହିଁ ବରଂ କମଜୋର ହୁଏ । ମହେଶ୍ୱତା ଦେବୀ ଆନ୍ତର୍ଜାତୀୟ ସ୍ତରର ପ୍ରସିଦ୍ଧ ଲେଖିକା ଅଟନ୍ତି, ଯାହାଙ୍କୁ ପଦ୍ମ ବିଭୂଷଣ, ସାହିତ୍ୟ ଏକାଡେମୀ ଏବଂ ଜ୍ଞାନପୀଠ ଭଳି ପୁରଷ୍କାରରେ ଭୂଷିତ କରାଯାଇଛି । ଶୈକ୍ଷଣିକ ମୂଲ୍ୟ ପାଇଁ ତାଙ୍କର ରଚନା "ଦ୍ରୌପଦୀ"କୁ ୧୯୯୯ ମସିହା ଠାରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢ଼ାଯାଇ ଆସୁଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ପାଠ୍ୟକ୍ରମରେ ଏପ୍ରକାର ପରିବର୍ତ୍ତନ ଇଛା ଅନୁସାରେ କରାଯାଇଛି । ଗଠନ କରାଯାଇଥିବା ପର୍ଯ୍ୟବେକ୍ଷକ ସମିତିରେ ନା ସାହିତ୍ୟ କିମ୍ବା ଇଂଲିଶ ସାହିତ୍ୟର କୌଣସି ବିଶେଷଜ୍ଞ ଅଛନ୍ତି ନା ଦଳିତ ଏବଂ ଆଦିବାସୀ ସମୁଦାୟର କୌଣସି ସଦସ୍ୟ ଅଛନ୍ତି, ଯେଉଁମାନଙ୍କୁ ଦଳିତ ଏବଂ ଆଦିବାସୀ ମାନଙ୍କ ସମସ୍ୟା ଏବଂ ଜୀବନଶୈଳୀ ବିଷୟରେ କୌଣସି ତଥ୍ୟ ଜଣାଅଛି । ଏହାର ଉଦ୍ଦେଶ୍ୟ ହେଉଛି, ଶାସକବର୍ଗ ବ୍ୟବସ୍ଥା ଆଧାରିତ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରୁଛନ୍ତି । ଯାହାଫଳରେ ବର୍ତ୍ତମାନ ପିଢୀ ଦେଶର ଇତିହାସ, ସାହିତ୍ୟ ଏବଂ ସଂସ୍କୃତିରୁ ଅଲଗା ହୋଇ ବର୍ତ୍ତମାନ ପରଷା ଯାଉଥିବା ତଥ୍ୟକୁ ଜାଣନ୍ତୁ । ଅର୍ଥାତ ବର୍ତ୍ତମାନ ପିଢ଼ିକୁ ଜଡବିହୀନ କରିବାର ପ୍ରଚେଷ୍ଟା ଚାଲିଛି । ଯାହା ଫଳରେ ବର୍ତ୍ତମାନର ଯୁବ ପିଢ଼ି ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସେମାନଙ୍କର ସ୍ୱର ଉତ୍ତୋଳନ କରିବାରେ ଅକ୍ଷମତା ପ୍ରକାଶ କରିବେ । ଏଭଳି ଅପରାଧ ଦେଶରେ ଏକ ବିରାଟ ଜନସଂଖ୍ୟାକୁ ଅବୈଜ୍ଞାନିକ ଏବଂ ଅତାର୍କିକ ବିଚାରଧାରା ଆଡକୁ ଠେଲିଦେବାର ପ୍ରସ୍ତୁତି ।

ସୁଜନପୁର , ଯାଜପୁର

୯୩୪୮୭୬୮୮୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଓଡ଼ିଆ



ଗୌରାଙ୍ଗ ଚନ୍ଦ୍ର ନାୟକ

ମୋର ପ୍ରିୟ ଓଡ଼ିଆ ଭାଇ ଭଉଣୀ ମାନେ, ଆପଣମାନଙ୍କୁ କିଛି କଥା ମନେ ପକେଇବାକୁ ଯାଉଛି !

ଆମ ଓଡ଼ିଆରେ ଗୋଟିଏ କଥା ଅଛି "ଆପଣା ଅସ୍ତ୍ର ପରକୁ ଦେଇ ଶିବ ପଳେଇଲେ ଲଙ୍ଗଳା ହୋଇ" ଆମ ଓଡ଼ିଆ ଜାତି ଏତେ ସଚ୍ଚୋଟ ଏତେ ଗଭୀର ବିଶ୍ୱାସୀ ଏତେ ସରଳିଆ ଆଉ ଏତେ ପରୋପକାରୀ ଏହାର ବହୁତ ପ୍ରମାଣ ସ୍ୱରୂପ ଇତିହାସ ମୁକସାକ୍ଷୀ ହୋଇ ଛିଡା ହୋଇଛି ! ମୁଁ କହିବାକୁ ଯାଉଛି ଆମ ରସଗୋଲା କଥା : ଭଗବାନ ଜଗନ୍ନାଥ ମା ଲକ୍ଷ୍ମୀଙ୍କୁ ରସଗୋଲା ଭେଟି ଦେଇ ତାଙ୍କ ମାନଭଞ୍ଜନ କରି ଥାଆନ୍ତି ଆଉ ଏହି ପ୍ରଥା କାହିଁ କୋଉ କାଳରୁ ଚାଲି ଆସିଛି । କହି ଜାଣିଲେ କଥା ସୁନ୍ଦର ଛଳରେ ଆମ ରସଗୋଲାକୁ ଆମ ଜାତିର ଗୌରବାନ୍ୱିତ ଗାଥାକୁ ଧୂଳିରେ ପୋତିଦେଇ ପଶ୍ଚିମବଙ୍ଗ ତାକୁ ଏଭଳି ଭାବେ ନିଜକୁ ପ୍ରସ୍ତୁତ କରିଦେଲା ଯେ ରସଗୋଲା ତା ନାଁରେ କରିଦେଲା । ଆମ ଓଡ଼ିଆଙ୍କ ଏତେ ବଡ ହୃଦୟ ଯେ ମହାଦେବଙ୍କ ବିଷପାନ ପରି ଅପମାନ ଆଉ ନିନ୍ଦାକୁ ଢକ ଢକ କରି ପିଇ ହଜମ କରିଦେଲେ ।

ଆଜିର ତାରିଖରେ ଭାରତବର୍ଷରେ ଯେତେ ରାଜ୍ୟର ଲୋକ ଅଛନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁଠୁ ଆମ ଓଡ଼ିଆ ଜାତି ସର୍ବଶ୍ରେଷ୍ଠ । ମୁଁ ପ୍ରାୟ ଭାରତର ୭୫ ଭାଗ ସ୍ଥାନ ବୁଲି ସାରିଲିଣି ଯେତେବେଳେ ମୋ ଓଡ଼ିଶାର କଥା ବାହାର ରାଜ୍ୟର ଲୋକଙ୍କଠୁ ଶୁଣେ ମୋ ଛାତି ଗର୍ବରେ ଫୁଲି ଉଠେ ! ଭାରତ ବର୍ଷରେ ଭାଷା ଭିତ୍ତିକ ରାଜ୍ୟ ହିସାବରେ ଆମ ରାଜ୍ୟ ପ୍ରଥମ ସ୍ଥାନ ପାଇଲା ସେତେବେଳ ଏ ଓଡ଼ିଆ ଜାତି ସର୍ବଶ୍ରେଷ୍ଠ ଥିଲା ଆଜି ବି ମଧ୍ୟ !

ଆଜି କିଏ ଜୟ ମହାରାଷ୍ଟ୍ର କିଏ ବିହାରୀ କିଏ ନିଜକୁ ବଙ୍ଗାଳି ଭାବରେ ଗର୍ବ କରୁଥିବା ବେଳେ ଆମେ ମଧ୍ୟ ନିଜକୁ "ମୁଁ ଓଡ଼ିଆ" କହି ଗର୍ବିତ ଅନୁଭବ କରିପାରିବା । ଆମ ଓଡ଼ିଆ ଜାତିର କଣ ବା ଅଭାବ, ଭାରତୀୟ ଶାସ୍ତ୍ରୀୟ ଭାଷା ହିସାବରେ ଆମ ଓଡ଼ିଆ ଭାଷାକୁ ମାନ୍ୟତା ମିଳିସାରିଛି ଏ କଣ ଆମ ପାଇଁ ଗର୍ବ ନୁଁହ ? ଆମ ଓଡ଼ିଆ ଜାତି ପାଖରେ ବିଶ୍ୱର ସର୍ବ ଶ୍ରେଷ୍ଠ କଳା, ସଂସ୍କୃତି ସ୍ଥାପତ୍ୟ ଅଛି ଯାହାର ପ୍ରମାଣ ସ୍ୱରୂପ କୋଣାର୍କ ମନ୍ଦିର ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଲିଙ୍ଗରାଜ ମନ୍ଦିର ଆହୁରି ଅନେକ ଏବେ ପର୍ଯ୍ୟନ୍ତ ମୁକସାକ୍ଷୀ ଭାବରେ ଛିଡା ହୋଇଛନ୍ତି, ଏ ସବୁ ଆମପାଇଁ ଗର୍ବର କଥା ନୁହେଁକି ? ଆଜି ସାରା ବିଶ୍ୱରେ ଓଡ଼ିଶୀ ନୃତ୍ୟର ସ୍ୱତନ୍ତ୍ର ସ୍ଥାନ ଅଛି ଏହା କଣ ଆମ ଓଡ଼ିଆ ଜାତିକୁ ଗୌରବାନ୍ୱିତ କରୁନାହିଁ ?

ଆଜି କାହିଁକି ଆମେ ଓଡ଼ିଆ ଭାବେ ପରିଚୟ ଦେବାକୁ କୁଣ୍ଠାବୋଧ କରୁଛେ ? ଯେଉଁ ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥ ଯିଏ ସାରା ଜଗତର ନାଥ ସିଏ ଏ ଜାତିର ମଉଡମଣୀ ୟାଠୁଁ ବଳି ଗର୍ବର କଥା କଣ ଆଉ ଅଛି ? ଆଜି ବିଶ୍ୱ ଦରବାରରେ ସମସ୍ତଙ୍କ ହୃଦୟରେ ଭଗବାନ ଜଗନ୍ନାଥ ବାସ କରୁଛନ୍ତି ! ଯେଉଁ ରଥଯାତ୍ରା ଆମ ଓଡ଼ିଶାର ଗର୍ବ ଆଉ ଗୌରବ ତାହା ଏବେ ବିଶ୍ୱର ଅନେକ ଦେଶରେ ପାଳିତ ହେଉଛି ଏକଥା ଯେବେ ଗଣମାଧ୍ୟମରେ ପ୍ରଚାର ହୁଏ ସେତେବେଳେ ଛାତି ମୋ ଗର୍ବରେ ଫୁଲି ଉଠେ । ବେଳେ ବେଳେ ମଧ୍ୟ ବାହାର ରାଜ୍ୟର ଲୋକ ଆମ ଓଡ଼ିଆଙ୍କୁ ପ୍ରଂଶସା କରିବାକୁ ପଛାନ୍ତି ନାହିଁ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେତେବେଳେ ମୁଁ ଓଡ଼ିଆ ଭାବି ନିଜକୁ ବହୁତ ଗର୍ବ କରେ !

ଆମ ଓଡ଼ିଶାର ସମ୍ବଲପୁରୀ ଲୋକ ନୃତ୍ୟ ଆଜି ବିଶ୍ୱଦରବାରରେ ଏକ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି, ତାହେଲେ ଆମେ କାହିଁକି ଓଡ଼ିଆ କହି ନିଜକୁ ଗର୍ବିତ କରିବାନି ? ଆମ ରାଜ୍ୟର କବି ପ୍ରବନ୍ଧକ ପୁରା ଦେଶରେ ପରିଚିତ, ଆମ ରାଜ୍ୟର ଡାଲମା, ଆମ ରାଜ୍ୟର ଛେନା ପୋଡ଼ ଆଉ ଆମ ରାଜ୍ୟର ଅତିପ୍ରିୟ ପଖାଳ କଂସା କଣ ଆମ ମାନଙ୍କୁ ଗର୍ବିତ କରାଉ ନାହିଁ ?

ବର୍ତ୍ତମାନ ସମୟରେ ମଧ୍ୟ ଆମ ରାଜ୍ୟ ଏମିତି କିଛି କରିଛି ଯାହା ପାଇଁ ଆମେ ଗର୍ବିତ ନିଶ୍ଚିତ ! ଯେତେବେଳେ ମହିଳା କ୍ରିକେଟ ଖେଳ ପାଇଁ ଭାରତର ଅନ୍ୟ ରାଜ୍ୟମାନେ ମନା କରିଦେଲେ ସେତେବେଳେ ଆମ ରାଜ୍ୟ ଓଡ଼ିଶା ଏହା ନିଜ ହାତକୁ ନେଇ ବହୁତ ସୁରୁଖୁରୁରେ ବିଭିନ୍ନ ଷ୍ଟାଡିଅମରେ ୧୧ ଟି ମ୍ୟାଚ କରାଇଥିଲେ ଏହାଦ୍ୱାରା ଦେଶର ଇଜ୍ଜତ ବଞ୍ଚିଯାଇଥିଲା ! ଯେତେବେଳେ ଏସିଆନ୍ ଆଥଲେଟିକ୍ ଖେଳକୁ ଆୟୋଜନ କରିବାକୁ ଝାରଖଣ୍ଡ ଏବଂ ଛତିଶଗଡ ସରକାର ମନାକରି ଦେଇଥିଲେ ଆଉ ଶେଷ ସମୟରେ ଓଡ଼ିଶା ସରକାରଙ୍କୁ ଭାରତ ସରକାର ଯୋଗାଯୋଗ କରି ଅନୁରୋଧ କଲେ ଆଉ ଓଡ଼ିଶା ସରକାର ସେହି ଆହ୍ୱାନକୁ ଗ୍ରହଣ କଲେ ଏବଂ ସାରା ଦେଶକୁ ଦେଖାଇଦେଲେ ଯେ ମାତ୍ର ତିନି ମାସରେ ଭିତ୍ତିଭୂମି ସ୍ଥାପନ କରି ଖେଳକୁ କିପରି ସଫଳ ଭାବରେ ରୂପାୟନ ଦିଆଯାଇ ପାରେ । ଓଡ଼ିଶା ମାଟିର ଆଉ ଏକ କୃତୀସ୍ତମ୍ଭ ହେଲା ହକି ବିଶ୍ୱ କପ୍... ଏହାକୁ ଏତେ ସଫଳ ଭାବରେ ଆୟୋଜନ କରାଗଲା ଯେ ହକି ଫେଡେରେସନ୍ ଏହାକୁ ଲଗାତାର ଦିତ୍ୱୀୟ ଥର ପାଇଁ ଭୁବନେଶ୍ୱରରେ କରିବାକୁ ନିଷ୍ପତି ନେଲେ ! ଏହା ଆମ ଓଡ଼ିଆଙ୍କ ପାଇଁ ନିଶ୍ଚିତ ଏକ ବହୁତ ବଡ ଗର୍ବର କଥା, କାରଣ ଏ ପର୍ଯ୍ୟନ୍ତ କୌଣସି ସହରକୁ ଲଗାତାର ଦିତ୍ୱୀୟ ଥର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ବିଶ୍ୱକପ୍ ଆୟୋଜନର ସୁଯୋଗ ମିଳି ନାହିଁ ! କଣ ଏହା ଆମ ପାଇଁ ଗୌରବର କଥା ନୁଁହ ? କଣ ଏହା ଆମ ପାଇଁ ଗର୍ବର କଥା ନୁହେଁ ? କେଉଁ ଗୁଣରେ ମୋ ଓଡ଼ିଆ ଜାତି କମ ଅଛି ? କ'ଣ ପାଇଁ ଆମ ରାଜ୍ୟର ଲୋକଙ୍କୁ କାହାର ଉଦାହରଣ ଦେଇ ଆଗକୁ ପରିଚୟ ଦେବାକୁ ପଡୁଛି ? ସବୁ ରାଜ୍ୟର ଲୋକ ଯଦି ଗର୍ବରେ ତାଙ୍କ ରାଜ୍ୟର ପରିଚୟ ଦେଇପାରୁଛନ୍ତି ତାହେଲେ ଆମେ କାହିଁକି ଗର୍ବରେ ମୁଁ ଓଡ଼ିଆ ବୋଲି କହିପାରିବାନି.......

ଗର୍ବରେ କୁହନ୍ତୁ.....

ଜୟ ଜଗନ୍ନାଥ

ଜୟ ଓଡ଼ିଶା

ମୁଁ ଓଡ଼ିଆ

ଶ୍ରୀ ଗୌରାଙ୍ଗ ଚନ୍ଦ୍ର ନାୟକ,

ଗ୍ରାମ- ଭୁବନ,

ପୋଷ୍ଟ- ଧର୍ମଶାଳା,

ଜିଲ୍ଲା- ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିପର୍ଯ୍ୟସ୍ତ ଗ୍ରାମ୍ୟଜୀବନ



ଡଃ ମନୋରଞ୍ଜନ
ବିଷୋୟୀ

ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ । ଏପରିକି ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ । ଚିହ୍ନାମାଟିର ସନ୍ତାନ ବାହ୍ୟ ଔଜ୍ଜଲ୍ୟରେ ଅନ୍ଧ ହୋଇ କ୍ରମେ ଅଚିହ୍ନା ମନେ ହୁଅନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ । ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖ ଦୁଃଖ ଉଭୟ ଥିଲା ସାମୂହିକ । ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଉତ୍ସବ ମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । କେଉଁଠି ନିଜ ପିଲାଙ୍କୁ ଗାଁ ସ୍କୁଲରେ ପାଠ ନ ପଢ଼ାଇ ସହରରେ ପାଠ ପଢ଼ାଇବାର ମୋହ ପାରିବାରିକ ସଂପର୍କରେ ଠିଆ କରାଇଛି ପାଚେରୀ ତ ଆଉ କେଉଁଠି ଭାଇ ଭାଇ ଭିତରେ ଭାଗ ବଣ୍ଟାକୁ ନେଇ ଚୂଡ଼ାନ୍ତ ଫଇସଲା ପାଇଁ ଭଦ୍ରଲୋକଙ୍କୁ ଡକା ଯାଇଛି । ଲାଗୁଛି ସ୍ୱାର୍ଥ ସର୍ବସ୍ୱ ଏ ଦୁନିଆରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର । ଗାଁ ମନ୍ଦିର ପରିସର ଆଜି ତରୁଣ ଗୋଷ୍ଠୀର ଗଞ୍ଜେଇ ଆଖଡ଼ାରେ ପରିଣତ ହେବା ଠାରୁ ଆରମ୍ଭ କରି; ରାଜନୀତି ଆଜି ଉଦ୍ଭ୍ରାନ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୁବଗୋଷ୍ଠୀର ସ୍ୱପ୍ନର ସମ୍ଭାର ପାଲଟିଛି । ଫଳରେ ଗାଁ ମଧ୍ୟ ଦି' ଭାଗ ହେବାରେ ଲାଗିଛି । ଏକ ମନ ହୋଇ ଚଳୁଥିବା ଗାଁ ଲୋକ ଆଜି ରକ୍ତମୁଖା ଦିଶୁଛନ୍ତି । ଆଜି ଗାଁରେ ବାପା-ମାଆ, କକା-ଖୁଡ଼ି, ମଉସା-ମାଉସୀ, ପିଉସା-ପିଉସି, ଭାଇନା-ଭାଉଜ, ମାମୁ-ମାଇଁ, ସଙ୍ଗାତ, ମଇତ୍ର ଭଳି ଆତ୍ମୀୟତାର ଉଚ୍ଚାରଣ ଭିତରେ ପରସ୍ପର ଡକାଡକି ହେଉଥିବା ସଂପର୍କ ସବୁ ଶିଥିଳ ହୋଇ ପଡ଼ିଛି । ଏପରିକି ଅନେକ ଘଟଣାରେ ଗାଁ ମାମଲତକାରମାନଙ୍କର ଅଦ୍ଭୁତ ନ୍ୟାୟନିଶାପ ଗ୍ରାମ୍ୟ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଛି । ଏହାସହ ଗାଁରେ ସରକାରଙ୍କ ଦ୍ୱାରା ପ୍ରଚଳିତ ସବୁ ବ୍ୟବସ୍ଥା କିପରି ଉପହସିତ ତାହା କଣ୍ଟ୍ରୋଲ ଦୋକାନର ଚିତ୍ର ଭିତରୁ ସ୍ପଷ୍ଟ ହୋଇପଡୁଛି । ଗାଁର ଶିକ୍ଷିତ ଗୋଷ୍ଠୀ କୌଳିକ ବୃତ୍ତି ବିମୁଖ ହୋଇ ସହର ଅଭିମୁଖେ ଅନ୍ଧଭାବରେ ଯାତ୍ରା; ଗାଁ ପ୍ରତିଥିବା ସୂକ୍ଷ୍ମ ସଂପର୍କର ଡୋରୀକୁ ଶିଥିଳ କରିଦେଇଛି । ଏପରିକି ସହରର ଚାକଚକ୍ୟ ଅନେକ ପରିବାରରେ ଆଣିଛି ଦାରୁଣ ବିଡ଼ମ୍ବନା । କାରଣ ବାପାମାଆ ଯେଉଁ ପୁଅର ପାଠପଢ଼ାରେ ସମଗ୍ର ଜୀବନକୁ ସମର୍ପି ଦେଇଛନ୍ତି; ସେହି ପୁଅ ଏକ ଧନୀ ଦୁଲାଳୀକୁ ବାହା ହେବା ପରେ ଭୁଲିଯାଉଛି ଆପଣାର ଅତୀତ ଓ ବାପାମାଆଙ୍କୁ । ବସ୍ତୁତଃ ଏହାହିଁ ହେଉଛି ଆଜି ପ୍ରତି ଗାଁର ନିଚ୍ଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ସୁଦୂର ପରାହତ ।

ପରିଶେଷରେ କେବଳ ଏତିକି କହିବି- ଆଜି ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସଂପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ । ପ୍ରଗତିର ଶେଷ ବିନ୍ଦୁରେ ଜଗତୀକରଣର ଗୀତ ଗାଉଥିବା ଏ ମଣିଷ ପରମ୍ପରାଠାରୁ ବିଚ୍ଛିନ୍ନ ହେବା ସମ୍ଭବ ନୁହେଁ । ଆପଣା ମାଟି, ପାଣି, ପବନ ଓ ଆକାଶ ଯେଉଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସବୁ ମଣିଷ ପାଇଁ ମାଟି ହିଁ ହେଉଛି ମା'ର ରୂପାନ୍ତର । ଖୁବ୍ ନିବିଡ଼ ଓ ଆତ୍ମୀୟ । କିନ୍ତୁ ଏ ମାଟିରେ ଚଳପ୍ରଚଳ କରୁଥିବା ମଣିଷ ଗୁଡ଼ିକ ଭାବରେ ଓ ରକ୍ତରେ ଆତ୍ମୀୟ ହେବା ସତ୍ତ୍ୱେ; ଭୋଗ ସର୍ବସ୍ୱ ମନୋବୃତ୍ତି ନେଇ ଅଚିହ୍ନା ପାଲଟି ଯାଇଛନ୍ତି । ଏହାହିଁ ହେଉଛି ଚଳନ୍ତି ସମୟର ଦୁଃଖ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ସଂପର୍କ: ୮୯୫୦୪୧୭୨୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆତ୍ମା, ପ୍ରେତାତ୍ମା, ପରମାତ୍ମା



ପଙ୍କଜ କୁମାର ପାଣିଗ୍ରାହୀ

ମନର ଉଦ୍ବେଗ / ପ୍ରକୋପ ଓ ବିବେକର ଶୀଥିଳତା ମଧ୍ୟରେ ସନ୍ନିବେଶିତ ମଣିଷ ଆତ୍ମାର ସତ୍ୟତା ଉପରେ ଅନୁସନ୍ଧିତ୍ସୁ ମଣିଷ ଅଦ୍ୟାବଧି ସନ୍ଦେହରେ !

କାରଣ କ'ଣ ?

କୁହାଯାଏ ଆତ୍ମା ଶାଶ୍ୱତ, ଚିରନ୍ତନ, ଅମର । ମନୁଷ୍ୟର କର୍ମ, ଧର୍ମରେ ଆଧାରିତ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀର ମଧ୍ୟରେ ପ୍ରବେଶ କରି ନୂତନ ଜୀବନ ପ୍ରବାହ କରିବା ପ୍ରାବନ୍ଧ ରହିଥାଏ ଯାହା ନିରାକାରଙ୍କ ଇଚ୍ଛାଧୀନ । ନିରାକାର ଏକ ବୃହତ୍ତର (ପରମାତ୍ମା) ଆତ୍ମା ଯିଏ ନିର୍ବିକାର । ଅର୍ଥାତ କୌଣସି ମନ୍ଦ ଉଦ୍ଦେଶ୍ୟ ତଥା ପକ୍ଷପାତିତାର ପୃଷ୍ଠପୋଷକ ହୋଇନଥା'ନ୍ତି ନିରାକାର ଯାହାଙ୍କୁ ଆମେ ଭଗବାନ ଭାବରେ ଜାଣୁ । ସେହି ନିରାକାର ଭଗବାନଙ୍କ ପ୍ରେମ ବତ୍ସଳ ସନ୍ତାନ ସ୍ୱରୂପ ଜନ୍ମ ମଣିଷର ସମସ୍ତ କାର୍ଯ୍ୟ ତଥା ପ୍ରେରଣାର ବାର୍ତ୍ତାବହ ଭଗବାନ କେବେ କାହା ପ୍ରତି ପାତର ଅନ୍ତର ନୀତି ପୋଷଣ କରିନଥା'ନ୍ତି ବୋଲି ସମସ୍ତଙ୍କ ବିଶ୍ୱାସ । କି'ନ୍ତୁ ନିଜ ଆତ୍ମା ସହିତ ପରିଚୟ ବିହୀନ ମଣିଷ ସେହି ବୃହତାତ୍ମାର ପରିଚୟ ପାଇବା କେତେଦୂର ସମ୍ଭବ ? ପ୍ରଶ୍ନବାଚୀ ସୃଷ୍ଟି କରିବା ସହିତ ସାଧାରଣ ଲୋକଙ୍କ ଭାବାବେଗ ଉପରେ ଯଥେଷ୍ଟ କୌତୁହଳ ସୃଷ୍ଟି ହୁଏ ଯେତେବେଳେ ସାଧାରଣ ଅଜ୍ଞାନ ଭଗବାନଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ ତର୍ଜମା କରିଥା'ନ୍ତି । କୌଣସିମତେ ଗଳା ବାଟରେ କମ୍ ସମୟରେ ସମ୍ପୂର୍ଣ୍ଣତା ଅଧିଗ୍ରହଣ କରିବା ପ୍ରୟାସ ଜନିତ ମଣିଷ ମନର ଦୌରାତ୍ମ୍ୟ ସହଜରେ ବୁଝିବା ସମ୍ଭବ ନୁହେଁ ! ପ୍ରତ୍ୟେକ ମଣିଷ ବାଲ୍ୟକାଳରୁ ବିଭିନ୍ନ ପ୍ରେତାତ୍ମା, ପରମାତ୍ମା ସହିତ ଅନେକ ଅଲୌକିକ ବିଷୟ ଗୁଡିଏ ଉପରେ ଆଧାରିତ ଗଳ୍ପ ହେଉକି ଆଲେଖ୍ୟ କିମ୍ବା ପ୍ରବଚନ ପଢି, ଶୁଣି ସଂସାରର ସମସ୍ତ ପାର୍ଥିବ ବସ୍ତୁ ଗୁଡିକୁ ନେଇ ଜୀବନ ପ୍ରବାହ କରୁଥିଲେ ମଧ୍ୟ ଅଲୌକିକତାକୁ ଜୀବନ ଶେଷ ପର୍ଯ୍ୟନ୍ତ ପ୍ରକାଣ୍ଡ ଦୃଢତାର ସହିତ ଜାବୁଡି ଧରିଥା'ନ୍ତି । କାରଣ ଅଲୌକିକ କେବେ ଦେଖି, ଆଘ୍ରାଣ କରି କିମ୍ବା ଅନୁଭବ କରିବା ସୁଯୋଗ ମିଳିନଥିଲେ ମଧ୍ୟ ତା'ର ମାନସ ମନ୍ଥନ ଜନିତ ଉପସ୍ଥିତ ସମୟର  ଅନୁଭୂତିରେ ଯେଉଁ ଆନନ୍ଦ ମିଳିଥାଏ ତାହା ଅତ୍ୟନ୍ତ ମର୍ମସ୍ପର୍ଶୀ । ସେହି ଆନନ୍ଦ ଉପଭୋଗ କରିବା ସମ୍ପୂର୍ଣ୍ଣ ଭାବେ ଦେୟମୁକ୍ତ ଏବଂ କୌଣସି ପ୍ରତିବନ୍ଧକ ରହିତ ହୋଇଥିବା ହେତୁ ପ୍ରାୟତଃ ସମସ୍ତଙ୍କୁ ଆକର୍ଷିତ କରିଥାଏ । ସେହି ଆନନ୍ଦରେ ନିମଜ୍ଜିତ  ଶିକ୍ଷିତ-ଅଶିକ୍ଷିତ, ଧନୀ-ଗରିବ, ଉଚ୍ଚ-ନୀଚ ନିର୍ବିଶେଷରେ ସମସ୍ତେ ସମ୍ପୃକ୍ତ ଚାରଣ ଭୂମିରେ ଉପନୀତ । ସର୍ବେ ସମାନ ଦୃଷ୍ଟିରେ ପରିଚାଳିତ କୌଣସି ସାମ୍ପ୍ରଦାୟୀକ ଗୋଷ୍ଠିରେ ସଂଶ୍ଲିଷ୍ଟ ସମସ୍ତ ସଦସ୍ୟ ଗୋଟିଏ ପରିବାର ସଦୃଶ୍ୟ ଦେଖିବାକୁ ମିଳନ୍ତି । ନିର୍ଦ୍ଧିଷ୍ଟ ସମ୍ପ୍ରଦାୟର ସମ୍ମିଳନୀ କ୍ଷେତ୍ର ବହିର୍ଭୁତ ପୁନଃ ସବୁ ମଣିଷର ଷଡ଼ରିପୁ ଗୁଡିକ ସତେଜ ହୋଇ ଉଠିଥାଏ ଯାହାର ପରିଣାମ ସ୍ୱରୂପ ସେମାନଙ୍କ ପ୍ରକାଶ ଜଣେ ସାଧାରଣ ମଣିଷ ଭଳି ହୋଇଥାଏ । ଅର୍ଥାତ ଜଣେ ସାଧାରଣ ମଣିଷ ତଥା କଥିତ ଗୁରୁଙ୍କ ପ୍ରବଚନ, କରୁଣାରୁ କୌଣସି ମତେ ନିଜ ଜୀବନ କାଳ ମଧ୍ୟରେ ସେହି ଅଲୌକିକ ନିରାକାରଙ୍କ ବାସ୍ତବ ସତ୍ତା ନପାଇ ପାରିଲେ ମଧ୍ୟ ପରଲୋକରେ ପ୍ରାପ୍ତି ହେବା ଲକ୍ଷ ରଖି ଯେଉଁ ଆନନ୍ଦ ପାଇଥାଏ ତାହା ସର୍ବଗ୍ରାହୀ ହେଉଥିବା ଆମେ ସମସ୍ତେ ଜାଣୁ ।

ଆତ୍ମା ଠାରୁ ପରମାତ୍ମା ପର୍ଯ୍ୟନ୍ତ ତ୍ରିସ୍ତରୀୟ ବିଶ୍ଳେଷଣାତ୍ମକ ଅନୁଶୀଳନୀ ଭାରତୀୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାଂସ୍କୃତିକ, ଧାର୍ମିକ ବିଚାରରେ ବର୍ଣ୍ଣିତ । ମଣିଷ ଜୀବିତ ରହିଥିବା ସମୟରେ ତା' ଶରୀର ମଧ୍ୟରେ ଆତ୍ମା ସମ୍ପୃକ୍ତ ମଣିଷର ଆଚରଣ, ଭାବଧାରା, ସଂଚିତ ସାମାଜିକ ଚରିତ୍ର ଏବଂ କାର୍ଯ୍ୟକଳାପ ଗୁଡିକ ଉପରେ କୌଣସି ପ୍ରତ୍ୟକ୍ଷ ପ୍ରଭାବ ନପକାଇ କେବଳ ସେଗୁଡିକୁ ସଂରକ୍ଷିତ କରିଥାଏ ଯାହା ତାକୁ ପର ଜନ୍ମରେ ପୁନଃ ପ୍ରାପ୍ତି ହୋଇଥାଏ ବୋଲି ଅନୁଭବ ସମସ୍ତଙ୍କର ରହିଛି । ସେହି ବାର୍ତ୍ତାବହ ସଂରକ୍ଷଣକାରୀ ଆତ୍ମା ମଧ୍ୟରେ ଜଣେ ମଣିଷର ବାଲ୍ୟରୁ ମୃତ୍ୟୁ ପର୍ଯ୍ୟନ୍ତ ସଂରକ୍ଷିତ ସମସ୍ତ କୃତ କାର୍ଯ୍ୟଧାରାକୁ ବିଶ୍ଳେଷଣ କରି ପାପ-ପୂଣ୍ୟର ହିସାବ ଦେଖିବା ପରବର୍ତ୍ତୀ ନିର୍ଣ୍ଣାୟକ ନିଆଯାଇଥାଏ ପରମାତ୍ମାଙ୍କ ଦ୍ୱାରା ବୋଲି ଆମର ବିଶ୍ୱାସ । ଅର୍ଥାତ ଆତ୍ମାର ପରମାତ୍ମା ସହିତ ସାକ୍ଷାତ ପୂର୍ବବର୍ତ୍ତୀ ଗୋଟିଏ ମଧ୍ୟ ସୋପାନରେ ମଣିଷର ଉପସ୍ଥିତ କାର୍ଯ୍ୟାବଳୀର ସମୀକ୍ଷା ପୂର୍ବକ ନିର୍ଣ୍ଣାୟକ ହେତୁ ସେହି କାର୍ଯ୍ୟ ସମ୍ପାଦନ ନହେବା ପର୍ଯ୍ୟନ୍ତ ତାକୁ ପ୍ରେତାତ୍ମା ରୂପରେ ରହିବାକୁ ପଡିଥାଏ ବୋଲି କିମ୍ବଦନ୍ତୀ ସର୍ବ ଗ୍ରହୀତ ହୋଇଥାଏ । ହେଲେ ଆତ୍ମାର ପ୍ରେତାତ୍ମା ଅବସ୍ଥାରେ ମଧ୍ୟ ଅନେକ କାର୍ଯ୍ୟକଳାପ ବର୍ଣ୍ଣନା ସମଗ୍ର ମଣିଷ ସମାଜର ଏକ ପୁରାତନ ଗ୍ରହଣୀୟତା ଦେଖିବାକୁ ମିଳେ ସର୍ବ ବିଶ୍ୱବ୍ୟାପୀ । ପ୍ରେତାତ୍ମା ଉପରେ ଆଧାରିତ ଅନେକ ଆଲେଖ୍ୟ, କାହାଣୀ କେତେକ ଲିଖିତ ପୁସ୍ତକ, ଚଳଚିତ୍ର ମାଧ୍ୟମରେ ମଧ୍ୟ ଦେଖିବାକୁ ମିଳେ ସର୍ବତ୍ର । ହେଲେ ପ୍ରେତାତ୍ମା ସହିତ ସଂଯୋଗିକ ସମ୍ପର୍କ ରଖିପାରୁଥିବା ଦାବୀ କରି କେତେକ ମଣିଷ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିଗ୍ରହଣ ପୂର୍ବକ ସାଧାରଣ ଲୋକଙ୍କୁ ତାହାର ପ୍ରଭାବ, ପ୍ରକୋପ ବିଷୟରେ ଆଶାତୀତ ବର୍ଣ୍ଣନା କରିଥା'ନ୍ତି ଯାହା ସବୁ ଅତ୍ୟନ୍ତ ଭୟାବହ ଭାବନା ସୃଷ୍ଟି କରେ ସାଧାରଣ ଲୋକଙ୍କ ମନରେ । ପ୍ରେତାତ୍ମା କୌଣସି ମାନବ ଆତ୍ମାର ପରବର୍ତ୍ତୀ ପର୍ଯ୍ୟାୟ ହୋଇଥିବା ହେତୁ ସମ୍ପୃକ୍ତ ମଣିଷର ଚରିତ୍ର, ବିଚାରକୁ (ଆଜି ସମୟର ସବୁ ମଣିଷଙ୍କ ବିଚାରଧାରା ଯାହା ସବୁ ଆମେ ଜାଣୁ) ନେଇ ତାହାର ପ୍ରେତାତ୍ମାର କାର୍ଯ୍ୟକଳାପ ହୋଇଥିବା ଅନୁମାନ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜୀବିତ ମଣିଷ ଭୟଭୀତ ହୋଇଥା'ନ୍ତି । କି'ନ୍ତୁ ଏମିତି କେତେକ ମଣିଷ ମଧ୍ୟ ଦେଖିବାକୁ ମିଳନ୍ତି ଯେଉଁମାନେ ପରମାତ୍ମାଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରୁଥିବା ଦାବୀ କରି ସାଧାରଣ ଲୋକଙ୍କୁ ବିଭିନ୍ନ ଯୁକ୍ତି ବାଢୁଥିବା ବେଳେ ସମ୍ପୃକ୍ତ ବିଷୟ ଉପରେ ଆଲୋଚନାରେ ଭାବବିହ୍ୱଳ ନିର୍ବୋଧ ଅଜ୍ଞାନ ସ୍ୱର୍ଗାରୋହଣ କରିଥା'ନ୍ତି ସେହି ସମୟ ପାଇଁ । ପରବର୍ତ୍ତୀ ସମୟରେ ସେଗୁଡିକୁ ବିଶ୍ଳେଷଣ କରି ଅତ୍ୟନ୍ତ ତୃପ୍ତି ହୋଇ ତାହାର ପୁନଃ ପ୍ରଚାରରେ ମଧ୍ୟ ଲାଗି ପଡନ୍ତି । ପରମାତ୍ମାଙ୍କ ମାନବ ସମାଜ ପାଇଁ କୌଣସି ମନ୍ଦ ବିଚାର ନଥାଇ ବରଂ ସମସ୍ତେ ତାଙ୍କର ପ୍ରେମର ସନ୍ତାନ ବୋଲି ବର୍ଣ୍ଣିତ ସବୁ ଧର୍ମର ଲୋକେ ଏକ ଦିଗମୁଖୀ ହୋଇ ରହିଥବା ସ୍ୱୀକାର୍ଯ୍ୟ । ହେଲେ ସେହି ପରମାତ୍ମାଙ୍କ ଚର୍ଚ୍ଚା, ଜ୍ଞାନ ବାଣ୍ଟୁଥିବା ମଣିଷ ଗୁଡିକ ପରମାତ୍ମାଙ୍କ ଗୁଣଗାନ କରି କରି ନିଜକୁ ଭଗବାନଙ୍କ ଦ୍ୱାରା ପ୍ରେରିତ ପରିବ୍ରାଜକ, ଦୂତ କିମ୍ବା ତାଙ୍କର ଅଂଶବିଶେଷ ଭାବେ ଆବିର୍ଭୁତ ବୋଲି ବର୍ଣ୍ଣନା କରିଥା'ନ୍ତି ଯାହା ତାଙ୍କ ସହିତ ରହିଥିବା ଗୋଷ୍ଠୀର ମଣିଷଙ୍କ ଦ୍ୱାରା ଅତି ଗ୍ରହଣୀୟ ହେଉଥିବା ବେଳେ ସେମାନେ ମଧ୍ୟ ସହି ମହାନ ଆତ୍ମା ସହିତ ସମ୍ପୃକ୍ତ ବିଶିଷ୍ଟ ବ୍ୟକ୍ତିଙ୍କ ଗୁଣ, ବାଣୀକୁ ବ୍ୟାପ୍ତ ପ୍ରଚାର, ପ୍ରସାରରେ ଲାଗିପଡନ୍ତି । ଫଳ ସ୍ୱରୂପ ଆଜି ସମୟରେ ଅନେକ ଧାର୍ମିକ ସମ୍ପ୍ରଦାୟ ଦେଖିବାକୁ ମିଳୁଛି ବିଶ୍ୱବ୍ୟାପୀ । ଭାରତରେ ସବୁଠାରୁ ଅଧିକ ଭିନ୍ନ ଭିନ୍ନ ସମ୍ପ୍ରଦାୟ ରହିଥିବା ବେଳେ ଅନ୍ୟାନ୍ୟ ଦେଶ ଗୁଡିକରେ ତାହାର ବିଭାଜନ ଖୁବ୍ କମ୍ । ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ ମନରେ ଯେ ନିରାକାର ଏମିତି ବିଭିନ୍ନତା ମଧ୍ୟରେ ଭିନ୍ନ ଭିନ୍ନ କୌଶଳ ପ୍ରୟୋଗ କରି ସମସ୍ତଙ୍କ ଲକ୍ଷ୍ୟ ଏକ ରଖିଥାନ୍ତି କାହିଁକି ଯାହା ସର୍ବ ଗ୍ରହଣୀୟ ହୋଇଥାଏ ? ! ଏହା ବାସ୍ତବରେ କୌଣସି ଅଲୌକିକ ନିରାକାରଙ୍କ ପ୍ରେରିତ ବ୍ୟବସ୍ଥା ନା ଭିଭିନ୍ନ ସମୟରେ ସୁଯୋଗ ସୃଷ୍ଟି କରି କେତେକ ଚତୁର ମଣିଷ ନିଜସ୍ୱ ସ୍ୱାର୍ଥ ଦୃଷ୍ଟିରୁ ନିର୍ବୋଧଙ୍କୁ ଠକି ସ୍ୱାର୍ଥ ହାସଲ କରୁଛନ୍ତି ? !

ଯାହା ହେଉ ଯିଏ ଯେଉଁ ରାସ୍ତାରେ ଅଗ୍ରଗାମୀ ତାହା ସେମାନଙ୍କ ବ୍ୟକ୍ତିଗତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଚାରଧାରାର ପ୍ରତିଫଳନ । କାହାର ବ୍ୟକ୍ତିଗତ ବିଚାରଧାରାକୁ କୁଠାରାଘାତ କରିବା ଅଧିକାର କାହାର ହେଲେ ନାହିଁ । ପ୍ରତ୍ୟେକ ମଣିଷ ଯଦି ନିଜର ବିଚାରଧାରକୁ ସନ୍ତୁଳିତ କରି ସତ୍ୟର ଉନ୍ମୋଚନ ପାଇଁ ଚେଷ୍ଟା ନକରି ସମାଜରେ ପ୍ରଚାରିତ, ପ୍ରସାରିତ ଚିରାଚରିତ ବିଚାରଧାରାକୁ ନିର୍ବିଘ୍ନରେ ସର୍ବଶେଷ ଭାବେ ନିର୍ଣ୍ଣୟ କରି ସେସବୁ ନିଜ ଜୀବନଶୈଳୀ ସହିତ ସଂଯୋଜିତ କରିବା ଲକ୍ଷ୍ୟ ରଖିବେ ସେମାନଙ୍କୁ କୌଣସି ଚାପ ପ୍ରୟୋଗ ପୂର୍ବକ ପରିବର୍ତ୍ତନ କରିବା ସମ୍ଭବ ନୁହେଁ । ସେମାନେ ନିଜର ବିଚାରଧାରାକୁ ପରିବର୍ତ୍ତନ କରିବା ପାଇଁ ନିଜସ୍ୱ ଆଗ୍ରହ ପ୍ରକାଶ କରନ୍ତେ ସତ୍ୟର ଉନ୍ମୋଚନ କରିପାରିବେ ଯାହା ନକରି କେବଳ ସହଜ ଉପାୟରେ ନିରାକାରଙ୍କ ସାନିଧ୍ୟ ଲାଭ କରିବା ଲକ୍ଷ ରଖିଥିବା ମଣିଷଙ୍କ ବିଶେଷତ୍ୱ ଭିନ୍ନ ! ଗୋଟିଏ ନିରାଟ ସତ୍ୟକୁ ବୁଝିବାକୁ ହେବଯେ ଆଲୋଚ୍ୟ ବିଷୟର ତିନୋଟି ଉପାଦାନ ମଧ୍ୟରୁ ଯଦି କୌଣସି ଗୋଟିଏ ସତ୍ୟ ସାବ୍ୟସ୍ତ ହୁଏ ତାହେଲେ ତିନୋଟିଯାକ ସତ୍ୟ ଏବଂ ଗୋଟିଏ ମିଥ୍ୟା ସାବ୍ୟସ୍ତ ହେଲେ ତିନିଟିଯାକ ମିଥ୍ୟା ସୁନିଶ୍ଚିତ, କାରଣ ସେଗୁଡିକର ଆଧାର ଗୋଟିଏ ଦିଗରୁ ହିଁ ସୃଷ୍ଟି । ତେଣୁ ଯେଉଁମାନେ ସତ୍ୟକୁ ଉନ୍ମୋଚନ କରି ବାସ୍ତବତାକୁ ଆପଣେଇବାକୁ ଆଗ୍ରହୀ ହେବେ ସେମାନେ ନିଜ ଜୀବନକୁ ସରଳ, ସୁଗମ କରିପାରିବେ କେମିତି ପରବର୍ତ୍ତି ସପ୍ତାହ ଗୁଡିକରେ ପର୍ଯ୍ୟାୟ କ୍ରମେ ଆତ୍ମା, ପ୍ରତାତ୍ମା ଏବଂ ପରମାତ୍ମା ବିଷୟରେ ସମ୍ପୂର୍ଣ୍ଣ ଦାର୍ଶନିକ ଗବେଷଣାତ୍ମକ ତତ୍ୱର ବାସ୍ତବବାଦୀ ବିଶ୍ଳେଷଣ ବର୍ଣ୍ଣନା କରାଯିବା ଲକ୍ଷ୍ୟ ରଖାଯାଇଥିବା ଆମ ବିଚାରରେ ଆପଣଙ୍କ ଆଗ୍ରହ ପ୍ରକାଶ କରିବେ ବୋଲି ଆଶା............ !

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ.
ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଡିସେମ୍ବର ୨୦୨୧

ଲେଖା ପଠାଇବାର ଶେଷ ତାରିଖ : ୩ ଡିସେମ୍ବର ୨୦୨୧

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan